ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୯/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 29/2022 Page 14 ₹ 7.00 ★★★★★★
୪୮ଶ ଭାଗ ୩୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 332 ମୂଲ୍ୟ ₹୭/-



**ମନଦୀପଙ୍କ ଡବଲ ଗୋଲ୍**
ପ୍ରୋ ହକି ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ମନଦୀପ ସିଂଙ୍କ ଡବଲ ଗୋଲ୍ ବଳରେ ଭାରତ ୪-୩ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି।
୧୪

୧୨
**ହଲ୍ ଛାତରେ ନାଚିଲେ କ୍ରିତି**
ଫିଲ୍ମ 'ଭେଡିଆ'ର ପ୍ରମୋଶନ୍‌ରେ ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ମୁମ୍ବାଇର ଏକ ହଲ୍ ଛାତରେ ନାଚୁଥିବା ଦେଖିବାକୁ ମିଳିଛି।









**ଆଜିର ସମ୍ପାଦକୀୟ**
**ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ**

**ବାଲେଶ୍ୱରରେ ୧୦ କେ.ଜି. ବ୍ରାଉନ୍ ସୁଗାର ଜବତ**
........ ୯ ........



ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୌଦ୍ଧ ସନ୍ନ୍ୟାସୀମାନେ ପାଛୋଟି ନେଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ଶାନ୍ତି ଏକମାତ୍ର ବିକଳ୍ପ: ମୁଖ୍ୟମନ୍ତ୍ରୀ

**ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

- ଦୟା ନଦୀରେ ହେବ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ପ୍ରକଳ୍ପ
- ରୋପ୍-ୱେ ବ୍ୟବସ୍ଥାକୁ ମିଳିଲା ଅନୁମୋଦନ
- ଶାନ୍ତିସ୍ତୂପରୁ ବିଶ୍ୱଶାନ୍ତିର ବାର୍ତ୍ତା ଦେଲେ ବୌଦ୍ଧ ସନ୍ନ୍ୟାସୀ

ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭବନେଶ୍ୱର, ୨୮।୧୦ (ଡି.ଏନ୍.ଏ.)

ଉତ୍କଳର ଐତିହ୍ୟ ଓ ଅସ୍ମିତାର ନିଦର୍ଶନ ହେଉଛି ଧଉଳି ଶାନ୍ତିସ୍ତୂପ, ଯେଉଁଠି ମଗଧର ରାଜା ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ଏହିଠାରୁ ହିଁ ସେ ଶାନ୍ତିର ବାର୍ତ୍ତା ଦେଇଥିଲେ। ଶାନ୍ତିର କୌଣସି ବିକଳ୍ପ ନାହିଁ। ସବୁ ଯୁଗରେ ଏହାର ମହତ୍ତ୍ୱ ରହିଛି। ଏକ ଉତ୍ତମ ଏବଂ ସୁନ୍ଦର ଦୁନିଆର ଲକ୍ଷ୍ୟ ହାସଲ କରିବା ପାଇଁ ଶାନ୍ତି ହେଉଛି ଏକମାତ୍ର ବିକଳ୍ପ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆମ ଭବିଷ୍ୟତ ପିଢ଼ି ପାଇଁ ଏକ ନିରାପଦ ବିଶ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ସମସ୍ତେ ମିଳିତ ଭାବରେ ଶାନ୍ତିର ବାର୍ତ୍ତା ବିସ୍ତାର କରିବାକୁ ହେବ। ଓଡିଶାର ଗୌରବମୟ ଇତିହାସ ସମ୍ପର୍କରେ ସେ କହିଲେ, ଓଡ଼ିଶା ଇତିହାସର ପୃଷ୍ଠାଗୁଡ଼ିକ ଧଉଳି ଏବଂ କଳିଙ୍ଗ ଯୁଦ୍ଧରୁ ଆରମ୍ଭ ହୋଇଛି। ଏହି ସ୍ଥାନରେ ଅଶୋକ ଯୁଦ୍ଧ ଏବଂ ରକ୍ତପାତର ଅସାରତାକୁ ଅନୁଭବ କରି ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ବାସ୍ତବରେ ଧଉଳି ବିଶ୍ୱଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ବିସ୍ତାର କରି ବିଶ୍ୱ ଇତିହାସର ଗତି ବଦଳାଇ ଦେଇଛି। ଧଉଳି ଶାନ୍ତିସ୍ତୂପ ଆଧୁନିକ ସ୍ଥାପତ୍ୟର ଏକ ମହାନ ସୃଷ୍ଟି। ଏହା ଭାରତ-ଜାପାନ ବନ୍ଧୁତ୍ୱର ସାକ୍ଷୀ, ଯାହା ବିଶ୍ୱଶାନ୍ତି ଏବଂ ପାରସ୍ପରିକ ସହଯୋଗ ପାଇଁ ଛିଡା ହୋଇଛି। ଏହି ସ୍ଥାନ ସବୁଦିନ ପାଇଁ ଶାନ୍ତି ବାର୍ତ୍ତା ବିସ୍ତାର କରିବ। ☞ପୃଷ୍ଠା-୪

# ବାତ୍ୟା ଦୋହଲାଉଛି ଆର୍ଥିକ ମେରୁଦଣ୍ଡ

**ମହାବାତ୍ୟାକୁ ପୂରିଲା ୨୩ ବର୍ଷ**

- ୨୨ ବର୍ଷରେ ଉପକୂଳରେ ପିଟିହେଲାଣି ୭ ବାତ୍ୟା
- ୬ ବର୍ଷ ପରେ ବି ଅଧାରେ ଡପ୍‌ଲର ରାଡାର

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ରାଜ୍ୟକୁ ବାତ୍ୟା ଭୟ ଘେରି ରହିଛି। ଏଥିଯୋଗୁ ଦୋହଲିଯାଉଛି ଲୋକଙ୍କ ଆର୍ଥିକ ମେରୁଦଣ୍ଡ। ବାତ୍ୟା ମାଡ଼ରୁ ଅଣ୍ଟା ସଳଖିବାକୁ ଅନେକବର୍ଷ ଲାଗିଯାଉଛି। ଗୋଟିଏ ବାତ୍ୟାଜନିତ କ୍ଷତ ଭରି ନ ଥିବା ବେଳେ ପୁଣି ଆଉ ଏକ ସାମୁଦ୍ରିକ ଝଡ଼ ଅଧାଗଢ଼ା ଜୀବିକାକୁ ଉଡ଼ାଇ ନେଉଛି। ଭିତ୍ତିଭୂମି, ସବୁଜିମା କ୍ଷେତ୍ର ସବୁକିଛି ଉଜୁଡ଼ି ଯାଉଛି। ଗତ ୨୨ ବର୍ଷରେ ଉପକୂଳରେ ମାଡ଼ ହୋଇଥିବା ୭ ସାମୁଦ୍ରିକ ଝଡ଼ ଉପକୂଳ ଓଡ଼ିଶାକୁ ଛାର୍‌ଖାର କରିଦେଇଛି। ୧୯୯୯ରୁ ୨୦୨୧ ମଧ୍ୟରେ ରାଜ୍ୟ ୭ଟି ବାତ୍ୟା ଓ ମହାବାତ୍ୟାକୁ ସମ୍ମୁଖୀନ ହୋଇଛି। ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ପ୍ରାୟ ୧୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଶନିବାର ଏହାକୁ ୨୩ ବର୍ଷ ପୂରିଛି। ଏବେ ବି ସେହି ମହାପ୍ରଳୟକୁ ମନେପକାଇ ଉପକୂଳବାସୀ ଶିହରି ଉଠୁଛନ୍ତି। କେବଳ ମହାବାତ୍ୟା ନୁହେଁ, ୨୦୧୩ରେ ଓଡ଼ିଶା ଉପକୂଳକୁ ଧକ୍କା ଦେଇଥିବା ଫାଇଲିନ୍, ୨୦୧୪ରେ ହୁଦ୍‌ହୁଦ୍, ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନୀ, ୨୦୨୦ରେ ଅମ୍ଫନ, ୨୦୨୧ରେ ଜୱାଦ୍ ବାତ୍ୟା ରାଜ୍ୟ ପାଇଁ ଅନେକ ବିପତ୍ତି ଆଣିଦେଇଛି। ଏହିସବୁ ବାତ୍ୟାରେ ରାଜ୍ୟର ପ୍ରାୟ ୩୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି।

ସରକାରୀ ଆକଳନ ଅନୁଯାୟୀ, ୨୦୧୩ରେ ହୋଇଥିବା ବାତ୍ୟା ଫାଇଲିନ୍‌ରେ ୫୮୩୨.୫୦ କୋଟି କ୍ଷତି ହୋଇଥିବା ବେଳେ ହୁଦ୍‌ହୁଦ୍‌ରେ ୭୭୭.୧୨ କୋଟି, ତିତ୍‌ଲିରେ ୨୭୭୯.୩୩, ଫନୀରେ ୫୨୨୭.୬୮ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୨୦ରେ ହୋଇଥିବା ଅମ୍ଫନରେ ୭୦୦ ଏବଂ ଜୱାଦ୍‌ରେ ୫୦୦ କୋଟି ଟଙ୍କାର କ୍ଷତି ହେବା ନେଇ ଆକଳନ କରାଯାଇଛି। ରାଜ୍ୟ ପାଇଁ ବାତ୍ୟା ଚିରସହଚର ପାଲଟିଗଲାଣି। ଜଳବାୟୁ ପରିବର୍ତ୍ତନ ବାତ୍ୟା ବିପଦକୁ ଆହୁରି ଭୟଙ୍କର କରିବା ନେଇ ପରିବେଶବିତ୍ ଆକଳନ କଲେଣି। ଅକ୍ଟୋବରରୁ ଡିସେମ୍ବର ବାତ୍ୟା ସମୟ କୁହାଯାଉଥିଲେ ମଧ୍ୟ ଗତ କିଛିବର୍ଷ ହେବ ମେ ମାସରେ ମଧ୍ୟ ବାତ୍ୟାର ଭୟ ରହୁଛି।

ଏହି ପ୍ରାକୃତିକ ବିପଦରୁ ରକ୍ଷା ପାଇବା ପାଇଁ ଆଗୁଆ ସୂଚନା ହିଁ ଏକମାତ୍ର ବିକଳ୍ପ। ମାତ୍ର ବିଡ଼ମ୍ବନା ଯେ, ରାଜ୍ୟବାସୀଙ୍କୁ ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପଦରୁ ରକ୍ଷା କରିବା ପାଇଁ ଭିତ୍ତିଭୂମିର ସେପରି ବିକାଶ ହୋଇପାରି ନାହିଁ। ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ପ୍ରଦାନ ପାଇଁ ରାଜ୍ୟର ୪ଟି ସ୍ଥାନ ପାରାଦୀପ, ଗୋପାଳପୁର, ସମ୍ବଲପୁର ଓ ବାଲେଶ୍ୱରରେ ଡପ୍‌ଲର ରାଡାର ଲଗାଇବାକୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ନିଷ୍ପତ୍ତି ନେଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁ ଗତ ୬ ବର୍ଷ ହେବ ସମ୍ବଲପୁର ଏବଂ ବାଲେଶ୍ୱରରେ ଏହି ରାଡାର ଲାଗିପାରୁନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ। ପାଣିପାଗ ସମ୍ପର୍କିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଦୀର୍ଘଦିନ ହେବ ଅଧାପନ୍ତରିଆ ହୋଇରହିଛି।

ରାଡାର ଲଗାଇବାକୁ ରାଜ୍ୟ ସରକାର ସମ୍ବଲପୁର, ବାଲେଶ୍ୱର, ଗୋପାଳପୁରରେ ୩ ଏକର ଲେଖାଏ ଜାଗା ମାଗଣାରେ ଯୋଗାଇଦେବା ସହ କୋଠାଘର ନିର୍ମାଣ କରିବାକୁ ୧୭ କୋଟି ଟଙ୍କା ଦେଇଛନ୍ତି। ୨୦୧୬ରୁ ୫ ମହଲା କୋଠାଘର ନିର୍ମାଣ ହୋଇ ଛିଡ଼ା ହୋଇଛି। ମାଗଣା ଜମି ଓ କୋଠାଘର ଯୋଗାଇ ଦେବା ପରେ ରାଡାର ଲାଗିବା ବ୍ୟବସ୍ଥା କରିବାକୁ ପାଣିପାଗ ବିଭାଗ ଭରସା ଦେଇଥିଲା। ଇତିମଧ୍ୟରେ ୬ ବର୍ଷ ବିତିଗଲାଣି। ☞ପୃଷ୍ଠା-୪

# କ୍ରିପ୍ଟୋ କାରବାରରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କଳାଧନ

- ଏକକାଳୀନ ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ, ୩୧ରେ ନେଇଥାନ୍ତେ ଅବସର
- ଝରକା ବାଟେ ଫିଙ୍ଗିଥିବା ୩୮ କ୍ରିପ୍ଟୋ ଦସ୍ତାବିଜ୍, ମୋବାଇଲ ଜବତ
- କ୍ରିପ୍ଟୋ କରେନ୍ସିରେ ୧.୭୫ କୋଟି, ସମ୍ବଲପୁରରେ ୮ ପ୍ଲଟ୍ ଠାବ
- ନଗଦ ୧.୭ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ମିଳିଲା

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ରାଜ୍ୟରେ ବହୁ ସରକାରୀ କର୍ମଚାରୀ ଦୁର୍ନୀତିରେ ଲିପ୍ତ ରହି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସହ ଜନତାଙ୍କ ଟଙ୍କାରେ ବିଳାସମୟ ଜୀବନ ବିତାଉଛନ୍ତି। ଇତିମଧ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ ବାବୁ ଭିଜିଲାନ୍ସ ଜାଲରେ ପଡିବା ପରେ ସେମାନଙ୍କ କଳାଟଙ୍କାର ଗୁମର ପଦାକୁ ଆସିଛି। ଶୁକ୍ରବାର ଆଉଜଣେ କୁବେର ଅଫିସର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ପ୍ଲାନିଂ, ମନିଟରିଂ, ଡିଜାଇନ ଓ ଇନ୍‌ଭେଷ୍ଟିଗେଶନ) ନୀହାର ରଞ୍ଜନ ଦାସ। ଆସନ୍ତା ୩୧ ତାରିଖରେ ସେ ଅବସର ନେଇଥାନ୍ତେ। ହେଲେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ୩ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହା ମଧ୍ୟରେ ଭୁବନେଶ୍ୱର ଖାରବେଳନଗରସ୍ଥିତ ଶ୍ରୀରାମ ମାନ୍‌ଶନ୍ ଆପାର୍ଟମେଣ୍ଟରେ ☞ପୃଷ୍ଠା-୪



ନୀହାର ରଞ୍ଜନ ଦାସ

# ଓସିଏ ସଭାପତି ଦାୟିତ୍ୱ ନେଲେ ପ୍ରଣବ



କଟକ ଅଫିସ,୨୮।୧୦

ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ନୂଆ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓସିଏର ୧୧ତମ ସଭାପତି ହୋଇଛନ୍ତି ପ୍ରଣବ ପ୍ରକାଶ ଦାସ। ସେହିପରି ସଞ୍ଜୟ ବେହେରା ଦ୍ୱିତୀୟଥର ଲାଗି ଓସିଏର ସମ୍ପାଦକ ଭାବେ ନିଜ ଗାଦି ☞ପୃଷ୍ଠା-୪

# ଟୁଇଟରରୁ ପରାଗ, ବିଜୟା ବିଦା

- ପକ୍ଷୀ ମୁକ୍ତହେଲା: ମସ୍କ
- ଟ୍ରମ୍ପଙ୍କ ଫେରିବା ପଥ ସୁଗମ



ପରାଗ ଅଗ୍ରୱାଲ



ବିଜୟା ଗାଡ୍ଡେ

ନ୍ୟୁୟର୍କ,୨୮।୧୦(ପି.ଟି.)

ପକ୍ଷୀ ମୁକ୍ତହେଲା ବୋଲି ୪୪ ବିଲିୟନ ଡଲାରରେ ଟୁଇଟର କିଣିବା ପରେ ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏଲନ୍ ମସ୍କ ଟୁଇଟ୍ କରିଛନ୍ତି। ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌କୁ ଅଧିଗ୍ରହଣ କରିବା ପରେ ୫୧ ବର୍ଷୀୟ ମସ୍କ ଏହାର ସିଇଓ ପରାଗ ଅଗ୍ରୱାଲ ଓ ଲିଗାଲ୍ ଏକ୍‌ଜିକ୍ୟୁଟିଭ୍ ବିଜୟା ଗାଡ୍ଡେଙ୍କୁ ବିଦା କରିଛନ୍ତି।

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଗୁରୁବାର ଟୁଇଟର ☞ପୃଷ୍ଠା-୪

# ଏକକାଳୀନ ୧୫ ମହାପୁରୁଷଙ୍କ ଚିତ୍ର ଆଙ୍କିଲେ ଯୁବତୀ

ଲକ୍ଷ୍ନୌ, ୨୮।୧୦

କଳା ଈଶ୍ୱରଙ୍କ ପ୍ରଦତ୍ତ ଏଭଳି ଏକ ଉପହାର, ଯାହାର କୌଣସି ତୁଳନା ନାହିଁ। କେତେଜଣ ବ୍ୟକ୍ତି ନିଜ ଅନନ୍ୟ ପ୍ରତିଭା ମାଧ୍ୟମରେ ଲୋକଙ୍କ ପ୍ରିୟଭାଜନ ହୋଇଥାନ୍ତି ତ ଆଉ କେହି ବହୁ ସମ୍ମାନ ହାତେଇଥାନ୍ତି। ଉତ୍ତର ପ୍ରଦେଶ ବୁଡାନରେ ଥିବା ବିଜୟ ନଗର ଗ୍ରାମର ନୂର ଜାହାନ୍ ନିଜର ଅନନ୍ୟ କଳା ପ୍ରତିଭା ପାଇଁ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପିଲାଟି ଦିନରୁ ଚିତ୍ରାଙ୍କନ ପ୍ରତି ରୁଚି ରଖୁଥିବା ନୂର ଏକକାଳୀନ ୧୫ ସ୍ୱାଧୀନତା ସଂଗ୍ରାମୀଙ୍କ ଚିତ୍ର ଆଙ୍କି ଏବେ ପ୍ରଶଂସାର ପାତ୍ର ହୋଇଛନ୍ତି। ଜଣେ ଚିତ୍ରକର ଭଳି ରଙ୍ଗ ତୂଳୀ କିମ୍ବା ପେନ୍‌ସିଲ୍ ମୁନରେ ନୁହେଁ ବରଂ କଲମରେ ଚିତ୍ର ଆଙ୍କୁଥିବା ଦେଖିବାକୁ ମିଳିଛି।

ନୂର ଚିତ୍ର ଆଙ୍କୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ୯ ଖଣ୍ଡ କାଠକୁ ଯୋଡ଼ି ସେ ପ୍ରଥମେ ଏକ ଫ୍ରେମ୍ ତିଆରି କରୁଛନ୍ତି। ଉକ୍ତ ଫ୍ରେମ୍‌ରେ ତିଆରି ହେଉଥିବା ୧୫ଟି କୋଠରିରେ ସେ ୧୫ ଟି କଲମ ବାନ୍ଧୁଛନ୍ତି। ଏହାପରେ ହ୍ୱାଇଟ୍ ବୋର୍ଡ ଭଳି ରଖାଯାଇଥିବା ଡ୍ରଇଂ ପେପରରେ ଗୋଟିଏ ହାତରେ ସେହି କଲମ ଖଞ୍ଜାଯାଇଥିବା ସେହି ଫ୍ରେମ୍‌କୁ ଧରି ଚିତ୍ର ଆଙ୍କୁଥିବାର ଭଇରାଲ ଭିଡିଓରେ ଦେଖାଯାଇଛି। ବିନା ବିରତିରେ କିଛି ସମୟ ଭିତରେ ନୂର ଏକକାଳୀନ ମହାତ୍ମା ଗାନ୍ଧୀ, ଭଗତ ସିଂ, ସୁଭାସ ଚନ୍ଦ୍ର ବୋଷ, ଡା. ରାଜେନ୍ଦ୍ର ପ୍ରସାଦ, ଡା. ବି.ଆର୍. ଆମ୍ବେଦକରଙ୍କ ଭଳି ୧୫ ଜଣ ମହାପୁରୁଷଙ୍କ ଚିତ୍ର ଆଙ୍କିଛନ୍ତି। ମହିନ୍ଦ୍ରା ଗ୍ରୁପ୍‌ର ଚେୟାରମ୍ୟାନ୍ ଆନନ୍ଦ ମହିନ୍ଦ୍ରା ବହୁଳ ପ୍ରସାରିତ ଏହି ଭିଡିଓଟିକୁ ସୋସିଆଲ ମିଡିଆରେ ଶେୟାର କରି ନୂରଙ୍କ ଏହି ନିଆରା ପ୍ରତିଭାକୁ ଚମତ୍କାର ବୋଲି କହିଛନ୍ତି। ସୋସିଆଲ ମିଡିଆ ୟୁଜର୍ସ ମଧ୍ୟ ଭିଡିଓକୁ ଦେଖି ନୂରଙ୍କୁ ପ୍ରଶଂସା କରିବାରେ କୌଣସି ମଉକା ଛାଡ଼ିନାହାନ୍ତି। ପିଲାବେଳୁ ଚିତ୍ରାଙ୍କନ ପ୍ରତି ନୂରଙ୍କର ବିଶେଷ ଆଗ୍ରହ ଥିବାବେଳେ ଏହା ଜରିଆରେ ସେ ଦେଶ ପାଇଁ ଗୌରବ ଆଣିବାକୁ ଚାହୁଁଥିବା ଭିଡିଓରେ ଜନୈକ ବ୍ୟକ୍ତି କରୁଥିବା ଶୁଣାଯାଇଛି। ଆନନ୍ଦ ମହିନ୍ଦ୍ରା ନୂରଙ୍କୁ ସମସ୍ତ ପ୍ରକାର ଆର୍ଥିକ ସହଯୋଗ ଯୋଗାଇଦେବେ ବୋଲି ମଧ୍ୟ କହିଛନ୍ତି।



ନିଜେ ଆଙ୍କିଥିବା ଚିତ୍ର ସହ ନୂର ଜାହାନ୍।

ଧରିତ୍ରୀ
DHARITRI
ଶନିବାର, ୨୯ ଅକ୍ଟୋବର, ୨୦୨୨



ବେଆଇନ ଘୋଷିତ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ର କେରଳ ସାଧାରଣ ସମ୍ପାଦକ ସି.ଏ. ରୌଫ୍‌ଙ୍କୁ ପଲକ୍କଡର ପଟ୍ଟାମ୍ବିରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଶୁକ୍ରବାର ଗିରଫ କରିଛି। ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତି ମାମଲାରେ ରୌଫ୍ ୧୩ତମ ଅଭିଯୁକ୍ତ। ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ରୌଫ କିଛି ମାସ ହେଲା ଫେରାର ଥିଲେ। ସେ କେରଳରେ ଉକ୍ତ ସଂଗଠନର ଗଣମାଧ୍ୟମ ଏବଂ ପିଆର୍ ବିଭାଗ ସମ୍ଭାଳୁଥିଲେ।



## ସଂକ୍ଷେପରେ

### ୨ ଟେଲିକମ୍ କର୍ମଚାରୀଙ୍କୁ ପିଟି ହତ୍ୟା

**କରାଚୀ,୨୮।୧୦:** ପାକିସ୍ତାନର କରାଚୀସ୍ଥିତ ମଛର କଲୋନିରେ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଏକ ଟେଲିକମ୍ କମ୍ପାନୀର ୨ ଜଣ କର୍ମଚାରୀଙ୍କୁ ପିଟି ମାରିଦେଇଛନ୍ତି। ପୋଲିସ କହିବା ଅନୁଯାୟୀ ଉକ୍ତ କର୍ମଚାରୀଦ୍ୱୟ ସିଗ୍ନାଲ ଷ୍ଟ୍ରେଙ୍ଗ୍‌ଥ ଯାଞ୍ଚ ଲାଗି ସେଠାକୁ ଯାଇଥିଲେ। ତେବେ ସେମାନେ ପିଲାଚୋରି ଉଦ୍ୟମ କରୁଥିବା କେତେଜଣ ଗୁଜବ ପ୍ରଚାର କରିଦେଇଥିଲେ। ଗୁଜବରେ ବିଶ୍ୱାସ କରି ସ୍ଥାନୀୟ ଲୋକେ ଟେଲିକମ୍ କର୍ମଚାରୀଙ୍କୁ ଧରିନେଇ ନିର୍ଘୁମ୍ ପିଟିଥିଲେ। ଗୁରୁତର ଆହତ ୨ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ପୋଲିସ ସ୍କ୍ୱାଡ୍ ପହଞ୍ଚିବାରେ ବିଳମ୍ବ ହେବାରୁ ସେମାନଙ୍କୁ ଲୋକଙ୍କ ଆକ୍ରମଣରୁ ରକ୍ଷା କରାଯାଇ ପାରି ନ ଥିଲା।

### ନାନ୍ସି ପେଲୋସିଙ୍କ ସ୍ୱାମୀଙ୍କୁ ଆକ୍ରମଣ


ପଲ୍ ପେଲୋସି

**ୱାଶିଂଟନ,୨୮।୧୦:** ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ସ୍ୱାମୀ ପଲ୍ ପେଲୋସି(୮୨)ଙ୍କୁ ଶୁକ୍ରବାର ସକାଳେ ହିଂସାତ୍ମକ ଆକ୍ରମଣ ହୋଇଛି। ଆକ୍ରମଣକାରୀ ଜଣକ ଦମ୍ପତିଙ୍କ ସାନ୍ ଫ୍ରାନ୍ସିସ୍କୋ ବାସଭବନରେ ପ୍ରବେଶ କରି ଆକ୍ରମଣ କରିଥିଲେ। ଆକ୍ରମଣର କାରଣ ଜଣାପଡ଼ି ନାହିଁ। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ଚଳାଇଛି। ପଲ୍‌ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ଆକ୍ରମଣ ସମୟରେ ବାଚସ୍ପତି ନାନ୍ସି ଉକ୍ତ ବାସଭବନରେ ଉପସ୍ଥିତ ନ ଥିଲେ। ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଓ ସିନେଟ ନିୟନ୍ତ୍ରଣ ଲାଗି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଆଉ ମାତ୍ର ୨ ସପ୍ତାହ ଥିବାବେଳେ ଏଭଳି ଆକ୍ରମଣ ହୋଇଛି। ପଲ୍ ପେଲୋସିଙ୍କର ସାନ୍ ଫ୍ରାନ୍ସିସ୍କୋରେ ରିଅଲ ଇଷ୍ଟେଟ୍ ଏବଂ ଉଦ୍ୟୋଗ ପୁଞ୍ଜି ଫାର୍ମ ରହିଛି। ମଦ ନିଶାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା ଅଭିଯୋଗରେ ଗତ ମେ'ରେ ସେ ଦୋଷୀସାବ୍ୟସ୍ତ ହୋଇଥିଲେ। ତାଙ୍କୁ ୫ ଦିନ ଜେଲଦଣ୍ଡ ହୋଇଥିଲା।

### ୭୫ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କଲେ ରାଜନାଥ

**ନୂଆଦିଲ୍ଲୀ,୨୮।୧୦:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ୭୫ଟି ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଶ୍ୟୋକ ନଦୀ ଉପରେ ନିର୍ମିତ ୧୨୦ ମିଟର ବ୍ରିଜ୍ ସବୁ ସମୟରେ ସଶସ୍ତ୍ର ବଳକୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅନ୍ତର୍ଗତ ଲଦାଖର ଦୌଲତ ବେଗ୍ ଓଲ୍ଡିକୁ ଯିବାରେ ସହାୟକ ହେବ। ଏହା ବ୍ୟତୀତ ଅନ୍ୟ ୭୪ଟି ପ୍ରକଳ୍ପ ଜମ୍ମୁ-କଶ୍ମୀର, ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ସମେତ ୬ଟି ରାଜ୍ୟରେ ନିର୍ମାଣ କରାଯାଇଛି। ସୀମାନ୍ତ ସଡ଼କ ସଂଗଠନ (ବିଆର୍ଓ) ଦ୍ୱାରା ଜମ୍ମୁ-କଶ୍ମୀରରେ ନିର୍ମିତ ୨୦ଟି ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଲଦାଖ ଓ ଅରୁଣାଚଳପ୍ରଦେଶରେ ୧୮ଟି ଲେଖାଏ, ଉତ୍ତରାଖଣ୍ଡରେ ୫, ସିକିମ୍, ହିମାଚଳପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନରେ ୧୪ଟି ପ୍ରକଳ୍ପ ନିର୍ମାଣ ହୋଇଛି। ଏ ବାବଦରେ ୨,୧୮୦ କୋଟି ଟଙ୍କା ବ୍ୟୟ କରାଯାଇଛି। ପ୍ରକଳ୍ପଗୁଡ଼ିକ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ ବଢ଼ାଇବା ସହ ସୀମାନ୍ତ ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହେବ। ରାଜନାଥ ୧୪,୦୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ ଶ୍ୟୋକ ବ୍ରିଜ୍‌ରେ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ପାକିସ୍ତାନରେ ତୁରନ୍ତ ସାଧାରଣ ନିର୍ବାଚନ କରାଯିବା ଦାବିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶୁକ୍ରବାର ସରକାର ବିରୋଧୀ 'ଲଙ୍ଗ୍ ମାର୍ଚ୍ଚ' ଆରମ୍ଭ କରିଛନ୍ତି। ଲାହୋରରୁ ଇସ୍‌ଲାମାବାଦ ଅଭିମୁଖେ ବାହାରିଥିବା ଏହି ବିକ୍ଷୋଭ ଶୋଭାଯାତ୍ରାରେ ବିରୋଧୀ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ସ୍ଲୋଗାନ ଦେଉଛନ୍ତି।

## ଭାରତର ବୈଦେଶିକ ନୀତି ନିରପେକ୍ଷ

### ମୋଦିଙ୍କୁ ପ୍ରଶଂସା କଲେ ପୁଟିନ୍

**ମସ୍କୋ,୨୮।୧୦(ପି.ଟି.)**



ଭାରତ ସହ ରୁଷିଆର ସମ୍ପର୍କ ସ୍ୱତନ୍ତ୍ର। ଦୁଇଦେଶ ସବୁବେଳେ ପରସ୍ପରକୁ ସମର୍ଥନ କରିଆସିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ମସ୍କୋସ୍ଥିତ ଥିଙ୍କ୍‌ଟ୍ୟାଙ୍କ୍ ଭଲ୍‌ଡାଇ ଇଣ୍ଟରନ୍ୟାଶନାଲ ଡିସ୍‌କଶନ୍ କ୍ଲବ୍‌ର ବିସ୍ତୃତ ବୈଠକରେ ଗୁରୁବାର ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ପୁଟିନ୍ କହିଛନ୍ତି, ମୋଦି ନିଜ ଦେଶର ହିତ ଦୃଷ୍ଟିରୁ ଏକ ସ୍ୱାଧୀନ ଓ ନିରପେକ୍ଷ ବହିର୍ବ୍ୟାପାର ନୀତି ଆପଣାଇଛନ୍ତି। ରୁଷିଆ ଓ ଭାରତ ମଧ୍ୟରେ ସାମରିକ ତଥା ବୈଷୟିକ ସହଯୋଗ ଜାରି ରହିବ। ଭାରତ ସହିତ ଆମର ବିଶେଷ ସମ୍ପର୍କ ରହିଛି, ଯାହାର ମୂଳଦୁଆ ଅନେକ ଦଶନ୍ଧି ତଳେ ପଡ଼ିଥିଲା। ଆମେ ସବୁବେଳେ ପରସ୍ପରକୁ ସମର୍ଥନ କରିଆସିଛୁ। ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ ବୋଲି ଆଶାବାଦୀ ଥିବା ପୁଟିନ୍ ପ୍ରକାଶ କରିଛନ୍ତି। ଉଜ୍‌ବେକିସ୍ତାନର ସମରକନ୍ଦରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ପରିପେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ ବୋଲି ପୁଟିନ୍‌ଙ୍କୁ ଚେତାଇଦେବା ପରିପ୍ରେକ୍ଷୀରେ ତାଙ୍କର ଏହି ମନ୍ତବ୍ୟ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। କାରଣ ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ମସ୍କୋ ପଦକ୍ଷେପକୁ ନୂଆଦିଲ୍ଲୀ ଖୋଲାଖୋଲି ଭାବେ ନିନ୍ଦା କରିନାହିଁ। କୂଟନୀତି ଓ ଆଲୋଚନା ଜରିଆରେ ଏହି ସଙ୍କଟର ସମାଧାନ ଜରୁରୀ ବୋଲି ଭାରତ କହିଆସିଛି। ପ୍ରକାଶ ଯେ, ଭାରତକୁ ସାମରିକ ଉପକରଣ ଯୋଗାଣ କ୍ଷେତ୍ରରେ ରୁଷିଆ ହେଉଛି ଏକ ଅଗ୍ରଣୀ ଦେଶ। ୨୦୧୮ ଅକ୍ଟୋବରରେ ଭାରତ ରୁଷିଆ ସହ ୫ ବିଲିୟନ୍ ଡଲାରର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି। ଏହି ରାଜିନାମା ଅଧୀନରେ ରୁଷିଆ ଭାରତକୁ ୫ଟି ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ୍ ସିଷ୍ଟମ ରପ୍ତାନି କରିବ।

# ଅପରାଧ ରୋକିବ ନୂଆ ପ୍ରଯୁକ୍ତି

### ଗୃହମନ୍ତ୍ରୀ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

### ପୋଲିସ ପାଇଁ ଗୋଟିଏ ରାଷ୍ଟ୍ର, ଗୋଟିଏ ପୋଷାକ ପ୍ରସ୍ତାବ

**ସୂରଯକୁଣ୍ଡ (ହରିୟାଣା),୨୮।୧୦(ପି.ଟି.)**

ଅପରାଧ ରୋକିବା ଲାଗି ଏକ ପୋଲିସ ପ୍ରଯୁକ୍ତି ମିଶନ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଗୁରୁତ୍ୱାରୋପ କରିଛନ୍ତି। ଏହି ମିଶନ ରାଜ୍ୟଗୁଡ଼ିକୁ ଶ୍ରେଷ୍ଠ ପ୍ରଯୁକ୍ତିକ୍ଷମ କରିବା ସହ ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧିରେ ସହାୟକ ହୋଇପାରିବ। ହରିୟାଣାର ସୂରଯକୁଣ୍ଡଠାରେ ଅନୁଷ୍ଠିତ ଗୃହମନ୍ତ୍ରୀମାନଙ୍କ ଚିନ୍ତନ ଶିବିରରେ ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଅପରାଧ ଜଗତର ବିଶ୍ୱୀକରଣ ହେଉଛି। ଏହା ଆଉ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସୀମିତ ହୋଇ ରହିନାହିଁ। ଆନ୍ତଃରାଜ୍ୟ ଏବଂ ଅନ୍ତର୍ଜାତୀୟ ଅପରାଧ ବଢ଼ିଚାଲିଛି। ସେଥିପାଇଁ ରାଜ୍ୟର



ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ କେନ୍ଦ୍ର ଓ ରାଜ୍ୟ ଏଜେନ୍ସିଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଇବର ଅପରାଧ ହେଉ କିମ୍ବା ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟର ଚୋରା କାରବାର ଲାଗି ଡ୍ରୋନ୍ ପ୍ରଯୁକ୍ତିର ବ୍ୟବହାର ହେଉ, ଏସବୁ ଅପରାଧର ମୁକାବିଲା ଲାଗି ନୂଆ ପ୍ରଯୁକ୍ତି ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ସ୍ମାର୍ଟ ଟେକ୍‌ନୋଲୋଜି ସହାୟତାରେ ଆଇନଶୃଙ୍ଖଳା ବ୍ୟବସ୍ଥାରେ ଉନ୍ନତି କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୫ଜି ଟେକ୍‌ନୋଲୋଜି ଓ ଏଥିରୁ ମିଳିବାକୁ ଥିବା ସୁବିଧା ଅଧିକ ସତର୍କ କରାଇବ। ୫ଜି ସମେତ ମୁହଁ ଚିହ୍ନଟ ପ୍ରଯୁକ୍ତି, ସ୍ୱତଃ ନମ୍ବର ପ୍ଲେଟ୍ ଚିହ୍ନଟ ପ୍ରଯୁକ୍ତି, ଡ୍ରୋନ୍ ଏବଂ ସିସିଟିଭି ଟେକ୍‌ନୋଲୋଜି ବହୁଗୁଣରେ ଉନ୍ନତ ହେବାକୁ ଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରାଧୀମାନେ ମଧ୍ୟ ଉନ୍ନତ ଟେକ୍‌ନୋଲୋଜିର ଉପଯୋଗ କରୁଛନ୍ତି। ସେଥିପାଇଁ ଆମକୁ ସେମାନଙ୍କଠାରୁ ୧୦ ପାଦ ଆଗରେ ରହିବାକୁ ହେବ ବୋଲି ମୋଦି କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସାରା ଦେଶର ପୋଲିସ ପାଇଁ 'ଗୋଟିଏ ରାଷ୍ଟ୍ର, ଗୋଟିଏ ବର୍ଦ୍ଦି' ନୀତି ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହାଦ୍ୱାରା ବିଭିନ୍ନ ସୁରକ୍ଷା ବଳ ମଧ୍ୟରେ ସମାନତା ବଜାୟ ରହିପାରିବା ସହ ସାରା ଦେଶରେ ସେମାନଙ୍କ ପରିଚୟ ସମାନ ହୋଇପାରିବ ବୋଲି ସେ ଭାବୁଛନ୍ତି। ଏହା କେବଳ ଏକ ଚିନ୍ତାଧାରା। ଏହାକୁ ଜବରଦସ୍ତ ଲାଗୁ ନିମନ୍ତେ ଉଦ୍ୟମ କରାଯାଉ ନାହିଁ। ପ୍ରସ୍ତାବ ଉପରେ ରାଜ୍ୟଗୁଡ଼ିକ ବିଚାରବିମର୍ଶ କରିବା ଆବଶ୍ୟକ। ସମାନ ବର୍ଦ୍ଦି ଲାଗୁ କରିବା ପାଇଁ ୫ ବର୍ଷ, ୫୦ ବର୍ଷ କିମ୍ବା ୧୦୦ ବର୍ଷ ଲାଗିପାରେ ବୋଲି ମୋଦି କହିଛନ୍ତି।

### ୨୬/୧୧ ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ଦିଆଯାଉଛି: ଜୟଶଙ୍କର



**ମୁମ୍ବାଇ,୨୮।୧୦**

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ଯୋଜନା ପ୍ରସ୍ତୁତକାରୀଙ୍କୁ ଦଣ୍ଡ ଦିଆ ନ ଯାଇ ସୁରକ୍ଷା ଯୋଗାଇ ଦିଆଯାଉଛି। ଏହା ସାମୂହିକ ବିଶ୍ୱସନୀୟତାକୁ ଦୁର୍ବଳ କରୁଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୁକ୍ରବାର କହିଛନ୍ତି। ଯେତେବେଳେ କେତେଜଣ ଆତଙ୍କବାଦୀଙ୍କୁ ବହିଷ୍କାର ପାଇଁ ପ୍ରସ୍ତାବ ଦିଆଯାଉଛି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି), ଦୁଃଖର କଥା ଯେ ରାଜନୈତିକ ବାଧ୍ୟବାଧକତାରୁ ଏହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସମର୍ଥ ହେଉଛି। ଆତଙ୍କବାଦୀଙ୍କ ପାଇଁ ଉଦ୍ଦିଷ୍ଟ ନୂଆ ପ୍ରଯୁକ୍ତି ବ୍ୟବହାରକୁ ପ୍ରତିରୋଧ କରିବା ଉପରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଜୟଶଙ୍କର ଏହା କହିଛନ୍ତି। ଦକ୍ଷିଣ ମୁମ୍ବାଇର ତାଜ୍ ମହଲ ପ୍ୟାଲେସ୍ ହୋଟେଲ୍‌ରେ ଏହି ବୈଠକ ଅନୁଷ୍ଠିତ ହେଉଛି। ୨୬/୧୧ ଆକ୍ରମଣରେ ଆତଙ୍କବାଦୀମାନେ ଉକ୍ତ ହୋଟେଲ୍‌କୁ ଟାର୍ଗେଟ କରିଥିଲେ। ପାକିସ୍ତାନରୁ ଲଶ୍କର-ଇ-ତୋଇବା ତାଲିମପ୍ରାପ୍ତ ୧୦ ଆତଙ୍କବାଦୀ ଜଳପଥ ଦେଇ ମୁମ୍ବାଇରେ ପ୍ରବେଶ କରି ସାରା ସହରରେ ଆତଙ୍କ ଖେଳାଇଥିଲେ। ଏହି ଆକ୍ରମଣରେ ୧୪୦ ଭାରତୀୟଙ୍କ ସମେତ ୨୩ ଦେଶର ୨୬ ଜଣ ନାଗରିକ ନିହତ ହୋଇଥିଲେ।

ଆତଙ୍କବାଦୀ ପ୍ରତିହତ କମିଟି ଆଗରେ ଜୟଶଙ୍କର କହିଛନ୍ତି, ପାଣ୍ଠି ହେଉଛି ଆତଙ୍କବାଦୀମାନଙ୍କ ଜୀବନ। ଆତଙ୍କବାଦୀମାନେ ସେମାନଙ୍କ ସଂଗଠନ ତିଷ୍ଠି ରହିବା ସହ ଆକ୍ରମଣ ଲାଗି ପାଣ୍ଠି ଓ ସମ୍ବଳ ଆବଶ୍ୟକ କରିଥାନ୍ତି। ସେମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଣ ଜାରି ରହିଥିବାରୁ ସେମାନଙ୍କ ସଂଗଠନ ବଢ଼ିଚାଲିଛି। ଆତଙ୍କବାଦର ମୁକାବିଲା ପାଇଁ ପାଣ୍ଠି ଯୋଗାଣ ବନ୍ଦ କରିବା ସବୁଠୁ ବଡ଼ ପଦକ୍ଷେପ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

## ତୋ ମୁଣ୍ଡରେ କେମିକାଲ ଢାଳିବି

### ଦିଲ୍ଲୀ ଜଳ ବୋର୍ଡ ଅଫିସରଙ୍କୁ ଭାଜପା ଏମ୍‌ପିଙ୍କ ଧମକ

**ନୂଆଦିଲ୍ଲୀ,୨୮।୧୦**

ଛଟ୍ ପୂଜା ପୂର୍ବରୁ ଶୁକ୍ରବାର ଯମୁନା ନଦୀଘାଟ ଅନୁଧ୍ୟାନ କରିବାକୁ ଯାଇଥିବା ପଶ୍ଚିମ ଦିଲ୍ଲୀର ଭାଜପା ଏମ୍‌ପି ପର୍ବେଶ ବର୍ମା ଜଣେ ଅଫିସରଙ୍କ ଉପରେ ଗର୍ଜୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦେଢ଼ ମିନିଟ୍‌ର ଏହି ଭିଡିଓରେ ବର୍ମା ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ର ଜଣେ ଅଫିସରଙ୍କ ମୁଣ୍ଡରେ ରାସାୟନିକ ପଦାର୍ଥ ଢାଳିଦେବାର ଧମକ ଦେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭାଜପା ଏମ୍‌ପି ପୁଣିଥରେ ବିବାଦ ଘେରକୁ ଆସିଛନ୍ତି।

ନଦୀରେ ଆମୋନିଆ ଫସ୍‌ଫରସ୍ ଫେଣକୁ ନିୟନ୍ତ୍ରଣ କରିବା ପାଇଁ ଉକ୍ତ ରାସାୟନିକ ସାମଗ୍ରୀ ବ୍ୟବହାର ଉପରେ ଅଫିସର ଜଣକ ଯୁକ୍ତି ବାଢୁଥିଲେ। ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ ଏବଂ ଭାରତ ସରକାରଙ୍କ ଜାତୀୟ ଗଙ୍ଗା ପରିଷ୍କରଣ ମିଶନ ଉକ୍ତ କେମିକାଲ୍‌କୁ ଅନୁମୋଦନ କରିଥିବା ସେ କହିଥିଲେ। ତେବେ ଏମ୍‌ପି ବର୍ମା ଏହାକୁ ବିରୋଧ କରି ତୁମେ ଏଠାରେ ଲୋକଙ୍କୁ ମାରିଦେଉଛ ବୋଲି କହିଥିଲେ।


ପର୍ବେଶ ବର୍ମା

୮ ବର୍ଷରେ ତୁମେ ଯମୁନାକୁ ପରିଷ୍କାର କରିବାରେ ବିଫଳ ହୋଇଛ। ଏବେ ନଦୀରେ ରାସାୟନିକ ପଦାର୍ଥ ପକାଉଛ। ଯାଇ ସେହି ପାଣିରେ ବୁଡ଼ ବୋଲି ବର୍ମା ଉକ୍ତ ଅଫିସରଙ୍କୁ କହିଥିଲେ। ଛଟ୍‌ପର୍ବରେ ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ଏଠାକୁ ଆସିଥାନ୍ତି। ଅଥଚ ତୁମେ ସେଠାରେ ରାସାୟନିକ ପକାଇବାକୁ କହୁଛ। ଏହି ରାସାୟନିକକୁ ତୁମ ମୁଣ୍ଡରେ ଢାଳିଦେବି କି ବୋଲି ଭାଜପା ଏମ୍‌ପି ଡିଜେବି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ।

## ମାଗଣା ସହାୟତା ଉପରେ ଭୋଟର ନିଷ୍ପତ୍ତି ନିଅନ୍ତୁ: କଂଗ୍ରେସ

**ନୂଆଦିଲ୍ଲୀ,୨୮।୧୦ (ଆଇଏଏନ୍‌ଏସ୍)**

ମାଗଣା ସହାୟତା ପ୍ରସଙ୍ଗରେ ଭୋଟରମାନେ ନିଷ୍ପତ୍ତି ନେବା ଉଚିତ ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିର୍ବାଚନ କମିଶନଙ୍କୁ ଜଣାଇଛି। କ୍ଷେତ୍ର ଅଧିକାର, ପ୍ରବର୍ତ୍ତନତା, ମାଗଣା ଉପହାରର ସଂଜ୍ଞା ଓ ଅନ୍ୟାନ୍ୟ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ପଏଣ୍ଟ ଅନୁଯାୟୀ ଉତ୍ତର ଦିଆଯାଇଥିଲା। ଏଥିସହିତ ବ୍ୟକ୍ତିଗତ ଶୁଣାଣି ପାଇଁ ଦଳ ସମୟ ମାଗିଥିବା ଜଣାପଡ଼ିଛି। ନିର୍ବାଚନ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବା ଯୋଗ୍ୟ ମଧ୍ୟରେ ସୀମିତ ରଖିବା ଲାଗି ପ୍ରସ୍ତାବିତ ସଂଶୋଧନ ଉପରେ ନିର୍ବାଚନ କମିଶନ ବିଭିନ୍ନ ଦଳର ମତାମତ ଲୋଡ଼ିଥିଲେ।

## ଆଜମ୍ ଖାନ୍‌ଙ୍କ ବିଧାୟକ ପଦ ଗଲା

**ଲକ୍ଷ୍ନୌ,୨୮।୧୦(ପି.ଟି.)**

ଘୃଣା ମନ୍ତବ୍ୟ ମାମଲାରେ ଦୋଷୀସାବ୍ୟସ୍ତ ହେବା ସହ ୩ ବର୍ଷ ଜେଲଦଣ୍ଡ ପାଇଥିବା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କୁ ଶୁକ୍ରବାର ଉତ୍ତରପ୍ରଦେଶ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଆଜମ୍ ଅଯୋଗ୍ୟ ଘୋଷିତ ହେବା ସହ ରାମପୁର ସଦର ଆସନ ଖାଲି ପଡ଼ିଲା ବୋଲି ବିଧାନସଭାର ପ୍ରମୁଖ ସଚିବ ପ୍ରଦୀପ ଦୁବେ କହିଛନ୍ତି।

୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ପାଇଁ ବରିଷ୍ଠ ନେତା ଆଜମଙ୍କୁ ଗୁରୁବାର ରାମପୁର ଜିଲାର ଏକ ସ୍ୱତନ୍ତ୍ର ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ରାୟ ବିରୋଧରେ ସପ୍ତାହେ ମଧ୍ୟରେ ଅପିଲ କରିବାକୁ ତାଙ୍କୁ ସମୟ ଦିଆଯାଇଛି। ତାଙ୍କ ନାମରେ ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା), ୫୦୫-୧(ସର୍ବସାଧାରଣରେ



ପରିହାସ କରିବା) ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ୩ଟି ଯାକ ଧାରାରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଜନପ୍ରତିନିଧି ଆଇନ ଅନୁଯାୟୀ କୌଣସି ବିଧାୟକ, ବିଧାନ ପରିଷଦ ସଦସ୍ୟ କିମ୍ବା ଏମ୍‌ପି କୌଣସି ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଯଦି ସର୍ବନିମ୍ନ ୨ ବର୍ଷ ଜେଲ ଯାଆନ୍ତି, ତେବେ ସେ ଗୃହର ସଦସ୍ୟତା ହରାଇବେ। ଏପରିକି ଜେଲଦଣ୍ଡ ଭୋଗିସାରିବା ପରେ ମଧ୍ୟ ସେ ପରବର୍ତ୍ତୀ ୬ ବର୍ଷ ନିର୍ବାଚନ ଲଢ଼ିବା ଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ।



ମସ୍କୋ ଦଖଲରେ ଥିବା ୟୁକ୍ରେନ୍‌ର ଡୋନେସ୍କ ନିକଟସ୍ଥ ଶାଖତାରସ୍କ ସହରରେ ରୁଷୀୟ ସୈନ୍ୟ ରକେଟ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ଏକ ତୈଳ ଭଣ୍ଡାର ଜଳିଯାଉ ଥିବାବେଳେ ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

## ଫିଲିପାଇନ୍ସ ବନ୍ୟାରେ ୪୨ ମୃତ

**ମାନିଲା,୨୮।୧୦**

ଦକ୍ଷିଣପୂର୍ବ ଏସୀୟ ଦ୍ୱୀପପୁଞ୍ଜ ରାଷ୍ଟ୍ର ଫିଲିପାଇନ୍ସରେ ଝଡ଼ତୋଫାନଜନିତ ବର୍ଷା ଯୋଗୁ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଶୁକ୍ରବାର ୪୨ ଜଣଙ୍କ ମୃତ୍ୟୁ ଘଟିଛି। ବହୁ ସଂଖ୍ୟକ ଲୋକ ମାଟି ଅତଡ଼ା ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଫିଲିପାଇନ୍ସ ସାଗରରୁ ଆସିଥିବା ନଗାଲେ ଝଡ଼ର ସର୍ବାଧିକ ପ୍ରଭାବ ମଗୁଇନ୍‌ଡାନାଓ ପ୍ରଦେଶରେ ଦେଖିବାକୁ



ମିଳିଛି। ଘଣ୍ଟା ପ୍ରତି ୭୫ କି.ମି. ବେଗରେ ପବନ ବହୁଛି। ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାବେଳେ ବିମାନ ଚଳାଚଳକୁ ମଧ୍ୟ ବାତିଲ କରାଯାଇଛି। ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶନିବାର ସକାଳେ ପୁଣି ଉଦ୍ଧାର କାର୍ଯ୍ୟ ଚାଲିବ ବୋଲି ବାଙ୍ଗସାମୋରୋ ସ୍ୱୟଂଶାସିତ ଅଞ୍ଚଳର ଗୃହମନ୍ତ୍ରୀ ନାଗୁଇବ୍ ସିନାରିମ୍ବୋ ସୂଚନା ଦେଇଛନ୍ତି। କେବଳ ଗୋଟିଏ ସ୍ଥାନରେ ୮୦ ଜଣ ଫସିରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ଫିଲିପାଇନ୍ସରେ ଗ୍ରୀଷ୍ମମଣ୍ଡଳୀୟ ଝଡ଼ ଯୋଗୁ ବାରମ୍ବାର ବନ୍ୟା ଆସି ଭୂସ୍ଖଳନ ହୋଇଥାଏ। ଦେଶରେ ବର୍ଷକୁ ହାରାହାରି ୨୦ ଝଡ଼ ହୋଇଥାଏ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୪୬,୮୪,୩୬୧ | ୬୫,୮୯,୯୬୨ | ୬୧,୩୮,୧୩,୪୪୧ |
| ଭାରତ | ୪,୪୬,୪୯,୦୮୮ | ୫,୨୮,୯୯୯ | ୪,୪୧,୦୦,୬୯୧ |
| ଓଡ଼ିଶା | ୧୩,୩୬,୦୪୪ | ୯୨୦୩(+୫୩) | ୧୩,୨୬,୪୬୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମଧୁରଝୋଲ ଗାଁ ଶୂନ୍‌ଶାନ

## ଗୁଣି ସନ୍ଦେହରୁ ହତ୍ୟା ଘଟଣା

### ଅଧିକାଂଶଙ୍କ ଘରେ ତାଲା, ଅସୁବିଧା ଭୋଗୁଛନ୍ତି ବୟସ୍କ

କବିସୂର୍ଯ୍ୟନଗର,୨୮।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା କନିଆରୀ ପଞ୍ଚାୟତ ମଧୁରଝୋଲ ଗ୍ରାମରେ ଗୁଣିଗାରେଡିକୁ କେନ୍ଦ୍ରକରି ଗତ ବୁଧବାର ଜଣେ ମହିଳାଙ୍କୁ ହତ୍ୟା ସହ ୩ ପରିବାରକୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ୩୩ ଜଣଙ୍କୁ ଗିରଫ କରଛି। ଏବେ ବି ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖିଛି। ଏପଟେ ମଧୁରଝୋଲ ଗାଁ ଜନଶୂନ୍ୟ ହୋଇଛି। ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗାଁ ବାହାରେ ପୋଲିସ ପହରା ଦେଉଛି। ଗ୍ରାମରେ ପ୍ରାୟ ୨୦୦ ପରିବାର ରହୁଥିବା ବେଳେ ଅଧିକାଂଶଙ୍କ ଘରେ ତାଲା ଝୁଲୁଛି। କେତେଜଣ ବୟସ୍କ ଏକାକୀ ରହିଛନ୍ତି। ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକେ ସେମାନଙ୍କ ଗୃହପାଳିତ ପ୍ରାଣୀ ଓ ଯାନବାହନ ପାଖ ଗାଁ ବନ୍ଧୁ ସମ୍ପର୍କୀୟଙ୍କ ଘରେ ରଖିଥିବା ଦେଖିବାକୁ ମିଳିଛି।


ମଧୁରଝୋଲ ଗ୍ରାମ

ଏଭଳି ଅପ୍ରୀତିକର ଘଟଣା ପଛର ସତ ବଖାଣିଛନ୍ତି ଗ୍ରାମର ଜଣେ ବୃଦ୍ଧ। କିଛି ଦିନ ପୂର୍ବରୁ ଗ୍ରାମରେ ଅନେକ ଶିଶୁ ଅସୁସ୍ଥ ହୋଇଥିଲେ। ସେଥିମଧ୍ୟରୁ କେତେଜଣଙ୍କ ଜୀବନ ଯାଇଥିଲା। ଏହାର ପ୍ରତିକାର ନିମନ୍ତେ ଗ୍ରାମବାସୀ ବୈଠକ କରି ତାନ୍ତ୍ରିକ ଡକାଇଥିଲେ। ତାନ୍ତ୍ରିକ ଆସି ଗ୍ରାମରେ ଗୁଣି କରିଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ସୂଚନା ଦେବାପରେ ଗଣ୍ଡଗୋଳ ଘଟିଥିବା ବୃଦ୍ଧ ଜଣକ କହିଥିଲେ। ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୫ଟି ମାମଲା ରୁଜୁ କରି ୩୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଘଟଣା ପଛର ମାଷ୍ଟରମାଇଣ୍ଡ ତାନ୍ତ୍ରିକଙ୍କୁ ପୋଲିସ କେବେ ଗିରଫ କରି କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ଅପେକ୍ଷା ରହିଛି। କବିସୂର୍ଯ୍ୟନଗର ଆଇଆଇସି ଗ୍ରାମରେ ଶାନ୍ତି ପ୍ରତିଷ୍ଠା ଲାଗି ଶାନ୍ତି କମିଟି ଗଠନ କରାଯାଇଥିଲେ ବି ଏଭଳି ଘଟଣା ଘଟିଥିବା କହିଛନ୍ତି। ଗାଁ ସ୍କୁଲ ଓ ଅଙ୍ଗନୱାଡିକୁ ଶୁକ୍ରବାର କୌଣସି ପିଲା ଆସି ନଥିବା ପ୍ରଧାନ ଶିକ୍ଷକ ସୁବ୍ରତ ରାଓ ଦୋରା କହିଛନ୍ତି। ଅଧିକାଂଶ ଗ୍ରାମବାସୀ ଖଟିଖିଆ, ଦିନ ମଜୁରିଆ ଶ୍ରେଣୀର ହେତୁ ସେମାନଙ୍କ ଜୀବନଜୀବିକା ଉପରେ ବହୁ ପ୍ରଭାବ ପଡିବ। ଆଇଆଇସି ପ୍ରଭାତ ସାହୁ କହିଛନ୍ତି ଏବେ ବି କେତେଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଆଗକୁ ଗିରଫ ସଂଖ୍ୟା ବଢ଼ିପାରେ ବୋଲି ସେ କହିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲା ହାତୀ ପ୍ରେମା

### ଗୋଡ଼ରେ ମାଂସପିଣ୍ଡୁଳା ଥିବାରୁ ଅସୁସ୍ଥ ଥିଲା

ବାରଙ୍ଗ,୨୮।୧୦(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ମାଈ ହାତୀ ପ୍ରେମା ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛି। ନନ୍ଦନକାନନ କର୍ତ୍ତୃପକ୍ଷ ଓ ଡାକ୍ତରମାନଙ୍କ ଦ୍ୱାରା ଚାଲିଥିବା ଚିକିତ୍ସା କ୍ଷେତ୍ରରେ ସବୁପ୍ରକାର ଉଦ୍ୟମ କରାଯାଇଥିଲେ ମଧ୍ୟ ପ୍ରେମାକୁ ବଞ୍ଚାଇବାରେ ସକ୍ଷମ ହୋଇପାରି ନାହାନ୍ତି। ଗତ ୨ଦିନ ହେବ ପ୍ରେମା ସମ୍ପୂର୍ଣ୍ଣ ଭାବେ ଅସୁସ୍ଥ ହୋଇ ତଳେ ପଡିଯାଇଥିବା ବେଳେ ଆଉ ଉଠିପାରି ନ ଥିଲା। ଶେଷରେ ଅପରାହ୍ଣ ୩ଟାରେ ତା'ର ମୃତ୍ୟୁ ହୋଇଛି।

ପ୍ରକାଶ ଯେ, ୬୬ ବର୍ଷ ହୋଇଥିବା ହାତୀ ପ୍ରେମା ଗତ ଜୁଲାଇ ମାସରୁ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିଲା। ପରେ ତା'ର ଆଗ ବାମ ଗୋଡରେ ଏକ ମାଂସପିଣ୍ଡୁଳା ଥିବା ଜଣାପଡ଼ିଥିଲା। ମାଂସପିଣ୍ଡୁଳାକୁ ଅସ୍ତ୍ରୋପଚାର କରିବା ପରେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ଏପରିକି ଧୀରେ ଧୀରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ଖାଇବା ମଧ୍ୟ କମାଇବାରେ ଲାଗିଥିଲା। ଅସୁସ୍ଥ ଥିବା ସତ୍ତ୍ୱେ ପ୍ରେମା ହାତୀସଫାରିର ହାତୀଶାଳରେ ଗୋଡ଼ରେ ଶିକୁଳିବନ୍ଧା ହୋଇ ଛିଡ଼ା ହୋଇରହୁଥିଲା। କିନ୍ତୁ ଗୁରୁବାର ସକାଳେ ହାତୀଶାଳରେ ହଠାତ୍ ସେ ପଡ଼ିଯାଇଥିଲା। କର୍ମଚାରୀମାନେ ପ୍ରେମାକୁ ଉଠାଇବାକୁ ସବୁପ୍ରକାର ଚେଷ୍ଟା କରି ଉଠାଇପାରି ନ ଥିଲେ। କ୍ରେନ୍ ଦ୍ୱାରା ଉଠାଇବାକୁ ଉଦ୍ୟମ କରାଯାଇ ବିଫଳ ହେବକୁ ପଡିଥିଲା। କ୍ରେନ ସାହାଯ୍ୟରେ ଉଠାଇବାବେଳେ ପ୍ରେମା ମଳତ୍ୟାଗ କରିଥିବା ଜଣାପଡ଼ିଥିଲା। ପ୍ରେମା ଉଠି ନ ପାରିବାରୁ ବାଧ୍ୟ ହୋଇ ନନ୍ଦନକାନନର ଡାକ୍ତରଙ୍କୁ ଜଣାଇ ଦିଆଯିବା ସହ ହାତୀଶାଳର ଚତୁଃପାର୍ଶ୍ୱ ଜରିପାଲରେ ଆବଦ୍ଧ କରାଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ଏଥିପାଇଁ ପର୍ଯ୍ୟଟକଙ୍କ ଲାଗି ହାତୀ ସଫାରି ମଧ୍ୟ ବନ୍ଦ କରାଯାଇଥିଲା। ଗୁରୁବାର ୪୦ ଓ ଶୁକ୍ରବାର ୧୦ ଲିଟର ସାଲାଇନ ସହ ଭିଟାମିନ ଏବଂ ଆଣ୍ଟିବାୟୋଟିକ ଦିଆଯାଇ ପ୍ରେମାକୁ ଛିଡ଼ା କରାଇବା ପାଇଁ ସବୁପ୍ରକାର ଚେଷ୍ଟା କରାଯାଇଥିଲା। କିନ୍ତୁ ସବୁ ଉଦ୍ୟମ ବିଫଳ ହୋଇଥିଲା। ଶେଷରେ ଶୁକ୍ରବାର ଅପରାହ୍ଣ ୩ଟାରେ ହାତୀଶାଳରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରେମାର ଜୀବନ ଚାଲିଯାଇଥିଲା। ପ୍ରେମାର ମୃତ୍ୟୁ ପରେ ନନ୍ଦନକାନନରେ ହାତୀ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ବାର୍ଦ୍ଧକ୍ୟଜନିତ କାରଣରୁ ପ୍ରେମା ଗତ ୩ ମାସ ଧରି ଅସୁସ୍ଥ ହେବା ଆରମ୍ଭ ହୋଇଥିଲା। ଗୁରୁବାର ତଳେ ପଡିଯାଇ ଚେଷ୍ଟା ସତ୍ତ୍ୱେ ଉଠିପାରି ନ ଥିଲା। ଓୟୁଏଟି, ଦିଲ୍ଲୀ ଓ ଆସାମର ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ପ୍ରେମାର ଚିକିତ୍ସା କରାଯାଇଥିଲା। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।



# ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା ଘଟଣା

### ୩ ମହିଳାଙ୍କୁ ୨ ବର୍ଷ ଜେଲ

ରାଉରକେଲା ଅଫିସ,୨୮।୧୦

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ରତାଖଣ୍ଡି ଗ୍ରାମର ଜଣେ ମହିଳାଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା ଅଭିଯୋଗର ଶୁଣାଣି ଶୁକ୍ରବାର ହୋଇଛି। ରାଉରକେଲା ଏଡିଜେ-୧ ବିଚାରପତି ଡ. ଭି. ସୁଜାତା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେହିପରି ଅନ୍ୟ ୩ ମହିଳାଙ୍କୁ ୨ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ, ରତାଖଣ୍ଡି ଗ୍ରାମରେ ଯଶୋଦା ସିଂ (୫୫) ସପରିବାର ବାସ କରନ୍ତି। ୨୦୧୮ ମାର୍ଚ୍ଚ ୨ ତାରିଖ ରାତି ୮ଟା ସମୟରେ ହୋଲିପର୍ବ ଦିନ ରତାଖଣ୍ଡି ଗ୍ରାମର ୩ ମହିଳାଙ୍କ ସମେତ ଜିତୁ ସିଂ, ସୁରଜ ସିଂ, ଭାଗୀରଥି ସିଂ, ଭଜୁ ବଡାଇକ, ଦଶରଥ ସିଂ, ଟୁଲୁ ସିଂ, ବାପି ସିଂ, ବୁଲୁ ସିଂ, ପିନାକୀ ସିଂ, ଉଦିତ ସିଂ ଏବଂ ସଂଗ୍ରାମ ସିଂ ଯଶୋଦାଙ୍କ ଘରେ ପଶି ଡାହାଣୀ ସନ୍ଦେହରେ ତାଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ମୃତ ଯଶୋଦାଙ୍କ ସ୍ୱାମୀ ଫଗୁ ସିଂ ଓ ପୁଅ କମଳେଶ ସିଂଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମାର୍ଚ୍ଚ ୩ ତାରିଖରେ ବୀରମିତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ରାଉରକେଲା କୋର୍ଟରେ ବିଚାରାଧୀନ ଥିଲା। ରାଉରକେଲା ଏଡିଜେ-୧ ଡ. ଭି. ସୁଜାତା ୨୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉକ୍ତ ଦଣ୍ଡବିଧାନ ଶୁଣାଇଛନ୍ତି। ସୁନ୍ଦରଗଡର ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତର ଓ ରାଉରକେଲା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସ୍ୱରୂପ ରଞ୍ଜନ ରଥ ଏହି ମାମଲା ପରିଚାଳନା କରିଥିଲେ। ଏ ସମ୍ପର୍କରେ ଏଡିଜେ-୧ ସୁଜାତାଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ବୈଜ୍ଞାନିକ ଯୁଗରେ ଏଭଳି ଅନ୍ଧବିଶ୍ୱାସ ଘଟଣା ନିନ୍ଦନୀୟ କଥା। ଯଦି କୌଣସି ବ୍ୟକ୍ତିଙ୍କ ପ୍ରତି ଅନ୍ୟାୟ ହେଉଛି ସେମାନେ ଆଇନ୍‌ର ସାହାରା ନେବା ଜରୁରୀ। ଆମ ସମ୍ବିଧାନରେ ନ୍ୟାୟ ପ୍ରଦାନ ପାଇଁ ଅନେକ ବ୍ୟବସ୍ଥା ରହିଛି। ତେଣୁ କେହି ଆଇନ୍‌କୁ ହାତକୁ ନ ନେଇ ଆଇନକୁ ସମ୍ମାନଦେବା ଉଚିତ ବୋଲି ସେ କହିଥିଲେ।

# ମାଈ ହାତୀର ମୃତଦେହ ଠାବ

ବଇଣ୍ଡା/ ମାଧପୁର, ୨୮।୧୦ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ବାମୁର ରେଞ୍ଜ ଶାନ୍ତିପୁର ଜଙ୍ଗଲରୁ ଶୁକ୍ରବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଠାବ କରିଛି। ମୃତ ହାତୀର ବୟସ ୩୦ ବର୍ଷ ହେବ ବୋଲି ବିଭାଗ ଆକଳନ କରିଥିବା ବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ।

ପ୍ରକାଶ ଯେ, ଶାନ୍ତିପୁର ଜଙ୍ଗଲରେ ଏକ ହାତୀ ମରିପଡିଥିବା କେତେଜଣ ଗାଈ ଚରାଳି ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଆର୍‌ସିସିଏଫ୍ ଏମ୍. ଯୋଗଜୟାନନ୍ଦ, ଆଠମଲ୍ଲିକ ବନଖଣ୍ଡ ଦାୟିତ୍ୱରେ ଥିବା ଅନୁଗୋଳ ଡିଏଫ୍‌ଓ ବିବେକ କୁମାର, ଆଠମଲ୍ଲିକ ଏସିଏଫ୍ ଗୌରୀଶଙ୍କର ଦାସ, ବାମୁର ରେଞ୍ଜର ସରୋଜ କୁମାର ମିଶ୍ର, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆଠମଲ୍ଲିକ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି ମୃତଦେହ ବ୍ୟବଚ୍ଛେଦ କରିବା ପରେ ସେଠାରେ ତାହାକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।


ଜଙ୍ଗଲ ମଧ୍ୟରେ ହାତୀର ମୃତଦେହ।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.
PANIKOILI: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper.

**ଆଜିର ମନ୍ତବ୍ୟ**

"ଟୁଇଟର ଏଣିକି ଘୃଣା ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ। ବିରୋଧୀଙ୍କ ସ୍ୱରକୁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଆଉ ଚପାଇବ ନାହିଁ ବୋଲି ଆଶା। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ତେଜସ୍ୱୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲକୁ ସଲଖେ ହଳ ଲଙ୍ଗଳ ଲୋ,**
**ହିଡ଼କୁ ସଲଖେ କୋଡ଼ି,**
**ମୂର୍ଖକୁ ସଲଖେ କହୁଣି ଡିହଲୋ,**
**ଛଚିନ୍ଦ୍ରା ସଲଖେ ଗୋଡ଼ି ।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଇ ହିଡ଼କୁ ସିଧା କରାଯାଏ। ସେହିପରି ମୂର୍ଖ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଭଳି ଛଚିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାଲି ବନ୍ଧ, ଶଠ ପ୍ରୀତି;**
**ଏ ଦୁହେଁ ଏକା ରୀତି ।**

ବାଲି ବନ୍ଧ ଦ୍ୱାରା ପାଣିକୁ ଅଟକାଇ ରଖିବା ଅସମ୍ଭବ। ପାଣି ଟିକେ ଅଧିକ ହୋଇଗଲେ ଏହି ବନ୍ଧ ଭାଙ୍ଗିଯାଇଥାଏ। ସେହିପରି ଯେଉଁ ଭଲପାଇବା ବା ପ୍ରେମରେ ଛଳନା ଓ ପ୍ରତାରଣା ଛପି ରହିଥାଏ ସେ ପ୍ରେମ ଦୀର୍ଘସ୍ଥାୟୀ ହୋଇପାରି ନ ଥାଏ। ବାଲି ବନ୍ଧ ଅତିଶୀଘ୍ର ଭୁଶୁଡିଯିବା ପରି ଏଭଳି ଛଳ ସମ୍ପର୍କ ମଧ ବେଶି ଦିନ ତିଷ୍ଠି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅଭିଯୁକ୍ତଙ୍କୁ ଫାଶୀ ଦେବାକୁ ଅନୁରୋଧ କଲେ ମମିତାଙ୍କ ମା'

**ମମିତା ମେହେର ହତ୍ୟା ମାମଲା**

**■ ମମିତା ମା'ଙ୍କ ବୟାନ ରେକର୍ଡ**

ବଲାଙ୍ଗୀର ଅଫିସ/
କଣ୍ଟାବାଞ୍ଜି, ୨୮।୧୦ (ଡି.ଏନ୍.ଏ.)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଶୁଣାଣି ପ୍ରକ୍ରିୟାରେ ଶୁକ୍ରବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମୃତା ମମିତା ମେହେରଙ୍କ ମା' ତୁଳସୀ ମେହେର ଏବଂ ଜଣେ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। କୋର୍ଟକୁ ସାକ୍ଷ୍ୟ ଦେବାକୁ ଆସି ମୃତା ମମିତାଙ୍କ ମାଆ ତୁଳସୀ କୋର୍ଟରେ ଅଭିଯୁକ୍ତ ଗୋବିନ୍ଦଙ୍କୁ ଫାଶୀଦଣ୍ଡ ଦେବାକୁ ଅନୁରୋଧ କରିଥିଲେ। ମମିତାଙ୍କ ବାପା ସୁଚନ୍ଦ୍ର ମେହେରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବା ଯୋଗୁ ସେ ଆଜି କୋର୍ଟରେ ହାଜର ହୋଇପାରି ନ ଥିବା ଜଣାପଡିଛି। ତେବେ ମମିତାଙ୍କ ଜଣେ ସମ୍ପର୍କୀୟ କୋର୍ଟରେ ସାକ୍ଷ୍ୟ ଦେବାକୁ ଆସିଥିଲେ। ତାଙ୍କର ମଧ ବୟାନ ରେକର୍ଡ କରାଯାଇଛି। ଗୁରୁବାର ମମିତାଙ୍କ ବଡବାପା କୌଶିକ ମେହେର କୋର୍ଟରେ ହାଜର ହୋଇ ସାକ୍ଷ୍ୟ ଦେଇଥିଲେ। ପୂର୍ବରୁ ମମିତାଙ୍କ ଭାଇ ବଣ୍ଟି, ସମ୍ପର୍କୀୟ ବଡ଼ଭାଇ ଓ ଏତଲା ଲେଖିଥିବା ବ୍ୟକ୍ତି ସାକ୍ଷ୍ୟ ଦେଇସାରିଛନ୍ତି। ଶୁକ୍ରବାର ମଧ ଏହି ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଗୁରୁବାର ଭଳି ଶୁକ୍ରବାର ମଧ ବଲାଙ୍ଗୀର ଏସ୍‌ପି ନିତିନ କୁଶଳକର କୋର୍ଟରେ ଉପସ୍ଥିତ ଥିବା ଦେଖାଯାଇଥିଲା। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲରେ ଅଧକ୍ଷା ଭାବେ କାର୍ଯ୍ୟରତ ଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁର ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ମେହେର ଅପହରଣ କରି ନେଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଗୋବିନ୍ଦଙ୍କୁ ଟିଟିଲାଗଡ ବାରାକ୍‌ରେ ପଚରାଉଚରା କରିବାକୁ ରଖିଥିବା ବେଳେ ସେଠାରୁ ଅକ୍ଟୋବର ୧୭ ତାରିଖରେ ସେ ଫେରାର ହୋଇଯାଇଥିଲେ। ପରେ ୧୯ ତାରିଖରେ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ଗୋବିନ୍ଦଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ଗିରଫ କରାଯାଇଥିଲା। ମମିତାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମହାଲିଙ୍ଗଠାରେ ନିର୍ମାଣାଧୀନ ଷ୍ଟାଡିୟମରେ ମମିତାଙ୍କ ମୃତଦେହକୁ ପୋଡି ପୋତି ଦେଇଥିବା ଜଣାପଡିଥିଲା। ଏହି ହତ୍ୟାକାଣ୍ଡକୁ ନେଇ ରାଜ୍ୟ ବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା।

# ସୋସିଆଲ ମିଡିଆ ଅଭିଯୋଗ ସମାଧାନ ପାଇଁ ଗଠନ ହେବ କମିଟି

ନୂଆଦିଲ୍ଲୀ,୨୮।୧୦(ପି.ଟି.)

କେନ୍ଦ୍ର ସରକାର ଶୁକ୍ରବାର ସଂଶୋଧିତ ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀ ଉପରେ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ନିୟମ ଅନୁଯାୟୀ ଟୁଇଟର, ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧମ ପ୍ଲାଟଫର୍ମଗୁଡ଼ିକର ନିଷ୍ପତ୍ତି ବିରୋଧରେ ୟୁଜରମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ପାଇଁ ସରକାର ଏକ କମିଟି ଗଠନ କରିବେ। ୩ ମାସ ମଧରେ ଏହି ୩ ଜଣିଆ ଗ୍ରିଭାନ୍ସ ଆପିଲେଟ୍ କମିଟି (ଜିଏସି) ଗଠନ ହେବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ କୁହାଯାଇଛି। ନୂଆ ନିୟମାବଳୀ ଅନୁଯାୟୀ ସୋସିଆଲ ମିଡିଆ ପ୍ଲାଟଫର୍ମରେ ହିଂସା ଉସୁକାଇବା ଉଦ୍ଦେଶ୍ୟରେ ଆପତ୍ତିଜନକ ଧର୍ମୀୟ ପ୍ରସଙ୍ଗ, ଅଶ୍ଳୀଳ ଚିତ୍ର ଟ୍ରେଡ୍‌ମାର୍କ ଉଲ୍ଲଂଘନ, ଭୁଲ୍ ତଥ୍ୟ ଏବଂ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ଆଶଙ୍କା ଥିବା ବିଷୟବସ୍ତୁ ନେଇ ବଢୁଥିବା ପ୍ରାଦୁର୍ଭାବ ବିରୋଧରେ ଗ୍ରିଭାନ୍ସ କମିଟିରେ ଚ୍ୟାଲେଞ୍ଜ କରିହେବ।

## ପ୍ରଥମ ପୃଷ୍ଠାରୁ...

### ଶାନ୍ତି ଏକମାତ୍ର ...

ଏହି ଶାନ୍ତିସ୍ତୂପର ସୌନ୍ଦର୍ଯ୍ୟକରଣ ସହ ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହାକୁ ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୯୫ କୋଟି ଟଙ୍କା ବ୍ୟୟରେ ବସନ୍ତପୁରଠାରେ ଦୟା ନଦୀରେ ଏକ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ଏଥିସହ ପୃଥିବୀର ବିଭିନ୍ନ ଦେଶରୁ ଏକାଠି ହୋଇଥିବା ବୌଦ୍ଧ ସନ୍ନ୍ୟାସୀଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ଅପରପକ୍ଷେ ଧଉଳିରେ ରୋପ୍-ୱେ ବ୍ୟବସ୍ଥା ହେବା ନେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ମନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ଲିଫ୍ଟର ଶୁଭାରମ୍ଭ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଜାପାନ, ଆମେରିକା, ୟୁକ୍ରେନ, କାଜାକସ୍ତାନ, ଚାଇନା, ଶ୍ରୀଲଙ୍କା ଆଦି ବିଭିନ୍ନ ଦେଶରୁ ଏହି ବୌଦ୍ଧ ସନ୍ନ୍ୟାସୀମାନେ ଯୋଗଦେଇଥିଲେ। ବିଶ୍ୱଶାନ୍ତି ପାଇଁ ବୌଦ୍ଧ ସନ୍ନ୍ୟାସୀଙ୍କ ଶାନ୍ତିମନ୍ତ୍ରରେ ଗୁଞ୍ଜରିତ ହୋଇଉଠିଥିଲା ଶାନ୍ତିସ୍ତୂପର ପୂରା ପରିବେଶ। ୫-ଟି ସଚିବ ଭି.କେ. ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବୌଦ୍ଧ ସନ୍ନ୍ୟାସୀମାନେ ପାରମ୍ପରିକ ଡ୍ରମ ବଜାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ବୌଦ୍ଧ ସନ୍ନ୍ୟାସୀ ଜି. ନାକାସାଟୋ, ରେଭରେଣ୍ଡ ସନ୍ନ୍ୟାସୀ ଜି. ନାକାସାଟୋ ଏବଂ ରବି ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମାକୋଟୋ ମାସୁଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଓସିଏ ସଭାପତି ...

ଅଧିକୃତ କରିଛନ୍ତି। ଓସିଏର କର୍ମକର୍ତ୍ତା ନିର୍ବାଚନରେ ସମସ୍ତ ୬ ପଦବୀ ପାଇଁ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର କେବଳ ଔପଚାରିକ ଭାବେ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧକ୍ଷ ବିକାଶ ପ୍ରଧାନ, ସହସମ୍ପାଦକ ପ୍ରଭାତ ଭୋଳ ଓ ଆପେକ୍ସ କାଉନ୍‌ସିଲ ସଦସ୍ୟ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ କିପରି ତୃଣମୂଳସ୍ତରରୁ କ୍ରିକେଟର ସୃଷ୍ଟି ହେବେ ତାହା ଉପରେ ଗୁରୁତ୍ୱ ଦିଆଯିବ ଓ ବାରବାଟୀ ଷ୍ଟାଡିୟମର ଆହୁରି ବିକାଶ କରାଯିବ ବୋଲି କହିଛନ୍ତି ସଭାପତି ପ୍ରଣବ ପ୍ରକାଶ। ଏହାସହ ଯେଉଁ ଭିଜନ ୨୦୨୪ ପାଇଁ ରହିଥିଲା ତା' ଉପରେ ଆହୁରି ଦୃଷ୍ଟି ଦିଆଯିବ। ସମସ୍ତ ଜିଲା କ୍ରୀଡ଼ା ସଂଘର ସହଯୋଗରେ ଆଗକୁ ବଢ଼ିବୁ। ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ପାଇଁ ସବୁବେଳେ ପ୍ରୟାସ କରୁଛନ୍ତି। କ୍ରିକେଟ୍ ଓ ବାରବାଟୀ ଷ୍ଟାଡିୟମକୁ ନେଇ ଅନେକ ଯୋଜନା ରହିଛି ବୋଲି କହିଛନ୍ତି ସଭାପତି। ଅନ୍ୟପଟେ ସଞ୍ଜୟ କହିଛନ୍ତି, ଗ୍ରାମାଞ୍ଚଳରେ କ୍ରିକେଟର ବିକାଶ ପାଇଁ ଯୋଜନା ପ୍ରସ୍ତୁତି ହେଉଛି।

### ଟୁଇଟରରୁ ପରାଗ, ...

କିଣିବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଥିଲେ। ସେ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେବାକୁ ଯାଇ ଟୁଇଟରର ଲୋକପ୍ରିୟ ଲଗୋ 'ପକ୍ଷୀ' ମୁକ୍ତହେଲା ବୋଲି କହିଛନ୍ତି। ଏଥିସହ ସେ ଟୁଇଟରରେ ସଂସ୍କାର ଆଣିବାକୁ ଯାଇ ପ୍ରଥମେ ଶୀର୍ଷ ପଦବୀରେ ଥିବା ୪ ଜଣଙ୍କୁ ତତ୍କାଳ ଛଟେଇ କରିଛନ୍ତି। ସେମାନେ ହେଲେ ସିଇଓ ପରାଗ ଅଗ୍ରୱାଲ, ଲିଗାଲ ଏକ୍‌ଜିକ୍ୟୁଟିଭ୍ ବିଜୟା ଗାଡ୍ଡେ, ଚିଫ୍ ଫାଇନାନ୍ସିଆଲ ଅଫିସର (ସିଏଫ୍ଓ) ନେଡ୍ ସେଗଲ ଏବଂ ଜେନେରାଲ କାଉନ୍ସେଲ ସିଅନ୍ ଏଡ୍‌ଗେଟ୍। ପରାଗଙ୍କୁ ଟୁଇଟର ଅଫିସରୁ ବାହାର ରାସ୍ତା ଦେଖାଇ ଦିଆଯାଇଥିବା ନେଇ ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ଡିଲ୍ ସମ୍ପୂର୍ଣ୍ଣ ହେବା ପରେ ଟୁଇଟରର ବ୍ୟବସାୟ, କର୍ମଚାରୀ ଓ ଶେୟାରହୋଲ୍ଡର୍ସଙ୍କୁ ନେଇ ରହିଥିବା ଅନିଶ୍ଚିତତା ଦୂର ହୋଇଛି। ମସ୍କ ନେଇଥିବା ଦ୍ୱିତୀୟ ତ୍ୱରିତ ପଦକ୍ଷେପ ହେଉଛି ପୂର୍ବ ମ୍ୟାନେଜମେଣ୍ଟର ଆଜୀବନ ବାସନ୍ଦ ନୀତିକୁ ହଟାଇବା, ଯଦ୍ୱାରା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଟୁଇଟରକୁ ଫେରିବା ପଥ ପରିଷ୍କାର ହୋଇଛି। ତେବେ ଏହି ଅଧିଗ୍ରହଣ ପାଇଁ ମସ୍କ ଗୋଟିଏ ଦିନରେ ୪୪ ବିଲିୟନ ଡଲାର କିପରି ଯୋଗାଡ଼ କଲେ ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଟେସ୍‌ଲା ସିଇଓଙ୍କ ନେତୃତ୍ୱରେ ଶେୟାର କ୍ରେତାମାନଙ୍କ ଏକ ଗୋଷ୍ଠୀରେ କ୍ରିପ୍ଟୋ ଏକ୍ସଚେଞ୍ଜ ବାଇନାନ୍ସ ସାମିଲ ହୋଇଥିବା କୁହାଯାଉଛି।

ପ୍ରକାଶ ଯେ, ଗତ ଏପ୍ରିଲରେ ମସ୍କ ଟୁଇଟର କିଣିବା ନେଇ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଫେକ୍ ଆକାଉଣ୍ଟ ସଂଖ୍ୟାର ଆଳ ଦେଖାଇ ଡିଲ୍‌ରୁ ବାହାରିଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଟୁଇଟର ଅଦାଲତଙ୍କ ଆଶ୍ରୟ ନେଇଥିଲା। ଶେଷରେ କୋର୍ଟ ନିର୍ଦ୍ଧାରିତ ଡେଡ୍‌ଲାଇନ୍‌ର ଦିନକ ପୂର୍ବରୁ ମସ୍କ ଏହି ସୋସିଆଲ ମିଡିଆ ସାଇଟ୍‌କୁ କିଣିବାକୁ ବାଧ ହୋଇଥିଲେ। ଗତବର୍ଷ ନଭେମ୍ବରରେ ଟୁଇଟରର ସହପ୍ରତିଷ୍ଠାତା ଜ୍ୟାକ୍ ଡୋର୍ସି ଅବ୍ୟାହତି ନେବା ପରେ ୩୮ ବର୍ଷୀୟ ପରାଗ ଅଗ୍ରୱାଲଙ୍କୁ ଏହାର ସିଇଓ ନିଯୁକ୍ତ କରାଯାଇଥିଲା। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ବମ୍ବେ ତଥା ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ପ୍ରାକ୍ତନ ଛାତ୍ର ପରାଗ ୧ ଦଶନ୍ଧି ପୂର୍ବେ ଟୁଇଟରରେ ସାମିଲ ହୋଇଥିଲେ, ଯେତେବେଳେ କମ୍ପାନୀରେ ୧ ହଜାରରୁ କମ୍ କର୍ମଚାରୀ ଥିଲେ। ତେବେ ମସ୍କ ଏହାକୁ କିଣିବା ନେଇ ଘୋଷଣା କରିବା ପରେ କିଛି ମାସ ଧରି ତାଙ୍କ ସହ ପରାଗଙ୍କ ମତଭେଦ ଖୋଲାଖୋଲି ଭାବେ ଦେଖିବାକୁ ମିଳିଥିଲା। ସେହିପରି କମ୍ପାନୀର କଣ୍ଟେଣ୍ଟ ମଡରେଶନ୍ ନିଷ୍ପତ୍ତିରେ ହାଇଦ୍ରାବାଦ ଜନ୍ମିତ ୪୮ ବର୍ଷୀୟା ବିଜୟା ଗାଡ୍ଡେଙ୍କ ଭୂମିକାକୁ ସମାଲୋଚନା କରି ମସ୍କ ତାଙ୍କୁ ମଧ ବିଦା କରିଛନ୍ତି। ଟୁଇଟର କୋଫାଉଣ୍ଡର ବିଜ୍ ଷ୍ଟୋନ୍ ପରାଗ ଓ ଗାଡ୍ଡେଙ୍କୁ ସେମାନଙ୍କ ଅବଦାନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହା ପୂର୍ବରୁ ମସ୍କ ବୁଧବାର ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଟୁଇଟର ମୁଖ୍ୟାଳୟରେ ଇଞ୍ଜିନିୟର ଓ ଆଡ୍ ଏକ୍‌ଜିକ୍ୟୁଟିଭ୍‌ମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଟୁଇଟରରେ ନିଜ ଡେସ୍‌କ୍ରିପ୍‌ଶନକୁ ଅପ୍‌ଡେଟ୍ କରି 'ଚିଫ୍ ଟୁଇଟ୍' ବୋଲି ଉଲ୍ଲେଖ କରିଛନ୍ତି।

### ବାତ୍ୟା ଦୋହଲାଉଛି ...

ସମ୍ବଲପୁର ଓ ବାଲେଶ୍ୱରଠାରେ ରାଡାର ଲାଗିପାରିଲା ନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟରେ ସରକାର ଜମି ଓ ଟଙ୍କା ଯୋଗାଇଥିଲେ ତାହା ଅସମ୍ପୂର୍ଣ୍ଣ ହୋଇ ରହିଛି। ଏ ସମ୍ପର୍କରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଓଡ଼ିଶାର ଦୁଇଟି ସ୍ଥାନ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲର ରାଡାର ଲାଗିଛି। ଦେଶର ବିଭିନ୍ନ ସ୍ଥାନରେ ସ୍ଥାପନ କରିବାକୁ ୧୧ଟି ଡପ୍‌ଲର ରାଡାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ୨ ବର୍ଷ ମଧରେ ସମ୍ବଲପୁର ଓ ବାଲେଶ୍ୱରରେ ରାଡାର ଲାଗିବ ବୋଲି ସେ କହିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ କହିବା କଥା, ରାଜ୍ୟ ସରକାର ରାଡାର ଲଗାଇବାକୁ ଜମି ଦେବା ସହ କୋଠାଘର ନିର୍ମାଣ ପାଇଁ ଅର୍ଥ ଦେଇଛନ୍ତି। କେନ୍ଦ୍ର ସରକାରଙ୍କୁ ଏ ନେଇ ବହୁବାର ଚିଠି ଲେଖାଯାଇଛି। ଶୀଘ୍ର ଲାଗିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଶ୍ୱାସନା ଦିଆଯାଉଛି। ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ଲୋକମାନଙ୍କ ଧନଜୀବନ ସୁରକ୍ଷା ପାଇଁ ଚେଷ୍ଟା କରିଆସୁଛନ୍ତି। ଓଡ଼ିଶାର ବାତ୍ୟା ପରିଚାଳନା ମଡେଲକୁ ଜାତିସଂଘ ମଧ ପ୍ରଶଂସା କରିଛି।

### କ୍ରିପ୍ଟୋ କାରବାରରେ ...

ନୀହାର ରହୁଥିବା ଫ୍ଲାଟ୍ ନଂ.୨୦୧, ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘର (ଫ୍ଲାଟ ନଂ.୧୦୧), ବଡ଼ଗଡ଼ ଜିଲା ରୋହିଣିଆସ୍ଥିତ ପୈତୃକ ଘର, ଖୋର୍ଦ୍ଧା ସାନପାଳ ଗାନ୍ଧୀନଗରସ୍ଥିତ ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱରସ୍ଥିତ ସରକାରୀ କାର୍ଯ୍ୟାଳୟ ରହିଛି। ଚଢ଼ାଉ ସମୟରେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯିବା ସହ କ୍ରିପ୍ଟୋ କରେନ୍ସି ସହ ଲିଙ୍କ୍ ଥିବାରୁ ଏହାକୁ ନେଇ ଚର୍ଚ୍ଚା ଚାଲିଛି। ନୀହାର ତାଙ୍କ କଳା ଟଙ୍କାକୁ କ୍ରିପ୍ଟୋ କାରବାରରେ ବିନିଯୋଗ କରି ଏହାର ବହୁଗୁଣ କରିବାକୁ ଲକ୍ଷ୍ୟ ରଖିଥିଲେ। ତେବେ ମାନ୍‌ଶନ ଆପାର୍ଟମେଣ୍ଟର ଫ୍ଲାଟ୍‌ରେ ଚଢ଼ଉ ସମୟରେ ନୀହାର କ୍ରିପ୍ଟୋ କରେନ୍ସି ସମ୍ବନ୍ଧିତ ୩୮ଟି ଦସ୍ତାବିଜ୍ ଓ ମୋବାଇଲକୁ ଝରକା ବାଟେ ଫୋପାଡ଼ି ଦେଇଥିଲେ। ଭିଜିନାନ୍ସ ଅଧିକାରୀଙ୍କ ନଜର ପଡ଼ିବା ପରେ ସେସବୁକୁ ଜବତ କରାଯାଇଛି। ଉକ୍ତ ଦସ୍ତାବିଜ ଅନୁସାରେ ସେ କ୍ରିପ୍ଟୋ କରେନ୍ସିରେ ୧.୭୮ କୋଟି ବିନିଯୋଗ କରିଥିବା ସୂଚନା ମିଳିଛି। ତେବେ ଆଉକିଛି ଦସ୍ତାବିଜକୁ ଫାଇନାନ୍‌ସିଆଲ୍ ଉଇଙ୍ଗ୍ ଓ କ୍ରିପ୍ଟୋ ବିଶେଷଜ୍ଞମାନେ ଯାଞ୍ଚ କରୁଥିବାରୁ ଏହି ପରିମାଣ ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଖାରବେଳନଗର ୟୁନିଟ-୩ ଶ୍ରୀରାମ ମାନ୍‌ଶନ ଆପାର୍ଟମେଣ୍ଟରେ ୩୨.୫ ଲକ୍ଷ ଟଙ୍କାର ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ଓ ସମ୍ବଲପୁର ମୋଦିପଡ଼ାଠାରେ ଥିବା ୩ମହଲା କୋଠା ସହ ସମ୍ବଲପୁର ଜିଲାର ମୁଖ୍ୟ ଅଞ୍ଚଳରେ ୧.୨୭ କୋଟି ଟଙ୍କାର ୮ ପ୍ଲଟ୍ ଠାବ ହୋଇଛି। କବଲା ସମୟରେ ଏହାର ପ୍ରକୃତ ମୂଲ୍ୟ ଲୁଚାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ତାଙ୍କ ଘରୁ ନଗଦ ୧ ଲକ୍ଷ ୭ ହଜାର ୮୫ ଟଙ୍କା, ୩୯ ଲକ୍ଷ ଟଙ୍କାର ୨ଟି ଚାରିଚକିଆ ଯାନ, ୩ ଲକ୍ଷ ଟଙ୍କାର ୨ଟି ବାଇକ, ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୧୫.୫୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ୬୨.୪୨ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ରହିଛି। ଏସବୁ ସମ୍ପତ୍ତିର ମୂଲ୍ୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ତେବେ ନୀହାରଙ୍କୁ ପଚରାଉଚରା ସହ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୧୨ ଜଣ ଇନ୍‌ସପେକ୍ଟର, ଜଣେ ଏସ୍‌ଆଇ, ୧୧ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।

### କ୍ରିପ୍ଟୋ କରେନ୍ସି କ'ଣ?

କ୍ରିପ୍ଟୋ କରେନ୍ସି ଏକ ଡିଜିଟାଲ୍ ମୁଦ୍ରା। ଏହାର କାଗଜ କିମ୍ବା ଧାତବ ନୋଟ୍ ନାହିଁ। କେବଳ ଇଣ୍ଟରନେଟ୍‌ରେ ଏହା ପ୍ରଚଳିତ ହୋଇଥାଏ। ଏହି କରେନ୍ସି ଉପରେ କୌଣସି ସରକାର କିମ୍ବା ବ୍ୟାଙ୍କର ନିୟନ୍ତ୍ରଣ ନାହିଁ। ଭାରତରେ ଏହାକୁ ବୈଧ କରାଯାଇ ନ ଥିଲେ ମଧ କ୍ରିପ୍ଟୋ କାରବାର ଉପରେ ସରକାରଙ୍କ ପକ୍ଷରୁ ୩୦ ପ୍ରତିଶତ ଟିକସ ଲଗାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ବୁଧ ପାପଗ୍ରହ ରାହୁଙ୍କ ଦ୍ୱାରା ପ୍ରଭାବିତ ହେଉଥିବାରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବ। ଆଲୋଚନା ପରିସରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ। ଭ୍ରମଣପ୍ରିୟ ହେବେ ଓ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇବେ ।

**ବୃଷ** - ଚନ୍ଦ୍ର ନିଜର ଉଚ୍ଚସ୍ଥାନକୁ ଅବଲୋକନ କରୁଥିବାରୁ ଅଭାବ ପୂରଣ ଦିଗରେ ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବ। ଉପରିସ୍ଥ କର୍ମଚାରୀମାନଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସଭାସମିତିରେ ବିତର୍କଜନିତ ସାମୟିକ ଅସ୍ଥିରତାର ସୂଚନା ମଧ ରହିଛି। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** - ଆଜି ରାଶିରେ ମଙ୍ଗଳ ଅବସ୍ଥାନ କରୁଥିବାରୁ ଦୀର୍ଘ ଦିନର ଆଶା ସାକାର ହୋଇଯିବ। ଏହାସହ ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ, ଜମିଜମା, ବ୍ୟବସାୟ, ପରିବହନ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** - ବଳହୀନ ରାଶ୍ୟାଧିପ କାରଣରୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ବନ୍ଧୁଙ୍କ ନିମନ୍ତ୍ରଣଜନିତ ମନ ଖୁସି ରହିବ। ଏହା ସାଙ୍ଗକୁ ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟ ସିଦ୍ଧିରେ ବିଳମ୍ବ ବ୍ୟସ୍ତତାର କାରଣ ହେବ। ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ** - ତୃତୀୟରେ ଏକାଧିକ ଗ୍ରହଙ୍କ ଅବସ୍ଥିତି ହେତୁ ଭ୍ରାତୃ ସମ୍ପର୍କ ଏବଂ ପାରିବାରିକ ସମସ୍ୟା ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ହାତ ଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କେତେକ ଅଧୁରା କାମ ସମ୍ପନ୍ନ କରିବା ପାଇଁ ଯୁକ୍ତିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କନ୍ୟା** - ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତିଜନିତ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ତଥାପି ମନରେ ଶାନ୍ତି ଆସି ନ ପାରେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବାର ଆଶା ରହିଛି ।

**ତୁଳା** - ଷଷ୍ଠ ଗୁରୁ ହେତୁ ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନରୂପ ଦେଇପାରନ୍ତି। ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** - ଅଷ୍ଟମସ୍ଥ ମଙ୍ଗଳ ହେତୁ ମନରେ ବିରକ୍ତି ଜାଗ୍ରତ ହେବା ସହ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମତାନ୍ତର ସମ୍ଭାବନା ରହିଛି। ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ନିର୍ମାଣ, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** - ଶନି ଦୃଷ୍ଟିରେ ବୃହସ୍ପତି ଥିବାରୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଶୁଭଙ୍କରୀ ରହିବ। ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ।

**ମକର** - ସପ୍ତମାଧିପତି ନୀଚସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ବିବାଦୀୟ ଘଟଣା ଓ ପରିବହନରେ ସମସ୍ୟା ଦେଖାଦେଇପାରେ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି । ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ** - ଭାଗ୍ୟଭାବରେ ବୁଧ ଓ ଶୁକ୍ର ରହିଥିବାରୁ ନୂତନ ଗୃହ, ଯାନବାହନ, ଅଳଙ୍କାର ପ୍ରଭୃତି ଜିନିଷ କିଣିବା ପାଇଁ ମନ ବଳାଇବେ। ଭାଇଙ୍କ ସ୍ୱାସ୍ଥ୍ୟହାନି ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା, ପିଲା ମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ** - ଆଜି ଶୁଭଗ୍ରହ ପ୍ରଭାବରେ କାର୍ଯ୍ୟସିଦ୍ଧି ସହ ପ୍ରିୟ ବନ୍ଧୁମାନଙ୍କ ଆଦରସୁହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ରାଦି ପ୍ରାପ୍ତି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଅକ୍ଟୋବର ୨୯ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ, ଶନିବାର, ଜୟୀ ରାଜଗୁରୁଙ୍କ ଜୟନ୍ତୀ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ, କବି ଦଣ୍ଡପାଣି ମିଶ୍ରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୯।୦୫ ଗତେ, ମୂଳା/ଧନୁ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୨୦ ଗତେ ଘ.୦୮।୪୦ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୫ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।।


## classifieds Everyday 0674-2580101, 2549302

**real estate**

**SALE**

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.** D-1806

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Beauty parlour for sale at Prime location in Saheed Nagar. Contact: 9861068715, 7978670541.** D-1814

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

SC Plot for Sale between Cuttack & Bhubaneswar Trisulia Baranga, (Per sqft. Price Only 900/-). Immediately Starting for Construction Work. 9937450545. D-1864

Luxurious 4BHK Duplex near Balianta Bazar. Land-1400 Construction- 2200- 85Lakh. 9938219397, 9861022055. D-1867

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

**construction**

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140

**to-let**

**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987

**healthcare**

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

Newly open full body massage ladies and gents. 8327740003, 8093860513. D-73992

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

**business**

(TIME TO TRADES) ଏହା ଏକ ପଞ୍ଜିକୃତ କମ୍ପାନୀ ଆପଣ ଏହା ସହିତ ଯୋଡ଼ି ହୁଅନ୍ତୁ ଏବଂ ଲାଭ ଉଠାନ୍ତୁ। ପ୍ରତ୍ୟେକ ଦିନ ୧୦୦ରୁ ୧୦୦୦୦୦ ପର୍ଯ୍ୟନ୍ତ ଏବଂ ତାଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ। 7606990374. D-1870

**LOST**

Used Repokit No.- GSPE0733293- PLSE0669832 have been lost at Bhubaneswar, dated 28.10.2022 Bajaj Finance will not be responsible for any claim on the above repokits. If anybody finds these kits please contact- Subham Das, Ph- 9337676075. D-1872

**AFFIDAVIT**

Let all know that my names- Iswar Dutt Suna, Iswar Dutta Suna and Iswara Dutta Suna are of one and the same person. D-1871

**ନିରୁଦ୍ଦିଷ୍ଟ**



ନାମ: ଗାୟତ୍ରୀ ସ୍ୱାଇଁ, ବୟସ-୩୯, ସ୍ୱାମୀ- ୰ରବି ନାରାୟଣ ସ୍ୱାଇଁ, ରଙ୍ଗ- ଗୋରା, ଉଚ୍ଚତା- ୫ଫୁଟ, ଖଣ୍ଡଗିରି, ଭୁବନେଶ୍ୱର ଗତ ୨୨।୧୦।୨୦୨୧ରି ଖ ଦିନ ୧୨ଟା ସମୟରେ ଘରୁ କୁଆଡ଼େ ଚାଲିଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। 7978669729. D-1868

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା

# ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରକୃତ କଥା ହେଉଛି, ସରକାର ଆଗାମୀ ବଜେଟକୁ ଶେଷ ଓ ପ୍ରଭାବୀ ବୋଲି ବିଚାର କରି ଫାଇନାନ୍ସ ସର୍ଭିସ ସେକ୍ରେଟାରି ସଞ୍ଜୟ ମାଲହୋତ୍ରାଙ୍କୁ ନୂଆ ରାଜସ୍ୱ ସଚିବ ଭାବେ ନିଯୁକ୍ତ କରିଛନ୍ତି। ରାଜସ୍ଥାନ କ୍ୟାଡର ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମାଲହୋତ୍ରା ନଭେମ୍ବର ଶେଷରେ କାର୍ଯ୍ୟରତ ପଦାଧିକାରୀ ତରୁଣ ବଜାଜଙ୍କ ଅବସର ପରେ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ଭାରତ ଖାଦ୍ୟ, ଇନ୍ଧନ ଏବଂ ସାର ସବ୍‌ସିଡି ଜନିତ ବୋଝକୁ ସାମ୍ନା କରୁଛି ଓ ଡଲାର ତୁଳନାରେ ଭାରତର ମୁଦ୍ରା ମୂଲ୍ୟ ହ୍ରାସପାଉଛି। ଏଭଳି ସ୍ଥିତିରୁ ଦେଶକୁ ଉଦ୍ଧାର କରିବା ଲାଗି ଅତିରିକ୍ତ ଶକ୍ତିଗୁଡ଼ିକ ତ୍ୱରିତ୍ ପଦକ୍ଷେପ ନେଉଛନ୍ତି। ଏ କ୍ଷେତ୍ରରେ ରାଜସ୍ୱ ବିଭାଗର ଶୀର୍ଷରେ ରହି ମାଲହୋତ୍ରା ବଜେଟ ସହ ସମ୍ବନ୍ଧ ଥିବା ଟିକସ ସମ୍ପର୍କିତ ବିଷୟଗୁଡ଼ିକୁ ଶେଷ ସ୍ପର୍ଶ ଦେବାର ଉତ୍ତରଦାୟିତ୍ୱ ବହନ କରିବେ। ତାଙ୍କୁ ଟିକସ ସଂଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିବ। ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ(ଏସିସି) ନିର୍ଦ୍ଦେଶକ୍ରମେ ଏବକାର ଅଦଳବଦଳରେ ମାଲହୋତ୍ରାଙ୍କ ନିଯୁକ୍ତି ସହ ବହୁ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଥିବା ଜଣାଶୁଣା ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ୧୯୮୮ ବ୍ୟାଚ୍ ଆନ୍ଧ୍ରପ୍ରଦେଶ କ୍ୟାଡର ଅଧିକାରୀ ଗିରିଧର , ଯିଏ କି ପରବର୍ତ୍ତୀ ପ୍ରତିରକ୍ଷା ସଚିବ ହେବେ। ମଧ୍ୟପ୍ରଦେଶ କ୍ୟାଡର ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅଲକା ଉପାଧ୍ୟାୟ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ନୂଆ ସଚିବ ହୋଇଛନ୍ତି ଏବଂ ଝାଡ଼ଖଣ୍ଡ କ୍ୟାଡର ଅଧିକାରୀ ନଗେନ୍ଦ୍ର ସିହ୍ନା ପରବର୍ତ୍ତୀ ଇସ୍ପାତ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାର କାର୍ଯ୍ୟକାଳର ଶେଷ ବର୍ଷରେ ପ୍ରବେଶ କରିବାକୁ ଯାଉଥିବାରୁ ବଜେଟ ଓ ଆଗାମୀ କିଛି ମାସ ସରକାରଙ୍କ ପାଇଁ ଭାଗ୍ୟ ନିର୍ଦ୍ଧାରକ ହୋଇପାରେ।

### ଆଇପିଏସ୍ ଅଧିକାରୀ ଅଭାବ

ଜମ୍ମୁ କଶ୍ମୀରରେ ଆଇପିଏସ୍ ଅଧିକାରୀମାନଙ୍କର ଅଭାବକୁ ଲକ୍ଷ୍ୟ କରି ସରକାର ଏବେ ୧୩ ଏସ୍‌ଏସ୍‌ପି ଅଧିକାରୀଙ୍କୁ କାର୍ଯ୍ୟନିର୍ବାହୀ ଡିଆଇଜି ଭାବେ ପଦୋନ୍ନତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉଚ୍ଚସ୍ତରରେ ଖାଲି ଥିବା ପଦବୀ ଲାଗି ୧୪ ବର୍ଷ ଚାକିରି ପୂରଣ କରିବା ବାଧ୍ୟତାମୂଳକ ଥିବାବେଳେ ଏହା ବିନା ଏମାନଙ୍କୁ ପଦୋନ୍ନତି ଦିଆଯାଉଛି। ସୂତ୍ରରୁ ପ୍ରକାଶ , ମଞ୍ଜୁରିପ୍ରାପ୍ତ ୨୯ଟି ଡିଆଇଜି ପଦବୀ ମଧ୍ୟରୁ ୨୦ଟି ଖାଲି ରହିଛି। ତିନିଜଣ ଆଇପିଏସ୍ ଡିଆଇଜି ର୍‌ୟାଙ୍କ୍ ଅଧିକାରୀ ଅମିତ କୁମାର, ତେଜିନ୍ଦର ସିଂ ଏବଂ ଅବଦୁଲ ଜବ୍ବାର ଏବେ ସେଣ୍ଟ୍ରାଲ ଡେପୁଟେଶନରେ ଅଛନ୍ତି। କୁହାଯାଉଛି ଯେ,୨୦୦୯ ବ୍ୟାଚ୍‌ର ୩ ଜଣ ଏବଂ ୨୦୧୦ ବ୍ୟାଚ୍‌ର ୧୦ ଜଣ ଅଧିକାରୀ କାର୍ଯ୍ୟବାହକ ଡିଆଇଜି ଭାବେ ପଦୋନ୍ନତି ପାଇବାର ବେଶି ସମ୍ଭାବନା ରହିଛି। ସମ୍ଭାବ୍ୟ ପଦୋନ୍ନତି ତାଲିକାରେ ଥିବା ୨୦୧୦ ବ୍ୟାଚ୍ ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ଆର୍.ଏମ୍. ଭଟ୍ଟ, ଏସ୍‌ଏସ୍‌ପି ବରମୁଲ୍ଲା ; ଶ୍ରୀଧର ପାଟିଲ,ଏଆଇଜି ଟେକ୍‌ନିକାଲ ହେଡ୍‌କ୍ୱାର୍ଟର୍ସ ; ଅଲ୍‌ତାଫ ଅହମ୍ମଦ ଖାନ୍,ଏସ୍‌ଏସ୍‌ପି ସିଆଇଡି ; ବିକାଶ ଗୁପ୍ତା,ଓଏସ୍‌ଡି, ପ୍ରିଜିନ୍ସ ; ନିଶା ନାଥ୍ୟାଲ ଓ ଜାଭିଦ ଇକ୍‌ବାଲ ମାଟ୍ଟୋ, ଏଆଇଜି ବିଲ୍‌ଡିଂ ପୋଲିସ ହେଡ୍‌କ୍ୱାର୍ଟର୍ସ ଏବଂ ଅନ୍ୟମାନେ। ପଦୋନ୍ନତିପାଇବାକୁଥିବା ୨୦୦୯ ବ୍ୟାଚ୍‌ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତିଇମ୍‌ତିଆଜ ଇସ୍‌ମାଇଲ ପରାୟେ, ଶୈଳେନ୍ଦ୍ର ମିଶ୍ର ଏବଂ ରାହୁଲ ମଲିକ। ଏହି ଅଧିକାରୀମାନଙ୍କୁ ଯଥାକ୍ରମେ ୧୩ ଓ ୧୨ ବର୍ଷ ଚାକିରି ପରେ କାର୍ଯ୍ୟବାହକ ଡିଆଇଜି ଭାବେ ପଦୋନ୍ନତି ଦିଆଯାଉଛି ଓ ୧୪ ବର୍ଷ ଚାକିରି ପୂରଣ ହେବା ପରେ ଏହି ପଦବୀକୁ ନିଶ୍ଚିତ କରାଯିବ।

### ଯୁବ ଅଧିକାରୀଙ୍କୁ ଏପିଓ

ଜଣେ ଆଇଏଏସ୍ ଅଧିକାରୀଙ୍କ ପାଖରେ ଆୱେଟିଂ ପୋଷ୍ଟାଲ୍ ଅର୍ଡର(ଏପିଓ) ପହଞ୍ଚିବା ଅର୍ଥ ତାହା ତାଙ୍କ କାର୍ଯ୍ୟକାଳର ବିଫଳତା ପାଇଁ ନିଆଯାଇଥିବା ପଦକ୍ଷେପକୁ ସୂଚିତ କରେ। ନିକଟରେ ରାଜସ୍ଥାନର ଯୋଧପୁର ଡେଭ୍‌ଲପମେଣ୍ଟ ଅଥରିଟିରେ କମିଶନର ଭାବେ ଅବସ୍ଥାପିତ ହୋଇଥିବା ୨୦୧୭ ବ୍ୟାଚ୍ ଯୁବ ଅଧିକାରୀ ଅବଧେଶ ମିନା ତାଙ୍କ ଏପିଓ ଅର୍ଡର ଗ୍ରହଣ କରିଥିବାବେଳେ ଏହା ରାଜ୍ୟରେ ଏକ ଆଶ୍ଚର୍ଯ୍ୟଜନକ ସ୍ଥିତି ତଥା ଭୟର ବାତାବରଣ ଖେଳାଇଦେଇଛି। ଏପିଓ ଅର୍ଡର ଗ୍ରହଣ କରିବା ସମୟରେ ମିନା ଅନ୍ୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ରାଜସ୍ଥାନରେ ବାବୁମାନେ ଅସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟିହୋଇଛି। କେତେକେ କହୁଛନ୍ତି, ଅବଧେଶଙ୍କ ପ୍ରଦର୍ଶନ ଆଶାକରାଯାଉଥିବା ସ୍ତରରୁ କମ୍ ଥିଲା। ଅନ୍ୟମାନେ କହୁଛନ୍ତି ଯେ, ଏହି ବାବୁ ଶାସକ କଂଗ୍ରେସ ନେତାମାନଙ୍କ କଲ୍‌ଗୁଡ଼ିକର ଉତ୍ତର ଦେଉ ନ ଥିଲେ କି ଠିକ୍ ଭାବେ ସଞ୍ଚାଳନ କରୁ ନ ଥିଲେ ଏବଂ ଏପିଓ ଅର୍ଡର ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ (ସିଏମ୍‌ଓ) ନିର୍ଦ୍ଦେଶରେ ଆସିଛି। ଏହି କାର୍ଯ୍ୟାନୁଷ୍ଠାନ ଏତେ ଶୀଘ୍ର ନିଆଯାଇଥିଲା ଯେ, ସହର ବିକାଶ ଓ ଗୃହନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ କେ.ଏଲ୍. ମିନା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ ଅନୁଷ୍ଠିତ ବୈଠକରୁ ଫେରିବା ପରେ ଜାଣିବାକୁ ପାଇଥିଲେ। ଆଶ୍ଚର୍ଯ୍ୟକର ଯେ, ଅଶୋକ ଗେହଲଟ ସରକାରରେ ଅବଧେଶଙ୍କୁ ୫ଥର ବଦଳି କରାଯାଇଛି। ଏବକାର ଦାୟିତ୍ୱରେ ସେ ମାତ୍ର ୩ମାସ ପାଇଁ ରହିଥିଲେ। ସୂତ୍ରରୁ ପ୍ରକାଶ, କମ୍ ସମୟ ଅବଧିରେ ଏହି ପଦବୀରେ ଅବଧେଶ ମିନାଙ୍କ ପୂର୍ବରୁ ତିନି ଜଣ ଅଧିକାରୀ ଗୌରବ ଅଗ୍ରୱାଲା, କ୍ୟୁ. ଚୌଧୁରୀ ଏବଂ ଇନ୍ଦରଜିତ୍ ଯାଦବଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏବକାର ସ୍ଥିତିରୁ ଜଣାପଡୁଛି, ଖୁବ୍ ଶୀଘ୍ର ଉକ୍ତ ପଦବୀରେ ଜଣେ ନୂଆ ବାବୁ ନିଯୁକ୍ତି ପାଇବେ।

Email: dilipcherian@gmail.com

# କୋଟିଆ କାହାର



ଡ. ପ୍ରଫୁଲ୍ଲ କୁମାର ସାହୁ

ଦୀର୍ଘ ସାତ ଦଶନ୍ଧିଧରି କୋଟିଆ ଗ୍ରାମପୁଞ୍ଜକୁ ନେଇ ଓଡ଼ିଶା ଓ ଆନ୍ଧ୍ର ଭିତରେ ଲାଗିରହିଛି ସୀମା ବିବାଦ। ଓଡ଼ିଶା ପ୍ରଶାସନିକ ମାନଚିତ୍ରରେ କୋଟିଆ ପଞ୍ଚାୟତ କୋରାପୁଟ ଜିଲାର ପଟାଙ୍ଗି ବ୍ଲକ ଅଧୀନରେ ଥିଲେ ମଧ୍ୟ ତାକୁ ନିଜର ବୋଲି ଦାବି କରୁଛି ଆନ୍ଧ୍ର। କୋଟିଆ ଗ୍ରାମପଞ୍ଚାୟତ ୨୮ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ ଗ୍ରାମ ବିଜୟନଗରମ୍ ଜିଲାର ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣ ସିନେରୀ, ଫାଟୁ ସିନେରୀ ଓ ଗଞ୍ଜେଇପଦର ପଞ୍ଚାୟତ ଭିତରେ ରହିଛି ବୋଲି କହି ଛିଡ଼ା କରୁଛି ବିବାଦ। ପୂର୍ବରୁ ଷଡ଼ଯନ୍ତ୍ର କରି ଓଡ଼ିଶା ହାତରୁ ସେ ପାଚିପେଣ୍ଠା ଓ ଗୋରାମୁଠା ଆଦି ଅଞ୍ଚଳ ଛଡ଼େଇ ନେଇସାରିଛି ଏବଂ ସମାନ ଉପାୟରେ କୋଟିଆ ଦଖଲ ପାଇଁ କେତେବେଳେ ସେଠାରେ ପଞ୍ଚାୟତ ନିର୍ବାଚନ କରୁଛି ତ କେତେବେଳେ ଗାଁ ମୁଣ୍ଡରେ ଲାଗିଥିବା ଓଡ଼ିଆ ଭାଷାରେ ଲିଖିତ ନାମ ଫଳକକୁ କାଢ଼ିନେଇ ଲଗାଉଛି ତେଲୁଗୁ ଭାଷାର ନାମଫଳକ।

୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ସହିତ ଅବିଭାଜିତ ଜୟପୁର ଜମିଦାରୀ ଓ ତାହା ବାହାରେ ଥିବା ପଟାଙ୍ଗି ତାଲୁକକୁ ମିଶାଇ ଗଠନ ହେଲା କୋରାପୁଟ ଜିଲା। ଏହି ପ୍ରକ୍ରିୟାରେ ମାନ୍ଦ୍ରାଜ ପ୍ରେସିଡେନ୍‌ସିରୁ ଯେଉଁ ଗାଁଗୁଡ଼ିକ ଓଡ଼ିଶାକୁ ହସ୍ତାନ୍ତର ହେଲା, ତା'ର ଏକ ତାଲିକା ପ୍ରସ୍ତୁତ କରି ଓଡ଼ିଶା ସରକାରଙ୍କୁ ପ୍ରଦାନ କଲେ ଭାଇଜାଗ୍ ପାଟନାମ୍‌ର ଜିଲାପାଳ। ସେହି ତାଲିକାରେ ପାଚିପେଣ୍ଠା ଜମିଦାରୀ ଥିଲା ଏବଂ ୧୯୫୨ରେ ତାହା ଉଚ୍ଛେଦ ହେବା ପରେ ଓଡ଼ିଶାରେ ମିଶିଲା ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା (୨୯।୧୨।୧୯୫୨) ବିଜ୍ଞପ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ନକ୍ସାରୁ ଆଶ୍ଚର୍ଯ୍ୟଜନକ ଭାବରେ ଉଭାନ ହୋଇଗଲା ପ୍ରାଚିପେଣ୍ଠା ଜମିଦାରୀ ଅନ୍ତର୍ଗତ ଗ୍ରାମସମୂହ। କେବଳ ପ୍ରାଚିପେଣ୍ଠା ନୁହଁ, ଜୟପୁର ଜମିଦାରୀ ଅଧୀନରେ ଥିବା ଗୋରାମୁଖାର ୧୩ଟି ଗାଁ ମଧ୍ୟ ନକ୍ସାରେ ସ୍ଥାନ ପାଇଲାନି, ଯେଉଁସବୁ ଗାଁର ଲୋକେ ଆଗ୍ରହର ସହିତ ଓଡ଼ିଶାରେ ମିଶିଥିଲେ ନିଜ ଓଡ଼ିଆତ୍ୱର ପରିଚୟ ନେଇ। ସେମାନଙ୍କ ଭାବାବେଗ ପ୍ରତି ସେତେବେଳେ ଓଡ଼ିଶା ସରକାର ଦୃଷ୍ଟି ନ ଦେବା କାରଣରୁ ସେ ସବୁ ଗ୍ରାମ ଏବେ ଆନ୍ଧ୍ର କବ୍‌ଜାରେ।

ଓଡ଼ିଶା ସ୍ୱତନ୍ତ୍ର ହେବାର ଦୁଇ ଦଶନ୍ଧି ପରେ ଆନ୍ଧ୍ରପ୍ରଦେଶର ଜନ୍ମ। ମାନ୍ଦ୍ରାଜ ପ୍ରେସିଡେନ୍ସିରୁ ଅଲଗା ହୋଇ ତାହା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଚିହ୍ନଟ ହେଲା (୧୯୫୯ ବନ୍ଦୋବସ୍ତ) ଆନ୍ତଃରାଜ୍ୟ ସୀମା। ସେତେବେଳେ ମାନ୍ଦ୍ରାଜର ଅଧିକାରୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ଏହି ସୀମା ନିର୍ଦ୍ଧାରଣ କାର୍ଯ୍ୟରେ ଉପେକ୍ଷିତ ହୋଇଥିଲା ଓଡ଼ିଶାର ପ୍ରତ୍ୟକ୍ଷ ଭାଗୀଦାରି। ତେଣୁ ସୀମାରେ ଯେଉଁ ପଥର ପୋତାଗଲା ତା'ର ଅବସ୍ଥିତିକୁ ଠିକ୍ ଭାବରେ ତର୍ଜମା ନ କରିବା କାରଣରୁ ପଡ଼ିଲା ବିବାଦର ମୂଳଦୁଆ। ଏହି ଅବ୍ୟବସ୍ଥିତ ସୀମା ନିର୍ଦ୍ଧାରଣର ସୁଯୋଗ ନେଇ ଆନ୍ଧ୍ର ଅନୁପ୍ରବେଶ ପାଇଁ ପ୍ରୟାସ କରିବାରୁ ୧୯୬୮ରେ ଆରମ୍ଭ ହେଲା ବିବାଦ। ଆନ୍ଧ୍ରର ଏଭଳି ଅନୁପ୍ରବେଶକୁ ବିରୋଧ କରି ଉଚ୍ଚତମ ନ୍ୟାୟାଳୟରେ ଆଶ୍ରୟ ନେବାକୁ ବାଧ୍ୟ ହେଲେ ଓଡ଼ିଶା ସରକାର। ମାମଲାର ଚୂଡ଼ାନ୍ତ ରାୟ ଅଦ୍ୟାବଧି ପ୍ରକାଶ ପାଇନି ସତ, ହେଲେ ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ବଳବତ୍ତର ରହିଛି ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ। ମାତ୍ର ଏହି ନିର୍ଦ୍ଦେଶକୁ ବେଖାତିର କରି କୋଟିଆ ଗ୍ରାମପୁଞ୍ଜ ଉପରେ ଦଖଲ ସାବ୍ୟସ୍ତ କରିବା ପାଇଁ ଆନ୍ଧ୍ର ପ୍ରୟୋଗ କରିଚାଲିଛି ନୂଆ ନୂଆ କୌଶଳ। ଦଲିଲ୍ ଦସ୍ତାବିଜ୍ ଓ ଅବସ୍ଥିତି ଦୃଷ୍ଟିରୁ କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଏହାର ବଡ଼ ପ୍ରମାଣ ହେଉଛି (କୋରାପୁଟ ଜିଲାର ପୂର୍ବତନ ଜିଲାପାଳ ଗଦାଧର ପରିଡ଼ାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ) ୧୯୪୫ ରେ ପ୍ରକାଶ ପାଇଥିବା କୋରାପୁଟ ଜିଲାର ପ୍ରଥମ ଗେଜେଟିୟର ଓ ନକ୍ସା। ବିହାରର ପାଟଣାସ୍ଥିତ ସର୍ଭେ ଅଫିସ୍‌ରୁ ପ୍ରକାଶିତ ଏହି ନକ୍ସାରେ ଟର୍ନର ସାହେବଙ୍କ ଦ୍ୱାରା ନିର୍ମିତ (୧୮୭୩) ପଟାଙ୍ଗି–ତାଡ଼ିୱାଲସା ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ଓଡ଼ିଶା ସୀମା ଭିତରେ ରହିଛି ଏବଂ ତାଡ଼ିୱାଲସାଠାରୁ ପ୍ରାୟତଃ ୧୦କି.ମି. ଦୂରରେ ଅବସ୍ଥିତ ଆନ୍ତଃରାଜ୍ୟ ସୀମା। ଏହି ଅନୁସାରେ କେବଳ କୋଟିଆ ଗ୍ରାମପୁଞ୍ଜ ନୁହେଁ, ସାରକାହାଟ, ନନ୍ଦାହାଟ ଓ ତୋଡ଼ମହାଟ ସମେତ ଡାଙ୍କିନୀ, ଏଲେଙ୍ଗାୱାଲ୍‌ସା ଗ୍ରାମ ମଧ୍ୟ ଓଡ଼ିଶା ସୀମା ଭିତରେ ଅବସ୍ଥିତ। ସେଥିପାଇଁ ସେତେବେଳେ ଡାଙ୍କିନୀ ୟଲଙ୍ଗାୱାଲସା ଗ୍ରାମର ଜମି କିଣାବିକା ଜୟପୁର ରେଜିଷ୍ଟ୍ରେଶନ ଅଫିସରେ ହେଉଥିଲା, ଯାହାର ଏକ ନମୁନା ହେଉଛି ୨୪।୦୪।୧୯୫୬ରେ ସମ୍ପାଦିତ ହୋଇଥିବା ଦଲିଲ୍ ନଂ ୫୨/ ୧୯୫୬।



ସତୁରି ଦଶକରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ସେଠାରେ ଅବସ୍ଥିତ ଦେଓମାଳି ଓ ଅନ୍ୟାନ୍ୟ ପାହାଡ଼ ତଳେ ରହିଛି ସୀସା, ଲୁହାପଥର, ବକ୍ସାଇଟ୍ ଓ ଅଭ୍ର ଆଦି ବହୁ ମୂଲ୍ୟବାନ ଖଣିଜ ସମ୍ପଦ। ସେଥିପାଇଁ କୋଟିଆ କନ୍ଧଙ୍କ ମନ ଜିଣିବା ପାଇଁ ସେଠାରେ ଆନ୍ଧ୍ର ଅଜାଡ଼ି ଦେଉଛି ଭଳିକି ଭଳି ଲୋଭନୀୟ ପ୍ରତିଶ୍ରୁତି। ମାତ୍ର ଏ ଦିଗରେ ଓଡ଼ିଶା ଆଦୌ ସଫଳ ହୋଇପାରିନି ବୋଲି କହିଲେ ଚଳେ। ଏକଦା ଟର୍ନର ସାହେବଙ୍କ ଦ୍ୱାରା ନିର୍ମିତ ପଟାଙ୍ଗି–ତାଡ଼ିୱାଲସା ଶଗଡ଼ ରାସ୍ତାରେ ଯାତାୟାତ କରୁଥିଲା ଶହଶହ ଶଗଡ଼। ସେଥିରେ ଉପକୂଳ ଅଞ୍ଚଳରୁ ଲୁଣ ଓ ଅନ୍ୟାନ୍ୟ ଜିନିଷ ଆସୁଥିଲା ଏବଂ ଜୟପୁରରୁ ବାହାରକୁ ଯାଉଥିଲା ସେଠାକାର ଉତ୍ପାଦିତ ଶସ୍ୟ ଓ ବନଜାତ ଦ୍ରବ୍ୟ। ମାତ୍ର ସୁଙ୍କି ଓ ସାଲୁର ଘାଟିରାସ୍ତା ନିର୍ମାଣ ପରେ ଏହି ଶଗଡ଼ ରାସ୍ତାଟି କ୍ରମଶଃ ଅବହେଳିତ ହୋଇପଡ଼ିଲା ଏବଂ ତା'ର ରକ୍ଷଣାବେକ୍ଷଣ ପ୍ରତି ଆଦୌ ଦୃଷ୍ଟି ଦେଲେନି ଓଡ଼ିଶା ସରକାର। ରାସ୍ତାଟି ଏଭଳି ପରିତ୍ୟକ୍ତ ହୋଇ ପଡ଼ିଲା ଯେ ବ୍ଲକ ଓ ତହସିଲ ଅଫିସକୁ ଯିବା ପାଇଁ ଆନ୍ଧ୍ର ପ୍ରଦେଶ ଦେଇ ଆସିଥିବା ସାଲୁର ରାସ୍ତା ଉପରେ ନିର୍ଭର କଲେ କୋଟିଆବାସୀ। ପଟାଙ୍ଗିରେ ପହଞ୍ଚିବା ପାଇଁ ୧୫ କି.ମି. ପରିବର୍ତ୍ତେ ବୁଲିବାକୁ ପଡ଼ିଲା ୬୯କି.ମି. ରାସ୍ତା। ଏହି ଅସୁବିଧା ପାଇଁ କୋଟିଆବାସୀ ବିକାକିଣା ପାଇଁ ପଟାଙ୍ଗି ପରିବର୍ତ୍ତେ ନିର୍ଭର କଲେ ସାଲୁର ହାଟ ଉପରେ। ବିକାଶ କଥା ଦେଖିଲେ ଏ ପର୍ଯ୍ୟନ୍ତ କୋଟିଆରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ହୋଇପାରିନି ଏବଂ ପ୍ରାଥମିକ ବିଦ୍ୟାଳୟରେ ପଢାଯାଉନି ଓଡ଼ିଆ। ସ୍ୱାସ୍ଥ୍ୟ ସେବା ପାଇଁ ଆନ୍ଧ୍ରର ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି କୋଟିଆର ଆଠହଜାର ଆଦିବାସୀ। କୋଟିଆ ପଞ୍ଚାୟତର ଅଧିକାଂଶ ଗାଆଁକୁ ସବୁଦିନିଆ ରାସ୍ତା ନାହିଁ ଏବଂ ସବୁ ଗାଆଁକୁ ଯୋଗେଇ ଦିଆଯାଇ ପାରିନି ପାନୀୟଜଳ।

ଓଡ଼ିଶା ସରକାରଙ୍କ ପକ୍ଷରୁ ଏଠାରେ ଯେଉଁ ପରିମାଣରେ ଚାଉଳ, ଗହମ ଓ ଭତ୍ତା ଦିଆଯାଉଛି ତା'ଠାରୁ ଯଥେଷ୍ଟ ଅଧିକ ଦେଉଛି ଆନ୍ଧ୍ର ସରକାର। ଏଭଳି ଲୋଭ ଦେଖାଇ କେବଳ ଭୂମି ନୁହେଁ ଭାଷାକୁ ବି ଅକ୍ତିଆର କରିବା ପାଇଁ ଆନ୍ଧ୍ର ଆପଣାଇଛି ନୂଆ କୌଶଳ । କୋରାପୁଟ ଜିଲାରେ ସରକାରୀ ସ୍କୁଲ ପରିଚାଳନାରେ ରାଜ୍ୟ ପ୍ରଶାସନର ବିଫଳତାର ସୁଯୋଗ ନେଇ କୋଟିଆରେ ଆରମ୍ଭ କରିଛି ପ୍ରୋତ୍ସାହନ ଭିତ୍ତିକ ଶିକ୍ଷାଦାନ କାର୍ଯ୍ୟକ୍ରମ । ତେଲୁଗୁ ପାଠ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରାଯାଉଛି, ଯେଉଁ କାର୍ଯ୍ୟକୁ ନିୟମିତ ତଦାରଖ କରୁଛନ୍ତି ଆନ୍ଧ୍ରର ପ୍ରଶାସନିକ ଅଧିକାରୀ । ଆନ୍ଧ୍ରର ଏଭଳି ଷଡ଼ଯନ୍ତ୍ରକୁ ପ୍ରତିହତ କରିବାରେ ଓଡ଼ିଶା ସରକାରଙ୍କ ତତ୍ପରତା ନାହିଁ କହିଲେ ଚଳେ । ଏକଥା କହିବାର କାରଣ କୋଟିଆ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପକୁ ଭୁବନେଶ୍ୱରରୁ ଉଦ୍‌ଘାଟନ କରିବା ପରିବର୍ତ୍ତେ କୋଟିଆବାସୀଙ୍କ ପାଖରେ ପହଞ୍ଚିବା ଦରକାର। ଏଥିପାଇଁ କେବଳ ସରକାର ନୁହନ୍ତି, ଦଳଗତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ତଥା ସାଢ଼େ ଚାରିକୋଟି ଓଡିଆଙ୍କ ସ୍ୱର ଏକ ହେବା ଦରକାର। ତା' ନ ହେଲେ ମାତୃଭୂମି ପ୍ରତି ବିଶ୍ୱାସଘାତକତାକୁ କେବେ ବି କ୍ଷମା ଦେବନି ଉତ୍ତରପୁରୁଷ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଷ୍ଟ୍ରୋକ୍‌ର ଆଶଙ୍କା ବଢୁଛି



ଡା. ପ୍ରଦ୍ୟୁତ୍ ରଞ୍ଜନ ଭୂୟାଁ

ଷ୍ଟ୍ରୋକ୍ ଯେକୌଣସି ବ୍ୟକ୍ତିଙ୍କୁ, ଯେକୌଣସି ସମୟରେ ଏବଂ ଯେକୌଣସିଠାରେ ହୋଇପାରେ। ସମ୍ପ୍ରତି ଷ୍ଟ୍ରୋକ୍ ସମଗ୍ର ବିଶ୍ୱରେ ବିକଳାଙ୍ଗତାର ପ୍ରମୁଖ କାରଣ ଏବଂ ମୃତ୍ୟୁର ଦ୍ୱିତୀୟ କାରଣ। ୩୦–୬୯ ବର୍ଷ ବୟସ ଶ୍ରେଣୀ ମଧ୍ୟରେ ୧.୩ ନିୟୁତ ମୃତ୍ୟୁ ହୃଦ୍‌ରୋଗ କାରଣରୁ ହେଉଥିବା ବେଳେ ୦.୪ ନିୟୁତ (୨୮.୦%) ମୃତ୍ୟୁ ଷ୍ଟ୍ରୋକ୍ କାରଣରୁ ହୋଇଥାଏ। ଷ୍ଟ୍ରୋକ୍‌ଜନିତ ସମୟ ପୂର୍ବ ମୃତ୍ୟୁର ଏକ ତୃତୀୟାଂଶ ଉତ୍ତରପୂର୍ବ ରାଜ୍ୟରେ ଘଟିଥାଏ। ଭାରତର ଜନସଂଖ୍ୟାର ଷଷ୍ଠଭାଗ ବାସ କରୁଥିବା ଏହି ଅଞ୍ଚଳରେ ଏହାର ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ହେବା ଦେଖାଯାଉଛି, ଯାହାକି ଜାତୀୟ ହାରଠାରୁ ତିନିଗୁଣ ଅଧିକ। ଭାରତର ବିଭିନ୍ନ ଭାଗରେ ଷ୍ଟ୍ରୋକ୍‌ର କ୍ରମ ବର୍ଦ୍ଧନଶୀଳ ଘଟଣା ବିଗତ ଦୁଇ ଦଶନ୍ଧିରେ ବାର୍ଷିକ ୧୦୫ ରୁ ୧୫୨/୧,୦୦,୦୦୦ ବ୍ୟକ୍ତି ପିଛା ଥିଲା। ବିଶ୍ୱ ଷ୍ଟ୍ରୋକ୍ ସଂଗଠନ ଅନୁସାରେ, ଏବେ ଦୁନିଆର ପ୍ରାୟ ୮୦ ମିଲିୟନ୍ ଲୋକ ଷ୍ଟ୍ରୋକ୍ ଅନୁଭବ କରିଛନ୍ତି ଏବଂ ୫୦ ମିଲିୟନ୍‌ରୁ ଅଧିକ ବଞ୍ଚି ରହୁଥିବା ଲୋକେ ପରିଣାମସ୍ୱରୂପ କୌଣସି ନା କୌଣସି ପ୍ରକାର ସ୍ଥାୟୀ ବିକଳାଙ୍ଗତାର ସମ୍ମୁଖୀନ ହୋଇଥାନ୍ତି। ଯଦିଓ ଲୋକଙ୍କ ପାଇଁ ଷ୍ଟ୍ରୋକ୍ ପର ଜୀବନ ପ୍ରାୟତଃ ସମାନ ହୋଇ ନ ଥାଏ, ଠିକ୍ ଯତ୍ନ ଓ ସହାୟତା ସହିତ ଏକ ସାର୍ଥକ ଜୀବନ ଧାରଣ କରିବା ବି ସମ୍ଭବ ହୋଇଥାଏ।



ଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ସମସ୍ତ ଅଙ୍ଗ ପରି ମସ୍ତିଷ୍କକୁ ରକ୍ତ ଏବଂ ଅମ୍ଳଜାନ ଦ୍ୱାରା ପୋଷକତ୍ୱର ଆବଶ୍ୟକତା ହୋଇଥାଏ। ଯଦି ରକ୍ତର ଯୋଗାଣ ପ୍ରତିବନ୍ଧିତ ହୁଏ ବା ବନ୍ଦ ହୁଏ, ତେବେ ମସ୍ତିଷ୍କର କୋଷିକାଗୁଡ଼ିକ ମରିବାକୁ ଆରମ୍ଭ କରିଥାନ୍ତି। ଏହା ମସ୍ତିଷ୍କରେ କ୍ଷତ, ବିକଳାଙ୍ଗତା ଏବଂ ସମ୍ଭାବ୍ୟ ମୃତ୍ୟୁର କାରଣ ହୋଇପାରେ। ଯେଉଁ ଲୋକମାନେ ଷ୍ଟ୍ରୋକ୍‌ରୁ ବଞ୍ଚି ଯାଆନ୍ତି, ପ୍ରାୟତଃ ସେମାନଙ୍କ ମସ୍ତିଷ୍କରେ ଆଘାତ ଲାଗିବା କାରଣରୁ ଦୀର୍ଘକାଳୀନ ସମସ୍ୟା ଦେଖାଯାଇଥାଏ। କିଛି ଲୋକଙ୍କ ପାଇଁ ପୁନର୍ବାସର ଲମ୍ବା ଅବଧି ଆବଶ୍ୟକ ହେଉଥିବା ବେଳେ କେତେକଙ୍କୁ ଷ୍ଟ୍ରୋକ୍ ପ୍ରଭାବ ସହିତ ରହିବା ପାଇଁ ସମଯୋଜନର ଆବଶ୍ୟକତା ପଡ଼ିଥାଏ। ସ୍ୱାସ୍ଥ୍ୟକର ଜୀବନଶୈଳୀରେ ପରିବର୍ତ୍ତନ ଆପଣଙ୍କୁ ଷ୍ଟ୍ରୋକ୍‌ରୁ ରକ୍ଷା ପାଇବାରେ ଏବଂ ଅନ୍ୟ ଏକକୁ ପ୍ରତିରୋଧ କରିବାରେ ସହାୟକ ହୋଇପାରେ।

ଏକ ଇସ୍କେମିକ୍ ଷ୍ଟ୍ରୋକ୍ ଏବଂ ଅନ୍ୟଟି ଏହେମୋରେଜିକ୍ ଷ୍ଟ୍ରୋକ୍। ଦୁଇ ପ୍ରକାର ଷ୍ଟ୍ରୋକ୍ ମସ୍ତିଷ୍କର କୋଷିକାକୁ କ୍ଷତି ପହଞ୍ଚାଇଥାଏ। ଷ୍ଟ୍ରୋକ୍‌ର ଅନେକ ଆପଦ କାରକ ଅଛି। ଏହା ମଧ୍ୟରୁ କିଛି କାରକ ଏକ ପ୍ରକାର ଷ୍ଟ୍ରୋକ୍‌ର ସମ୍ଭାବନାକୁ ବୃଦ୍ଧି କରୁଥିବା ବେଳେ ଅନ୍ୟଗୁଡ଼ିକ ଉଭୟ ପ୍ରକାର ସମ୍ଭାବନାକୁ ବୃଦ୍ଧି କରେ। ଷ୍ଟ୍ରୋକ୍ ଏପରି ଲୋକଙ୍କୁ ବି ହୋଇପାରେ ଯେଉଁମାନେ ଜାଣନ୍ତି ନାହିଁ କି ସେମାନଙ୍କଠାରେ ବିପଦ ରହିଛି। ଉଚ୍ଚ ରକ୍ତଚାପ ଷ୍ଟ୍ରୋକ୍‌ର ପ୍ରମୁଖ କାରଣ। ଉଚ୍ଚ କୋଲେଷ୍ଟରଲ, ଉଚ୍ଚ ରକ୍ତଶର୍କରା, ହୃଦୟ ରୋଗ, ମେଦବହୁଳତା, ଅସ୍ୱାସ୍ଥ୍ୟକର ଆହାର ଆଦି ଷ୍ଟ୍ରୋକ୍‌ର ପ୍ରମୁଖ ଆପଦ କାରକ।

ଏକ ଷ୍ଟ୍ରୋକ୍ ଏକ ଚିକିତ୍ସୀୟ ଆପତକାଳ। ଯଦି ଲାଗେ କି ଆପଣଙ୍କୁ ବା ଆପଣଙ୍କ ଆଖପାଖରେ କାହାରିକୁ ଷ୍ଟ୍ରୋକ୍ ହେଉଛି ତେବେ ତୁରନ୍ତ ସହାୟତା ପାଇଁ ଫୋନ୍ କରନ୍ତୁ। ନିଜେ ହସ୍ପିଟାଲ୍ ଯିବାକୁ ପ୍ରୟାସ କରନ୍ତୁ ନାହିଁ। ଆପତକାଳୀନ ଚିକିତ୍ସା ସେବା (ଇଏମ୍‌ଏସ୍)ର କାର୍ଯ୍ୟକର୍ତ୍ତା ଖୁବ୍‌ଶୀଘ୍ର ଉତ୍ତର ପ୍ରଦାନ କରିବେ ଏବଂ ଆପଣଙ୍କୁ ଏକ ହସ୍ପିଟାଲ୍‌କୁ ନେଇଯିବେ ଯିଏ ଷ୍ଟ୍ରୋକ୍ ସମୟରେ ଏବଂ ପରବର୍ତ୍ତୀ ସମୟରେ ଲୋକଙ୍କର ଯତ୍ନ ନେଇପାରେ। ଷ୍ଟ୍ରୋକ୍ ହୋଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରତି ମିନିଟ୍ ମହତ୍ତ୍ୱପୂର୍ଣ୍ଣ।

ଷ୍ଟ୍ରୋକ୍‌ର ଉପଚାର ଷ୍ଟ୍ରୋକ୍‌ର ପ୍ରକାର ଉପରେ ନିର୍ଭର କରେ। ଯଦି ଆପଣଙ୍କୁ ଷ୍ଟ୍ରୋକ୍ ହୋଇଛି, ତେବେ ଆପଣ ଆପଣଙ୍କ ସ୍ୱତନ୍ତ୍ରତାକୁ ପୁନଃ ପ୍ରାପ୍ତ କରିବାରେ ବହୁ ପ୍ରଗତି କରିପାରନ୍ତି। ଏକ ଷ୍ଟ୍ରୋକ୍ ପରେ, ଆପଣଙ୍କୁ ଠିକ୍ ହେବାରେ ସାହାଯ୍ୟ କରିବା ପାଇଁ ପୁନର୍ବାସ (ପୁନର୍ବସନ)ର ଆବଶ୍ୟକତା ହୋଇପାରେ। ଷ୍ଟ୍ରୋକ୍ କାରଣ ଜାଣିବା ପାଇଁ ଏବଂ ପରବର୍ତ୍ତୀ ଷ୍ଟ୍ରୋକ୍‌କୁ ରୋକିବା ଲାଗି ପଦକ୍ଷେପ ନେବା ନିମନ୍ତେ ସ୍ୱାସ୍ଥ୍ୟ ଯତ୍ନ ଟିମ୍ ସହିତ କାମ କରିବା ମହତ୍ତ୍ୱପୂର୍ଣ୍ଣ।

ଏବେ ଆମେ ଯେଉଁ ବିକଳ୍ପ ବାଛିବା ତାହା ବୟସ ଅନୁସାରେ ଷ୍ଟ୍ରୋକ୍‌କୁ ରୋକିବାରେ ସାହାଯ୍ୟ କରିପାରେ। ଏହା ଧ୍ୟାନ ଦେବା ମହତ୍ତ୍ୱପୂର୍ଣ୍ଣ ଯେ ଷ୍ଟ୍ରୋକ୍‌କୁ ରୋକାଯାଇପାରେ ଏବଂ ଷ୍ଟ୍ରୋକ୍ ପାଇଁ ଆପଣଙ୍କ ଅସୁବିଧାକାରକକୁ ଜାଣିବା ଷ୍ଟ୍ରୋକ୍‌କୁ ରୋକିବାର ପ୍ରଥମ ପଦକ୍ଷେପ। ନିୟମିତ ଭାବେ ଚିକିତ୍ସକୀୟ ଯାଞ୍ଚ ଏବଂ ଆପଣଙ୍କ ଅସୁବିଧାକୁ ଜାଣି, ଆପଣ ଏହିବିଷୟ ଉପରେ ଧ୍ୟାନକେନ୍ଦ୍ରିତ କରିପାରିବେ କି ଆପଣ କ'ଣ ବଦଳାଇ ପାରିବେ ଏବଂ ଆପଣଙ୍କ ଷ୍ଟ୍ରୋକ୍‌ର ଆପଦକୁ କମ୍ କରିପାରିବେ। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋଲୋଜିକାଲ୍ ଡିସ୍‌ଅର୍ଡର ଆଣ୍ଡ ଷ୍ଟ୍ରୋକ୍ ଅନୁସାରେ ଏହି ପ୍ରମୁଖ ଲକ୍ଷଣ ପ୍ରତି ଧ୍ୟାନ ଦିଆଯିବା ଉଚିତ। ମୁହଁ, ବାହୁ ବା ଗୋଡ଼ରେ ହଠାତ୍ ବଧିରା ବା ଦୁର୍ବଳତା। ଅଚାନକ ଭ୍ରମ ବା ଅନ୍ୟକୁ କହିବା ବା ବୁଝିବାରେ ଅସୁବିଧା। ଅଚାନକ ଏକ ବା ଦୁଇ ଆଖିକୁ ଦେଖିବାରେ ଅସୁବିଧା। ଅଚାନକ ଚାଲିବାରେ ଅସୁବିଧା, ମୁଣ୍ଡ ବୁଲାଇବା ବା ସନ୍ତୁଳନ ବା ସମନ୍ୱୟର ଅଭାବ। ବିନା କୌଣସି ଜ୍ଞାତ କାରଣରେ ଅଚାନକ ତୀବ୍ର ମୁଣ୍ଡବ୍ୟଥା।

ଦୁଇ ପ୍ରକାରର ଷ୍ଟ୍ରୋକ୍ ରହିଛି। ଏକ ଇସ୍କେମିକ୍ ଷ୍ଟ୍ରୋକ୍ ସେତେବେଳେ ହୋଇଥାଏ ଯେତେବେଳେ ରକ୍ତ ଥକ୍କା ବା ଅନ୍ୟ କଣିକାଗୁଡ଼ିକ ମସ୍ତିଷ୍କକୁ ଆସୁଥିବା ରକ୍ତବାହିକାଗୁଡ଼ିକୁ ଅବରୁଦ୍ଧ କରିଦେଇଥାଏ। ପ୍ଲାକ୍ ନାମକ ଫ୍ୟାଟିଜମା ବି ରକ୍ତବାହିକାରେ ଜମି ଅବରୁଦ୍ଧ ବା ବ୍ଲକେଜ୍‌ର କାରଣ ହୋଇପାରେ। ରକ୍ତସ୍ରାବୀ ଷ୍ଟ୍ରୋକ୍ ସେତେବେଳେ ହୋଇଥାଏ ଯେତେବେଳେ ମସ୍ତିଷ୍କରେ ରକ୍ତବାହିକା ଫାଟି ଯାଇଥାଏ, ରକ୍ତ ଜମି ଥାଏ ଏବଂ ମସ୍ତିଷ୍କର ପାର୍ଶ୍ୱବର୍ତ୍ତୀ କୋଷିକାକୁ କ୍ଷତି ପହଞ୍ଚାଇଥାଏ।

ଷ୍ଟ୍ରୋକ୍‌ର ଆଶଙ୍କାକୁ କମ୍ କରନ୍ତୁ ଓ ଏଥିପାଇଁ ଷ୍ଟ୍ରୋକ୍ ପ୍ରତିରୋଧର ଏବିସିଏସକୁ ଜାଣିବା ଆବଶ୍ୟକ। ଆସ୍ପିରିନ୍ ଆପଣଙ୍କ ଷ୍ଟ୍ରୋକ୍ ଆପଦକୁ ନିମ୍ନତର କରିବାରେ ସାହାଯ୍ୟ କରିପାରେ। ରକ୍ତକୁ ନିୟନ୍ତ୍ରଣ କରନ୍ତୁ। କୋଲେଷ୍ଟରଲ୍ ନିୟନ୍ତ୍ରଣ କରନ୍ତୁ ଓ ଧୂମପାନ ତ୍ୟାଗ କରନ୍ତୁ।

**ସିନିୟର କନ୍‌ସଲଟାଣ୍ଟ ନ୍ୟୁରୋଲୋଜିଷ୍ଟ,**
**ଆମ୍ରି ହସ୍ପିଟାଲ, ଭୁବନେଶ୍ୱର**
**ମୋ: ୯୯୩୭୭୭୯୭୬୩**

## ଏଇ ଭାରତରେ

ପେସାରେ ବ୍ୟବସାୟୀ, କିନ୍ତୁ ପ୍ରାଣୀ ଉଦ୍ଧାର ତାଙ୍କ ନିଶା। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଗୋଆର ଅତୁଲ ସରିନ। ସେ ବୁଲାଗୋରୁ, କୁକୁର, ବିଲେଇ ଏପରି କି ପକ୍ଷୀମାନଙ୍କୁ ମଧ୍ୟ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ସେ ୧୫,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ଅତୁଲ ଉତ୍ତର ଗୋଆର ସିଓଲିମ୍ ଟାଉନ୍‌ରେ ସେ ରହନ୍ତି। ପ୍ରଥମେ ତାଙ୍କ ପରିବାର କେନିଆରେ ରହୁଥିଲେ ଏବଂ ପରେ ଇଂଲଣ୍ଡକୁ ଯାଇଥିଲେ। ସେଠାରେ ସେ ମଧ୍ୟ ପାରିବାରିକ ବ୍ୟବସାୟରେ ନିଜକୁ ସାମିଲ କରିଥିଲେ। କିନ୍ତୁ ୨୦୦୫ରେ ପରିବାର ସହ ସେ ଭାରତ ଫେରି ସିଓଲିମ୍‌ରେ ରହିଲେ। ସେଠାରେ ବୁଲା କୁକୁରଙ୍କୁ ପ୍ରତିଦିନ ଖାଇବାକୁ ଦେବା ସହ ଆହତ ପ୍ରାଣୀଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ୨୦୧୨ରେ ସେ ୱେଲ୍‌ଫେୟାର ଫର୍ ଆନିମଲ ଇନ୍ ଗୋଆ(ଡବ୍ଲ୍ୟୁଏଜି) ଏନ୍‌ଜିଓ ପଞ୍ଜୀକରଣ କରିବା ପରେ ବୁଲା କୁକୁରଙ୍କ ସହ ଗୋରୁ, ବିଲେଇ ଓ ପକ୍ଷୀମାନଙ୍କୁ ଉଦ୍ଧାର କରୁଛନ୍ତି। ସେ ୫,୦୦୦ ଗାଈଙ୍କୁ ନେଇ ଆଶ୍ରୟସ୍ଥଳରେ ରଖିଛନ୍ତି। ଡବ୍ଲ୍ୟୁଏଜି ଗୋରୁ, କୁକୁର, ଛେଳି, ଘୁଷୁରି, ବିଲେଇ ଓ ପକ୍ଷୀ ଆଦି ପ୍ରାୟ ୧୫,୦୦୦ ପଶୁପକ୍ଷୀଙ୍କୁ ଉଦ୍ଧାର ସହ ବିଭିନ୍ନ ସ୍ଥାନରେ 'ଅତୁଲ ହାଉସ' ନିର୍ମାଣ କରି ସେଥିରେ ରଖିଛନ୍ତି। ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ଭେଟେରିନାରି ରେସ୍‌କ୍ୟୁ କ୍ଲିନିକ୍ ଖୋଲିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୭

- ଆର୍ଜେଣ୍ଟିନା ରାଷ୍ଟ୍ରପତି କାର୍ଲୋସ ମେନେନାଙ୍କ ଶାସକ ପେରୋନିଷ୍ଟ ପାର୍ଟିର ପ୍ରଥମ ଥର ପାଇଁ ଜାତୀୟ ନିର୍ବାଚନରେ ପରାଜୟ।
- ହିମାଚଳ ପ୍ରଦେଶର ରାଜଧାନୀ ଶିମ୍‌ଲାଠାରୁ ୪୦ କିମି ଦୂର ୨୨ ନମ୍ବର ଜାତୀୟ ରାଜପଥ ଉପରେ ଧ୍ଳୋଟା ଗ୍ରାମ ନିକଟ ବ୍ୟାସନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ି ୪୦ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ବୀଣାବାଦକ ତଥା ପଦ୍ମଭୂଷଣରେ ସମ୍ମାନିତ ଭି. ଦୋରାଇସ୍ୱାମୀ ଆୟାଙ୍ଗାରଙ୍କ ୭୭ ବର୍ଷ ବୟସରେ ପରଲୋକ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | 3 | | 6 | | 4 |
| | | 7 | 9 | | | 2 | | |
| 8 | | | | 7 | | | | |
| | | | | 4 | | 5 | | |
| | 1 | | | | 7 | | | |
| 3 | | | | | | 1 | 9 | |
| 5 | | | | | | | | |
| 9 | 2 | | 4 | 1 | | | 6 | |
| | | 3 | 8 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 4 | 7 | 9 | 6 | 1 | 3 |
| 4 | 6 | 7 | 3 | 1 | 2 | 9 | 5 | 8 |
| 3 | 1 | 9 | 8 | 5 | 6 | 4 | 7 | 2 |
| 5 | 8 | 1 | 2 | 6 | 3 | 7 | 4 | 9 |
| 2 | 9 | 4 | 1 | 8 | 7 | 5 | 3 | 6 |
| 6 | 7 | 3 | 9 | 4 | 5 | 2 | 8 | 1 |
| 9 | 3 | 5 | 7 | 2 | 8 | 1 | 6 | 4 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 2 | 6 | 5 | 3 | 4 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଡିକାଲ କଲେଜ ପ୍ରତିଷ୍ଠାରେ ଓଡ଼ିଶା ପଛୁଆ

ମହାଶୟ,

ନ୍ୟାଶନାଲ ମେଡିକାଲ କମିଶନଙ୍କ ତଥ୍ୟ ଅନୁସାରେ ଏବେ ଓଡ଼ିଶାରେ ୧୩ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ରହିଛି। ସରକାରୀ ୯ଟି ଓ ଘରୋଇ ୪ଟି। ମୋଟ ସିଟ୍ ସଂଖ୍ୟା ୨୧୨୫। ସରକାରୀ କଲେଜରେ ୧୩୭୫ ଓ ଘରୋଇ କଲେଜରେ ୭୫୦। ତୁଳନାତ୍ମକ ଦୃଷ୍ଟିରୁ ଦେଖିବାକୁ ଗଲେ ଏବେ ସମଗ୍ର ଦେଶରେ ୬୧୨ଟି ମେଡିକାଲ କଲେଜ ରହିଛି। ମୋଟ୍ ସିଟ୍ ସଂଖ୍ୟା ୯୧,୯୭୭। ଓଡ଼ିଶାର ଲୋକସଂଖ୍ୟା ଦେଶର ମୋଟ ଲୋକ ସଂଖ୍ୟାର ୪ ପ୍ରତିଶତ। ଲୋକସଂଖ୍ୟା ଅନୁପାତରେ ଓଡ଼ିଶାରେ ଅନ୍ୟୂନ ୨୪ଟି ମେଡିକାଲ କଲେଜ ଓ ୩୬୭୯ ସିଟ୍ ରହିବା କଥା। ଏହାଛଡ଼ା ଓଡ଼ିଶାରେ ଡାକ୍ତରଙ୍କ ଘୋର ଅଭାବ ରହିଛି। ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରେ ୪୨ ପ୍ରତିଶତ ଡାକ୍ତରୀ ପଦବୀ ଏବେ ଖାଲି ପଡ଼ିଛି। ଏଣୁ ଓଡ଼ିଶାରେ ଅଧିକ ମେଡିକାଲ କଲେଜ ଖୋଲିବାର ଆବଶ୍ୟକତା ରହିଛି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।

–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ ଅଫିସ, ୨୮।୧୦: ତାଳବଣିଆ ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଷ୍ଟେଶନ୍ ରୋଡ୍ ବୁଦ୍ଧମନ୍ଦିର ୱାଟର ଟ୍ୟାଙ୍କ ଅଞ୍ଚଳର ଜଗନ୍ନାଥ ବେହେରା ଓରଫ ବାବୁନା, ରାମଚଣ୍ଡୀ ସାହି ବାଲିଉପର ହନୁମାନ ମନ୍ଦିର ଅଞ୍ଚଳର ଗଙ୍ଗାଧର ପ୍ରଧାନ ଓରଫ ବାବୁ, ରାମଚଣ୍ଡୀ ସାହି ବାଲିଉପର ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଅଞ୍ଚଳର ରଞ୍ଜନ କୁମାର ଦାଶ, ତାଳବଣିଆ ଥାନା ଅଧୀନ ସିଦ୍ଧମହାବୀର ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳର ପ୍ରଭୁ ପ୍ରସାଦ ଚହଟରାୟ ଏବଂ ଟାଉନ ଥାନା ଅନ୍ତର୍ଗତ କାଳୀକା ଦେବୀସାହି ପଣ୍ଡା ଲେନ୍‌ର ମିଥୁନ୍ କୁମାର ପୃଷ୍ଟି। ଏମାନଙ୍କଠାରୁ ପୋଲିସ ୩ଟି ମୋବାଇଲ ଫୋନ, ଦୁଇଟି ବାଇକ (୧୩ ଏଫ୍ ୦୮୧୨ ନମ୍ବର ବିଶିଷ୍ଟ ହିରୋ ଗ୍ଲାମର ଏବଂ ଓଡି ୧୩ଡି ୦୦୨୦ ନମ୍ବର ବିଶିଷ୍ଟ ହିରୋ ଆଇ ସ୍ମାର୍ଟ, ଗୋଟିଏ ଅଟୋ (ନଂ. ଓଡି ୩୩ ଏଏ ୨୨୬୨) ଦୁଇଟି ଚାପଡ଼, ଗୋଟିଏ ଖଣ୍ଡା ଏବଂ ଗୋଟିଏ ଦଉଡ଼ି ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୪୨/୨୨) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ଏକାଠି ହୋଇ ତାଳବଣିଆ ନିକଟ ଲେକଚର୍ କଲୋନୀରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଏହି ସୂଚନା ପାଇ ସେଠାରେ ଚଢ଼ାଉ କରି ୫ଜଣଙ୍କୁ ଧରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଶୁକ୍ରବାର ପୋଲିସ ଆଇପିସି ଦଫା ୩୯୯, ୪୦୨, ୨୫ ଆର୍ମ୍ସ ଆକ୍ଟରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ଦେଶୀ ମଦଭାଟିରେ ଚଢ଼ାଉ

ଖୁଣ୍ଟୁଣୀ,୨୮।୧୦(ଡି.ଏନ.ଏ) ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତର ଡାଲୁଆ ଓ ରାଧାକୃଷ୍ଣପୁର ପଞ୍ଚାୟତର ସରସ୍ୱତୀପୁର ଗ୍ରାମ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ବେଆଇନ ଚୋରା ଦେଶୀ ମଦଭାଟି ଉପରେ ଶୁକ୍ରବାର ପୋଲିସ ଚଢ଼ାଉ କରିଛି। ସେଠାରୁ ୮୦ଟି ପ୍ଲାଷ୍ଟିକ ଡ୍ରମ୍‌ରେ ଥିବା ୧୦୮୦ ଲିଟର ଦେଶୀ ମଦ ସହିତ ପୋଚ ଜବତ କରିଛି। ତେବେ ଚଢ଼ାଉ ଖବର ପାଇବା ମାତ୍ରେ ମଦ ପ୍ରସ୍ତୁତକାରୀ ଖସି ପଳାଇ ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ପେସାଦାର ମଦ ମାଫିଆମାନେ ଡାଲୁଆ ଓ ସରସ୍ୱତୀପୁର ଗ୍ରାମ ପାର୍ଶ୍ୱରେ ଥିବା ପ୍ରାକୃତିକ ଝରଣା କୂଳ ଏବଂ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ମଦ ପ୍ରସ୍ତୁତ କରୁଛନ୍ତି। ଏହା ଉପରେ ପୋଲିସ ନଜର ରଖିଥିଲା। ଶୁକ୍ରବାର ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଉକ୍ତ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ପୋଚ ନଷ୍ଟ କରିଥିଲେ। ଫେରିବା ବାଟରେ ବୁଦାମୂଳରୁ ୪୦ ଲିଟର ଦେଶୀମଦ ଥିବା ଜାର୍‌କିନ ଜବତ କରିଥିଲେ। ଏହି ଚଢ଼ାଉରେ ଖୁଣ୍ଟୁଣୀ ଥାନା ଏସ୍ଆଇ ବିକାଶ କୁମାର ସେଠୀଙ୍କ ସହିତ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ଏନେଇ ଥାନାରେ ଦୁଇଟି ମାମଲା (ନଂ.୨୧୧,୨୧୨/୨୨) ରୁଜୁ ହୋଇଛି।

### ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ଫୁଲନଖରା, ୨୮।୧୦ (ଡି.ଏନ୍.ଏ.): ବାଇକ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଉଷୁମା ଗ୍ରାମର ରାଜେଶ ସାହୁ(୨୪)। ତାଙ୍କଠାରୁ ଏକ ଚୋରି ବାଇକ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ଅଗଷ୍ଟ ୨୪ରେ ଏହି ଥାନା ଅନ୍ତର୍ଗତ ନଗରୀ ଗ୍ରାମର ସୁରେନ୍ଦ୍ର ପୃଷ୍ଟିଙ୍କ ଏକ ବାଇକ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୯/୨୨) ରୁଜୁ କରିଥିଲା।

# ସ୍କୁଲର ଉନ୍ନତି ପାଇଁ ମିଳିବ ସ୍ୱତନ୍ତ୍ର ଅନୁଦାନ

■ ପ୍ରଥମ ପର୍ଯ୍ୟାୟରେ ୩୨ହଜାର ସ୍କୁଲ୍‌କୁ ଦିଆଯିବ

■ ୨୦୨୪ରୁ ରାଜ୍ୟର ସମସ୍ତ ସ୍କୁଲ୍ ସାମିଲ ହେବ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ନାନା ସମସ୍ୟା ଓ ଅଭାବ ଅସୁବିଧା ଲାଗି ରହିଛି। ଏଥିରେ ସୁଧାର ଆଣିବା ଲାଗି ଗଣଶିକ୍ଷା ବିଭାଗ ଯୋଜନା କରିବା ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ରାଜ୍ୟର ସମସ୍ତ ୫୮ହଜାର ୮୯ଟି ସରକାରୀ ସ୍କୁଲର ଉନ୍ନତିକୁ ଫୋକସ୍‌ରେ ରଖାଯାଇଛି। ଏସବୁ ସ୍କୁଲ୍‌କୁ ବିଭାଗ ପକ୍ଷରୁ ବାର୍ଷିକ ଅନୁଦାନ ମିଳୁଥିବାବେଳେ ଆସନ୍ତାବର୍ଷଠାରୁ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବେ। ବିଶେଷକରି ସ୍କୁଲଗୁଡ଼ିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ବାଳିକା ବିଦ୍ୟାଳୟରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଅନୁଦାନ ଖର୍ଚ୍ଚ କରାଯିବ। ଏହାଦ୍ୱାରା ପ୍ରାୟ ୬୦ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବା ସହିତ ପିଲାଙ୍କ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ତେବେ ପ୍ରଥମ ପର୍ଯ୍ୟାୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୪ରୁ ରାଜ୍ୟର ସବୁ ସରକାରୀ ସ୍କୁଲ ଏହି ଯୋଜନାରେ ସାମିଲ ହେବାର ଯୋଜନା ରହିଛି।

ମିଳିଥିବା ସୂଚନାନୁସାରେ, ପ୍ରତି ସ୍କୁଲକୁ ୩ବର୍ଷରେ ଥରେ ସ୍ୱତନ୍ତ୍ର ଅନୁଦାନ ବାବଦକୁ ୨୧ହଜାର ୫୦୦ ଟଙ୍କା ଦିଆଯିବ। ବିଜ୍ଞାନ ଉପକରଣ ଲାଗି ୫ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ହଜାର ଟଙ୍କା, ଖେଳ ସରଞ୍ଜାମ ଲାଗି ଅଢ଼େଇ ହଜାର ଟଙ୍କା, ବାଳିକା ବିଦ୍ୟାଳୟଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ହଜାର ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ଅତିରିକ୍ତ ୫ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯିବ। ଏଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ।

ସରକାରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ରଖାଯାଉଛି। କିନ୍ତୁ ଆସନ୍ତା ଶିକ୍ଷା ବର୍ଷରୁ ସରକାରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜାତୀୟସ୍ତରର ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କ ମଧ୍ୟରେ ସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ପ୍ରୟାସ କରାଯିବ। ଏଥିପାଇଁ ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଅଣାଯିବ। ଏଥିସହ କ୍ରୀଡ଼ା, କଳା, ସଙ୍ଗୀତ, ବିଜ୍ଞାନ ଆଦି ଯେଉଁ କ୍ଷେତ୍ରରେ ପିଲାଙ୍କର ରୁଚି ରହିଛି, ସମ୍ପୃକ୍ତ ବିଷୟରେ ଅଧିକ ଦକ୍ଷତା ବଢ଼ାଇବା ଲାଗି ଅତିରିକ୍ତ ପ୍ରୟାସ କରାଯିବ। ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକରେ ପିଲାଙ୍କୁ ଯେପରି ଭାବେ ପ୍ରସ୍ତୁତ କରାଯାଉଛି ସେହିଭଳି ସୁବିଧା ଯୋଗାଇ ଦିଆଯିବ। ସେଥିପାଇଁ ଅତିରିକ୍ତ ବ୍ୟୟ ବରାଦ ଯୋଜନା କରାଯିବ। ସମଗ୍ରଶିକ୍ଷାରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଛି, ଆସନ୍ତାବର୍ଷଠାରୁ ଅନୁଦାନ ରାଶି ବଢ଼ାଇବା ଲାଗି ସ୍ୱତନ୍ତ୍ର ପ୍ରସ୍ତାବ ଦିଆଯିବ। ଏନେଇ ଜିଲାସ୍ତରରେ ପିଲାଙ୍କ ଦକ୍ଷତା ଏବଂ ସ୍କୁଲର ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିବା ପରେ ରିପୋର୍ଟ ପ୍ରସ୍ତୁତ କରାଯିବ। ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଥିବା ସୂଚନା ଦିଆଯାଇଛି।



ଭୁବନେଶ୍ୱର ଏକାମ୍ର ହାଟରେ ଶୁକ୍ରବାର ଉଦ୍‌ଘାଟିତ ଗାନ୍ଧୀ ଶିଳ୍ପ ବଜାର-୨୦୨୨ର ଏକ ଷ୍ଟଲରେ ଲୋକେ ଖଦୀ ବସ୍ତ୍ର କିଣାକିଣି କରୁଛନ୍ତି। ଏହା ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

# ରାଷ୍ଟ୍ରପତିଙ୍କୁ ଭେଟିଲା ଡାକ୍ତରୀ ଦଳ



କଟକ ଅଫିସ,୨୮।୧୦

କାର୍ଡିଓ-ଡାଏବେଟ୍‌ସ ସୋସାଇଟି ଅଫ୍ ଇଣ୍ଡିଆର ଡାକ୍ତରୀ ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ ମେଡିସିନ ବିଭାଗର ପ୍ରଫେସର ତଥା ସୋସାଇଟିର ଜାତୀୟ ସଭାପତି ଡା. ଜୟନ୍ତ ପଣ୍ଡାଙ୍କ ସମେତ ପ୍ରତିଷ୍ଠାତା ସଭାପତି ଗୟାର ଡା. ଏ. ଏନ. ରାୟ, ଜାମସେଦପୁରର ଡା. ଏ. କେ. ଭିରମଣି, ଗୟାର ଡା. ମୃତ୍ୟୁଞ୍ଜୟ କୁମାର ସିଂହ, ପାଟନାର ଡା. ଅଭିଷେକ କୁମାର ଓ ଡା. ନୀହାରିକା ସିହ୍ନା ପ୍ରମୁଖ ସାମିଲ ଥିଲେ। ଉନ୍ନତ ସ୍ୱାସ୍ଥ୍ୟସେବା ସମ୍ପର୍କିତ କେତେକ ପ୍ରସଙ୍ଗ ଉପରେ ଡାକ୍ତରୀ ଦଳ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# କ୍ୱାର୍ଟର୍ସରୁ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ

### ଆତ୍ମହତ୍ୟା ସନ୍ଦେହ ,ପୋଲିସର ଛାନ୍‌ଭିନ୍

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀସ୍ଥିତ ସରକାରୀ ବାସଭବନରୁ ଜଣେ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ଝୁଲନ୍ତା ଅବସ୍ଥାରେ ବନ୍ଦ ଘରୁ ତାଙ୍କ ମୃତଦେହ ଜବତ କରାଯାଇଛି। ମୃତ ପୋଲିସ କର୍ମଚାରୀ ଜଣଙ୍କ ହେଲେ ବାଲିପାଟଣା ଥାନା ଅଭୟମୁଖୀ ଅଞ୍ଚଳର କୃଷ୍ଣଚନ୍ଦ୍ର ଶତପଥୀ । ସେ ଏସ୍ଏସ୍‌ବି ବାଟାଲିୟନର ଚତୁର୍ଥ ଶ୍ରେଣୀର କର୍ମଚାରୀ ଥିଲେ । ତେବେ କୃଷ୍ଣଚନ୍ଦ୍ର ଆତ୍ମହତ୍ୟା କରିଛନ୍ତି ନା ଆଉ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ । ଏହା ପଛରେ ପାରିବାରିକ ବିବାଦ ଅଛି ନା ଆଉ କିଛି, ଜାଣିବା ଲାଗି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ କୃଷ୍ଣଚନ୍ଦ୍ର ବକେୟା ଟଙ୍କା ଶୁଝି ପାରୁ ନଥିବାରୁ ସେ ମାନସିକ ଚାପରେ ରହୁଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି । ଏପରିକି ଚାକିରି କ୍ଷେତ୍ରରେ ତାଙ୍କ ଉପରେ ମଧ୍ୟ ପ୍ରବଳ ଚାପ ପକାଯାଉଥିବା ସେ କହିଛନ୍ତି । ତେଣୁ ଏହାର କାରଣ ଜାଣିବା ଲାଗି ତଦନ୍ତ ଦରକାର ବୋଲି ସେ କହିଛନ୍ତି ।

ସୂଚନାନୁସାରେ, କୃଷ୍ଣଚନ୍ଦ୍ର ରେଣ୍ଟାଲ କଲୋନୀ ସ୍ଥିତ ସରକାରୀ ବାସଭବନରେ ପରିବାର ସହ ରହୁଥିଲେ । ଗୁରୁବାର ଡ୍ୟୁଟି ସାରି ରାତିରେ ଘରକୁ ଫେରିଥିଲେ। ହେଲେ କୌଣସି କାରଣକୁ ନେଇ କିଛି ସମୟ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଏହାପରେ ସେ ରାତିରେ ଅନ୍ୟ ଏକ ରୁମରେ ଶୋଇଥିଲେ। ଶୁକ୍ରବାର ସକାଳେ କୃଷ୍ଣଚନ୍ଦ୍ର ଏକ ଗାମୁଛା ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ପଡ଼ିଥିବା ସ୍ତ୍ରୀ ଦେଖିବାକୁ ପାଇଥିଲେ। କୃଷ୍ଣଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଘଟଣା ସମ୍ପର୍କରେ ଥାନାରେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରୁ ଗାମୁଛା ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

# କ୍ୟୁଆର୍ କୋଡ୍ ନ ଥିଲେ ଖାଦ୍ୟ ସାମଗ୍ରୀ ବିକ୍ରି ମନା

କଟକ ଅଫିସ, ୨୮।୧୦

ବିଭିନ୍ନ ପ୍ଲାଷ୍ଟିକ, ଟିଣ ଓ ମାଟିରେ ମିଶୁ ନ ଥିବା ଖାଦ୍ୟ ସାମଗ୍ରୀ ପ୍ୟାକିଂରେ କ୍ୟୁଆର୍ କୋର୍ଡ ଲାଗିବ। ଜନସାଧାରଣ ଉକ୍ତ ସାମଗ୍ରୀକୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୫ ଟଙ୍କା ଦେଇ କିଣିବେ। ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ କାଉଣ୍ଟରରେ ଫେରାଇଲେ ସେମାନେ ୫ ଟଙ୍କା ଫେରିପାରିବେ। ଏଥିପାଇଁ ବାଲିଯାତ୍ରା ପଡିଆରେ ୨୧ଟି ପ୍ଲାଷ୍ଟିକ୍ ବୋତଲ ଓ ଜରି ସଂଗ୍ରହ କେନ୍ଦ୍ର ଖୋଲାଯିବ। କ୍ୟୁଆର୍ କୋଡ୍ ନ ଥିଲେ ପ୍ଲାଷ୍ଟିକରେ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ବା ପାଣି ବୋତଲ ବିକ୍ରି କରାଯାଇପାରିବ ନାହିଁ। ବାଲିଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ ମୁକ୍ତ କରାଯିବ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍‌କୁ ଏକ ସଙ୍ଗଠିତ ବ୍ୟବସ୍ଥା ମାଧ୍ୟମରେ ନିୟନ୍ତ୍ରଣ କରାଯିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଅଭିନବ ଯୋଜନା କରାଯାଇଛି। ଡିଜିଟାଲ ଡିପୋଜିଟ୍ ରିଫଣ୍ଡ ସିଷ୍ଟମ୍ ଜରିଆରେ ଏହି କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ବିଶେଷକରି ବାଲିଯାତ୍ରା ପଡିଆରେ ପ୍ଲାଷ୍ଟିକ୍ ବୋତଲ ଓ ଜରି ବ୍ୟବହାରକୁ ଉପରୋକ୍ତ ବ୍ୟବସ୍ଥା ମାଧ୍ୟରେ ନିୟନ୍ତ୍ରଣ କରାଯିବ। ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ପାଇଁ ଶୁକ୍ରବାର ଅପରାହ୍ନରେ ସିଏମ୍‌ସି ସମ୍ମିଳନୀ କକ୍ଷରେ ବ୍ୟବସାୟୀ (ଡିଲର/ଡିଷ୍ଟ୍ରିବ୍ୟୁଟର)ମାନଙ୍କ ସହ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ବ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇ ସମ୍ପୂର୍ଣ୍ଣ ସହଯୋଗ କାମନା କରାଯାଇଥିଲା। ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

### ପ୍ଲାଷ୍ଟିକ୍ ମୁକ୍ତ ହେବ ବାଲିଯାତ୍ରା

■କାର୍ଯ୍ୟକାରୀ ହେବ ଡିଜିଟାଲ ଡିପୋଜିଟ୍ ରିଫଣ୍ଡ ସିଷ୍ଟମ୍

■ଖୋଲାଯିବ ୨୧ଟି ପ୍ଲାଷ୍ଟିକ୍ ବୋତଲ, ଜରି ସଂଗ୍ରହ କେନ୍ଦ୍ର

■ ୫ ଟଙ୍କା ଅଧିକ ଦରରେ କିଣିବେ ଗ୍ରାହକ

ବାଲିଯାତ୍ରାରେ ଡିଲରମାନେ ବ୍ୟବସାୟୀଙ୍କୁ ସାମଗ୍ରୀ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବାଲିଯାତ୍ରା ଗେଟ୍ ନିକଟରେ ଏକ କାଉଣ୍ଟର କରାଯିବ। ଏଠାରୁ ବ୍ୟବସାୟୀମାନେ ୫ ଟଙ୍କା ଲେଖାଏଁ ଦେଇ କ୍ୟୁଆର୍ କୋଡ୍ କିଣିବେ। ତାହାକୁ ବିକ୍ରି କରିବାକୁ ଥିବା ସାମାଗ୍ରୀରେ ଲଗାଇବେ। ସେମାନେ ସାମଗ୍ରୀ ବିକ୍ରି କଲାବେଳେ ନିର୍ଦ୍ଧାରିତ ଦରଠାରୁ ଅଧିକ ୫ ଟଙ୍କା ଲେଖାଏ ଗ୍ରାହକଙ୍କଠାରୁ ରଖିବେ। ଯେଉଁ ବ୍ୟବସାୟୀ ସିଏମ୍‌ସି ନିକଟରୁ ସର୍ବାଧିକ କ୍ୟୁଆର କୋଡ୍ କିଣିବେ ସେମାନଙ୍କୁ ପୁରସ୍କୃତ କରାଯିବ। ସର୍ବାଧିକ ୬ଜଣ ବ୍ୟବସାୟୀଙ୍କୁ ଲକି ଡ୍ର ମାଧ୍ୟମରେ ସିଏମ୍‌ସି ତରଫରୁ ପୁରସ୍କାର ପ୍ରଦାନ କରାଯିବ। ୫ ଲକ୍ଷ କ୍ୟୁଆର୍ କିଣିଥିବା ବ୍ୟବସାୟୀ ବା ଡିଷ୍ଟ୍ରିବ୍ୟୁଟରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଥମ ପୁରସ୍କାର ବାବଦରେ ୩୧ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ୨ ଲକ୍ଷ କ୍ୟୁଆର୍ କିଣିବା ଉପରେ ଜଣଙ୍କୁ ୨୧ ହଜାର ଟଙ୍କା ଏବଂ ୧ ଲକ୍ଷ କ୍ୟୁଆର୍ କିଣିବା ଉପରେ ୪ଜଣଙ୍କୁ ୧୨ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଦିଆଯିବ। ଆସନ୍ତା ନଭେମ୍ବର ୧୬ରେ ସେମାନଙ୍କ ନାମ ଘୋଷଣା କରାଯିବ। ଅପରପକ୍ଷେ ବାଲିଯାତ୍ରାରେ ଅଳିଆ ପଡିରହିବ ନାହିଁ। ସଫେଇ କର୍ମଚାରୀମାନେ ଅଳିଆ ସଂଗ୍ରହ କରି ସିଧାସଳଖ ଅଳିଆବୁହା ଗାଡିରେ ପକାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

₹5/-ରିଫଣ୍ଡ ପାଆନ୍ତୁ
CUTTACK MUNICIPAL CORPORATION
recykal Technology & Sustainability Partner
LMZ4WNLOYV
#prideofbaliyatra


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2022110, ତା.20.10.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଶାଳଗାଁ ଷ୍ଟେସନ ଠାରୁ ବୁଢ଼ାପଙ୍କ ଷ୍ଟେସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ନିମନ୍ତେ ଶାଳଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ବିଭିନ୍ନ ଷ୍ଟେସନଠାରେ ଅନ୍ୟାନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ସହିତ ଟାଇପ୍-II, ଟାଇପ୍-III ଏବଂ ଟାଇପ୍-IV ଷ୍ଟାଫ କ୍ୱାର୍ଟରଗୁଡ଼ିକ ସୟନ୍ଧୀୟ ଅବଶିଷ୍ଟ କାର୍ଯ୍ୟ ତଥା ଶାଳଗାଁ ଷ୍ଟେସନ ଠାରୁ ଢେଙ୍କାନାଳ ଷ୍ଟେସନ ମଧ୍ୟରେ ଷ୍ଟେସନ ବିଲ୍ଡିଂ, ସଂକେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ହାଇ ଲେଭେଲ ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ଲେଭେଲ କ୍ରସିଙ୍ଗ୍ କାର୍ଯ୍ୟ, ରୋଡ଼ ଡାଇଭର୍ସନ କାର୍ଯ୍ୟ, ପରିଚଳନ କ୍ଷେତ୍ରର ଉନ୍ନୟନ ଭଳି ବିବିଧ କାର୍ଯ୍ୟ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2170.75 ଲକ୍ଷ, EMD : ₹ 12,35,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.11.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-134/CF/22-23


# ଥେଣ୍ଟପୁର ଗୁଳିକାଣ୍ଡ: ୩ ଅଭିଯୁକ୍ତ ଗିରଫ

### ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଫେରାର

■୧ ବାଇକ୍, ୨ ମୋବାଇଲ ଫୋନ୍ ଜବତ

ପୁରୀ ଅଫିସ, ୨୮।୧୦

ଗତ ଦୀପାବଳି ରାତିରେ ଚନ୍ଦନପୁର ଥାନା ଅଧୀନ ଥେଣ୍ଟପୁର ଭାର୍ଗବୀ ହାଇସ୍କୁଲ ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ନେତ୍ରାନନ୍ଦ ସାମନ୍ତରାୟ, ଚନ୍ଦନପୁର ଥାନା ଅଧୀନ ଦାମୋଦରପୁରର ମିଥୁନ ଭୋଇ ଏବଂ ବୀରପ୍ରତାପପୁର ଅଞ୍ଚଳର ସରୋଜ କୁମାର ଭୋଇ। ଏମାନଙ୍କଠାରୁ ପୋଲିସ ଗୋଟିଏ ବାଇକ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଏକ କେସ୍ (ନଂ ୨୬୧/୨୨) ରୁଜୁ କରାଯାଇଛି। ତେବେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ୩ ଟିମ୍ ଗଠନ କରି ତନାଘନା ଚଳାଇଛି ବୋଲି ଶୁକ୍ରବାର ସଦର ଏସ୍‌ଡିପିଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି, ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆଙ୍କ ହତ୍ୟା ଘଟଣାକୁ ନେଇ ଏହି ଗୁଳିକାଣ୍ଡ ଘଟିଛି। ଦୀପକଙ୍କୁ ଖଣ୍ଡିଆବନ୍ଧ ଅଞ୍ଚଳର ୨ ଭାଇ ମିଶି ହତ୍ୟା କରିଥିଲେ। ସମ୍ପୃକ୍ତ ୨ଭାଇଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାର ଦୁଇଦିନ ପୂର୍ବରୁ ଅଭିଯୁକ୍ତମାନେ ନିଲୁ ବରାଳଙ୍କୁ ମାରିବା ପାଇଁ ଜଗିଥିଲେ। କିନ୍ତୁ ନିଲୁ ସେଦିନ ଖସିଯାଇଥିଲେ। ଫଳରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିବାକୁ ପୁଣି ଯୋଜନା କରିଥିଲେ। ଦୀପାବଳି ରାତିରେ ନିଲୁ ସେଇ ବାଟଦେଇ ଯିବାବେଳେ ୬ଜଣ ଅଭିଯୁକ୍ତ ତାଙ୍କ ଉପରକୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ନିଲୁଙ୍କ ଗୋଡ଼ ଏବଂ ଅନ୍ୟଟି ତାଙ୍କ ସହଯୋଗୀ ଶଙ୍କର ବେହେରାଙ୍କ ଦେହରେ ବାଜିଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ନିଲୁ ସମ୍ପ୍ରତି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ସାକ୍ଷୀ ନ ଦେବା ପାଇଁ ଭୟଭୀତ କରାଇବାକୁ ନିଲୁ ତାଙ୍କ ପ୍ରତିପକ୍ଷଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ପରେ ସମ୍ପୃକ୍ତ ପ୍ରତିପକ୍ଷ ମଧ୍ୟ ନିଲୁଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଗୁଳିମାଡ଼ କରିଥିଲେ। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିସାରିଛି। ସେମାନଙ୍କ ମଧ୍ୟରୁ ୩ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କୁ ପୋଲିସର ୩ ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ଖୋଜୁଛି।


## Repco Home Finance - We value your Dream
## ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

ସିଆଇଏନ୍- ଏଲ୍୬୫୯୨୨ଟିଏନ୍୨୦୦୦ପିଏଲ୍‌ସି୦୪୪୬୫୫

କର୍ପୋରେଟ୍ କାର୍ଯ୍ୟାଳୟ: ତୃତୀୟ ମହଲା, ଆଲେକ୍ଜାଣ୍ଡର ସ୍କୋୟାର୍, ପୁରୁଣା ନଂ.୩୪ ଓ ୩୫, ନୂଆ ନଂ.୨, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ-୬୦୦୦୩୨, ଫୋନ୍: (୦୪୪)-୪୨୧୦୬୬୫୦ ଫାକ୍ସ: (୦୪୪)-୪୨୧୦୬୬୫୧; ଇ-ମେଲ୍: co@repcohome.com, ୱେବ୍‌ସାଇଟ୍: www.repcohome.com

### ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ତଥା ବିଶେଷ ଭାବେ ଗ୍ରାହକମାନଙ୍କୁ ସୂଚିତ କରାଯାଉଛି ଯେ, ପରିଚାଳନାଗତ ସୁବିଧା ପାଇଁ ଆମ କମ୍ପାନୀ କଟକ ଓ ଭୁବନେଶ୍ୱର ଶାଖାକୁ ବିଲୟ କରିଛି ଏବଂ ୩୧ ଜାନୁୟାରୀ, ୨୦୨୩ଠାରୁ କଟକ ଶାଖାକୁ ବନ୍ଦ କରିବାର ପ୍ରସ୍ତାବ ରଖିଛି ।

କଟକ ଶାଖାରେ ସେବାପ୍ରାପ୍ତ ସମସ୍ତ ଖାତାଗୁଡ଼ିକୁ ଏତଦ୍‌ପଶ୍ଚାତ୍ ଆମର ଭୁବନେଶ୍ୱର ଶାଖାରୁ ସେବା ପ୍ରଦାନ କରାଯିବ । ସମସ୍ତ ଖାତାଗୁଡ଼ିକ ସ୍ୱଚାଳିତ ଭାବେ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତର ହୋଇଯିବ ।

ସମ୍ପ୍ରତି ଗ୍ରାହକମାନେ କଟକ ଶାଖାରେ ହାସଲ କରୁଥିବା ସମସ୍ତ ସେବାକୁ ଭୁବନେଶ୍ୱର ଶାଖା ସହ ନିମ୍ନପ୍ରଦତ୍ତ ଯୋଗାଯୋଗ ବିବରଣୀ ସହ ଯୋଗାଯୋଗ କରି ହାସଲ କରିପାରିବେ:

| ରାଜ୍ୟ | ଶାଖା ଠିକଣା | ଯୋଗାଯୋଗ ଠିକଣା |
|---|---|---|
| ଓଡ଼ିଶା | ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ଭୁବନେଶ୍ୱର ଶାଖା ଏନ୍.ବି. ଟାୱାର୍, ପ୍ଲଟ୍ ନଂ.– ୪୨୬/୨୨୬୦, ନୟାପଲ୍ଲୀ, ରାଜଧାନୀ ଗ୍ୟାସ୍ ପାଖ, ଭୁବନେଶ୍ୱର, ଓଡ଼ିଶା – ୭୫୧୦୧୨ | ଯୋଗାଯୋଗ ବ୍ୟକ୍ତି: ଶାଖା ପ୍ରବନ୍ଧକ ମୋ. ନଂ.: ୯୪୩୭୪ ୯୬୯୯୮ ଇମେଲ୍ ଆଇଡି: bbsr@repcohome.com |

ଆମ ପ୍ରତି ଆପଣଙ୍କର ନିରବଚ୍ଛିନ୍ନ ସମର୍ଥନ ଏବଂ ଭରସା ପାଇଁ ଆମେ କୃତଜ୍ଞ ଏବଂ ଭବିଷ୍ୟତରେ ଆପଣଙ୍କୁ ଦକ୍ଷତାର ସହିତ ସେବା ପ୍ରଦାନ କରିବା ପାଇଁ ଆଶାବାଦୀ ଅଟୁ ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୯।୧୦।୨୦୨୨

ସ୍ୱା./-
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**ମଦ ଜବତ, ୨ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ) - ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଭୋଇ ସାହିର ସୁବାଷ ପାଣି ଓ ଭଦ୍ରକର ତାପସ କୁମାର ମହାନ୍ତି। ସେମାନଙ୍କଠାରୁ ୧୮ ଲିଟର ଆସ୍କା-୪୦ ଦେଶୀ ମଦ ଓ ୧୭ ଲିଟର ୧୦୦ ମିଲି ଲିଟର ବିଦେଶୀ ମଦ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ସଂକ୍ଷେପରେ

### ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖାର ମହାମିଶ୍ରଣ ଉତ୍ସବ

ପୁରୀ ଅଫିସ, ୨୮।୧୦: ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖା ତରଫରୁ ମହାମିଶ୍ରଣ ଉତ୍ସବ ଶୁକ୍ରବାର ରେଲଷ୍ଟେଶନ ନିକଟସ୍ଥ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ମହାମନ୍ତ୍ରୀ ପ୍ରଦୀପ୍ତ କୁମାର ପାଟସାହାଣୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପ୍ରତିପକ୍ଷ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଶ୍ରମିକ ୟୁନିୟନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସଙ୍ଗଠନ ଆହୁରି ଶକ୍ତିଶାଳୀ ହେବା ସହ ରେଳ କର୍ମଚାରୀଙ୍କ ଦାବି କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ଶ୍ରମିକ କଂଗ୍ରେସର ରବୀନ୍ଦ୍ର ବରାଳ ଏବଂ ଅନ୍ୟମାନଙ୍କ ମଧ୍ୟରେ କମଲେଶ ତିୱାରୀ, ଭବାନୀ ଦାଶ, ଜ୍ୟୋତି ରଞ୍ଜନ ମହାନ୍ତି, ଅଶୋକ ନାୟକ, ଅଜୟ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ବେହେରା, ଜିତୁ ନାୟକ, ପ୍ରକାଶ ସେଠୀ ଏବଂ ରମଣ ଲୋଚନ ବେହେରା ପ୍ରମୁଖ ବହୁ କର୍ମକର୍ତ୍ତା ଶ୍ରମିକ ୟୁନିୟନ ସହ ଯୋଡ଼ି ହୋଇଥିଲେ। ଶାଖା ସମ୍ପାଦକ ଅମ୍ରିତ୍ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୈଳାସ ପାତ୍ର, ଅଭୟ ସାହୁ, ଶ୍ରୀଧର ସ୍ୱାଇଁ, ନିରଞ୍ଜନ ସାହୁ ଓ ଦୀପକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପାଟସାହାଣୀ ସୂଚନା ଦେଇଥିଲେ। ଶାଖା ସମ୍ପାଦକ ଅମ୍ରିତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ପୁଅର ସ୍ମୃତିରେ ଅଭିଳାଷ ବୃଦ୍ଧାଶ୍ରମ

ଖୋର୍ଦ୍ଧା ଅଫିସ,୨୮।୧୦: ସବୁ ମା'ବାପାଙ୍କ ଭଳି ପୁଅ ପାଇଁ ଖୁସି ଥିଲେ ଅବସରପ୍ରାପ୍ତ ପ୍ରଫେସର ପତିତପାବନ ଦଳେଇ ଓ ସହଧର୍ମିଣୀ ହର୍ଷମୟୀ ସ୍ୱାଇଁ। ଦୀର୍ଘ ୩୦ବର୍ଷର କର୍ମମୟ ଜୀବନରୁ ଅବସର ନେବା ପରେ ପୁଅ ଅଭିଳାଷ ଏବଂ ତା'ର ପରିବାର ସହ ଦିନ ବିତାଇବାକୁ ସ୍ୱପ୍ନ ଦେଖିଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ୩୧ବର୍ଷୀୟ ଅଭିଳାଷ ସମ୍ବଲପୁରରେ ମଧ କର୍ମମୟ ଜୀବନ ଆରମ୍ଭ କରିଥିଲେ। ହେଲେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁହୂର୍ତ୍ତକ ମଧ୍ୟରେ ପୁଅକୁ ନେଇ ଦେଖିଥିବା ମା'ବାପାଙ୍କ ସମସ୍ତ ସ୍ୱପ୍ନ ଧୂଳିସାତ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଶୁଭେଚ୍ଛୁଙ୍କ ସାହସ ଓ ପ୍ରେରଣାରେ ଅଭିଳାଷଙ୍କ ସ୍ମୃତିରେ ଏକ ବୃଦ୍ଧାଶ୍ରମ ଖୋଲିବା ପାଇଁ ପତିତପାବନ ଓ ତାଙ୍କ ସହଧର୍ମିଣୀ ନିଷ୍ପତ୍ତି ନେଇଥିଲେ। ଗୁରୁଜଙ୍ଗ-କେରଙ୍ଗ ରାସ୍ତା ନବୋଦୟ ବିଦ୍ୟାଳୟ ନିକଟରେ ନିର୍ମିତ ହୋଇଛି ଏହି ବୃଦ୍ଧାଶ୍ରମ। ଆଉ ଏହି ଅନୁଷ୍ଠାନର ନାଁ ରଖାଯାଇଛି ଅଭିଳାଷ ବୃଦ୍ଧାଶ୍ରମ। ଶୁକ୍ରବାର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଏବଂ ସିଡିଏମଓ ଡା. ଆର୍ତ୍ତବନ୍ଧୁ ନାୟକ ଅତିଥିଭାବେ ଯୋଗଦେଇ ଏହି ବୃଦ୍ଧାଶ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ପତିତପାବନ ଓ ହର୍ଷମୟୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସମସ୍ତଙ୍କୁ ଏଥିରେ ସହଯୋଗର ହାତ ବଢାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଭଳି ପ୍ରୟାସ ସମାଜକୁ ପ୍ରେରଣା ଯୋଗାଇବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଜଣ ଅନ୍ତେବାସୀଙ୍କୁ ନେଇ ଏହି ବୃଦ୍ଧାଶ୍ରମ ଆରମ୍ଭ ହୋଇଛି। ଏଠାରେ ଅନ୍ତେବାସୀଙ୍କ ମାନସିକ, ଶାରୀରିକ, ସୁସ୍ଥତା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଏନେଇ ଅଭିଳାଷ ଚାରିଟେବୁଲ ଟ୍ରଷ୍ଟ ଗଠନ କରାଯାଇଛି। ଏଥିରେ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତମାନେ ଏହାର ସଦସ୍ୟ ରହିଛନ୍ତି। ଏହି ଆଶ୍ରମ ଅସହାୟଙ୍କ ପାଇଁ ସାହରା ପାଲଟିବ। ବରିଷ୍ଠ ପ୍ରବନ୍ଧକାର ଅଧାପକ ବିରଞ୍ଚି ନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କର୍ପୋରେଶନ ପାଖକୁ ଫାଇଲ୍ ଆସୁ ନ ଥିବାରୁ ଉଦ୍‌ବେଗ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)



ବୈଠକରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୪ର୍ଥ କର୍ପୋରେଶନ ବୈଠକ ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ପୋରେଟରମାନେ ନିଜ ୱାର୍ଡର ସମସ୍ୟା ସମ୍ପର୍କରେ ଜଣାଇବା ସହ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ରଖିଥିଲେ। ବିଶେଷକରି ଦୁଇଦିନ ତଳେ ବିଏମ୍‌ସି କାର୍ଯ୍ୟାଳୟରେ ହୋଇଥିବା ବସ୍ତିବାସିନ୍ଦାଙ୍କ ସର୍ଭେ ପ୍ରସଙ୍ଗକୁ ନେଇ ବୈଠକ ସରଗରମ୍ ହୋଇଥିଲା। ଭୁବନେଶ୍ୱରରେ କେତେ ବସ୍ତି ରହିଛି ସେନେଇ ବିଏମ୍‌ସି ଏକ ସର୍ଭେ କରିବ। ସର୍ଭେର ଦାୟିତ୍ୱ 'ସୂତ୍ର' ନାମକ ଏକ ଘରୋଇ ଏଜେନ୍ସିକୁ ପ୍ରଦାନ କରାଯାଇଛି। ଏନେଇ ଗତ ୧୭ତାରିଖରେ ବିଏମ୍‌ସି କମିଶନର ଏବଂ ଏଜେନ୍ସି ଅଧିକାରୀଙ୍କ ମଧ୍ୟରେ ଚୁକ୍ତିନାମା ମଧ ସ୍ୱାକ୍ଷରିତ ହୋଇସାରିଛି। ତେବେ ଏ ନେଇ କର୍ପୋରେଶନ ସହିତ କୌଣସି ଆଲୋଚନା ବା ସେମାନଙ୍କୁ ଅବଗତ କରାଯାଇ ନାହିଁ। ଯାହାକୁ ନେଇ ବୈଠକରେ ଅଭିଯୋଗ କରାଯାଇଥିଲା। ସେହିପରି କର୍ପୋରେଶନ ଆସିବା ପରେ ମଧ କୌଣସି ଫାଇଲ କର୍ପୋରେଶନ ବା ସମ୍ପୃକ୍ତ କମିଟିକୁ ଆସୁନାହିଁ। କର୍ପୋରେଶନ କମିଟି ପାଖରେ କୌଣସି ପାୱାର ନ ଥିବାରୁ ଏହା କେବଳ ଲୋକ ଦେଖାଣିଆ ଭାବେ ଚାଲିଥିବା କର୍ପୋରେଟର ନୃପେଶ କୁମାର ନାୟକ ଅଭିଯୋଗ କରିଥିଲେ। ଏହାକୁ ଅନ୍ୟ କର୍ପୋରେଟରମାନେ ମଧ ସମର୍ଥନ କରିଥିଲେ। ଆସନ୍ତା କର୍ପୋରେଶନ ବୈଠକ ପୂର୍ବରୁ ଏହି ସମସ୍ୟାର ସମାଧାନ ନ ହେଲେ କର୍ପୋରେଟରମାନେ ବୈଠକ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ।

ସେହିପରି ବିଏମ୍‌ସି ଦେଉଥିବା ବିଲ୍ଡିଂ ପ୍ଲାନ୍‌କୁ ବିଲ୍‌ଡରମାନେ ଅନୁପାଳନ କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ ନିମନ୍ତେ ନୃପେଶ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ମେୟର ଦାସ ଓ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଗ୍ରହଣ କରିବା ସହ କମିଟିରେ ମେୟର, ସିଟି ଇଞ୍ଜିନିୟର ଓ କେତେଜଣ କର୍ପୋରେଟର ସଦସ୍ୟ ରହିବେ ସେନେଇ ସ୍ଥିର କରାଯାଇଥିଲା। ଏହାବ୍ୟତୀତ ପରିମଳ ବ୍ୟବସ୍ଥାକୁ ନେଇ ମଧ ଗୃହରେ ଆଲୋଚନା ହୋଇଥିଲା। ବୈଠକରେ ପରିମଳ ସମ୍ପର୍କିତ ଆଲୋଚନା କରାଯିବନି ବୋଲି ନିଷ୍ପତ୍ତି ହୋଇଥିଲେ ବି ସମ୍ପୃକ୍ତ କମିଟିର ଚେୟାରମ୍ୟାନ ବିରଞ୍ଚି ମହାସୁପକାର ଏନେଇ ଆଲୋଚନା କରିବାକୁ କହିଥିଲେ। ଏହାକୁ କିଛି କର୍ପୋରେଟର ବିରୋଧ କରିବାରୁ ଶେଷରେ ଆଲୋଚନା ସ୍ଥଗିତ ରହିଥିଲା। ଅକ୍ଟୋବର ୩୧ରେ ପରିମଳ ଏବଂ ହକି ବିଶ୍ୱକପ୍ ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିସହ ଏବେଠାରୁ ସମସ୍ତ କର୍ପୋରେଶନ ବୈଠକର ଉଭୟ ଅଡିଓ ଓ ଭିଡିଓ ରେକର୍ଡିଂ କରିବାକୁ ନିଷ୍ପତ୍ତି ହୋଇଥିଲା। ରେକର୍ଡିଂର କପି ମେୟର ଏବଂ କମିଶନରଙ୍କ ପାଖରେ ରହିବ। ଯେତେବେଳେ କର୍ପୋରେଟରମାନେ ଏହାକୁ ଦେଖିବାକୁ ଚାହିଁବେ ସେମାନେ ଅନୁମତି ନେଇ ଦେଖିପାରିବେ।

**ବିଏମ୍‌ସି ୪ର୍ଥ କର୍ପୋରେଶନ ବୈଠକ**

- ବୈଠକ ବର୍ଜନ କରିବାକୁ କର୍ପୋରେଟରଙ୍କ ଚେତାବନୀ
- ମେୟର, କମିଶନରଙ୍କ ପାଖରେ ରହିବ ବୈଠକର ଭିଡିଓ ରେକର୍ଡିଂ

ଏଥିସହ ବୈଠକରେ ଭୂମିହୀନଙ୍କୁ 'ଜାଗା ମିଶନ' ଅଧୀନରେ ଭୂମି ପ୍ରଦାନ ଅଥବା ବସ୍ତିକୁ ଆଦର୍ଶ କଲୋନୀରେ ପରିଣତ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ୱାର୍ଡ ନଂ.୨୨ସ୍ଥିତ ତାରିଣୀ ମାର୍କେଟକୁ ମହାନଗର ନିଗମକୁ ଆଣି ରାଜସ୍ୱ ଆଦାୟ କରିବା, ୟୁନିଟ୍-୧ ବ୍ୟବସାୟୀଙ୍କ ପାଇଁ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ସମ୍ପର୍କିତ ଆଲୋଚନା ହୋଇଥିଲା। ୟୁନିଟ୍-୨ସ୍ଥିତ ଫଳ ମାର୍କେଟରେ ବ୍ୟବସାୟ ପ୍ରକ୍ରିୟା ଓ ୟୁନିଟ-୩ସ୍ଥିତ ଖାଓ ଗଳିରେ ବ୍ୟବସାୟୀଙ୍କୁ ସ୍ଥାନ ଆବଣ୍ଟନ, ସହରରେ ମୋବାଇଲ ଟଏଲଟ୍ ପରିଚାଳନା ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖିଥିଲେ ମେୟର। କ୍ରୁଟ୍ ପକ୍ଷରୁ ବ୍ୟବହାର କରାଯାଉ ନ ଥିବା ୫ଟି ବସ୍ ବିଏମ୍‌ସିକୁ ହସ୍ତାନ୍ତର କରାଗଲେ ତାହାକୁ ମୋବାଇଲ୍ ଟଏଲେଟ୍‌ରେ ପରିଣତ କରାଯିବ ବୋଲି ମେୟର କହିଥିଲେ। ସେହିପରି ମୁକ୍ତା ଯୋଜନା ଅଧୀନରେ ପ୍ରସ୍ତୁତ ହେଉଥିବା ମୁକ୍ତାକାଶ ବ୍ୟାୟାମଶାଳା ପାଇଁ ୭୦୪ଟି ବ୍ୟାୟାମ ଉପକରଣ ଓ ପିଲାଙ୍କ ଖେଳିବା ପାଇଁ ଉପକରଣ କ୍ରୟ କରାଯିବ। ଏଥିପାଇଁ ୭ କୋଟି ୬୮ ଲକ୍ଷ ୭୧ ହଜାର ୯୮୫ ଟଙ୍କା ବ୍ୟୟ ସ୍ଥିର କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏସ୍.ଏନ୍. ସୁବ୍ରମନ୍ୟମ୍

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଏଲ୍ ଆଣ୍ଡ ଟି ସିଇଓ ତଥା ଏମ୍‌ଡି ଏସ୍.ଏନ୍. ସୁବ୍ରମନ୍ୟମ୍ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ୍ କରିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ୮ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଗୋପାଳପୁର, ଧାମରା, ପାରାଦୀପଠାରେ ହେବାକୁ ଥିବା ଶିଳ୍ପାଞ୍ଚଳ ହବ୍ ପାଇଁ ଜଳ ବିଶୋଧନାଗାର ପ୍ଲାଣ୍ଟ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ, ପ୍ରତିରକ୍ଷା, ଅନ୍ତରୀକ୍ଷ ଉପକରଣ କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ସେ 'ଏଲ୍ ଆଣ୍ଡ ଟି'କୁ କହିଛନ୍ତି। ସେହିପରି ଭୁବନେଶ୍ୱରଠାରେ କମ୍ପାନୀ ମେଟାଲର୍ଜିକାଲ ଏବଂ ମ୍ୟାଟେରିଆଲ ଆର୍ମ ସ୍ଥାପନ କରିବା ସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭୁବନେଶ୍ୱରରେ ଥିବା ମାଇଣ୍ଡ ଟ୍ରି ସଫ୍ଟୱେର ଡେଲିଭରି ବ୍ୟବସ୍ଥାକୁ ମଧ ଅପ୍‌ଗ୍ରେଡ୍ କରାଯାଇପାରେ। ଧାମରା, ପାରାଦୀପ ଏବଂ ଗୋପାଳପୁର ଭଳି ୩ଟି ବୃହତ୍ ବନ୍ଦର ପାଇଁ ଜାହାଜ ମରାମତି କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ସେହିପରି ଶିକ୍ଷା, ଦକ୍ଷତା ବିକାଶ ଭିତ୍ତିଭୂମି କ୍ଷେତ୍ରରେ ଯୋଗଦାନ ପାଇଁ ମୁଖ୍ୟମନ୍ତ୍ରୀ ସୁବ୍ରମନ୍ୟମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ଏଲ୍ ଆଣ୍ଡ ଟି ସିଇଓ ଏସ୍.ଏନ୍. ସୁବ୍ରମନ୍ୟମ୍ ଶୁକ୍ରବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି ।

## ଆରମ୍ଭ ହେଲା କଳିଙ୍ଗ ପୁସ୍ତକମେଳା

ଭୁବନେଶ୍ୱର ,୨୮।୧୦(ବ୍ୟୁରୋ)

୨୫ତମ କଳିଙ୍ଗ ପୁସ୍ତକ ମେଳା ଓ ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି। ସାରା ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶକ ଓ ଏଥିସହ ଜଡ଼ିତ ଅନୁଷ୍ଠାନ ଅଂଶଗ୍ରହଣ କରିଛନ୍ତି। ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ପ୍ରଫେସର ଗିରିଶ ନାଥ ଝା, ସନତ ମିଶ୍ର, ପ୍ରଦ୍ୟୁମ୍ନ ମହାନ୍ତି ଓ ରେଣୁକା ମିଶ୍ର ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ପୁସ୍ତକ ମେଳା କମିଟିର କାର୍ଯ୍ୟକାରୀ ସଭାପତି ଡ. ବିଜୟା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୧୦ଜଣ ସଫଳ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହା ନଭେମ୍ବର ୬ପର୍ଯ୍ୟନ୍ତ ଚାଲିବ।


କଳିଙ୍ଗ ପୁସ୍ତକ ମେଳାର ଉଦ୍‌ଘାଟନ ଅବସରରେ ଏକ ଷ୍ଟଲରେ ଅତିଥି ଓ ପାଠକମାନେ ।



ନିୟମିତ ଶିକ୍ଷକ ମାନ୍ୟତା ଦାବିରେ ଶୁକ୍ରବାର ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ।

## ନିମାପଡ଼ାରେ ଖୋଲିଲା ଫ୍ୟାମିଲି କୋର୍ଟ

ନିମାପଡ଼ା,୨୮।୧୦(ଡି.ଏନ୍.ଏ.)

ନିମାପଡ଼ା ବାର୍ ଆସୋସିଏଶନର ବହୁ ପ୍ରଚେଷ୍ଟା ପରେ ଓଡ଼ିଶା ହାଇକୋର୍ଟଙ୍କ ଅନୁମୋଦନକ୍ରମେ ନିମାପଡ଼ାରେ ନୂତନ ଭାବେ ସର୍କିଟ ଫ୍ୟାମିଲି କୋର୍ଟ ତଥା ପରିବାର ଅଦାଲତ ଶୁକ୍ରବାର ଖୋଲିଛି। ଏହି ନୂତନ ପରିବାର ଅଦାଲତର (ଜଜ) ବିଚାରପତି ଭାବେ ପୁରୀର ଅରୁଣ କୁମାର ମଲ୍ଲିକ ଯୋଗଦେଇ କୋର୍ଟର ଶୁଭାରମ୍ଭ କରିଥିଲେ। ଏହି ଅଦାଲତର ପ୍ରଥମ ଦିନରେ ବିଚାରପତି ମଲ୍ଲିକ ୧୪ଟି ମାମଲାର ଶୁଣାଣି କରିଥିବା କୋର୍ଟ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ଉକ୍ତ ଅଦାଲତର ବିଚାରପତି ଅରୁଣ କୁମାର ମଲ୍ଲିକ, ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ) ଲୋକନାଥ ସାହୁ, ସବଜଜ ନୀଲିମା ପଣ୍ଡା, ମୁନସିଫ ସୁରକ୍ଷୀତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫ୍‌ସି-୧) ମୀଲନ ତାଣ୍ଡି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫ୍‌ସି ୨) ବ୍ରଜେଶ ମିଶ୍ର, ନିମାପଡ଼ା ବାର୍ ଆସୋସିଏଶର ସଭାପତି ଆଇନଜୀବୀ ରଣଜିତ ସାହୁ, ଉପସଭାପତି ପ୍ରଭାତ ନାୟକ, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ, ଆଇନଜୀବୀ ପ୍ରଭାତ ବେହେରା, ଦିଲୀପ ପଟ୍ଟନାୟକ, ଛବିନ୍ଦ୍ର ମୁଖି, ଗୌରାଙ୍ଗ ସାହୁ, ଜୟଶ୍ରୀ ପ୍ରଧାନ, ବିଜୟଲକ୍ଷ୍ମୀ ମହାପାତ୍ର, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ନିୟମିତ ମାନ୍ୟତା ଦାବିରେ କଳା, କ୍ରୀଡ଼ା ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ନିୟମିତ ଶିକ୍ଷକ ମାନ୍ୟତା ଦାବିରେ ଶୁକ୍ରବାର ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ସବୁ ଜିଲାରୁ 'ପାର୍ଟ-ଟାଇମ୍' ସ୍କିମ୍‌ରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ କରିଥିଲେ। ସଂଘର କହିବାନୁସାରେ, ମାସକୁ ମାତ୍ର ୫ ହଜାର ଟଙ୍କା ଦରମାରେ ନିଯୁକ୍ତି ପାଇଥିବା ପାର୍ଟ ଟାଇମ୍ ଶିକ୍ଷକମାନଙ୍କୁ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲମାନଙ୍କରେ ପିଲାଙ୍କୁ ଗୀତ, ନାଚ ଶିଖାଇବା ସହ କ୍ରୀଡ଼ା ଏବଂ ପାଠ ପଢ଼ାଇବାକୁ ପଡୁଛି। ତଥାପି ପାର୍ଟଟାଇମ୍ ଶବ୍ଦ ବ୍ୟବହାର ହେଉଛି। ଫଳରେ ଆମର ସମ୍ମାନ ହାନି ହେଉଛି ଏବଂ କମ୍ ଦରମାରେ କେମିତି ଚଳିବୁ ବୋଲି ପ୍ରଶ୍ନ କରିବା ସହ ସରକାର ଆମକୁ ମାରି ଦିଅନ୍ତୁ ବୋଲି ଜଣେ ଶିକ୍ଷୟିତ୍ରୀ ସତ୍ୟଜିତା ରାଉତ କହିଛନ୍ତି। ସେହିଭଳି ଆମେ ଦୀର୍ଘ ୨୦୧୩ରୁ ବାରମ୍ବାର ଆନ୍ଦୋଳନ କରିଆସୁଛୁ, ହେଲେ ସରକାର ଆମ ଦାବି ଶୁଣୁନାହାନ୍ତି। ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକୁଥିବା ବେଳେ ଏ ସରକାର କ'ଣ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ା ଓ କଳା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଅସମର୍ଥ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ମାନସ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ସରକାର ଯଦି ପାର୍ଟ ଟାଇମ୍ ଶବ୍ଦ ଉଚ୍ଛେଦ ନ କରନ୍ତି ଓ ଆମକୁ ସ୍ଥାୟୀ ନିଯୁକ୍ତି ନ ଦିଅନ୍ତି, ତେବେ ଆମେ ସବୁ କଳା ଓ କ୍ରୀଡ଼ା ଶିକ୍ଷକମାନେ ପରିବାର ସହ ରାଜରାସ୍ତାରେ ଆମରଣ ଅନଶନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

## ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ଅତିରିକ୍ତ ଏସ୍‌ପି

ପୁରୀ ଅଫିସ, ୨୮।୧୦:

**ହେତୁବାଦୀଙ୍କ ବିରୋଧରେ ଏତଲା**

ଗତ ୨୫ ତାରିଖରେ ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ପରିଚୟ ଦେଇ କେତେଜଣ ବ୍ୟକ୍ତି ଚିକେନ୍ ବିରିୟାନୀ ଖାଇବା ସହ ପରାଗ ଓ ଚନ୍ଦ୍ରଗ୍ରହଣକୁ ଅନ୍ଧବିଶ୍ୱାସ କହି ବ୍ରାହ୍ମଣ ସମାଜକୁ ଆପେକ୍ଷ କରିଥିବା ନେଇ ପୁରୀର ୨ଟି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହକାରେ ନେଇ ତଦନ୍ତ ଜାରି ରଖିଛି ବୋଲି ଶୁକ୍ରବାର ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ଘଟଣା ନେଇ ବୁଧବାର ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ସିଂହଦ୍ୱାର ଥାନାରେ ଏବଂ ଗୁରୁବାର ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ତଦନ୍ତ ପରେ କ'ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତା'ର ତର୍ଜମା କରାଯିବ। ଏହାପରେ ଯାହା କିଛି ପଦକ୍ଷେପ ନିଆଯିବ।




# କାଳୀମେଢ଼ ଭସାଣି ଉତ୍ସବ

କଟକ ଅଫିସ, ୨୮।୧୦

**ଆକର୍ଷଣ ସାଜିଲା ଅଘୋରୀ ବାବା ନୃତ୍ୟ**




କଟକରେ କାଳୀମେଢ ଭସାଣି ଉତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପାଇଁ କାଠଯୋଡି ନଦୀର ଦେବୀଗଡ଼ା ଘାଟରେ ଅସ୍ଥାୟୀ ପୋଖରୀ ଖନନ କରାଯାଇଥିଲା। ବିଭିନ୍ନ ମଣ୍ଡପଙ୍କୁ ମା'ଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଉକ୍ତ ପୋଖରୀରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ଭସାଣିର ମୁଖ୍ୟ ଆକର୍ଷଣ ସାଜିଥିଲା ଅଘୋରି ବାବାଙ୍କ ନୃତ୍ୟ। କଟକ ଚଣ୍ଡୀ ରୋଡ୍-ଶେଖ୍‌ବଜାର ପୂଜା କମିଟି ପକ୍ଷରୁ ଏହି ଅଘୋରି ବାବାଙ୍କ ଗ୍ରୁପ୍‌କୁ ନିମନ୍ତ୍ରଣ କରାଯାଇଥିଲା। ଫଳରେ ଉତ୍ତର ପ୍ରଦେଶରୁ ଆସିଥିବା ଏହି ଗ୍ରୁପ୍‌ର ୫ ଜଣ ସଦସ୍ୟ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ଚେଟିସ୍ ବ୍ୟବସ୍ଥା କରାଯାଇଥିଲା। କିଛିଦିନ ତଳେ ଢେଙ୍କାନାଳ ଲକ୍ଷ୍ମୀପୂଜା ଭଷାଣିରେ ସାମିଲ ହୋଇଥିବା ଏହି ଗ୍ରୁପ୍ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଏହି ଭସାଣି ଶୋଭାଯାତ୍ରାରେ ବିଭିନ୍ନ ପ୍ରକାରର ନୃତ୍ୟ ଦେଖିବାକୁ ମିଳିଥିଲା। ମୋଟ୍ ୯୦ ମେଢ ମଧ୍ୟରୁ ସନ୍ଧ୍ୟା ସୁଦ୍ଧା ୫୦ଟି ମେଢ ବିସର୍ଜିତ ହୋଇଥିବା ଜଣାପଡିଛି। ଭସାଣି ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ମେଢ଼ଗୁଡ଼ିକ କଲେଜ ଛକଠାରୁ ବକ୍ସିବଜାର, ତିନିକୋଣିଆ ବଗିଚା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ, ଚୌଧୁରୀବଜାର ଛକରୁ ପୂର୍ଣ୍ଣ ସାହୁ ଛକ, ମାରୱାଡି ପଟି ଓ ଫିରିଙ୍ଗିବଜାର ଦେଇ ଦେବୀଗଡ଼ା ପର୍ଯ୍ୟନ୍ତ, ଚଣ୍ଡି ଛକରୁ ଶେଖ୍‌ବଜାର, ମହମ୍ମଦିଆ ବଜାର ରାସ୍ତା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ ଯାନବାହନ ଚଳାଚଳକୁ ବନ୍ଦ କାରାଯାଇଥିଲା।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା କାଳୀମେଢ଼।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଅକ୍ଟୋବର, ୨୦୨୨

## ହେତୁବାଦୀଙ୍କୁ ଲିଗାଲ୍ ନୋଟିସ୍

କଟକ ଅଫିସ: ହେତୁବାଦୀ ପ୍ରତାପ ରଥଙ୍କୁ ଲିଗାଲ୍ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ ଆଇନଜୀବୀ ସନ୍ଦୀପନ ମିଶ୍ର। କାହିଁକି ପ୍ରତାପଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେ ନେଇ ଉତ୍ତର ରଖିବାକୁ ନୋଟିସ୍‌ରେ କୁହାଯାଇଛି। ୭ ଦିନ ମଧ୍ୟରେ ଉତ୍ତର ନ ରଖିଲେ ହାଇକୋର୍ଟରେ ମାମଲା ରୁଜୁ ହେବ। ହିନ୍ଦୁ ଧର୍ମକୁ ଅସମ୍ମାନ କଲା ଭଳି କଥା ଏବଂ ଗଣମାଧ୍ୟମରେ ସୂର୍ଯ୍ୟୋପରାଗକୁ ନେଇ ଆପତ୍ତିଜନକ ତଥ୍ୟ ରଖିଥିବା ପ୍ରତାପ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପାଇଁ ଆଇନଜୀବୀ ସନ୍ଦୀପନ ମିଶ୍ର କହିଛନ୍ତି।



# ୧୦ କେ.ଜି. ବ୍ରାଉନ୍‌ସୁଗାର ଜବତ

**ବାଲେଶ୍ୱର ଅଫିସ,୨୮।୧୦**

■ ୬ ବେପାରୀ ଗିରଫ
■ ଆନୁମାନିକ ମୂଲ୍ୟ ୧୧ କୋଟି

ବାଲେଶ୍ୱର ସହରର ଫୁଲାଡ଼ିସ୍ଥିତ କାସିମପୁର ପଡ଼ିଆରେ ବ୍ରାଉନ୍‌ସୁଗାର କାରବାର ବେଳେ ସହଦେବଖୁଣ୍ଟା ମଡେଲ ଥାନା ପୋଲିସ ଚଢ଼ାଉ କରି ୬ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୦କେ.ଜି. ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୧୧ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଆନ୍ତଃରାଜ୍ୟ ବେପାରୀ ଓ ୫ଜଣ ସ୍ଥାନୀୟ ଅରଡ଼ବଜାର ଅଞ୍ଚଳର ସୂଚନା ମିଳିଛି। ଜବତ ବ୍ରାଉନସୁଗାର ଆସାମ ଓ ପଶ୍ଚିମବଙ୍ଗ ବର୍ଡର୍‌ରୁ ଆସୁଥିଲା ଯାହା ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତା ବୋଲି ଶୁକ୍ରବାର ଜିଲା ପୋଲିସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଛାନ୍‌ଭିନ୍ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସମୟରେ ମଧ୍ୟପ୍ରଦେଶର ଆୟୁବ(୫୨) ନାମକ ଜଣେ ଆନ୍ତଃରାଜ୍ୟ ବେପାରୀ କାସିମପୁର ନିକଟସ୍ଥ ପଡ଼ିଆଠାରେ ପହଞ୍ଚି ଅରଡ଼ବଜାର ଅଞ୍ଚଳର ବ୍ୟବସାୟୀମାନଙ୍କୁ ଡାକି ବ୍ରାଉନ୍‌ସୁଗାର କାରବାର କରୁଥିଲେ। ଖବରପାଇ ସହଦେବ ଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢ଼ାଉ କରିଥିଲା। ମୁଖ୍ୟ ଅଭିଯୁକ୍ତ ଆୟୁବଙ୍କ ସମେତ ଅରଡ଼ ବଜାର ଅଞ୍ଚଳର ସେକ ହୁସେନ, ସେକ ସଫିକ, ସେକ ରାଜୁ, ସେକ ସମୀର, ରିଣ୍ଟୁ ତରେଇଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦କେ.ଜି. ବ୍ରାଉନ୍‌ସୁଗାର, ଦୁଇଟି ମୋଟର ସାଇକେଲ, ୬ଟି ମୋବାଇଲ ଓ ନଗଦ ୨୧ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୫୨/୨୨) ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲାର ଜଳେଶ୍ୱରଠାରୁ ଆରମ୍ଭ କରି ସହରର ଅରଡ଼ବଜାର ବ୍ରାଉନ୍‌ସୁଗାରର ହବ୍ ପାଲଟିଛି। ବିଭିନ୍ନ ସମୟରେ ଆନ୍ତଃରାଜ୍ୟ ଓ ଜାତୀୟ ସ୍ତରର ବ୍ୟବସାୟୀମାନେ ଏହି ଦୁଇଟି ସ୍ଥାନରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବ୍ରାଉନସୁଗାର ପଠାଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

# ଯୁବକଙ୍କୁ ଲଣ୍ଡା କରି ଗାଁ ବୁଲାଇଲେ

## କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିଥିବା ଚର୍ଚ୍ଚା

**ତାଳଚେର, ୨୮।୧୦ (ନି.ପ୍ର.):** କଲେଜ ଯାଉଥିବା ଛାତ୍ରୀଙ୍କୁ କମେଣ୍ଟ ମାରିବାରୁ ଜଣେ ଯୁବକଙ୍କୁ ସାଧାରଣରେ ଦଣ୍ଡିତ କରିଛନ୍ତି ଗ୍ରାମର କେତେଜଣ ଲୋକ। ସମ୍ପୃକ୍ତ ଯୁବକଙ୍କୁ ସେମାନେ ଲଣ୍ଡା କରି ଗାଁ ବୁଲାଇଛନ୍ତି। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେବା ସହ ଗ୍ରାମର ୨ ଜଣଙ୍କୁ ଥାନାରେ ଅଟକ ରଖିଛି। ଅନୁଗୋଳ ଜିଲା ତାଳଚେର ବ୍ଲକ ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। କମେଣ୍ଟ ମାରିଥିବା ଯୁବକଙ୍କୁ ପୋଲିସ ଜିମା ଦେବା ପରିବର୍ତ୍ତେ ଗାଁ ଦାଣ୍ଡରେ ଏପରି ଦଣ୍ଡିତ କରାଯିବାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ତାଳଚେର ଥାନା ଏକ ଗ୍ରାମର କେତେଜଣ ଛାତ୍ରୀ କଲେଜ ଯିବା ବେଳେ ୩ ଜଣ ଯୁବକ ଅନେକ ସମୟରେ ସେମାନଙ୍କୁ କମେଣ୍ଟ ମାରନ୍ତି। ଏହାକୁ ନେଇ ପୂର୍ବରୁ ଗ୍ରାମରେ ଅସନ୍ତୋଷ ଥିଲା। ଶୁକ୍ରବାର ଛାତ୍ରୀମାନେ କଲେଜ ଯିବା ବେଳେ ସମ୍ପୃକ୍ତ ଯୁବକମାନେ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ନେଇ ଛାତ୍ରୀମାନେ ଗ୍ରାମରେ ଜଣାଇବା ପରେ କେତେଜଣ ଲୋକ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ୩ ଯୁବକଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ହେଲେ ୨ ଜଣ ଖସିଯାଇଥିଲେ। ଜଣେ ଧରାପଡ଼ିବାରୁ ଉତ୍ତ୍ୟକ୍ତ ଲୋକମାନେ ତାଙ୍କୁ ପ୍ରଥମେ ମାଡ଼ ମାରିଥିଲେ। ଏହାପରେ ତାଙ୍କୁ ଲଣ୍ଡା କରି ଗାଁ ଦାଣ୍ଡରେ ବୁଲାଇଥିଲେ। ଏ ସମ୍ପର୍କରେ ଖବରପାଇବା ପରେ ତାଳଚେର ପୋଲିସ ତୁରନ୍ତ ଗ୍ରାମରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଘଟଣାସ୍ଥଳରୁ ଗ୍ରାମର ୨ ଜଣଙ୍କୁ ମଧ୍ୟ ଥାନାକୁ ନେଇ ପୋଲିସ ଅଟକ ରଖିଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଦଣ୍ଡିତ ହୋଇଥିବା ଯୁବକଙ୍କ ପରିବାର ଲୋକେ ପହଞ୍ଚିବା ପରେ ତାଙ୍କୁ ଛଡ଼ାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ସମୁଦ୍ର ମଝିରୁ ୩ ବାଂଲାଦେଶୀ ଧୀବର ଉଦ୍ଧାର



ଉଦ୍ଧାର ହୋଇଥିବା ବାଂଲାଦେଶୀ ଧୀବର।

■ ୪ ଦିନ ହେବ ନ ଖାଇ, ନ ଶୋଇ ଭାସୁଥିଲେ
■ ବାତ୍ୟା ପ୍ରଭାବରେ ବୋଟ୍ ବୁଡ଼ିଯାଇଥିଲା
■ ଦେବଦୂତ ସାଜିଲେ ବାଲେଶ୍ୱର ମତ୍ସ୍ୟଜୀବୀ

**ପାରାଦୀପ,୨୮।୧୦(ସ୍ୱ.ପ୍ର.)**

ବୋଟ୍ ବୁଡ଼ିଯିବା ପରଠାରୁ ୪ ଦିନ ହେବ ସମୁଦ୍ର ମଝିରେ ଅତଳ ଗର୍ଭରେ ଭାସୁଥିଲେ ୩ ବାଂଲାଦେଶୀ ଧୀବର। ଗୁରୁବାର ଦେବଦୂତ ସାଜି ବାଲେଶ୍ୱର ଜିଲାର କେତେଜଣ ମତ୍ସ୍ୟଜୀବୀ ସେମାନଙ୍କୁ ଉଦ୍ଧାର କରି ଶୁକ୍ରବାର ପାରାଦୀପ ମାଛଧରା ବନ୍ଦର ପରିସରରେ ପହଞ୍ଚିଛନ୍ତି। ରଘୁନାଥ ନାମକ ମାଛଧରା ବୋଟରେ ୨ ଓ ତ୍ରିଶକ୍ତି ନାମକ ବୋଟରେ ଜଣେ ଧୀବରଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ମହମ୍ମଦ ମିରାଜ, ମହମ୍ମଦ ନାର୍ଜି ଓ ହବିସ ମେହମୁଦ ପଣ୍ଡିତ। ଅବସ୍ଥା ଗୁରୁତର ଥିବାରୁ ପାରାଦୀପ ମତ୍ସ୍ୟ ବିଭାଗ ଓ ମେରାଇନ୍ ପୋଲିସ ସେମାନଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି।

ଏ ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କୁହନ୍ତି, ବାତ୍ୟା ସିତ୍ରାଙ୍ଗ ପ୍ରଭାବରେ ଅକ୍ଟୋବର ୨୪ରେ ଉକ୍ତ ବାଂଲାଦେଶୀ ବୋଟ ସମୁଦ୍ରରେ ବୁଡି ଯାଇଥିଲା। ସେବେଠାରୁ ମତ୍ସ୍ୟଜୀବୀମାନେ ପାଣିରେ ଭାସୁଥିଲେ। ଏମିତି ୪ ରୁ ୫ ବୋଟ୍ ବୁଡିଯାଇଥିଲା। କୋଷ୍ଟଗାର୍ଡ ପକ୍ଷରୁ ଦୁଇଦିନ ତଳେ ୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର ବୋଟ ମଧ୍ୟ କେତେଜଣ ବାଂଲାଦେଶୀଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। ପାରାଦୀପରେ ପହଞ୍ଚିଥିବା ଜଣେ ମତ୍ସ୍ୟଜୀବୀଙ୍କ ମତରେ ତାଙ୍କ ବୋଟ୍‌ରେ ୨୪ ଜଣ ଥିଲେ। ଅନ୍ୟମାନଙ୍କ ଖବର ସେ ଜାଣିନାହାନ୍ତି। ଉଦ୍ଧାର ଧୀବରମାନଙ୍କ ପ୍ରାଥମିକ ଚିକିତ୍ସା ପରେ ମେରାଇନ ପୋଲିସକୁ ହସ୍ତାନ୍ତର କରାଯିବ। ପୋଲିସ, ଇମିଗ୍ରେଶନ ପରେ ବୈଦେଶିକ ନିୟମାନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଉଦ୍ଧାର କରିଥିବା ରଘୁନାଥ ନାମକ ବୋଟ୍‌ର ଡ୍ରାଇଭର ବିଶ୍ୱନାଥ ଗାରୁ କୁହନ୍ତି, ଆମେ ମାଛ ଧରିବାବେଳେ ପାଣିରେ ୨ ଜଣଙ୍କୁ ଭାସୁଥିବା ଦେଖି ସେମାନଙ୍କୁ ଉଦ୍ଧାର କରିଥିଲୁ।

## ସୈନିକ ସ୍କୁଲରେ ନାମଲେଖା

# ଜାନୁୟାରୀ ୮ରେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

**ନଭେମ୍ବର ୩୦ ପର୍ଯ୍ୟନ୍ତ ଆବେଦନ**

ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା (ଏଆଇଏସ୍‌ଏସ୍‌ଇଇ) ୨୦୨୩ ଜାନୁୟାରୀ ୮ରେ ଅନୁଷ୍ଠିତ ହେବ। ଏଥିପାଇଁ ଗତ ୨୧ ତାରିଖରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ର https://aissee.nta.nic.in ୱେବ୍‌ସାଇଟରେ ଆବେଦନ କରିପାରିବେ। ଅନ୍‌ଲାଇନରେ ଆବେଦନ କରାଯାଇ ନ ଥିଲେ ଆବେଦନପତ୍ରକୁ ଗ୍ରହଣ କରାଯିବ ନାହିଁ। ତେବେ ଭୁବନେଶ୍ୱର ସୈନିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମଲେଖା ଲାଗି ଉଭୟ ଝିଅ ଓ ପୁଅ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିପାରିବେ। ପୁଅଙ୍କ ପାଇଁ ୧୦୩ ଏବଂ ଝିଅଙ୍କ ପାଇଁ ୧୨ଟି ସିଟ୍‌ରେ ନାମ ଲେଖାଯିବ। ୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ନିମନ୍ତେ ଛାତ୍ରୀଛାତ୍ରଙ୍କ ବୟସ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୧୦ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

ସୂଚନାଯୋଗ୍ୟ, ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ପରିବାରର ଛାତ୍ରୀଛାତ୍ରଙ୍କୁ ସୈନିକ ସ୍କୁଲରେ ପାଠପଢ଼ା ନିମନ୍ତେ ଟ୍ୟୁଶନ ଫି' ବାବଦରେ ସହାୟତା ଯୋଗାଇ ଦେବା ଲାଗି ଓଡ଼ିଶା ସରକାର ଏକ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ୨୦୧୯-୨୦ ଶିକ୍ଷା ବର୍ଷଠାରୁ ଆରମ୍ଭ ହୋଇଛି। ସେହିଭଳି ସୈନିକ ସ୍କୁଲରେ ପଢୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ୨୦୨୨-୨୩ ଶିକ୍ଷାବର୍ଷଠାରୁ ଖାଦ୍ୟ ସବ୍‌ସିଡି ଯୋଜନା ଆରମ୍ଭ କରିଛନ୍ତି। ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ (ଅଣ ସ୍ୱଚ୍ଛଳ ବର୍ଗ), ପ୍ରତିରକ୍ଷା ଓ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କୁ ଦିନକୁ ୭୫ ଟଙ୍କା ଲେଖାଏ ୨୯୫ଟି କାର୍ଯ୍ୟ ଦିବସ ପାଇଁ ବର୍ଷକୁ ୨୨,୧୨୫ ଟଙ୍କା ଯୋଗାଇ ଦିଆଯିବ। ଏଥିସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆର୍ଥିକ ସହାୟତା କାରଣରୁ ସାଧାରଣ ପରିବାରର ଛାତ୍ରୀଛାତ୍ରଙ୍କ ପାଇଁ ସୈନିକ ସ୍କୁଲରେ ପାଠ ପଢ଼ିବା ସହଜ ହୋଇପାରିଛି। ଏଭଳି ଏକ ପ୍ରୋତ୍ସାହନ ବ୍ୟବସ୍ଥା କାରଣରୁ ଓଡ଼ିଶାର ଆର୍ଥିକ ଦୁର୍ବଳ ପରିବାରର ଛାତ୍ରୀଛାତ୍ରଙ୍କ ସୈନିକ ସ୍କୁଲରେ ପଢ଼ିବାର ସ୍ୱପ୍ନ ସାକାର ହୋଇପାରିବ। ଭୁବନେଶ୍ୱର ସୈନିକ ସ୍କୁଲରେ ସ୍ମାର୍ଟ ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର, କ୍ରୀଡ଼ା ସୁବିଧା, ଉନ୍ନତ ସୁବିଧା ଥିବା ଛାତ୍ରାବାସ ଓ କ୍ୟାଡେଟ୍ ମେସ୍ ସମେତ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ଏଠାରେ ନାମ ଲେଖାଇବା ପାଇଁ ଅଭିଭାବକମାନେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଆବେଦନ କରିବାକୁ ଭୁବନେଶ୍ୱର ସୈନିକ ସ୍କୁଲ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି।

# କଣ୍ଟେନର କାର୍ଗୋ ଯାଞ୍ଚ ପାଇଁ ମୋବାଇଲ ଏକ୍ସ-ରେ ସ୍କାନର ବ୍ୟବସ୍ଥା

**ପାରାଦୀପ,୨୮।୧୦(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବନ୍ଦର ମଧ୍ୟରେ କାରବାର ହେଉଥିବା କଣ୍ଟେନର କାର୍ଗୋକୁ ଯାଞ୍ଚ କରିବା ପାଇଁ ମୋବାଇଲ ଏକ୍ସ-ରେ ସ୍କାନର ବ୍ୟବସ୍ଥା ଲାଗୁ କରାଯିବ। କଷ୍ଟମ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯିବ। ସେଥିପାଇଁ ପ୍ରଶାସନିକ ଭବନର ବୋର୍ଡ ରୁମରେ ଶୁକ୍ରବାର ବୈଠକ ହୋଇଥିଲା। ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ, ଉପାଧକ୍ଷ ଏ.କେ ବୋଷଙ୍କ ଉପସ୍ଥିତିରେ କଷ୍ଟମ୍ ଡେପୁଟି କମିଶନର ତରୁଣ କୁମାର ପଣ୍ଡା, ବନ୍ଦର ଟ୍ରାଫିକ ମ୍ୟାନେଜର ଜି.ଏଡିଶନ ଓ ଏକ୍ସ-ରେ ଯୋଗାଇଥିବା କମ୍ପାନୀ ସ୍ମିଥସ ଡିଟେକ୍‌ସନ ପିଟିଇ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବିକ୍ରାନ୍ତ ତ୍ରିଲୋକେକର ଏହି ଅବସରରେ ଚୁକ୍ତିନାମାରେ ଦସ୍ତଖତ କରିଥିଲେ। ୨୯.୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ମୋବାଇଲ ଏକ୍ସ-ରେ ସ୍କାନର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରେ ଲଗାଯିବ।

---

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-1179 Bid Identification No. Online Tender / 53-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 53-2022-23/ BPR | Road Works under Transferred Road Improvement Programme (TRIP) | 16 Nos. | From Rs.121.97 lakhs to Rs.452.35 lakhs | "B" Class, "A" as applicable | 06 (Six) & 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 53-2022-23/BPR | 03.11.2022 at 10.00 A.M. | 18.11.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0088/2223 **Sd./- Chief Construction Engineer, R.W. Circle, Berhampur**

---

**Ref. No: SO/IV/2022-23/84/569** **Date: 28.10.2022**

**Startup Odisha**
**(2nd Floor, Tower-A, Odisha Startup Incubation Centre (O-Hub) Special Economic Zone, Infocity, Patia, Bhubaneswar-751024)**

**REQUEST FOR PROPOSAL**

**No.CAD-2303:**Sealed proposals are invited from reputed firms for "Selection of an agency for Toll-free Operations for Startup Odisha". The details of tender/RFP documents and other details can be downloaded from www.startupodisha.gov.in w.e.f. 29.10.2022. Important dates are as follows:

| Date of Commencement of RFP | Date & time of Pre-bid meeting | Last Date & Time for Submission of Proposal | Date and time for Technical Presentation | Date for Financial Bid opening (Tentative) |
|---|---|---|---|---|
| 29.10.2022 | 07.11.2022 3.30 PM | 21.11.2022 11 AM | 21.11.2022 1 PM | 21.11.2022 5 PM |

The last date of receipt of proposal is 21.11.2022,11 AM, which will be opened on the same day. All the Prospective Bidders are also advised to kindly keep referring Startup Odisha website (www.startupodisha.gov.in) for any updates in reference to the RFP/Tender.

OIPR-43007/11/0018/2223 **Evangelist, Startup Odisha**

---

## Bhubaneswar Municipal Corporation

*Progress through Partnership for better Bhubaneswar*

**Notice No. 50491** **Date: 27.10.2022**
**XXII(L) 18/22**

**Addendum Notice No. 1 to short tender for the work "Dismantling and removal of illegal advertisements hoardings on Pvt./Govt. Land, rooftops of high-rise buildings etc. within jurisdiction of BMC"**

No. C-1474: In reference to the Tender No. 49072, dated 18.10.2022 for the work "Dismantling and removal of illegal advertisements hoardings on Pvt./Govt. Land, rooftops of high-rise buildings etc. within jurisdiction of BMC, a few clauses have been added in the tender in regard to the scope of work. Interested bidders are required to go through the addendum notice before submitting the proposal. The details of the Addendum-1 are available in BMC website: **http://bmc.gov.in**.

**By Order**
**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0143/2223

---

## ODISHA HYDRO POWER CORPORATION LTD.

OHPC
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR- 751022
Tel: 91 -0674-2542983,2542802,2545526, Fax- 2542102,
e-mail - ohpc.co@gmail.com
CIN : U40101OR1995SGC003963

**No. OHPC: TECH: C&P: 18/2022-23/7510** **Date: 27.10.2022**

**NOTICE INVITING TENDER No. 21 /2022-23**

**No.CAD-2299:**ODISHA HYDRO POWER CORPORATION LIMITED invites sealed tenders in two parts i.e. (i) Techno Commercial Bid & (ii) Price bid in separate sealed envelopes from all General Insurance Companies approved by IRDA, who meet the eligibility criteria for Industrial All Risk Insurance Policy and Stand Alone Terrorism Policy for its Hydro Power Generating units at BHEP Balimela, UKHEP Bariniput, UIHEP Mukhiguda, HHEP Burla, CHEP Chiplima and RHEP Rengali as stated in the Invitation to bid.
For details of the tender documents, terms & conditions please visit/ refer our website www.ohpcltd.com from 31.10.2022.

OIPR-04012/11/0025/2223 **Contract & Procurement Head**

---

GOVERNMENT OF ODISHA No.B-746:-
OFFICE OF THE CHIEF CONSTRUCTION ENGINEER
SOUTHERN (R&B) CIRCLE, BERHAMPUR
Phone: 0680- 2281582, e-mail: ccescbam@gmail.com

**INVITATIONS FOR BIDS (IFB) [e-PROCUREMENT]**

**Bid Identification No.CCE, S.C. (R&B)- BAM-12/2022-23 No.3998/ Dated: 14.10.2022**

| | | | |
|---|---|---|---|
| 1 | The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building / Road / Bridge Works as detailed in the table below. | | |
| 2 | Nature of work | : | Building / Road / Bridge works |
| 3 | No. of work | : | 07 Nos. |
| 4 | Tender cost | : | Rs.10,000/- (Online) |
| 5 | Class of contractor | : | 'B' Class & 'A' Class |
| 6 | Availability of bid document in the website | : | From 31.10.2022 10.00 A.M. to 15.11.2022 4.00 P.M. |
| 7 | Date of opening of bid | : | 16.11.2022 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website https://tendersodisha.gov.in | | |
| 9 | Any addendum / corrigendum / cancellation of tender can also be seen in the said website only. | | |

**Sd./- (D.C. Behera)**
**Chief Construction Engineer, Southern (R&B) Circle, Berhampur**
OIPR-34103/11/0014/2223

---

## OFFICE OF THE EXECUTIVE ENGINEER MINOR IRRIGATION DIVISION, KHARIAR

**Dist.: Nuapada, PIN - 766107**
**E-mail: eemidivision_khariar@rediffmail.com**
**Letter No. 2058/MID/Khariar** **the dated 28.10.2022**

**QUOTATION CALL NOTICE**

No. A-661: Sealed quotations/tenders are invited from interested reputed Travel Agencies/Tour Operators or private individuals for providing 1 No. of AC Diesel driven vehicles (Bolero/TUV-300/Sumo Gold/Ertiga) having sitting capacity not more than ten including driver, which shall conform to the terms and conditions (Annexure-II) for official of the Executive Engineer, M.I. Division, Khariar (For use of staffs of NAFCC Work) for financial year 2022-23 (Upto March - 2023) on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage permit, proof of uptodate tax payment etc. which are mandatory for plying of vehicle.
2. The Deiver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Executive Engineer, M.I. Division, Khariar and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 10 Kms per litre.
7. The details of the make and year of manufacture of the vehicle, registration no., mileage (Kms covered per litre) and name of the driver with Driving Licence No. and period of validity should be specifically provided in the general bid information to be furnished with the Quotation/Tender (Annexure - III).
8. The quotation completed in all respect should reach the undersigned on or before 05.11.2022 by 1.00 P.M. and shall be opened on same day at 3.00 P.M. in presence of the bidders or their authorized representatives.
9. The application form of quotation containing General Bid Information & terms and conditions for hiring of vehicles etc. will be available in O/o. the Executive Engineer, M.I. Division, Khariar & NAFCC Office, Nuapada from 29.10.2022 to 05.11.2022 upto 1.00 P.M. the applicant on Rs.100/- (Rupees one hundred) only towards the cost of application along with the application.

**Sd./- Executive Engineer, M.I. Division, Khariar**
**OIPR-32090/11/0005/2223**

---

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, ROURKELA IRRIGATION DIVISION, ROURKELA

email Id: seridrkl@gmail.com

**e-PROCUREMENT NOTICE**
**BID IDENTIFICATION No. SERID-RKL-02/2022-23**

No. A-653: BID documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tenderorissa.gov.in** complete online process only.

| | | | |
|---|---|---|---|
| 1 | Nature of Work | : | Canal Work |
| 2 | Total Number of Works | : | 06 (Six) Nos. |
| 3 | Bid Identification No. | : | SERID-RKL-02/2022-23 **(Online)** |
| 4 | Estimated Cost | : | Rs.15.24 lakhs to 24.21 lakhs |
| 5 | Class of Contractor | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Earnest Money Deposit | : | Referred to DTCN |
| 8 | Period of Completion | : | Referred to DTCN |
| 9 | Date & time of availability of Bid documents in the portal | : | From Dt.01.11.2022 at 10.00 A.M. to Dt.11.11.2022 upto 05.30 P.M. |
| 10 | Last Date/time for receipt of bids in the portal | : | Dt.11.11.2022 at 05.30 P.M. |
| 11 | Date and time of Opening of Bids | : | Dt.14.11.2022 at 11.00 hours |
| 12 | Last date & time of seeking of clarification | : | Dt.05.11.2022 at 1.00 P.M. |
| 13 | Date of Lottery (in case of situation arise) | : | 16.11.2022 at 11.00 hours |
| 14 | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 15 | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017.
Further details can be seen from the Govt. website **www.tendersorissa.gov.in**.

**Sd./- Superintending Engineer**
**Rourkela Irrigation Division,**
**Rourkela**
OIPR-32018/11/0006/2223

---

## SHORT TENDER CALL NOTICE

**Tender Notice No. 6124/Jls, Bhubaneswar** **Date: 28.10.2022**

No. D-202: Sealed tenders in plain papers are invited from the intended firms/contractors/Co-operative organisations registered under GST Act having PAN Card and up-to-date GST Clearance Certificate with TIN/SRIN for supply of Shoddy Wool for making of Prison Blankets and supply of Raw materials for preparation of phenyl for the year 2022-2023 as per the quantity given below. The rates should be quoted in Kg./Litre inclusive of all taxes and free delivery at the Jail Gate of Special Jail, Bhubaneswar at Jharpada, Laxmisagar. The rates should be accompanied with sample to be certified by the purchase committee confirming the required specification. All the tenderers must be present either in person or through their authorized agents/representatives with samples on the day of opening of tender papers. The selected samples may be put to auction, if necessary. Firms/Contractors/Co-operative Organisations should enclose the copy of certificate showing the dealership of the shoddy wool/raw materials of phenyl. Every tenderer will be required to deposit along with his tender an earnest money @ 2.5% of the estimated value of the articles tendered for in shape of N.S.C./Postal Savings Pass Book Account duly pledged in favour of the Superintendent of Special Jail, Bhubaneswar. Successful tenderers or bidders will be required to enter into stamped agreement with the Superintendent of Special Jail, Bhubaneswar within seven days from the date of receipt of intimation by them that their rates have been accepted for the supply of the articles at the Jail Gate in such quantities and at such time may be required. In addition, they should before entering such agreements, deposit security money @ 10% of the cost of supplies undertaken, in form of Postal Savings Bank Account or in shape of National Savings Certificate duly pledged to the undersigned. Failing compliance within the time specified the earnest money be confiscated. The earnest money deposited by the tenderers whose tenders have not been accpeted will be refunded to them after the final acceptance of the tender by the purchase committee. The rate fixed by purchase committee is final. The Chairman, purchase committee reserves the right in the public interest to reject any or all tender without assigning any reason thereof. The sealed tenders quoting rates to be submitted directly to the Superintendent, Special Jail, Bhubaneswar **on or before 5.00 P.M. of 18.11.2022**. Sealed tenders will be opened **at 4.00 P.M. of 25.11.2022** or in consultation with the Chairman of the Purchase Committee.

**E-mail ID: bhubaneswarjail.od@nic.in**
**Phone No.: 0674-2578077**

**LIST OF ARTICLES TO BE PURCHASED DURING THE YEAR 2022-23**

| Sl. No. | Name of Articles | Quantity |
|---|---|---|
| 1 | 2 | 3 |
| 1 | Shoddy Wool | 70 Qntls. |
| 2 | Acid Slurry | 45 Litres |
| 3 | Pine Oil | 675 Litres |
| 4 | Essence (Jasmine) | 14 Litres |
| 5 | Rosin | 325 Kg. |
| 6 | Castrol Oil | 145 Litres |
| 7 | L.C.O. | 900 Litres |
| 8 | Carbolic Acid | 25 Litres |
| 9 | M.C.P. | 25 Litres |

**Sd./- Superintendent**
**Special Jail, Bhubaneswar**
OIPR-12012/11/0002/2223

# ୫୦ବର୍ଷ ଧରି ଶାନ୍ତିର ବାର୍ତ୍ତା ଦେଉଛି ଶାନ୍ତିସ୍ତୂପ

ସାରା ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଉଥିବା ଧଉଳି ଶାନ୍ତିସ୍ତୂପ ଶୁକ୍ରବାର ୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗ ନିପ୍ପୋନ ବୁଦ୍ଧ ସଂଘ ଓ ଧଉଳି ଉନ୍ନୟନ କମିଟି ପକ୍ଷରୁ ଭବ୍ୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଜାପାନ, ଆମେରିକା, ୟୁକ୍ରେନ, କାଜାକସ୍ତାନ, ଚାଇନା, ଶ୍ରୀଲଙ୍କା ଆଦି ବିଭିନ୍ନ ଦେଶରୁ ବୌଦ୍ଧ ସନ୍ନ୍ୟାସୀମାନେ ଯୋଗଦେଇ ବିଶ୍ୱଶାନ୍ତି ଲାଗି ପ୍ରାର୍ଥନା କରିଥିଲେ। ଗୁରୁବାର ଭୁବନେଶ୍ୱର ସର୍କିଟ୍ ହାଉସ୍‌ରୁ ବୌଦ୍ଧ ସନ୍ନ୍ୟାସୀମାନେ ଶାନ୍ତି ପଦଯାତ୍ରାରେ ଶାନ୍ତିସ୍ତୂପରେ ପହଞ୍ଚିଥିଲେ। ଶୁକ୍ରବାର ଉତ୍ସବ ପାଇଁ ଦିନତମାମ ମୁଖରିତ ହୋଇଉଠିଥିଲା ଧଉଳି। ଶାନ୍ତିସ୍ତୂପ ତଳେ ବୌଦ୍ଧ ସନ୍ନ୍ୟାସୀମାନେ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ବିଶ୍ୱବାସୀଙ୍କୁ ଶାନ୍ତିର ମନ୍ତ୍ର ଦେଇଥିଲେ।


ଶାନ୍ତିସ୍ତୂପ ତଳେ ବୌଦ୍ଧ ସନ୍ନ୍ୟାସୀମାନେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରୁଛନ୍ତି।

## ଗର୍ବ, ଆନନ୍ଦର ଉତ୍ସବ



"ଧଉଳି ଶାନ୍ତିସ୍ତୂପର ୫୦ତମ ପୂର୍ତ୍ତି ଉତ୍ସବରେ ଯୋଗଦେଇ ଖୁବ୍ ଖୁସି ଲାଗୁଛି। ଏହା ଗର୍ବ ଏବଂ ଆନନ୍ଦର ଉତ୍ସବ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର ବିଭିନ୍ନ ଦେଶରୁ ବୌଦ୍ଧ ସନ୍ନ୍ୟାସୀମାନେ ଏଥିରେ ଯୋଗ ଦେଇଛନ୍ତି। ଧଉଳି ହେଉଛି ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହେବାର ମୂକସାକ୍ଷୀ। ଆଶା କରିବି ଏହି ଶାନ୍ତିସ୍ତୂପ ଆଗାମୀ ଦିନରେ ସମଗ୍ର ବିଶ୍ୱକୁ ଶାନ୍ତିପୂର୍ଣ୍ଣ ଶାସନର ବାର୍ତ୍ତା ପ୍ରଦାନ କରୁ।

–ତାନ୍‌ଜିନ ପ୍ରିୟଦର୍ଶୀ

## ଶାନ୍ତିର ପ୍ରଚାର ବହୁଳ ମାତ୍ରାରେ ହେବା ଆବଶ୍ୟକ



"ଏବେ ଦେଶ ଦେଶ ମଧ୍ୟରେ, ପରିବାର ମଧ୍ୟରେ ଲଢେଇ ହେଉଛି। ୫୦ବର୍ଷ ପୂର୍ବେ ବିଶ୍ୱରେ ଯେତିକି ହିଂସା, ଦ୍ୱେଷ ରହିଥିଲା ଏବେ ତାହା ବହୁ ପରିମାଣରେ ବୃଦ୍ଧି ପାଇଛି। ତେଣୁ ଏହାକୁ ରୋକିବା ପାଇଁ ଶାନ୍ତିର ପ୍ରଚାର ବହୁଳ ମାତ୍ରାରେ କରିବା ଆବଶ୍ୟକ। କରୋନା ପରେ ଏଭଳି ଦିବ୍ୟ ଓ ଭବ୍ୟ ରୂପରେ କାର୍ଯ୍ୟକ୍ରମ ହୋଇଥିଲା। ବହୁତ ଖୁସି ଲାଗୁଛି। ୫ବର୍ଷ ପୂର୍ବେ ଏଠାକୁ ଆସିଥିଲି। ସେତେବେଳେ ଶାନ୍ତିସ୍ତୂପ କିଛି ପରିମାଣରେ ଦୁର୍ବଳ ହୋଇ ପଡିଥିଲା। ମାତ୍ର ଏବେ ସରକାରଙ୍କ ସହାୟତାରେ ଧଉଳି ପୁଣି ଥରେ ନୂଆ ରୂପ ପାଇଛି।

–ସଂଘରତ୍ନ

## ଧଉଳି ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ପ୍ରଦାନ କରୁଛି



"ଦେଶ ଆଉ ବିଶ୍ୱରେ ହିଂସା, ଆତଙ୍କର ବାତାବରଣ ରହିଥିବେଳେ ଏଭଳି କାର୍ଯ୍ୟକ୍ରମ ନିହାତି ଆବଶ୍ୟକ। ଶାନ୍ତିର ପ୍ରତୀକ ଧଉଳି କେବଳ ଭାରତ ନୁହେଁ, ବରଂ ସମ୍ପୂର୍ଣ୍ଣ ବିଶ୍ୱକୁ ବାର୍ତ୍ତା ପ୍ରଦାନ କରୁଛି। ସମ୍ରାଟ ଅଶୋକ ନିଜକୁ ପରିବର୍ତ୍ତନ କରି ଶାନ୍ତିର ପଥକୁ ଆପଣାଇଥିଲେ। କାରଣ ଶାନ୍ତି ହିଁ ଏକମାତ୍ର ବାଟ, ଯାହାଦ୍ୱାରା ଜଣେ ବ୍ୟକ୍ତି ପ୍ରକୃତ ମନୁଷ୍ୟ ପଦବାଚ୍ୟ ହୋଇପାରିବ।

–ଅଲିକ୍‌ସେସ୍ ମୋଗ୍‌ଲା

## ଭୁବନେଶ୍ୱର, ଶ୍ରୀକ୍ଷେତ୍ର ବୁଲିଲେ ବୌଦ୍ଧ ସନ୍ନ୍ୟାସୀ

ବିଶ୍ୱର ବିଭିନ୍ନ ଦେଶରୁ ବୌଦ୍ଧ ସନ୍ନ୍ୟାସୀମାନେ ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ। ଏମାନଙ୍କ ମଧ୍ୟରେ ୟୁକ୍ରେନ୍, ଚାଇନା, ଜାପାନ, ଶ୍ରୀଲଙ୍କା, ଆମେରିକା, କାଜାକସ୍ତାନ ଆଦି ଦେଶର ଶତାଧିକ ବୌଦ୍ଧ ସନ୍ନ୍ୟାସୀ ରହିଛନ୍ତି। ଏମାନେ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିବା ପରେ ରହିବା, ଖାଇବା ଆଦି ସମସ୍ତ ସୁବିଧା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିଲା। ଷ୍ଟେଟ୍ ଗେଷ୍ଟହାଉସ, ସ୍ପେଶାଲ ସର୍କିଟ ହାଉସ୍ ଏବଂ ଏସ୍‌ଆଇଆର୍‌ଡିରେ ରହିବାର ବ୍ୟବସ୍ଥା ହୋଇଥିଲା। ୨୫ ତାରିଖରୁ ସନ୍ନ୍ୟାସୀମାନେ ଭୁବନେଶ୍ୱରକୁ ଆସିବା ଆରମ୍ଭ କରିଥିଲେ। ଶୁକ୍ରବାର କାର୍ଯ୍ୟକ୍ରମ ସରିବା ପରେ ସେମାନଙ୍କୁ ପୁରୀ ବୁଲାଇ ନିଆଯାଇଥିଲା। ଷ୍ଟେଶନ ରୋଡ୍‌ସ୍ଥିତ ବୌଦ୍ଧ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ସହ ବେଳାଭୂମି ବୁଲିଥିଲେ। ସେହିପରି ଆଉ କେତେଜଣ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟର ଦାୟିତ୍ୱ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ ତୁଲାଇଥିଲେ। ତେବେ ଗେଷ୍ଟହାଉସ୍ ବ୍ୟତୀତ ଆଉକେତେଜଣ ବୌଦ୍ଧ ସନ୍ନ୍ୟାସୀ ବିଭିନ୍ନ ହୋଟେଲ ଏବଂ ଧର୍ମଶାଳାରେ ରହୁଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆତିଥେୟତାରେ ସେମାନେ ବେଶ୍ ଖୁସିଥିବା ସେମାନେ କହିଛନ୍ତି।

## ଶାନ୍ତିସ୍ତୂପର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)- ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଧଉଳି ଶାନ୍ତିସ୍ତୂପକୁ ୫୦ ବର୍ଷ ପୂରଣ ହୋଇଛି। ରାଜ୍ୟ ସରକାର ଶୁକ୍ରବାର ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଛନ୍ତି। ଧଉଳିର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ୧ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ପଣ୍ଡା ବିଧାୟକ ଉନ୍ନୟନ ପାଣ୍ଠି(ଏମ୍‌ଏଲ୍‌ଏ ଲାଡ୍)ରୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ପ୍ରଥମେ ଏହି ବୌଦ୍ଧସ୍ଥଳର ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟର ବିକାଶ ଲାଗି ଅର୍ଥ ବ୍ୟୟ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧୦।୨୦୨୨

| | |
|---|---|
| ୪, ୮୩, ୪୭୮ ଟଙ୍କା | |
| ସୁନା | ୧ ଗ୍ରାମ |
| ରୁପା | ୧୬୨ ଗ୍ରାମ |

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା ୧୫।
- ଆସୋସିଏଶନ ଅଫ୍ ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନୋଲୋଜିଷ୍ଟ ଅଫ୍ ଓଡ଼ିଶା ପକ୍ଷରୁ ୪୫ତମ ବାର୍ଷିକ ସମ୍ମିଳନୀ, ହୋଟେଲ ନ୍ୟୁ ମାରିଅନ, ସନ୍ଧ୍ୟା ୬ଟା ୩୦।
- ୬ତମ ଗୁରୁ ଦେବ ପ୍ରସାଦ ଆୱାର୍ଡ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଏଚ୍‌ଆର୍ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟର ଉଦ୍‌ଘାଟନୀ ଉତ୍ସବ, ଭୀମଟାଙ୍ଗି ଫେଜ୍ ୧, ଲେନ୍ ୩, ଏଏଲ/୧୧୭, ସନ୍ଧ୍ୟା ୬ଟା ୩୦।
- ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଜିଜିପି କଲୋନୀ, ସନ୍ଧ୍ୟା ୭ଟା।
- ଅଭିମନ୍ୟୁ ସାମନ୍ତରାୟ ୱେଲଫେୟାର ସୋସାଇଟି ପକ୍ଷରୁ ମହାବାତ୍ୟାରେ ମୃତାହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଓ ସମୂହ ଦୀପଦାନ, ବ୍ରହ୍ମେଶ୍ୱର ଶୈବ ପୀଠ, ପଳାଶୁଣି କେନାଲ ରୋଡ, ସନ୍ଧ୍ୟା ୭ଟା ୩୦।

### ବାଲିଅନ୍ତା

- ମା' ଥାନପତି ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା, ସକାଳ ୯ଟା। ପ୍ରବଚନ, ମନ୍ଦିର ପରିସର, ରାତି ୭ଟା।

## ମୋହନ ବୀଣା ବାଦନ, ଲକ୍ଷ୍ମୀ ଅଷ୍ଟକମ୍‌ରେ ଦର୍ଶକ ମୁଗ୍ଧ


୧୬ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବରେ ପଣ୍ଡିତ ବିଶ୍ୱ ମୋହନ ଭଟ୍ଟ ଓ ଅଥର୍ବ ଭଟ୍ଟଙ୍କ ମୋହନ ବୀଣା ବାଦନ।

ଭୁବନେଶ୍ୱର ,୨୮।୧୦(ବ୍ୟୁରୋ)

ତ୍ରିଧାରା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ୧୬ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୋହନ ବୀଣା ବାଦନ ଓ ଲକ୍ଷ୍ମୀ ଅଷ୍ଟକମ୍‌ରେ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଗରୁଡ଼ ପୁରାଣରୁ ଉଦ୍ଧୃତ ଏବଂ ଭଗବାନ ଇନ୍ଦ୍ରଙ୍କ ଦ୍ୱାରା ଦେବୀ ମହାଲକ୍ଷ୍ମୀଙ୍କ ସ୍ତୁତିକୁ ନେଇ ପରିବେଷିତ 'ଲକ୍ଷ୍ମୀଅଷ୍ଟକମ୍'କୁ ଅନୁଷ୍ଠାନର ଶିଳ୍ପୀମାନେ ଅତି ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ଏହି ନୃତ୍ୟରେ ସଙ୍ଗୀତ ସଂଯୋଜନା ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ବାଦ୍ୟ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ଶବ୍ଦ ଓ ନୃତ୍ୟ ସଂରଚନା ଗୁରୁ ଗଜେନ୍ଦ୍ର ପଣ୍ଡା କରିଥିଲେ। ପରେ ଆଜାଦି କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ସେମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'ବନ୍ଦେ ମା ତରମ୍' ଉପସ୍ଥିତ ଦର୍ଶକ ଓ ଅତିଥିଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିଥିଲା। ଏହି ନୃତ୍ୟର ସଙ୍ଗୀତ ସଂଯୋଜନା ଗୁରୁ ସୁକାନ୍ତ କୁଣ୍ଡୁ, ବାଦ୍ୟ ସଂଯୋଜନା ସୁରେନ୍ଦ୍ର ମହାରଣା ଓ ନୃତ୍ୟ ସଂରଚନା ଗୁରୁ ଗଜେନ୍ଦ୍ର ପଣ୍ଡା କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ବିଶିଷ୍ଟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ପଣ୍ଡିତ ବିଶ୍ୱ ମୋହନ ଭଟ୍ଟ ଓ ତାଙ୍କ ନାତି ଅଥର୍ବ ଭଟ୍ଟଙ୍କ ମୋହନ ବୀଣା ବାଦନ। ତବଲାରେ ସହଯୋଗ କରିଥିଲେ ପ୍ରଶୋନଜିତ୍ ପୋଦାର। କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ତଥା ମୋହନ ବୀଣା ବାଦକ ପଣ୍ଡିତ ବିଶ୍ୱ ମୋହନ ଭଟ୍ଟ, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ବିଶିଷ୍ଟ ତବଲା ବାଦକ ପ୍ରଶୋନଜିତ୍ ପୋଦାର, ତ୍ରିଧାରା ସମ୍ପାଦକ ସିମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଓଡ଼ିଶୀନୃତ୍ୟକୁ ପରିଚିତ କରିବାରେ ଦେବ ପ୍ରସାଦ ଦାସଙ୍କ ଅବଦାନ ଅବିସ୍ମରଣୀୟ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଓଡ଼ିଶୀନୃତ୍ୟକୁ ନୂତନ ଓ ଶାସ୍ତ୍ରୀୟତା ଶୈଳୀରେ ପରିବେଷଣ କରି ନୂତନ ପିଢିଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ କରି ଏହାକୁ ଦେଶ ବିଦେଶରେ ସୁପରିଚିତ କରିବାରେ ଗୁରୁ ଦେବ ପ୍ରସାଦ ଦାସଙ୍କ ଅବଦାନ ଅବିସ୍ମରଣୀୟ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୯୦ତମ ଜୟନ୍ତୀ ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ସ୍ୱାଗତ ସଂଗୀତ ଗାନ କରିଥିଲେ। ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ ବିଜୟ ଜେନା, ଅଧ୍ୟାପକ ନିମାକାନ୍ତ ରାଉତରାୟ, ଚନ୍ଦନ ଜେନା, ଲିଙ୍ଗରାଜ ପ୍ରଧାନ, ପଙ୍କଜ ଚରଣ ପ୍ରଧାନ, ପ୍ରମୋଦ ସାହୁ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ରବି ନାରାୟଣ ନନ୍ଦ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବର୍ଷା


@ ଶିବପ୍ରସାଦ


@ ପ୍ରଭଞ୍ଜନ


@ ନରେଶ


@ ବାସୁଦେବ


@ ସୂର୍ଯ୍ୟନାରାୟଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର କୋର୍ଟ ପରିସରରେ ଅନୁଷ୍ଠିତ କାର୍ଯ୍ୟ ବନ୍ଦ ଆନ୍ଦୋଳନ।



ପଲଟ୍ରି ଇଣ୍ଟିଗ୍ରେଟେଡ୍ କମ୍ପାନୀର ଶୋଷଣ ବିରୋଧରେ କୁକୁଡ଼ା ଚାଷୀ ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

## ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍‌ର କ୍ଷମତା ବୃଦ୍ଧି ଲକ୍ଷ୍ୟ

**ନୂଆଦିଲ୍ଲୀ:** ଦେଶର ଅଗ୍ରଣୀ ବିଲ୍ଡିଂ ଉପକରଣ ନିର୍ମାତା ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ପକ୍ଷରୁ ୟୁପିଭିସି ଡିଭିଜନର ଅଭିବୃଦ୍ଧି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ବଚୁପାଲିଠାରେ ତା'ର ନୂଆ ଉତ୍ପାଦନ ଲାଇନ୍‌ର ଶୁଭାରମ୍ଭ ସହ ଆଗକୁ ବଢ଼ିଛି। ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍‌ର ୟୁପିଭିସି ବ୍ରାଣ୍ଡ-ଅପର୍ଣ୍ଣା ଭେନ୍‌ଷ୍ଟର୍ ଓ ଓକୋଟେକ୍‌ର ପିଭିସି ପ୍ରୋଫାଇଲ୍ ଏବଂ ଝରକା ଓ କବାଟ ସିଷ୍ଟମ୍‌ର ଆବଶ୍ୟକତାକୁ ପୂରଣ କରିବ। ଏହି ନୂଆ ପ୍ରଡକ୍ସନ ଲାଇନ୍ ମୋଟ ୟୁପିଭିସି ପ୍ରୋଫାଇଲ୍ ଉତ୍ପାଦନ କ୍ଷମତାକୁ ୫୦%ରୁ ଅଧିକ ବୃଦ୍ଧି କରି ମୋଟ କ୍ଷମତାକୁ ମାସିକ ୪୫୦ ଟନ୍‌ରୁ ୭୦୦ ଟନ୍‌ରେ ପହଞ୍ଚାଇବ। ୨୦୨୩ ସୁଦ୍ଧା କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୧୧୦୦ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

# 'ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ଗୁରୁତ୍ୱ'




### ୩ ଦିନିଆ ଓଡ଼ିଶା ଟ୍ରାଭେଲ ବଜାର-୨୦୨୨କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧୦**

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ସାଙ୍ଗକୁ ଜାତୀୟସ୍ତରର ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଶିଳ୍ପ ସଂଘ ଫିକିର ମିଳିତ ସହଯୋଗରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ଓଡ଼ିଶା ଟ୍ରାଭେଲ ବଜାର-୨୦୨୨କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ୧୭ଟି ପ୍ରମୁଖ ଅଗ୍ରାଧିକାର ପର୍ଯ୍ୟଟନ କ୍ଷେତ୍ର ଚିହ୍ନଟ କରିଛନ୍ତି। ସେଥିରେ ବେଳାଭୂମି, ଜୈବ ବିବିଧତା ଅଞ୍ଚଳ, ଐତିହାସିକ ସ୍ଥାପତ୍ୟ,ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ସ୍ଥାନଗୁଡିକ ସାମିଲ ରହିଛି। ଏହା ସବୁବର୍ଗଙ୍କୁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଅନୁଭୂତି ପ୍ରଦାନ କରିବ। ବିଶେଷକରି ପର୍ଯ୍ୟଟନ ଅନୁଭବକୁ ଆହୁରି ସମୃଦ୍ଧ କରିବା ଲାଗି ବୋଟ୍ ପର୍ଯ୍ୟଟନ, କ୍ୟାମ୍ପିଂ,ଐତିହାସିକ ରାଜପ୍ରାସାଦରେ ରହଣି, ଜଳଭିତ୍ତିକ ପର୍ଯ୍ୟଟନ ଆଦି କ୍ଷେତ୍ରରେ ମଧ୍ୟ ନିବେଶ କରାଯାଉଛି ଏବଂ ତାହାକୁ ସଂସ୍ଥାର ରୂପ ପ୍ରଦାନ କରିବାକୁ ମଧ୍ୟ ଉଦ୍ୟମ କରାଯାଉଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେହିଭଳି ପର୍ଯ୍ୟଟନ କ୍ଷେତ୍ର ଲାଗି ସରକାର ମାଷ୍ଟର ପ୍ଲାନ୍ ଭିତ୍ତିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ରାଜ୍ୟକୁ ଉତ୍କୃଷ୍ଟ ବ୍ରାଣ୍ଡ୍,ବ୍ୟବସାୟ କାର୍ଯ୍ୟରେ ଭ୍ରମଣ କରୁଥିବା ବ୍ୟକ୍ତି ଏବଂ ଉତ୍କୃଷ୍ଟ ଆତିଥେୟତା ଖୋଜୁଥିବା ବିଶ୍ୱର ବିଭିନ୍ନ ପ୍ରାନ୍ତର ଲୋକମାନଙ୍କୁ ଆକୃଷ୍ଟ କରିବ। ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକ ଟୁର୍ ଅପରେଟରମାନଙ୍କୁ କହିଛନ୍ତି, ବର୍ତ୍ତମାନ ଭାରତର ସବୁଠୁ ଚଳଚଞ୍ଚଳ ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ, ଯେଉଁଠାରେ ବହୁତ କିଛି ଘଟଣା ଘଟୁଛି। ସେଥିପାଇଁ ଏହି ସୁନ୍ଦର ରାଜ୍ୟରେ ସକ୍ରିୟ ଯୋଗଦାନ କରିବା ଲାଗି ସେ ସେମାନଙ୍କୁ ଆମନ୍ତ୍ରଣ କରିଛନ୍ତି। ପ୍ରଦର୍ଶନୀର ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର,ବିଭାଗୀୟ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ,ବିଭାଗୀୟ ଓଏସ୍‌ଡି ଅଂଶୁମାନ ରଥଙ୍କ ସମେତ ଫିକିର ଟ୍ରାଭେଲ,ପର୍ଯ୍ୟଟନ ଓ ଆତିଥେୟତା କମିଟିର ସହ ଅଧ୍ୟକ୍ଷ ଏବଂ ସ୍ୱସ୍ତି ହୋଟେଲ୍ସର ସିଏମ୍‌ଡି ଜେ. କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୨୮।୧୦**

କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ଶେୟାର ମାର୍କେଟର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୦୩ (୨୦୩.୦୧) ପଏଣ୍ଟ ବଢ଼ି ୫୯,୯୬୦ (୫୯,୯୫୯.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୫୦ (୪୯.୮୫) ପଏଣ୍ଟ ବୃଦ୍ଧି ଘଟି ୧୭,୭୮୭ (୧୭,୭୮୬.୮୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ୟାଙ୍କ, ଆଇଟି, ଏଫ୍‌ଏମ୍‌ସିଜି ଏବଂ ଅଟୋଶିଳ୍ପ ଓ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା। ସୂଚନାଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ପ୍ରଭାବ ଶେୟାର ବଜାରର କାରବାର ଉପରେ ପଡୁଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଅସ୍ଥିରତା ଦେଖାଦେଉଛି।

## ଏସ୍‌ବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୮।୧୦**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ର ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପାରଳା ମହାରାଜ ବୈଷୟିକ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଏକ ବିଶାଳ ବୃକ୍ଷରୋପଣ ଓ ଆମ୍ବୁଲାନ୍ସ ମଧ୍ୟ ଭିନ୍ନ ଭିନ୍ନ ସଂସ୍ଥାକୁ ପ୍ରଦାନ କରାଯାଇଛି। ବିଶେଷକରି ବ୍ରହ୍ମପୁର ପାରଳା ମହାରାଜ ବୈଷୟିକ ମହାବିଦ୍ୟାଳୟ ପରିସରରେ ପ୍ରାୟ ୧ହଜାର ଔଷଧୀୟ ଚାରାରୋପଣ ମଧ୍ୟ କରାଯାଇଥିଲା। ଏହିଅବସରରେ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅପର ପକ୍ଷରେ ବ୍ୟାଙ୍କର ବ୍ରହ୍ମପୁର ପ୍ରଶାସନିକ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳର ବ୍ରହ୍ମପୁର ଶାଖାକୁ ଏକ ନୂତନ ଆମ୍ବୁଲାନ୍ସ ଦିଆଯାଇଥିଲା। ଏପରିକି ଲୋକ ସେବକ ମଣ୍ଡଳର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଜେନାଙ୍କୁ ଶର୍ମା ଆମ୍ବୁଲାନ୍ସର ଚାବି ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବ୍ରହ୍ମପୁର କାର୍ଯ୍ୟାଳୟର ସହ ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ସନ୍ଦିପ କୁମାର ଚୌବେଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କ୍ରିଏଟିଭ ହୋମ୍ସ ଉଦ୍‌ଘାଟିତ



**କଟଣୀ,୨୮।୧୦(ଡି.ଏନ୍.ଏ.)**

ଭୁବନେଶ୍ୱର ଜୟଦେବ ବିହାରଠାରେ ଶୁକ୍ରବାର କ୍ରିଏଟିଭ ହୋମ୍ସ ନାମକ ଏକ ଅତ୍ୟାଧୁନିକ ସାନିଟାରୀ ଶୋରୁମ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ୱାର୍ଡ ନମ୍ବର ୨୭ର ଅନିଲ ଦାସ, ଲେଖକ ସୀତାକାନ୍ତ ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଶୋରୁମରେ ଆମେରିକାନ ଷ୍ଟାଣ୍ଡାଡ୍ ଗ୍ରୋହେ କମ୍ପାନୀର ସାନିଟାରୀ ଫିଟିଂସ, ଅଭେନ ଗୋଲ୍ଡ ବାଥ ଫିଟିଂସ ଏବଂ ଉଡେନ ଫ୍ଲୋରିଙ୍ଗ ଆଦି ସାନିଟାରୀ ଉପକରଣ ସୁଲଭ ଏବଂ ସୁବିଧାରେ ସବୁ ବର୍ଗର ଗ୍ରାହକଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଯୋଗାଇ ଦିଆଯିବ ବୋଲି କ୍ରିଏଟିଭି ହୋମ୍ସର ନିର୍ଦ୍ଦେଶକ ଲିଟୁ ଶତପଥୀ ଏବଂ ସୁଶାନ୍ତ କୁମାର ସାହୁ କହିଛନ୍ତି।

## ଇଏସ୍‌ଆଇସି ସହ ବେଦାନ୍ତ ଲାଞ୍ଜିଗଡ଼ର ଏମ୍‌ଓୟୁ

**ଭୁବନେଶ୍ୱର,୨୮।୧୦**




ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍ ସହ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ଏହି ସହଭାଗିତାର ଏକ ଅଂଶ ଭାବେ ଲାଞ୍ଜିଗଡ଼ଠାରେ ଥିବା ବେଦାନ୍ତ ଡାକ୍ତରଖାନା ବର୍ତ୍ତମାନ ଇଏସ୍‌ଆଇସିର ଏକ ନିଯୁକ୍ତିଦାତା ଡିସ୍‌ପେନସାରି ଭାବେ ମାନ୍ୟତା ହାସଲ କରିଛି। ବିଶେଷକରି ଇଏସ୍‌ଆଇସି ସାଧାରଣ ସ୍ୱାସ୍ଥ୍ୟଜନିତ ଆପଦକୁ ତିନିସ୍ତରୀୟ ସହାୟତା ଯଥା ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ଶ୍ରେଣୀରେ ବିଭକ୍ତ କରିଛି, ଯେଉଁଥିରେ ଜଣେ ଇଏସ୍‌ଆଇସିର ହିତାଧିକାରୀ ଚିକିତ୍ସା ପାଇପାରିବେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ଡେପୁଟି ସିଇଓ (ଆଲୁମିନା ବିଜ୍‌ନେସ) ଜି. ଜି. ପାଲ କହିଛନ୍ତି, ଆମ କର୍ମଚାରୀ ଓ ବ୍ୟବସାୟିକ ଭାଗୀଦାରିଙ୍କ କଲ୍ୟାଣ ଆମ ପାଇଁ ସବୁଠାରୁ ମୂଲ୍ୟବାନ। ଇଏସ୍‌ଆଇସି ସହ ଏହି ସହଭାଗିତା ଆମର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଇଏସ୍‌ଆଇସିର କଲ୍ୟାଣକାରୀ ଯୋଜନାରୁ ସୁବିଧା ଓ ଲାଭ ମିଳିବ। ଲାଞ୍ଜିଗଡ ବେଦାନ୍ତ ହସ୍ପିଟାଲ ଲୋକମାନଙ୍କୁ ଦୀର୍ଘ ୧୫ବର୍ଷ ହେଲା ଚିକିତ୍ସା ସେବା ଯୋଗାଇ ଦେଇ ଆସୁଛି। ସେହିଭଳି ଇଏସ୍‌ଆଇସିର ଆଞ୍ଚଳିକ ନିର୍ଦ୍ଦେଶକ ଓଡ଼ିଶା ଭୁବନେଶ୍ୱରର ପାର୍ଥସାରଥି ପଣ୍ଡା କହିଛନ୍ତି, ଆମେ ଖୁସି ଯେ ବେଦାନ୍ତ ତା'ର ହସ୍ପିଟାଲ ସହିତ ଇଏସ୍‌ଆଇସିକୁ ସାମିଲ କରାଇଛି, ଯାହାଦ୍ୱାରା ସ୍ଥାନୀୟ ଗୋଷ୍ଠୀ ବହୁ ଲାଭବାନ ହେବେ। ଏହି ପଦକ୍ଷେପ ଦ୍ୱାରା ବେଦାନ୍ତର କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହେବେ। ବେଦାନ୍ତ ଲାଞ୍ଜିଗଡ଼ କର୍ମଚାରୀ ଓ ସ୍ଥାନୀୟ ଜନବର୍ଗଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି।

## ଆପୋସ ବୁଝାମଣାରେ ହେବ କାରବାର

**କଟକ,୨୮।୧୦(ନି.ପ୍ର.)**

ଦୀର୍ଘଦିନ ଧରି କୁକୁଡ଼ା ଚାଷ କରୁଥିବା ଚାଷୀ ଓ ଚାଷୀଙ୍କୁ କୁକୁଡା ଛୁଆ, ଦାନା ଓ ଔଷଧ ଆଦି ଯୋଗାଉଥିବା କମ୍ପାନୀମାନଙ୍କ ମଧ୍ୟରେ ଲାଭାଂଶକୁ ନେଇ ଉପୁଜିଥିବା ବିବାଦର ସମାଧାନ ପାଇଁ ଶୁକ୍ରବାର ସ୍ଥାନୀୟ ବାଦାମବାଡ଼ିସ୍ଥିତ ବିସାଲ ଇନ୍ ହୋଟେଲରେ କୁକୁଡ଼ା ବିକ୍ରେତା ସଂଘର ବରିଷ୍ଠ ସଦସ୍ୟ ପ୍ରବୋଧ କୁମାର ସାହାଣୀଙ୍କ ନେତୃତ୍ୱରେ ଏକ ବୈଠକର ଆୟୋଜନ କରାଯାଇଥିଲା। ବିଶେଷକରି କୁକୁଡା ଚାଷ କରୁଥିବା ଚାଷୀଙ୍କ ପାଖରୁ କମ୍ପାନୀମାନେ କୁକୁଡା ଉଠାଣ କରି ଗାଡି ମାଧମରେ ବିକ୍ରେତାଙ୍କ ପାଖରେ ପହଞ୍ଚାଇଥାନ୍ତି । ହେଲେ ଗାଡ଼ି ଯୋଗେ କୁକୁଡା ଆସୁଥିବା ବେଳେ କିଛି ଚାଷୀ ଓ ଅସାମାଜିକ ବ୍ୟକ୍ତି ରାସ୍ତା ମଝିରେ ଗାଡିକୁ ଅଟକାଇ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିଥାନ୍ତି । ଯାହାଦ୍ୱାରା କୁକୁଡା ବିକ୍ରେତାଙ୍କ ପାଖରେ କୁକୁଡା ଠିକ୍ ଭାବରେ ପହଞ୍ଚ ପାରି ନ ଥାଏ। ଫଳରେ ଗ୍ରାହକମାନେ ଏହା ଦ୍ୱାରା ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ କୁକୁଡା ବିକ୍ରେତା ସଂଘ ପକ୍ଷରୁ ଏକ ବୁଝାବଣା ହୋଇଥିବା ଜଣାପଡିଛି। ମୁଖ୍ୟତଃ ଚାଷୀଙ୍କ ଲାଭାଂଶକୁ ନେଇ ଏହି ବିବାଦ ଦେଖା ଦେଇଥିଲା । ଏହି ବିବାଦର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଚାଷୀ ଓ କମ୍ପାନୀ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣାରେ କାରବାର ହେବ ବୋଲି ବୈଠକରେ ସହମତି ପ୍ରକାଶ ପାଇଛି। ଏଥିରେ ସୁଗୁଣା ଆଇବି, ପଶୁପତି, ସାଲିମାର, ଇଷ୍ଟର୍ଣ୍ଣ, ପୋଲଟେକ୍, ଜେକେ, ଭୈରବୀ, ବାରାମତୀ, ସାହୁ ଟ୍ରେଡର ଓ ସୌରୀ ଫିଡ୍ ଆଦି କୁକୁଡା କମ୍ପାନୀ ଏବଂ ଚାଷୀଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା।

**ଫୁର୍‌ସତ୍**

## ମିସ୍ ୟୁନିଭର୍ସ ଅର୍ଗାନାଇଜେଶନର ନୂଆ ମାଲିକାଣୀ ଆନେ



**ବ୍ୟାଙ୍କକ୍**

ଥାଇଲାଣ୍ଡର ଟ୍ରାନ୍ସଜେଣ୍ଡର ମହିଳା ବ୍ୟବସାୟୀ ଆନେ ଜାକାପୋଙ୍ଗ ଜାକ୍ରାଜୁଟାଟିପ୍ ୨୦ ନିୟୁତ ଡଲାର ମୂଲ୍ୟରେ ମିସ୍ ୟୁନିଭର୍ସ ଅର୍ଗାନାଇଜେଶନ୍ କିଣି ଇତିହାସ ସୃଷ୍ଟି କରିଛନ୍ତି। ମିସ୍ ୟୁନିଭର୍ସିଟିର ପ୍ରତିଯୋଗିତାର ୭୧ ବର୍ଷ ମଧ୍ୟରେ ପ୍ରଥମ କରି ଜଣେ ମହିଳା ଏହି ଅର୍ଗାନାଇଜେଶନ୍‌ର ମାଲିକାଣୀ ହୋଇଛନ୍ତି। ଆନେଙ୍କ କମ୍ପାନୀ ଜେକେଏନ୍ ଗ୍ଲୋବାଲ୍ ଗ୍ରୁପ୍ ପ୍ରାରମ୍ଭିକ ସମୟରେ ଥାଇଲାଣ୍ଡରେ ପ୍ରୋଜେକ୍ଟ ରନ୍‌ୱେ ଏବଂ ସାର୍କଟାଙ୍କ୍ କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲା। ମିସ୍ ୟୁନିଭର୍ସ ଅର୍ଗାନାଇଜେଶନ୍ କିଣିବା ଆନେଙ୍କ ବ୍ୟବସାୟରେ ଅନେକ ବୃଦ୍ଧି ଘଟାଇବ ବୋଲି ସେ କହିଛନ୍ତି। ଇଣ୍ଟରନ୍ୟାଶନାଲ ମ୍ୟାନେଜ୍‌ମେଣ୍ଟ ଗ୍ରୁପ୍ ୨୦୧୫ରେ ଏହି ଅର୍ଗାନାଇଜେଶନ୍‌କୁ କିଣିଥିଲା। ଏହା ପୂର୍ବରୁ ଆମେରିକାର ପ୍ରାକ୍‌ପୂର୍ବ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ୧୯୯୬ରୁ ୨୦୧୫ ପର୍ଯ୍ୟନ୍ତ ଏହାର ସହମାଲିକାନା ଥିଲା। ଜେକେଏନ୍ ଗ୍ଲୋବାଲ୍ ଗ୍ରୁପ୍ ମାଲିକାନା ଅଧିକାର କରିବା ପରେ ପଉଲା ଶୁଗାର୍ଟ ଅର୍ଗାନାଇଜେଶନ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ରହିବା ସହ ଏମି ଇମେରିଚ୍ ଏହାର ସିଇଓ ପଦରେ ରହିଛନ୍ତି। ଆନେଙ୍କ କମ୍ପାନୀ ମିସ୍ ୟୁନିଭର୍ସ ଅର୍ଗାନାଇଜେଶନ କିଣିବା ଦ୍ୱାରା ସୁନ୍ଦରୀ ପ୍ରତିଯୋଗିତା କ୍ଷେତ୍ରରେ ଆସନ୍ତା ଦିନମାନଙ୍କରେ ଅଧିକରୁ ଅଧିକ ଉନ୍ନତି ଓ ନୂଆ ଜିନିଷ ଦେଖିବାକୁ ମିଳିବ ବୋଲି ଏଣ୍ଡଇଭୋର କମ୍ପାନୀ ସଭାପତି ମାର୍କ ଶାପିରୋ କହିଛନ୍ତି। ଆନେ ଜଣେ ଟ୍ରାନ୍ସଜେଣ୍ଡର ମହିଳା ହୋଇଥିବାବେଳେ ସେ ନିଜ ସମ୍ପର୍କରେ ସବୁବେଳେ ସ୍ପଷ୍ଟ ମନ୍ତବ୍ୟ ରଖିଥାନ୍ତି। ଏଥିସହ ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ଓ ହିତ ସାଧନ ପାଇଁ ସେ ସବୁବେଳେ ସ୍ୱର ଉତ୍ତୋଳନ କରିଥାନ୍ତି। ଅନେକ ଟ୍ରାନ୍ସଜେଣ୍ଡର ଆନେଙ୍କୁ ନିଜ ପ୍ରେରଣା ବୋଲି ଭାବିଥାନ୍ତି।

## 'ବିଶ୍ୱାସ ସ୍ୱରୂପମ୍'ର ଅନାବରଣ ଆଜି



**ଜୟପୁର:** ରାଜସ୍ଥାନର ନାଥଦ୍ୱାରା ସହରରେ ତିଆରି ହୋଇଥିବା ୩୬୯ ଫୁଟ ଶିବ ମୂର୍ତ୍ତିର ଅନାବରଣ ଶନିବାର କରାଯିବ। ଏହି ମୂର୍ତ୍ତିର ନାମ 'ବିଶ୍ୱାସ ସ୍ୱରୂପମ୍' ରଖାଯାଇଛି। ସନ୍ଥ ମୋରାରି ବପୁ ଏହି ମୂର୍ତ୍ତିର ଅନାବରଣ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏଥିରେ ସାମିଲ ହେବେ। ତତ୍ ପଦମ ସଂସ୍ଥାନ ପକ୍ଷରୁ ଏହି ବିଶାଳ ମୂର୍ତ୍ତି ତିଆରି କରାଯାଇଛି। ତେବେ ଏହା ବିଶ୍ୱର ସବୁଠୁ ଉଚ୍ଚତମ ଶିବମୂର୍ତ୍ତି ହେବାକୁ ଥିବାବେଳେ ୨୫୦ କି.ମି ପବନର ବେଗକୁ ଏହା ସମ୍ଭାଳି ପାରିବ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି। ମୂର୍ତ୍ତି ଅନାବରଣ ପରେ ୯ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ପ୍ରବଚନ, ସତ୍‌ସଙ୍ଗ ଭଳି କାର୍ଯ୍ୟକ୍ରମ କରାଯିବ।

## ଅକାମୀ ହୋଇଯିବ ଇନ୍‌ସାଇଟ୍ ଲ୍ୟାଣ୍ଡର



**ୱାଶିଂଟନ୍**

ମଙ୍ଗଳ ଗ୍ରହର ଆଭ୍ୟନ୍ତରୀଣ ସ୍ଥିତି ବିଷୟରେ ଜାଣିବା ପାଇଁ ନାସା ୨୦୧୮ରେ ଇନ୍‌ସାଇଟ୍ (ଇଣ୍ଟେରିଅର୍ ଏକ୍ସପ୍ଲୋରେଶନ୍ ୟୁଜିଙ୍ଗ୍ ସେସ୍‌ମିକ୍ ଇନ୍‌ଭେଷ୍ଟିଗେଶନ୍ସ, ଜିଓଡେସି ଆଣ୍ଡ ହିଟ୍ ଟ୍ରାନ୍ସପୋର୍ଟ) ଲ୍ୟାଣ୍ଡରକୁ ମଙ୍ଗଳ ଭୂପୃଷ୍ଠରେ ଅବତରଣ କରାଯାଇଥିଲା। ପାଖାପାଖି ୪ ବର୍ଷ ପରେ ଏହି ଲ୍ୟାଣ୍ଡର ଅକାମୀ ହେବାକୁ ଯାଉଛି। ଆସନ୍ତା ୪ରୁ ୮ ସପ୍ତାହ ମଧ୍ୟରେ ଇନ୍‌ସାଇଟ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ବନ୍ଦ କରିଦେବ ବୋଲି ନାସା ପକ୍ଷରୁ କୁହାଯାଇଛି। ଏହାର ସୋଲାର ପ୍ୟାନେଲ୍‌ରେ ଧୂଳି ଜମିଯାଇଛି କାରଣରୁ ଆମେରିକା ସ୍ପେସ୍ ଏଜେନ୍ସିର ଷ୍ଟେଶନାରି ଲ୍ୟାଣ୍ଡରରୁ ଇନ୍‌ସାଇଟ୍ ଶକ୍ତି ସଂଗ୍ରହ କରିବା କମାଇ ଦେଇଛି। ଏହାର ବ୍ୟାଟେରି ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଦୁଇ ବର୍ଷୀୟ ମିଶନରେ ଏହି ଲ୍ୟାଣ୍ଡରକୁ ମଙ୍ଗଳ ପ୍ରେରଣ କରାଯାଇଥିବାବେଳେ ଦୁଇବର୍ଷ ଅଧିକ ଅର୍ଥାତ୍ ୪ ବର୍ଷ ମଙ୍ଗଳ ଭୂଭାଗରେ ରହି କାର୍ଯ୍ୟ କରୁଛି।

## ହଲ୍ ଛାତରେ ନାଚିଲେ କ୍ରିତି



**ମୁମ୍ବାଇ**

ନିଜର ଅପ୍‌କମିଂ ଫିଲ୍ମ 'ଭେଡିଆ'ର ପ୍ରମୋଶନ୍‌ରେ ଏବେ ବ୍ୟସ୍ତ ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍। ଶୁକ୍ରବାର ଫିଲ୍ମର ପ୍ରମୋଶନ୍ କରିବା ସମୟରେ କ୍ରିତି ମୁମ୍ବାଇର ଗେଟି ଗାଲାକ୍ସି ଥିଏଟର ଛାତ ଉପରେ ନାଚୁଥିବାର ଦେଖିବାକୁ ମିଳିଛି। ତେବେ ଖାଲି କ୍ରିତି ନୁହେଁ ଫିଲ୍ମର ଅଭିନେତା ବରୁଣ ଧୱନ ମଧ୍ୟ କ୍ରିତିଙ୍କ ସହ ତାଳ ମିଶାଇ ନାଚୁଥିବାର ଦେଖିବାକୁ ମିଳିଛି। ଫିଲ୍ମର ଗୀତ 'ଠୁମ୍‌କେଶ୍ୱରୀ'ରେ ଦୁହେଁ ନାଚୁଥିବାବେଳେ ସେମାନଙ୍କ ନାଚ ଦେଖିବା ପାଇଁ ଥିଏଟର ବାହାରେ ଅନେକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହା ଏକ ହରର-କମେଡି ଫିଲ୍ମ ହୋଇଥିବାବେଳେ ଅମର କୌଶିକ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ଉନ୍ନତମାନର ଭିଏଫ୍‌ଏକ୍ସର ବ୍ୟବହାର କରାଯାଇଥିବାବେଳେ ଦର୍ଶକ ଫିଲ୍ମକୁ ପସନ୍ଦ କରିବେ ବୋଲି ନିର୍ଦ୍ଦେଶକଙ୍କ ଆଶା ରହିଥିବା ସେ କହିଛନ୍ତି। ନଭେମ୍ବର ୨୫ରେ ଫିଲ୍ମଟି ପ୍ରେକ୍ଷାଳୟକୁ ଓହ୍ଲାଇବାକୁ ଥିବାବେଳେ ଏହା ହିନ୍ଦୀ, ତେଲୁଗୁ ଓ ତାମିଲ ଭାଷାରେ ମୁକ୍ତିଲାଭ କରିବ ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount
under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ କୁମାରେଶ ସାମଲ
୧୩୨ ବାପୁଜୀ ନଗର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ।
ଧ-୧୮୭୫

# ଧଳାପାରା

**ଗଳ୍ପ**

**ପ୍ରତାପ ବିଶ୍ୱାଳ**

"ମୁଁ ବାପାଙ୍କୁ ପେପର ଓ ରଙ୍ଗବୁଡ଼ା ତୂଳୀଟା ଦେଇ ଫୋନ୍‌ଟା ଧରି ବାହାରି ଆସିଲି ବାହାରକୁ। କହିଲି, ବାପା ଆଜି କାହିଁ ଏଣୁତେଣୁ ଗପୁଛନ୍ତି। ଝର୍କାଆଡ଼କୁ ଚାହିଁ କହୁଛନ୍ତି ଧଳାପାରାଟାଏ ବସିଛି। ମୋତେ କାଗଜ, ତୂଳୀ ଦେ', ମୁଁ ତା' ଚିତ୍ର ଆଙ୍କିବି। ଭାଇ କହିଲା- ମୁଁ ବି କାଲିରାତିରେ ଧଳାପାରାର ସ୍ୱପ୍ନ ଦେଖିଛି।"

କୋଠରିର ସେଇ ଦରମେଲା ଦ୍ୱାର ଏବେ ବି ସେମିତି ଦରମେଲା। ଖଟ ଉପରକୁ ଚାହିଁଲେ ଦିଶିଯାଏ ସୂର୍ଯ୍ୟ ଚନ୍ଦ୍ର ପରି ଦୁଇଟି ଆଖି। ଯେମିତି ପଚାରନ୍ତି କେମିତି ଅଛୁରେ? ତାଙ୍କର ଏ ପ୍ରଶ୍ନଟା ମୋତେ ଲାଗେ ସେ ଜାଣିବାକୁ ଚାହୁଁଛନ୍ତି କେମିତି ଅଛି ଆଜିର ଏ ପୃଥିବୀ। ବର୍ଷେ ହେଲା ସେ ଦେଖିନାହାନ୍ତି ତାଙ୍କ କୋଠରି ବାହାରର ପୃଥିବୀକୁ। ହାତ ପାଦରେ ଶିକୁଳି ନ ଥାଇ ବି କୋଠରିରେ ସେ ବନ୍ଦୀ। ଗୋଟିଏ ପାରାଲିସିସ୍ ଆକ୍ରାନ୍ତ ବିଛଣାରୁ ଉଠିପାରୁ ନ ଥିବା ରୋଗୀକୁ କ'ଣ ବା କୁହାଯାଇପାରିବ। ସକାଳ ସୂର୍ଯ୍ୟର ଆଲୋକ ସ୍କାଏଲାଇଟ୍ ବାଟେ କୋଠରିକୁ ଆସିଲେ କୁହନ୍ତି ଖୋଲି ଦିଅରେ ସେ ଝର୍କା ଟିକିଏ। କେବେ କିଏ ଖୋଲନ୍ତି ତ କେବେ ଖୋଲନ୍ତି ନାହିଁ।

ସେ କୁହନ୍ତି ତାଙ୍କ ପରିଚିତ ପୃଥିବୀ କଥା। ତାଙ୍କ ପାଇଁ ଖରା, ବର୍ଷା, ଶୀତ, କାକର ସବୁ ସମାନ ହେଲେ ବି ସେ ପଚାରନ୍ତି ଏବେ ବି ଋତୁସବୁ ଆସୁଛନ୍ତି ନା ଆମ ଏ ପୃଥିବୀକୁ? କାହିଁ ତ କାଉ ରାବୁନି, କୋଇଲି ଗାଉନି। ବଦଳିଯାଇଛି ତା'ହେଲେ ପୁରୁଣା ପୃଥିବୀ। ଆଉ କ'ଣ ଯୋଗୀ ଗୀତ ଗାଉଛି? ଗଛର ସବୁଜ ପତ୍ରସବୁ ସୂର୍ଯ୍ୟରଶ୍ମିରେ ଭୋକ ତିଆରି କରୁଛନ୍ତି। ଉଡୁରି ପଡୁଛି ଗାଁ ବିଲ ମାର୍ଗଶିରର ଡାଆଣିଆ ଖରାରେ। ଏବେ କ'ଣ ମନ୍ଦିରରେ ଆଳତି ହେଉଛି? ଫୁଲମାନେ ହସୁଛନ୍ତି ଗଛରେ ଗଛରେ?

ମୁଁ ହଁ କହିଲେ ସେ କହନ୍ତି- ଆଃ, କେଉଁଠି ତା'ହେଲେ ଛିଣ୍ଡିଗଲା ଯୋଗୀ କେନ୍ଦରାର ତାର ଟିକକ! କେମିତି ଖସିଲା ବଡ଼ଦେଉଳରୁ ପଥର। କେମିତି ଖଣ୍ଡିତ ହୋଇଗଲା କୋଣାର୍କର ମୂର୍ତ୍ତି। ମୋତେ ଯିବାକୁ ହେବ, ଯାଇ ତା'ର ଫଟୋ ଉଠାଇବାକୁ ପଡ଼ିବ।

ବାପା ଚିତ୍ରଶିଳ୍ପୀ। ଫଟୋଗ୍ରାଫର୍ ବି। ତାଙ୍କର ଏ ଘରେ ଅଛି ଅନେକ ଫଟୋର ଆଲବମ୍। ଅନେକ ସାଇତା ଚିତ୍ରର ଇତିହାସ ଅଛି ସେସବୁ ଆଲବମ୍‌ରେ। କେବେକେବେ କୁହନ୍ତି- ବାପାରେ, ସେ ଥାକରୁ ଏତେ ନମ୍ବର ଆଲବମ୍‌ଟା ଆଣେ ତ। ଅଣ୍ଟାଠାରୁ ପାଦଯାଏଁ ଉଠାଇ ପାରୁ ନ ଥିବା ଅବୟବକୁ ଦୁଇ ହାତରେ ଭରାଦେଇ ଉଠାଇ ଖଟବାଡ଼ାରେ ତକିଆକୁ ଆଉଜାଇ ବସି ଦେଖନ୍ତି। ଦେଖାନ୍ତି ମୋତେ। ବାଙ୍କି ଯାଇଥିବା ଓଠରେ ଖନେଇ ଖନେଇ କୁହନ୍ତି ଫଟୋର ଇତିହାସ। ଆଙ୍ଗୁଠି ବୁଲାଇ ଆଣନ୍ତି ଫଟୋ ଉପରେ। ଲୁହ ପଡ଼ି ଓଦା ହୋଇଯାଏ ଫଟୋ। ଚିହ୍ନାଇ ଦିଅନ୍ତି ଆମ ପିଲାବେଳର ଫଟୋକୁ ଦେଖାଇ, ଆମ ତିନି ଭାଇଭଉଣୀ ଓ ବୋଉକୁ। କେତେବେଳେ ଆମ ଭିତରୁ କିଏ ବାପାଙ୍କ ପିଠିରେ ନାଉ ହୋଇଛୁ। କେତେବେଳେ ସାଇକେଲ୍‌ରେ ବସିଛୁ। ପୁଣି କେତେବେଳେ



ଠାକୁର ଘରେ ବସି ପ୍ରାର୍ଥନା କରୁଛୁ। ବୋଉ କେମିତି ଲକ୍ଷ୍ମୀ ପୂଜା କରୁଛି, କାନ୍ଥରେ ଝୋଟି ପକାଉଛି, ଲୁଗା କାଚୁଛି, ରୋଷେଇ କରୁଛି।

ବୋଉ ସେପୁରକୁ ଗଲାଣି ଅନେକ ଦିନରୁ। ବଡ଼ଭାଇର ଚାକିରି ବାଙ୍ଗାଲୋରରେ। ସେ ତା' ସ୍ତ୍ରୀ ସହ ସେଠି। ଭଉଣୀ ରହୁଛି ଯାଇ ଦିଲ୍ଲୀରେ। ବାପାଙ୍କ ଏ ଅବସ୍ଥା ଜାଣି ବର୍ଷକ ଭିତରେ ଭାଇଭଉଣୀ ଦୁଇ ଥର ଆସି ସାରିଲେଣି। ନିକଟରେ ଆସିବା ବୋଧେ ତିନି ମାସରୁ ଊର୍ଦ୍ଧ୍ୱ ହୋଇସାରିଲାଣି। ଭାଉଜଙ୍କ ଡେଲିଭରି ଡେଟ୍ ବୋଧେ ଏଇ ପାଖାପାଖି କିଛି ଦିନରେ, ଯାହା ମୁଁ ଭଉଣୀ ପାଖରୁ ଶୁଣିଛି।

ବାପା ଆମ ଦୁଇ ଭାଇଙ୍କୁ ନାଁ ନ ଧରି ଡାକନ୍ତି 'ବାପା'। ଭଉଣୀକୁ ଡାକନ୍ତି 'ମା'। କୁହନ୍ତି ବାପରେ, ଅମୁକ କାମଟା କରିଦିଅ ତ। ଭଉଣୀକୁ କୁହନ୍ତି ମା'ରେ, ଭାତ ମୁଠାଏ ବାଢ଼ିଲୁ। ବାପାଙ୍କ ଏପରି ଡାକରେ ଥରେ ପଡ଼ିଶା ଘର ଅଜା ହିସାବ ହେବ ଜଣେ କହିଥିଲେ, "ଆରେ ପୁଅକୁ ନାଁ ନ ଧରି ଡାକି, ବାପା କ'ଣ ଡାକୁଛୁ? ସିଏ କ'ଣ ତୋ' ବାପା?" ମୋର ମନେଅଛି ବାପା ସେଦିନ କହିଥିଲେ- "ପୁଅ ଦିନେ ବାପ ହେବ ନା! ଏବେ ବାପା ଡାକିଲେ କ୍ଷତି କ'ଣ? ବାପାର କର୍ତ୍ତବ୍ୟ ନିଭାଇ ସାରିଲା ପରେ ବର୍ତ୍ତମାନ ତାଙ୍କ କର୍ତ୍ତବ୍ୟ ସେ କରୁଛନ୍ତି। ସେତେବେଳେ ସେମାନେ ବାପା ଉପରେ ନିର୍ଭରଶୀଳ ଥିଲେ। ବର୍ତ୍ତମାନ ମୁଁ ତାଙ୍କ ଉପରେ ନିର୍ଭରଶୀଳ। ପିଲାଙ୍କ ହାନିଲାଭ, ଭଲମନ୍ଦ, ଦୁଃଖକଷ୍ଟ, ରୋଗବୈରାଗ୍ୟ କଥା ବୁଝିବା ହିଁ ବାପାର କର୍ତ୍ତବ୍ୟ। ବୁଢ଼ା ହେଲା ପରେ ସେ ଆମର ହାନିଲାଭ, ଭଲମନ୍ଦ, ଦୁଃଖସୁଖ, ରୋଗବୈରାଗ୍ୟରେ ଚିନ୍ତିତ। ସେମାନେ ବାପା ନୁହନ୍ତି ତ ଆଉ କ'ଣ?"

ଅଜା ଚୁପ୍ ହୋଇଯାଇଥିଲେ। ମୋତେ କିନ୍ତୁ ପ୍ରେରଣାଦାୟୀ ଲାଗିଥିଲା ବାପାଙ୍କର ଏହି କଥା କେଇପଦ।

ଆଜି କହିଲେ- "ବାପାରେ ଭାଇ ଆଉ ଫୋନ୍ କରିନି?" ମୁଁ କହିଲି- "ହଁ କାଲି କରିଥିଲେ। ମୁଁ ଦୋକାନରେ ଥିଲି। ତୁମ କଥା ପଚାରୁଥିଲେ।" : ତୁ ତାକୁ ମୋ' ବିଷୟରେ ବିଶେଷ କିଛି କହିବୁନି। ମୁଁ ତ ଶୁଖିଲା ଗଛଟାଏ। ଟିକିଏ ପବନରେ ଉପୁଡ଼ି ପଡ଼ିବି। କ'ଣ ଅଳପ ବାଟ ହୋଇଛି ଚାଲିଆସିବ। ତେଣେ ପୋରୁହାଁ ପୋଖତି ବୋହୂଟାକୁ ଛାଡ଼ି ଆସିଲେ କେତେବେଳେ କେଉଁ କଥା।

ମୁଁ ହୁଁ କହିଲି। ବାହୁଡ଼ାଯାତ୍ରା ଦିନ ବାପା ସ୍ୱଷ୍ଟ କଥା କହିଲା ଭଳି ଆମେ ସମସ୍ତେ ଅନୁଭବ କଲୁ। ବନ୍ଦ ହୋଇଥିବା ଝର୍କାଆଡ଼କୁ ହାତ ଦେଖାଇ କହିଲେ ଧଳାପାରାଟିଏ ଆସି ଝର୍କା ବନ୍ଧରେ ବସିଛି। ତାକୁ ମୁଠାଏ ଚାଉଳ ଆଣି ଦେ ଆଉ ମୋ' କ୍ୟାମେରାଟା ଦେ, ମୁଁ ଫଟୋ ଉଠାଇବି। ପୁଣି କହିଲେ- ନା ନା କ୍ୟାମେରା ନୁହେଁ, ମୋ' ତୂଳୀଟା, ନ ହେଲେ ପେପରଖଣ୍ଡେ ଦେ' ତ ମୁଁ ତା' ଚିତ୍ର ଆଙ୍କିବି। କେମିତି ଲୋଭାଣିଆ ଦୃଷ୍ଟିରେ ଚାହିଁଛି ମୋତେ!

ମୁଁ ଝର୍କା ଖୋଲି ଦେଖେ ତ ସମୟ ଅପରାହ୍ଣରୁ ଗଡ଼ିଯାଇଛି। ମେଘାଚ୍ଛନ୍ନ ଆକାଶ। ବଡ଼ ଝଙ୍କାଳିଆ ଆମ୍ବଗଛଟା ତା'ର ସବୁଜ ପତ୍ର ଧରି ଛିଡ଼ାହୋଇଛି। କହିଲି- ବାପା, ପାରା କାହିଁ? ବାପା କିନ୍ତୁ କହିଲେ, ତୁ ପେପର୍ ଖଣ୍ଡେ ତୂଳୀଟା ଦେ' ନା। ମୁଁ ବାପାଙ୍କୁ ଖଟବାଡ଼ାରେ ଆଉଜାଇ ବସାଇ ତାଙ୍କ ହାତକୁ ପେପର ଓ ତୂଳୀଟା ଦେଉ ଦେଉ ଭାଇର ଫୋନ୍ ଆସିଲା। ପଚାରିଲା ବାପାଙ୍କ ଦେହ କଥା। ମୁଁ ବାପାଙ୍କୁ ପେପର ଓ ରଙ୍ଗବୁଡ଼ା ତୂଳୀଟା ଦେଇ ଫୋନ୍‌ଟା ଧରି ବାହାରି ଆସିଲି ବାହାରକୁ। କହିଲି, ବାପା ଆଜି କାହିଁ ଏଣୁତେଣୁ ଗପୁଛନ୍ତି। ଝର୍କାଆଡ଼କୁ ଚାହିଁ କହୁଛନ୍ତି ଧଳାପାରାଟାଏ ବସିଛି। ମୋତେ କାଗଜ, ତୂଳୀ ଦେ', ମୁଁ ତା' ଚିତ୍ର ଆଙ୍କିବି। ଭାଇ କହିଲା- ମୁଁ ବି କାଲିରାତିରେ ଧଳାପାରାର ସ୍ୱପ୍ନ ଦେଖିଛି। ଆଜି ଦୁଇଟାବେଳଠାରୁ ଭାଉଜର ପେନ୍ ଆରମ୍ଭ ହୋଇଯାଇଛି ଯେ, ମୁଁ ବର୍ତ୍ତମାନ ଅଫିସ୍‌ରୁ ଆସି ତାକୁ ହସ୍ପିଟାଲ୍ ନେବାକୁ ବାହାରିଛି। ତୁ କିନ୍ତୁ ବାପାଙ୍କ କଥା ବୁଝୁଥିବୁ।

ରାତି କିନ୍ତୁ ପାହିଲା ନାହିଁ କି ବାପା ଚିତ୍ର ଆଙ୍କି ପାରିଲେନି। ଧରି ପାରିଲେନି ତୂଳୀ। କହିଲେ- "ବାପା, ପାରାଟା ଉଡ଼ିଗଲା। ଦେଖ୍, ସେ ଯାଇ ବେଙ୍ଗାଲୁରୁରେ ମୋ' ବାପା ପାଖରେ ପହଞ୍ଚିଗଲାଣି। ସେତେବେଳକୁ ମୁଁ ଘଣ୍ଟା ଦେଖେ ତ ରାତି ଏଗାରଟା ପଇଁତାଳିଶ। ତୂଳୀ ଓ କାଗଜ ପଡ଼ିଥିଲା ବିଛଣାରେ। ସେ ସବୁଦିନ ପାଇଁ ଆମଠାରୁ ଚାଲିଗଲେ। ଏହାର ପ୍ରାୟ ଦଶ ମିନିଟ୍ ଯାଇ ନାହିଁ, ମୁଁ ଭାଇ ପାଖକୁ ଫୋନ୍ କରି ଦୁଃସମ୍ବାଦ କହିବାକୁ ଗଲାବେଳେ ଭାଇର ଫୋନ୍ ପୁଣି ଆସିଲା। ଭାଉଜ ଲେବର ରୁମ୍‌ରେ ଅଛି ବୋଲି କହିଲା। ମୁଁ ତାକୁ ଦୁଃସମ୍ବାଦଟା ଜଣାଇ ଦେଲାମାତ୍ରେ ସେ କାନ୍ଦି ଉଠିଲା। ମୁଁ ସାନ ହେଲେ ବି ମୋତେ ବାପାଙ୍କ କ୍ରିୟାକର୍ମ କରିବାକୁ ପଡ଼ିଲା। ଭାଉଜଙ୍କୁ ଛାଡ଼ି ଭାଇ ଆସିବା ସମ୍ଭବ ନ ଥିଲା।

ଦାହ କାମ ସାରି ଫେରିଲାବେଳକୁ ତା' ପରଦିନ ଆଠଟା ହୋଇସାରିଥିଲା। ମୁଁ ଶ୍ମଶାନରୁ ଆସି ଘର ଦୁଆରମୁହଁ ପାଖରେ ପହଞ୍ଚି ଦେଖେ ତ ଘରଠାରୁ ଟିକିଏ ଦୂରରେ ଥିବା ଆମ ଭାଗବତ ଘର ଉପରେ ବସିଛି ଧଳାପାରାଟିଏ। ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲି କିଛିକ୍ଷଣ। ମନେହେଲା ସେ ବି ମୋତେ ଚାହିଁଛି, ବିଳମ୍ବ ନ କରି ଘରୁ ମୁଠାଏ ଚାଉଳ ଆଣି ପକାଇ ଦେଲି ଭାଗବତ ଘର ଆଗରେ। ଡାକିଲି ଆସ ବାପା, ଖାଇଦିଅ ଏତକ। ପାରାଟି ମୋ' କଥାରୁ କ'ଣ ବୁଝିଲା କେଜାଣି ନ ଖାଇ ଉଡ଼ିଗଲା। ମନଦୁଃଖ ହେଲେ ବି ଦାହକାମ ସରିଗଲା ବୋଲି ଭାଇକୁ ଫୋନ୍ କଲାବେଳେ ଭାଇ କହିଲା- ଏଇ କିଛି ସମୟ ହେଲା ତାଙ୍କ ବେଡ୍ ପାଖ ଝର୍କା ପାଖରେ ଧଳାପାରାଟିଏ ଆସି ବସିଥିଲା। ଏଇ ଟିକିଏ ଆଗରୁ ଉଡ଼ିଗଲା। ମୁଁ ଭାଉଜଙ୍କ ଅବସ୍ଥା ପଚାରିବାକୁ ଗଲାବେଳେ ଜଣେ ନର୍ସଙ୍କ କଣ୍ଠସ୍ୱର ଶୁଭିଲା- "ଆପଣଙ୍କର ପୁଅଟିଏ ହୋଇଛି।" ଭାଇ ମୋତେ କହିଲେ- ବାପା ମରିନାହାନ୍ତିରେ କେବଳ ସିଏ ଘଟ ପରିବର୍ତ୍ତନ କରିଛନ୍ତି ଯାହା। ବାପା ବୋଧେ ପୁଣି ଆମ ପୁଅ ହୋଇ ଜନ୍ମ ହୋଇଛନ୍ତି। ବାପାମାନେ କ'ଣ କେବେ ମରନ୍ତି! ଆମ ବାପା ଆମକୁ ସବୁବେଳେ ବାପା ଡାକୁଥିଲେ। ଆମେ ବି ଆମ ପୁଅକୁ ବାପା ବୋଲି ଡାକିବା ସ୍ୱାଭାବିକ। ଆମ ପୁଅ ବି ତା' ପୁଅକୁ ବାପା ବୋଲି ଡାକିବ। ମୁଁ ସ୍ତବ୍ଧ ହୋଇ ଶୁଣୁଥିଲି ଭାଇର କଥା। ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାଯାଏ ମୁଁ କିନ୍ତୁ ଖୋଜୁଥିଲି ସେ ଧଳାପାରାକୁ।

ମୋ: ୯୪୩୭୭୪୫୯୮୩

## ଅନ୍ତର୍ଦାହ

**ଡା. ମନୋରଞ୍ଜନ ଦାଶ**

ନୀରବତା ପୁଣି ଦୂରତା
ସମ୍ପର୍କର ଅତୁଆ ସୂତାରେ
ହୃଦୟର ଆକୁଳତା...
ଅଦୃଶ୍ୟ ପ୍ରେମର ନିର୍ଲିପ୍ତ ସ୍ୱାକ୍ଷର,
ମୋ' ପାଇଁ ବାଙ୍ମୟତାର ଆହ୍ୱାନ
ମନ ଅଗଣାରେ ବାରମ୍ବାର ପଶିଆସେ
ଲାଜୁକୀ ମୁହଁଟା...

ବିଭୋରପଣକୁ ଲଗାମ ନ ଦେଇ
ଛଟପଟ ମୋ' ମନ ଓ ପ୍ରାଣ
ଦେଖିଲେ ବି ସେଇ ଉଦାସୀ ଚାହାଣି
ଦୀର୍ଘଶ୍ୱାସରେ ପରଶେ ମୁଁ ଉତ୍ତର
ସ୍ୱପ୍ନରେ ସ୍ନାନ କରି ଜୀବନକୁ ଉଣ୍ଡାଳେ,
ଦୁଃଖ ଭୋଗିବା ପୁଣି ପ୍ରେମ ସାଉଁଟିବା ତ
ମୋର ମହାର୍ଘ ଜୀବନ!

ତୁମଠୁଁ ଚିମୁଟାଏ ଆତ୍ମୀୟତା ପାଇଚି ବୋଲି
ଅସ୍ୱୀକାର କରିବିନି ମୁଁ।
ଅନ୍ତର୍ଦାହରେ ମୋ' ତପସ୍ୟା
ମୋ' ଉଡ଼ନ୍ତା ସ୍ୱପ୍ନକୁ ପଞ୍ଜୁରିରେ
ରଖି ମୁଁ ପାରୁନି
ମୋ' ଅଧାସିଝା ଆକାଂକ୍ଷାରେ
ପ୍ରତ୍ୟୟକୁ ଯୋଡୁଚି।
ତୁମର ମେଞ୍ଚାଏ ଅଭିଶାପକୁ
ଆପଣାର କରିପାରେ ଛାତି ମୋର।
ଯାଅ ଏବେ ତୁମେ!
ଶୁଭ ମନାସୁଚି ମୁଁ ତୁମ ପାଇଁ
ତୁମ ଖୁସି ମୋ' ପାଇଁ ବି ଖୁସିଟିଏ।

ମୋ: ୯୪୩୭୩୧୭୭୨୨

## କଣ୍ଢେଇ ନାଚ

**ସତ୍ୟନାରାୟଣ ଗନ୍ତାୟତ**

କାଚ କଣ୍ଢେଇଟେ ପରି
ଦିଶେ କୁନିଝିଅ
କଣ୍ଢେଇ ତା ନଚାଉ ଥାଏ
ରିମୋଟରେ ॥

ସେଇ କୁନିଝିଅ
ନିଜେ ବେଶ୍ ଭଲ ନାଚେ
ଆମେ ତାକୁ ଟିକେନାକୁ
ଫୁସୁଲାଇ ଦେଲେ ॥

ଠିକ୍ ଯେମିତି ଆମେ ବି ନାଚୁ
ନାଚି ଚାଲିଥାଉ
ଅବିକଳ କଣ୍ଢେଇଟେ ପରି
କାହାରି ନା କାହାରି ଇସାରାରେ
କେବେ ଗୋଚରରେ ତ'
ବହୁବେଳେ
ଆମ ଅଗୋଚରରେ !!

ମୋ: ୯୪୩୭୯୦୯୬୭୫

**କ ବି ତା**

## ସ୍ମୃତି ତୁମେ!

**ସୁରେନ୍ଦ୍ର ନାଥ ସାହୁ**

ସ୍ମୃତି ତୁମେ!
ଅନୂଢ଼ା ବାଳିକାର
ହାତେ ଲମ୍ବ ଓଢ଼ଣା।
ପୁଷ୍କରରୁ ସ୍ନାହାନ ସାରି ଫେରୁଥିବା
ନବ ତରୁଣୀ ଦିହର
ଓଦା ସରସର ଝୀନ ଦେଶୀ କନା।
ମୋ' ତରୁଣ ଘଟର ଦରୋଟି ପ୍ରେମ
ଅଙ୍କୁଶିତ ପରାଗ ରେଣୁ
ଅସହାୟ ସାହସର ଛୁପାଛୁପି ଖେଳ
ଏକ ଦରଦୀ ବାହାନା।

ସ୍ମୃତି ତୁମେ!
ମନ ବାଇଚଢ଼େଇର ଝୁଲା ଭାଗ୍ୟ
ତଳେ ଖସିପଡ଼ିଥିବା ବସା।
ଏକ ଭରସାର ଅପମୃତ୍ୟୁ
ଅଥକ ପରିଶ୍ରମର
ଅଭିଶାପିତ ଝଡ଼ା ଆୟୁ
ଅକାରଣେ ଲୋକହସା।
ବୃଷ୍ଟି ହୀନତାରୁ ତଳି ଜାଳି ଦେଇଥିବା
ଉଦଣ୍ଡ ଖରାର ଉତ୍ତପ୍ତ ତାଣ୍ଡବ
ଶୋକ ସନ୍ତପ୍ତ କୃଷିଜୀବୀ
ଆତ୍ମାହୁତି ଦେଇଥିବା ଋଣୀ ଚଷା।

ସ୍ମୃତି ତୁମେ!
ବାପା କାନ୍ଧେ ବସି
ବୁଲି ଆସିଥିବା ଯାନିଯାତରା
ସୁବିଧାରେ ଦେଖିଥିବା ନାଟ।
ମୋ' ପୀଡ଼ା ପତନେ
ମୋ'ଠାରୁ ଅଧିକ
ଝରିଥିବା ମାଆ ଆଖିର ଲୁହ
ମୋତେ ଭୋକ ହେଲେ
ମୋ'ଠାରୁ ଅଧିକ କାଟୁଥିବା
ମୋ' ମାଆର ପେଟ।
ବୁଲି ପଡ଼ି ଖେଳି ଯାଇ
ଫେରିବା ବିଳମ୍ବ ହେଲେ
ତା' ହୃଦୟ ମନ ମସ୍ତିଷ୍କରେ
ଉପୁଜିଥିବା ଅସ୍ଥିତାର ତୀବ୍ର କଷ୍ଟ।

ସ୍ମୃତି ତୁମେ!
ବିକାଶ ଆଉ ଆଧୁନିକତା ନାମରେ
ରାସ୍ତାରୁ ତଡ଼ାଖାଇ
ଶଢ଼ି ଯାଇଥିବା ଶଗଡ଼ ଗାଡ଼ି।
ଦଣ୍ଡମୁକ୍ତ ଶିକ୍ଷା ନାମରେ ପ୍ରତିବନ୍ଧିତ ହୋଇ
ଶିକ୍ଷକଙ୍କ ହାତୁ ହଜିଯାଇଥିବା
ଅନୁଶାସନର ନିର୍ଦ୍ଦୋଷ ବାଡ଼ି।
ମାଆ ରନ୍ଧାଶାଳର
ମୋ' ଅଭୁଲା ଅଫେରା ଜୀବନ ସ୍ୱାଦ
ଅହ୍ୟ ସବାରିରେ ନୀରବରେ ବସି
ସେ ପାରିକୁ ଫେରିଥିବା
ତା' ଡହଡହ ସିନ୍ଦୂରୀ ମଥା
ପିନ୍ଧିଥିବା ନାଲି ଶଙ୍ଖା ଚୁଡ଼ି
ଦେଶୀ ନାଲି ପାଟ ଶାଢ଼ି।
ସ୍ମୃତି ତୁମେ!

ମୋ: ୮୧୨୮୯୧୯୨୫୬

**କାଳକାଳକୁ**

"ଶୁଭୁଥିବା ଗୀତ ମଧୁର,
କିନ୍ତୁ ଶୁଭୁ ନ ଥିବା ଗୀତ
ମଧୁରତର।"
–ଜନ୍ କୀଟ୍‌ସ



ଜନ୍ କୀଟ୍‌ସଙ୍କ ଜନ୍ମ ୩୧ ଅକ୍ଟୋବର ୧୭୯୫ରେ, ଇଂଲଣ୍ଡରେ ଓ ପରଲୋକ ୨୩ ଫେବୃୟାରୀ ୧୮୨୧ରେ ରୋମ୍‌ରେ। ଯକ୍ଷ୍ମାରୋଗରେ ପୀଡ଼ିତ ହୋଇ ମାତ୍ର ୨୫ ବର୍ଷ ବୟସରେ କବି ମୃତ୍ୟୁବରଣ କରିଥିଲେ ବି ସ୍ୱଳ୍ପ ଆୟୁଷ୍କାଳରେ ସେ ଲେଖିଥିବା କବିତା ତାଙ୍କୁ ଭୁବନବିଦିତ କରିଛି। ଇଂଲିଶ୍ କବିତାରେ ସେ ଦ୍ୱିତୀୟ ପ୍ରଜନ୍ମର ରୋମାଣ୍ଟିକ୍ କବି। ତାଙ୍କ ରଚିତ ସମ୍ବୋଧନ ଗୀତିକାଗୁଡ଼ିକ ମଧ୍ୟରେ 'ଓଡେ ଟୁ ନାଇଟିଙ୍ଗେଲ' ହେଉଛି ସର୍ବପ୍ରଧାନ। ୧୮୧୭ରେ ଜେ.ବି. ରେନୋଲ୍ଡସଙ୍କୁ ଏକ ଚିଠିରେ କୀଟ୍‌ସ ଲେଖିଥିଲେ- 'କବିତା ବିନା ମୁଁ ବଞ୍ଚିପାରିବି ନାହିଁ।' ଏହି କବିଙ୍କର କବିତାରେ ଯାହା ସବୁଠୁଁ ଉପଭୋଗ୍ୟ ଥିଲା, ତାହା ହେଉଛି ତାଙ୍କ କବିତାରେ ନିହିତ ଇନ୍ଦ୍ରିୟସ୍ୱାଦ।

## ଭଲ ବାପ

**ରମ୍ୟ ଗଳ୍ପ**

**ରାମଚନ୍ଦ୍ର ସେଠୀ**

ଥରେ ଦୁଇଜଣ ଅପାଠୁଆ ସାଙ୍ଗ ଜଣେ ପାଠୁଆ ସାଙ୍ଗକୁ ପଚାରିଲେ- ତୁ ସେଦିନ କହୁଥିଲୁ ଏ ଦୁନିଆରେ ଦୁଇ ପ୍ରକାର ବାପ ଅଛନ୍ତି ବୋଲି। ଜଣେ ଭଲ ଆଉ ଜଣେ ମନ୍ଦ। କହ, କୋଉ ବାପ ଭଲ ଆଉ କୋଉ ବାପ ମନ୍ଦ?

ପାଠୁଆ ସାଙ୍ଗ କହିଲା- ଯୋଉ ବାପ ତା' ପିଲାମାନଙ୍କୁ ସୁଖରେ ରଖିବା ପାଇଁ ପାଠଶାଠ ପଢ଼େଇ ମଣିଷ କଲା, ସେଇ ବାପ ଭଲ ଆଉ ଯୋଉ ବାପ ଭାବିଲା- ପର ଦୁଆରେ, ଆଉ ଖରା ବରଷା ଶୀତ କାକରରେ ମୁଁ ଜୀବନସାରା ଖଟି ଖଟି ମଲି, ମୋ' ପୁଅ ପାଠଶାଠ ପଢ଼ି ବାବୁ ହବ! ନାଇଁ, ସିଏ ମଧ ମୋ' ପରି ମୂର୍ଖ ହେଉ। ମୋ' ପରି ପରଦୁଆରେ କି ବିଲବାଡ଼ିର ଧୂଳିମାଟି, ପଙ୍କ କାଦୁଅରେ ଘାଣ୍ଟି ହେଇ ହେଇ କଲବଲ ହେଉ। ସେଇ ବାପଟା ମନ୍ଦ।

ପାଠୁଆ ସାଙ୍ଗ ପଳେଇଲା ପରେ ଏଥର ଦୁଇ ମୂର୍ଖସାଙ୍ଗ ପରସ୍ପର ମୁହଁକୁ ଖାଲି ଅନାଅନି ହେଲେ। ବୋଧହୁଏ ସେମାନେ ଭାବୁଥିଲେ ଆମ ବାପ ଆମକୁ ପାଠ ନ ପଢ଼େଇ ମୂର୍ଖ କରିଦେଲା, ତେବେ ଆମ ବାପ କ'ଣ ଭଲ ବାପ ନୁହଁ!

ମୋ: ୯୮୬୧୭୦୯୮୮୦

## ପୁସ୍ତକ ପରିଚୟ

## ପୂଜା ପତ୍ରିକା: ୨୦୨୨

### ଅପୂର୍ବା



**ସମ୍ପାଦକ:** କ୍ଷୀରୋଦ ଚନ୍ଦ୍ର ପତି

୧/୪ ଡିମାଇ ସାଇଜ୍, ପୃ: ୧୬୮, **ମୂଲ୍ୟ:** ଟ. ୧୦୦/-

'ପବନ ପାଣିର କାହାଣୀ' ଶୀର୍ଷକ ସମ୍ପାଦକୀୟରେ କ୍ଷୀରୋଦ ନିଜ ଜୀବନରେ ଘଟିଥିବା ଏକ ଅନୁଭୂତିର ବର୍ଣ୍ଣନା ଦେଇଛନ୍ତି, ଯାହା ସେ କରନ୍ତି ତାଙ୍କର ସବୁ ସମ୍ପାଦକୀୟରେ। 'ସ୍ମରଣୀୟ କାହାଣୀ'ରେ ଯଶୋଧାରା ମିଶ୍ର, 'କଥା ଓ କାହାଣୀ'ରେ ଆନନ୍ଦ ଚନ୍ଦ୍ର ପହି, ବୈଜୟନ୍ତୀ ମିଶ୍ର, ନିଖିଳାନନ୍ଦ ପାଣିଗ୍ରାହୀ, ବିରଜା ରାଉତରାୟ, ରଞ୍ଜନ ପ୍ରଧାନ ଓ ସୈରିନ୍ଧ୍ରୀ ସାହୁ; 'ଅନୁବାଦ'ରେ ସୂର୍ଯ୍ୟମଣି ଖୁଣ୍ଟିଆ ଓ କନକ ମଞ୍ଜରୀ ସାହୁ; 'ସ୍ମୃତି କାହାଣୀ'ରେ ବିଜୟ କେତନ ପଟ୍ଟନାୟକ; 'ଭ୍ରମଣ କାହାଣୀ'ରେ ରୁମ୍‌ଝୁମ୍ ନାୟକ; 'ପୁରାଣ କାହାଣୀ'ରେ ତ୍ରିନାଥ ପଟ୍ଟନାୟକ ଏବଂ କବିତାରେ ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ନୃସିଂହ ତ୍ରିପାଠୀ, ନୀଳାଦ୍ରିଭୂଷଣ ହରିଚନ୍ଦନ, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ଗାୟତ୍ରୀବାଳା ପଣ୍ଡା ଓ ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ସ୍ଥାନିତ କରି ପତ୍ରିକାଟିର ମାନ ବୃଦ୍ଧିରେ ସମ୍ପାଦକ ସମର୍ଥ ହୋଇଛନ୍ତି। 'ପ୍ରଚ୍ଛଦ'ରେ ଦୃଷ୍ଟିକୋଣର ଭିନ୍ନତା ରହିଛି।

### କାବ୍ୟଲୋକ



**ସମ୍ପାଦକ:** ଭିକାରୀ ଧଳ

୧/୮ ଡିମାଇ ସାଇଜ୍, ପୃ:୨୮୮, **ମୂଲ୍ୟ:** ଟ.୧୫୦/-

ସଂପାଦକୀୟରେ ଭିକାରୀ ସାହିତ୍ୟସ୍ରଷ୍ଟାଙ୍କ ଶଠପଣ ଓ ବହିକିଣାରେ ସରକାରୀ ଅନୁଦାନର ବାଟମାରଣା ପ୍ରତି ତର୍ଜନୀ ନିର୍ଦ୍ଦେଶ କରିଛନ୍ତି। ଏହା ତାଙ୍କ ସତ୍ୟନିଷ୍ଠାର ପ୍ରମାଣଦିଏ। 'କାବ୍ୟ-ଚିନ୍ତନ', 'କାବ୍ୟଚର୍ଚ୍ଚା', 'କାବ୍ୟଆଲୋଚନା', 'ବିମୁଗ୍ଧ ବାଙ୍ମୟତା', 'ଗୀତିକବିଓକବିତା' ତଥା 'କାବ୍ୟ ମୂଲ୍ୟାୟନ'ରେ ବହୁ ପ୍ରବୀଣ ଓ ନୂତନ ଲେଖକଙ୍କ ସ୍ୱାକ୍ଷର ରହିଛି ପତ୍ରିକାଟିରେ। 'ସେ ଦେଶର କବି' ଶୀର୍ଷକରେ ମାୟା ଏଞ୍ଜେଲୋଙ୍କ କବିତା ଏବଂ ଓମର ଖୟାମ୍‌ଙ୍କ ରୁବାଇୟତ୍‌ର ଓଡ଼ିଆ ଅନୁବାଦ କରିଛନ୍ତି ଯଥାକ୍ରମେ ସଞ୍ଜିବନୀ ସୁଧା ରଥ ଓ ଆଶାରାଣୀ ବେଉରା।

### ବାଟୋଇ



**ସମ୍ପାଦକ:** ଶତ୍ରୁଘ୍ନ ତରାଇ

୧/୪ ଡିମାଇ ସାଇଜ୍, ପୃ:୨୦୪, **ମୂଲ୍ୟ:** ଟ.୧୨୦/-

'ପ୍ରବନ୍ଧ ଓ ସମାଲୋଚନା'ରେ ସର୍ବେଶ୍ୱର ସେଣ, ଭରତ ବେହେରା, ବିଷ୍ଣୁପ୍ରିୟା ଓତା ଓ ଦେବାଶିଷ ମହାପାତ୍ର; 'ଗପ'ରେ କୃପାସାଗର ସାହୁ, ତରୁଣ କୁମାର ସାହୁ, ଗିରୀଶ ସାହୁ, କାର୍ତ୍ତିକ ସ୍ୱାଇଁ, ଲକ୍ଷ୍ମୀ ଚାନ୍ଦ ଓ ଲିପ୍‌ସା ପଟେଲ; 'ଫିଚର'ରେ ରଞ୍ଜନ ପ୍ରଧାନ; 'ସାକ୍ଷାତ୍‌କାର'ରେ ଶତ୍ରୁଘ୍ନ ପାଣ୍ଡବଙ୍କ ସହ ନୃସିଂହ ତରାଇ; 'ରମ୍ୟ ରଚନା'ରେ ରାଧାଶ୍ୟାମ ରାଉଳ ଏବଂ 'କବିତା'ରେ ଫନୀ ମହାନ୍ତି, ହର ପ୍ରସାଦ ଦାସ, ପ୍ରତିଭା ଶତପଥୀ, ଭଗବାନ ଜୟସିଂହ, ହୃଷୀକେଶ ମଲ୍ଲିକ, ଆଶୁତୋଷ ପରିଡ଼ା, ପ୍ରଭାକର ଶତପଥୀ, ହୁସେନ ରବୀ ଗାନ୍ଧୀ, ସୂର୍ଯ୍ୟ ମିଶ୍ର ଓ ରକ୍ଷକ ନାୟକ ପ୍ରମୁଖଙ୍କ ଲେଖା ସ୍ଥାନିତ। ଅଧିକାଂଶ ଲେଖାରେ ଲେଖକଙ୍କ ପ୍ରଜ୍ଞା ଓ ପ୍ରତିଭାର ଝଲକ ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା।

### ବିଶ୍ୱମୁକ୍ତି



**ସମ୍ପାଦକ:** ଶଶାଙ୍କ ଚୂଡ଼ାମଣି

୧/୪ ଡିମାଇ ସାଇଜ୍, ପୃ:୨୩୨, **ମୂଲ୍ୟ:** ଟ.୧୨୦/-

ପତ୍ରିକାର ଶେଷ ରଚନା ଭାବେ ସ୍ଥାନିତ ହୋଇଛି ସଂପାଦକୀୟ। ସଂପାଦକୀୟର ଶେଷବାକ୍ୟରେ ଶଶାଙ୍କ କହନ୍ତି: "ମା'... ଆମକୁ କ୍ଷମାକର। ଆମେ ସବୁ ଅକାଳ କୁଷ୍ମାଣ୍ଡ। ଏ ମାଟିର ପବିତ୍ରତା ପାଇଁ ଆମକୁ ବଳିଦେଇପାର।" ପତ୍ରିକାରେ ସ୍ଥାନିତ ପ୍ରବନ୍ଧ, ଗଳ୍ପ, ଫିଚର, ସ୍ୱତନ୍ତ୍ର ଗଳ୍ପ, ଅନୁବାଦ, ଭ୍ରମଣ କଥା, ନାଟକ, ଉପନ୍ୟାସିକା, ଅର୍ଥନୀତି ଓ ଚିତ୍ରକଥା। ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ପତ୍ରିକାଟିକୁ ବୌଦ୍ଧିକତା ଓ ସୃଜନରେ ଗରୀୟାନ କରିଛନ୍ତି ଜ୍ଞାନୀ ଦେବାଶିଷ ମିଶ୍ର, ସଦାନନ୍ଦ ତ୍ରିପାଠୀ, ପରେଶ କୁମାର ପଟ୍ଟନାୟକ, ଭୀମ ପୃଷ୍ଟି, ବିପିନ ବିହାରୀ ମିଶ୍ର, ସୁଭାଷ ଶତପଥୀ ପ୍ରମୁଖ ବହୁ ଜଣାଶୁଣା ଲେଖକ। 'କରୋନା କାଳରେ ରାଧା' ଉପନ୍ୟାସିକା ଲେଖିଛନ୍ତି ପ୍ରସନ୍ନ ପାଟଶାଣୀ। 'ଚିତ୍ରକଥା'ରେ 'ଭାରତର ପ୍ରଥମ ଆଧୁନିକ ନାରୀ ଚିତ୍ରଶିଳ୍ପୀ' ଉପରେ ଆଲେଖ୍ୟ ରଚନା କରିଛନ୍ତି ରମାକାନ୍ତ ସାମନ୍ତରାୟ। ପ୍ରଚ୍ଛଦ ଆଙ୍କିଛନ୍ତି ବଳଦେବ ମହାରଥା।

### ସୃଜନ ସ୍ୱପ୍ନ



**ସମ୍ପାଦିକା:** ଦେବଶ୍ରୀ ଧଳ(ଜେନା)

୧/୪ ଡିମାଇ ସାଇଜ୍, ପୃ:୨୧୬, **ମୂଲ୍ୟ:** ଟ.୧୫୦/-

'ସତ୍ ସାହିତ୍ୟ ଓ ସତ୍ ମଣିଷ' ଶୀର୍ଷକରେ ସମ୍ପାଦକୀୟ ବକ୍ତବ୍ୟ ରଖିଛନ୍ତି ଦେବଶ୍ରୀ ଧଳ। ସେ ଏଥିରେ ପତ୍ରିକା ସମ୍ପାଦନା କ୍ଷେତ୍ରରେ ସାମ୍ନା କରୁଥିବା କେତେକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି, ଯାହାର ଔଚିତ୍ୟକୁ ଉପେକ୍ଷା କରାଯାଇପାରିବ ନାହିଁ। 'ସୃଜନ ସଂସ୍କୃତି', 'ସୃଜନ ସମ୍ଭାର', 'ସୃଜନ ସ୍ମୃତି ଓ ଅନୁଭୂତି', 'କାବ୍ୟ ସୃଜନ', 'କଥା ସୃଜନ', 'ଗୀତି ସୃଜନ', 'ସୃଜନ ଅନୁସୃଜନ', 'ସୃଜନ ଭାବ ଜଣାଣ' ଓ 'ସୃଜନ ସମୀକ୍ଷା' ଆଦି ବିଭାଗରେ ବହୁ ପରିଣତ ଓ ନବାଗତ ଲେଖିକାଲେଖକ ଆପଣା ପ୍ରତିଭାର ଝଲକ ଦେଖାଇଛନ୍ତି। 'ପ୍ରଚ୍ଛଦ'ରେ ରହିଛି ଶିଳ୍ପୀଙ୍କ କଳ୍ପନାର ଅକଳ୍ପିତ ଅଭିନବତା।

### ଚିରନ୍ତନୀ



**ସମ୍ପାଦିକା:** ସଂଯୁକ୍ତା ମହାପାତ୍ର

୧/୪ ଡିମାଇ ସାଇଜ୍, ପୃ:୧୧୬, **ମୂଲ୍ୟ:** ଟ.୧୦୦/-

ସଂପାଦକୀୟ ବ୍ୟତୀତ ପ୍ରତିକାଟିରେ ସ୍ଥାନିତ ହୋଇଛି ପ୍ରବନ୍ଧ, ଗଳ୍ପ, ଅନୁବାଦ, ବ୍ୟଙ୍ଗ ରଚନା, କବିତା, ବିଜ୍ଞାନ, ପର୍ଯ୍ୟଟନ, ଶିଶୁକିଶୋର ଚିରନ୍ତନୀ, 'ସ୍ୱାସ୍ଥ୍ୟ ଓ ଆମ ବଗିଚା' ଆଦି ବିଭାଗ। 'ଓଡ଼ିଶାର ସପ୍ତମାତୃକା ଉପାସନା' ଶୀର୍ଷକ ପ୍ରବନ୍ଧ ଲେଖିଛନ୍ତି ଡ. ଅନ୍ତର୍ଯ୍ୟାମୀ ମିଶ୍ର। 'ବିଜ୍ଞାନ ଓ ଛଦ୍ମବିଜ୍ଞାନ' ଶୀର୍ଷକ ନିବନ୍ଧରେ ଡ. ଚିତ୍ତରଞ୍ଜନ ମିଶ୍ର ନୋବେଲ ବିଜେତା ପଦାର୍ଥ ବିଦ୍ୟାବିତ୍ ରିଚାର୍ଡ ଫେନ୍‌ମ୍ୟାନ୍‌ଙ୍କ ନିର୍ଦ୍ଧାରଣରେ ପ୍ରାଚୀନକାଳର ଅନ୍ଧବିଶ୍ୱାସ, କଳାଯାଦୁ, ଗୁଣିଗାରେଡ଼ି, କୁହୁକବିଦ୍ୟା, ବିମୋହନ ଶକ୍ତି ଓ ପ୍ରେତାତ୍ମା ପ୍ରଭୃତି ଧାରଣାଗୁଡ଼ିକ କିପରି ଛଦ୍ମବିଜ୍ଞାନ ତାହା ବୁଝାଇଛନ୍ତି। ଏହିସବୁ ବିଦ୍ୟାକୁ ଫେନ୍‌ମ୍ୟାନ୍ ନାଁ ଦେଇଛନ୍ତି 'କାର୍ଗୋ କଲ୍ଟ ସାଇନ୍ସ'। ପତ୍ରିକାଟିରେ ସ୍ଥାନିତ ପ୍ରାୟ ଲେଖା ମୌଳିକ ଓ ଚିନ୍ତା ଉଦ୍ରେକକାରୀ।

### ଅମୃତାୟନ



**ସମ୍ପାଦିକା:** ଗୀତା ହୋତା

୧/୪ ଡିମାଇ ସାଇଜ୍, ପୃ: ୧୮୦, **ମୂଲ୍ୟ:** ଟ.୧୦୦/-

ଆଧ୍ୟାତ୍ମିକ ସାହିତ୍ୟ, ଚର୍ଚ୍ଚାରେ, ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଭ୍ରମଣ କାହାଣୀ, ଅନୁବାଦ ଗଳ୍ପ, ପୁସ୍ତକ ସମୀକ୍ଷା ଓ ରମ୍ୟ ରଚନା ଆଦି ନିୟମିତ ବିଭାଗରେ ସମୃଦ୍ଧ ହୋଇ ପ୍ରକାଶ ପାଇଛି 'ଅମୃତାୟନ' ଶାରଦୀୟ ବିଶେଷାଙ୍କ। ସମ୍ପାଦକୀୟରେ ସମ୍ପାଦିକା ହୋତା ମାତୃଶକ୍ତିର ମହନୀୟତା ସମ୍ପର୍କରେ ଅଭିବ୍ୟକ୍ତି ରଖିଛନ୍ତି। ସାତକଡ଼ି ହୋତା, ଅନ୍ତର୍ଯ୍ୟାମୀ ମିଶ୍ର, ଶରତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ, ମମତାମୟୀ ଚୌଧୁରୀ, ଇନ୍ଦିରା ଦାଶ, ଭାସ୍କର ଜେନା, ଶକୁନ୍ତଳା ବଳିୟାରସିଂହ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ବନଜ ଦେବୀ, ପ୍ରତିଭା ଶତପଥୀ, ହୃଷୀକେଶ ମଲ୍ଲିକ ଓ ଦେବେନ୍ଦ୍ର କୁମାର ବାଉରୀ ପ୍ରମୁଖ ବହୁ ବରିଷ୍ଠ ଲେଖକଙ୍କ ଅବଦାନରେ ପୁଷ୍ପିତ ହୋଇଉଠିଛି ପତ୍ରିକାଟି। ଅନୁବାଦ ଗଳ୍ପଗୁଡ଼ିକ ସୁନିର୍ବାଚିତ ଓ ଦକ୍ଷ ଅନୁବାଦକଙ୍କ ଦ୍ୱାରା ଅନୂଦିତ। ପୀତବାସ ରାଉତରାୟଙ୍କ ରମ୍ୟ ରଚନା 'ଗରଳେ କଲୁ ଅଧିକାରୀ' ଅବଶ୍ୟ ପଠନୀୟ।

### ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି

୧/୪ ଡିମାଇ ସାଇଜ୍, ପୃ:୨୫୨, **ମୂଲ୍ୟ:** ଟ.୧୮୦/-

'ଭାଗବତ' କିପରି ସମ୍ପାଦକ କମଳଙ୍କ ବ୍ୟକ୍ତି ଜୀବନକୁ ଆବାଲ୍ୟରୁ ପ୍ରଭାବିତ କରିଛି, ତାକୁ ନେଇ ଲେଖିଛନ୍ତି ସେ ଏଥରର ସମ୍ପାଦକୀୟ। ଅନ୍ୟ ବର୍ଷଭଳି ନିୟମିତ ବିଭାଗ 'ଫିଚର ପାହାଚ', 'ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ', 'ଫକୀରମୋହନ କଥା ପାହାଚ', 'ସଚ୍ଚି ରାଉତରାୟ କବିତା ପାହାଚ', 'ଗଡ଼ନାୟକ କବିତା ପାହାଚ', 'ଜୀବନାନନ୍ଦ ଗୀତି ପାହାଚ', 'ଗ୍ରନ୍ଥ ସମୀକ୍ଷା ପାହାଚ', 'ଗୋଦାବରୀଶ କଥା ପାହାଚ' ଓ 'ମାନସିଂହ କବିତା ପାହାଚ' ଆଦି ବହୁ ବିଶିଷ୍ଟ ଓ ନବୀନ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି। କବିତାରେ ଅଛନ୍ତି ଅପର୍ଣ୍ଣା ମହାନ୍ତି, ହୃଷୀକେଶ ମଲ୍ଲିକ, ଅମରେଶ ପଟ୍ଟନାୟକ, ଅଶ୍ୱିନୀ କୁମାର ମିଶ୍ର, ଭଗବାନ ଜୟସିଂହ, ସ୍ୱରୂପ ମହାପାତ୍ର, ଅଭୟ ନାୟକ, ତୁହିନାଂଶୁ ରଥ, ରକ୍ଷକ ନାୟକ, ଆଶୁତୋଷ ପରିଡ଼ା, ମମତା ଦାଶ, ବିପିନ୍ ନାୟକ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ପ୍ରହ୍ଲାଦ ଶତପଥୀ, ସୌଭାଗ୍ୟବନ୍ତ ମହାରଣା, ପ୍ରବାସିନୀ ମହାକୁଡ଼; 'କଥା'ରେ ରଜନୀକାନ୍ତ ମହାନ୍ତି, ରମେଶ ପଟ୍ଟନାୟକ, କ୍ଷୀରୋଦ ଦାଶ, କାଶୀନାଥ ନନ୍ଦୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର; 'ଗୀତି କବିତା'ରେ ଅଛନ୍ତି ଧନଞ୍ଜୟ ସ୍ୱାଇଁ ଓ 'ଫିଚର'ରେ ହିମାଂଶୁ ପରିଡ଼ା, ବୀଣାପାଣି ଦେବତା ଓ କେ. ଶ୍ୟାମବାବୁ ଦୋରା। କବି ଅମରେଶ ପଟ୍ଟନାୟକଙ୍କ ସହ ସାକ୍ଷାତ୍‌କାର ପତ୍ରିକାଟିକୁ ଭବ୍ୟ କରିପାରିଛି। ପରିଚ୍ଛନ୍ନ ମୁଦ୍ରଣ ପରିପାଟୀ ସାଙ୍ଗକୁ 'ପ୍ରଚ୍ଛଦ'ରେ ପରିକଳ୍ପନାଗତ ଭିନ୍ନତା ଉଲ୍ଲେଖନୀୟ।



କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଉଦ୍‌ଘାଟନୀ ଦିବସରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ଭାରତୀୟ ହକି ଦଳ ସହ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ

**ସୁଲ୍‌ତାନ ଅଫ୍ ଜୋହର କପ୍ ହକି**

ଜୋହର (ମାଲେସିଆ), ୨୮।୧୦ (ପି.ଟି.)

ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟର ଫାଇନାଲ ଶନିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ। ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟ ଶେଷ ପରେ ଟେବୁଲରେ ଅଷ୍ଟ୍ରେଲିଆ ପ୍ରଥମ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଭାରତୀୟ ଜୁନିୟର ପୁରୁଷ ହକି ଟିମ୍ ଶୁକ୍ରବାର ଏହାର ଅନ୍ତିମ ରାଉଣ୍ଡ ରବିନ ଲିଗ୍ ମ୍ୟାଚ୍‌କୁ ୫-୫ ଗୋଲ୍‌ରେ ଡ୍ର ରଖି ଥିଲା। ଦଳ ତରଫରୁ ପୁଭାନା ସି.ବି (୭ମ ମିନିଟ), ଅମନଦୀପ (୫୦ତମ), ଅରାଇଜିତ୍ ସିଂ ହୁଣ୍ଡାଲ (୫୩ତମ) ଓ ଶାରଦା ନନ୍ଦ ତିୱାରୀ (୫୬ ଓ ୫୮ତମ) ପ୍ରମୁଖ ଗୋଲ ଦେଇଥିଲେ। ଗ୍ରେଟ୍ ବ୍ରିଟେନ ତରଫରୁ ମାକ୍ସ ଆଣ୍ଡରସନ (୧ମ, ୪୦ତମ), ହାରିସନ ଷ୍ଟୋନ୍ (୪୨ତମ) ଓ ଜାମି ଗୋଲ୍ଡେନ (୫୪ତମ ଓ ୫୬ତମ) ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଶୁକ୍ରବାର ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ହରାଇ ଦେଇଛି। ରାଉଣ୍ଡ ରବିନ ଲିଗ୍‌ରେ ଭାରତ ୫ ମ୍ୟାଚରୁ ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଅଷ୍ଟ୍ରେଲିଆ ୫ଟି ଗେମ୍‌ରୁ ୧୩ ପଏଣ୍ଟ ଅର୍ଜନ କରିଛି। ଗ୍ରେଟ୍ ବ୍ରିଟେନ ଓ ଜାପାନ ପ୍ରତ୍ୟେକ ୭ ପଏଣ୍ଟ ସହ ସେମାନଙ୍କ ଅଭିଯାନ ଶେଷ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସଂଗ୍ରହ କରିଥିଲା। ୬ଟି ଦଳକୁ ନେଇ ଟେବୁଲରେ ମାଲେସିଆ ଏକ ପଏଣ୍ଟ ସହ ଅନ୍ତିମ ସ୍ଥାନରେ ରହିଛି।

# ମନଦୀପଙ୍କ ଡବଲରେ ଜିତିଲା ଭାରତ

**ପ୍ରୋ ହକି ଲିଗ୍**

ଭୁବନେଶ୍ୱର, ୨୮।୧୦ (ସ୍ପୋର୍ଟସ୍ ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ପ୍ରୋ ହକି ଲିଗର ଉଦ୍‌ଘାଟନୀ ମୁକାବିଲାରେ ବିଜୟୀ ହୋଇଛି ଭାରତ। ଅନ୍ତିମ କ୍ୱାର୍ଟରରେ ଷ୍ଟ୍ରାଇକର ମନଦୀପ୍ ସିଂଙ୍କ ଡବଲ ଗୋଲ ବଳରେ ଭାରତ ୪-୩ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ୩-୨ରେ ପଛୁଆ ରହିଥିବା ବେଳେ ମନଦୀପ (୫୧ ଓ ୫୬ ମିନିଟ) ଦୁଇଟି ଗୋଲ ସ୍କୋର କରି ଭାରତକୁ ବିଜୟୀ କରିଥିଲେ। ପ୍ରଥମ ଦୁଇ କ୍ୱାର୍ଟରରେ ଭାରତ ଏବଂ ନ୍ୟୁଜିଲାଣ୍ଡ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ତୃତୀୟ କ୍ୱାର୍ଟରରେ ୨-୧ର ଅଗ୍ରଣୀ ସହିତ ନ୍ୟୁଜିଲାଣ୍ଡ ଭାରତୀୟ ଶିବିରରେ ଭୀତି ସଞ୍ଚାର କରିଥିଲା। ଅନ୍ତିମ କ୍ୱାର୍ଟରରେ ଭାରତୀୟ ଡିଫେନ୍ସ ଭଲ ପ୍ରଦର୍ଶନ କରିଥିବା ବେଳେ ମନଦୀପଙ୍କ ଡବଲ ଗୋଲ ବଳରେ ଭାରତ ମ୍ୟାଚ ଜିତି ନେଇଥିଲା। ଭାରତ ୪ ଗୋଲ ମଧ୍ୟରୁ ୩ଟି ଫିଲ୍ଡ ଗୋଲ ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକରୁ ଆସିଥିଲା। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଗୋଟିଏ ଲେଖାଏ ଫିଲ୍ଡ ଗୋଲ, ପେନାଲ୍ଟି ଷ୍ଟ୍ରୋକ୍ ଓ ପେନାଲ୍ଟି କର୍ନରରୁ ଗୋଲ କରିଥିଲା।

ଭାରତ ଓ ନ୍ୟୁଜିଲାଣ୍ଡ ଆରମ୍ଭରୁ ସତର୍କତାର ସହିତ ଖେଳ ଆରମ୍ଭ କରିଥିଲେ। ଭାରତ ପକ୍ଷରୁ ମନଦୀପ୍ ମୋର୍ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଫିଲ୍ଡ ଗୋଲରୁ ମନଦୀପ୍ ସ୍କୋର କରିବା ସହିତ ଭାରତକୁ ୧-୦ରେ ଅଗ୍ରଣୀ ପ୍ରଦାନ କରିଥିଲେ। ପ୍ରଥମ କ୍ୱାର୍ଟରରେ ପଛୁଆ ରହିବା ପରେ ୨୨ତମ ମିନିଟରେ ଗୋଲ ପରିଶୋଧ କରିଥିଲା ନ୍ୟୁଜିଲାଣ୍ଡ। ପେନାଲ୍ଟି ଷ୍ଟ୍ରୋକରୁ ଲେନ୍ ସାମ୍ ଏହି ଗୋଲଟି ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଉଭୟ ଦଳ ୧-୧ରେ ରହିଥିଲେ। ତେବେ ତୃତୀୟ କ୍ୱାର୍ଟରରେ ଦୁଇଟି ଗୋଲ ସହିତ ନ୍ୟୁଜିଲାଣ୍ଡ ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ମାତ୍ର ୨ ମିନିଟ ମଧ୍ୟରେ ଦୁଇ ଗୋଲ ସ୍କୋର କରିଥିଲା ନ୍ୟୁଜିଲାଣ୍ଡ। ସ୍ମିଥ୍ ଜେକ୍(୩୪) ଓ ଲେନ୍ ସାମ୍(୩୫) ନ୍ୟୁଜିଲାଣ୍ଡ ପକ୍ଷରୁ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ୍ ସିଂ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ମନଦୀପ୍ ସିଂଙ୍କ ଡବଲ ଗୋଲ ବଳରେ ଭାରତ ୪-୩ରେ ଏହି ମ୍ୟାଚକୁ ଜିତି ନେଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ସଚିବ ଭି.କେ ପାଣ୍ଡିଆନ୍ ଓ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।




ବିଜୟ ସୂଚକ ଗୋଲ୍ ସ୍କୋର ପରେ ସାଥୀଖେଳାଳିଙ୍କ ସହ ଉଲ୍ଲସିତ ଭାରତର ମନଦୀପ ସିଂ। (ଫଟୋ: ବିକାଶ ନାୟକ)

# ଅଷ୍ଟ୍ରେଲିଆ ପାଇଁ ବଢ଼ିଲା ସଙ୍କଟ

ମେଲବୋର୍ନ,୨୮।୧୦(ପି.ଟି.)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ଦୁଇଟି ମ୍ୟାଚ୍ ବର୍ଷା ପାଇଁ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ ଓ ଆୟର୍ଲାଣ୍ଡ ବନାମ ଆଫଗାନିସ୍ତାନ ମ୍ୟାଚ୍ ବାତିଲ ହୋଇଯାଇଛି। ଉଭୟ ମ୍ୟାଚ୍ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାର ଥିଲା। ତେବେ ନିରନ୍ତର ବର୍ଷା କାରଣରୁ ଟସ୍ ମଧ୍ୟ ପଡ଼ିବା ସମ୍ଭବ ହୋଇ ନ ଥିଲା। ଏହାସହିତ ଆୟୋଜକ ଅଷ୍ଟ୍ରେଲିଆର ସେମିଫାଇନାଲ ରାସ୍ତା ମଧ୍ୟ ସଙ୍କୀର୍ଣ୍ଣ ହେବାରେ ଲାଗିଛି। ପ୍ରତି ଗ୍ରୁପ୍‌ରୁ ଦୁଇଟି ଦଳ ସେମିଫାଇନାଲ ମୁକାବିଲା ଖେଳିବେ। ତେବେ ବର୍ଷା ଯୋଗୁ ଶୁକ୍ରବାର ମୁକାବିଲା ଧୋଇଯାଇଥିବା ବେଳେ ଏହା ଅଷ୍ଟ୍ରେଲିଆ ପାଇଁ ସଙ୍କଟ ବଢ଼ାଇଛି। ଅଦ୍ୟାବଧି ୩ ମ୍ୟାଚ୍ ଖେଳିସାରିଥିବା ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ବିଜୟ ସହିତ ପଏଣ୍ଟ ଟେବୁଲର ୪ ନମ୍ବର ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟ ସମାନ ସଂଖ୍ୟକ ବିଜୟ ହାସଲ କରିଛନ୍ତି। ଏହାସହିତ ନେଟ୍ ରନ୍‌ରେଟ୍ ଆଧାରରେ ଉଭୟ ଦଳ ଅଷ୍ଟ୍ରେଲିଆ ଉପରେ ରହିଛନ୍ତି। ସେହିପରି ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ମଧ୍ୟରେ ଥିବା ମ୍ୟାଚ୍ ବାତିଲ ହେବା କାରଣରୁ ଉଭୟ ଦଳ ନିରାଶ ହୋଇଛନ୍ତି। ଆଫଗାନିସ୍ତାନ ୩ ମ୍ୟାଚ୍ ଖେଳିଥିବା ବେଳେ ଏଥିରୁ ୨ଟି ମ୍ୟାଚ୍ ବର୍ଷାରେ ବାତିଲ ହୋଇଯାଇଛି। ଶନିବାର ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।



ବର୍ଷା ସମୟରେ ଛତା ତଳେ ଆୟର୍ଲାଣ୍ଡ ଖେଳାଳି।

**ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା**

ଗ୍ରୁପ୍ ଏ (ସୁପର-୧୨)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ |
| ଇଂଲଣ୍ଡ | ୩ | ୧ | ୧ | ୧ | ୩ |
| ଆୟର୍ଲାଣ୍ଡ | ୩ | ୧ | ୧ | ୧ | ୩ |
| ଅଷ୍ଟ୍ରେଲିଆ | ୩ | ୧ | ୧ | ୧ | ୩ |
| ଶ୍ରୀଲଙ୍କା | ୨ | ୧ | ୧ | ୦ | ୨ |
| ଆଫଗାନିସ୍ତାନ | ୩ | ୦ | ୧ | ୨ | ୨ |

ଗ୍ରୁପ୍ ବି

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ |
|---|---|---|---|---|---|
| ଭାରତ | ୨ | ୨ | ୦ | ୦ | ୪ |
| ଦ. ଆଫ୍ରିକା | ୨ | ୧ | ୦ | ୧ | ୩ |
| ଜିମ୍ବାୱେ | ୨ | ୧ | ୦ | ୧ | ୩ |
| ବାଂଲାଦେଶ | ୨ | ୧ | ୧ | ୦ | ୨ |
| ପାକିସ୍ତାନ | ୨ | ୦ | ୨ | ୦ | ୦ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | ୦ |

# ଶଙ୍କର ମୁଥୁସାମି ସେମିଫାଇନାଲରେ



**ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ସାଣ୍ଟାଣ୍ଡର (ସ୍ପେନ୍), ୨୮।୧୦ (ପି.ଟି.): ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଶଙ୍କର ମୁଥୁସାମି ବିଡବ୍ଲୁଏଫ୍ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ ସହ ପଦକ ପକ୍କା କରିଛନ୍ତି। ଶୁକ୍ରବାର ୧୯ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ଚାଇନାର ହୁ ଝି ଆନ୍‌ଙ୍କୁ ୨୧-୧୮, ୮-୨୧, ୨୧-୧୬ରେ ପରାସ୍ତ କରିଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧ ଘଣ୍ଟା ୩୧ ମିନିଟ୍ ଧରି ଚାଲିଥିଲା। ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ପଦକ ହାସଲ କରିବାରେ ମୁଥୁସାମି ୯ମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ଲକ୍ଷ୍ୟ ସେନ୍ ୨୦୧୮ରେ ଏକ ବ୍ରୋଞ୍ଜ ପାଇଥିଲେ। ମୁଥୁସାମି ସେମିଫାଇନାଲରେ ଥାଇଲାଣ୍ଡର ପନିତ୍‌ଚାଫନ୍ ତିରାରାତ୍‌ସକୁଲଙ୍କୁ ଭେଟିବେ। ମୁଥୁସାମି ଗୁରୁବାର ପ୍ରି-କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡର ନାଚାକୋର୍ନ ପୁସ୍‌ରିଙ୍କୁ ୨୧-୧୦, ୨୧-୧୨ରେ ହରାଇ ଦେଇଥିଲେ।

# ଡବଲ୍ସ ସେମିରେ ସାତ୍ୱିକ, ଚିରାଗ

ପ୍ୟାରିସ୍,୨୮।୧୦(ପି.ଟି.): ଭାରତୀୟ ସଟଲ ଷ୍ଟାର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଡବଲ୍ସ ଯୋଡ଼ି ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୁପର ୭୫୦ ଇଭେଣ୍ଟର ଏହି ଟୁର୍ନାମେଣ୍ଟରେ ସପ୍ତମ ସିଡ୍‌ର ମାନ୍ୟତା ପାଇଥିବା ଚିରାଗ-ସାତ୍ୱିକ ଟପ୍ ସିଡେଡ୍ ଯୋଡ଼ି ଟାକୁରୋ ହୋକି ଓ ୟୁଗୋ କୋବାୟାଶୀଙ୍କୁ ପରାସ୍ତ କରିଛନ୍ତି। ଶୁକ୍ରବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଭାରତୀୟ ଯୋଡ଼ି ୨୧-୧୨, ୨୧-୧୬ ରେ ମାତ୍ର ୪୯ ମିନିଟ୍ ମଧ୍ୟରେ ଜିତିନେଇଥିଲେ।

# ଦଳ ଚୟନକୁ ପୂର୍ବତନ ଖେଳାଳିଙ୍କ ସମାଲୋଚନା

କରାଚି,୨୮।୧୦(ପି.ଟି.): ଜିମ୍ବାୱେ ବିପକ୍ଷ ଲଜ୍ଜାଜନକ ପରାଜୟ ପରେ ଖରାପ ଦଳ ଚୟନକୁ କାରଣ ଦର୍ଶାଇଛନ୍ତି ଏକାଧିକ ପୂର୍ବତନ ଖେଳାଳି। ଅପେକ୍ଷାକୃତ ଦୁର୍ବଳ ଦଳ ଜିମ୍ବାୱେ ବିପକ୍ଷରେ ୧୩୦ ରନ୍ ଲକ୍ଷ୍ୟର ପିଛା କରିବାରେ ପାକିସ୍ତାନ ବିଫଳ ହୋଇଥିଲା। ଏହା ସହିତ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ପରାଜୟ ପରେ କେବଳ ଆଜମ ନୁହନ୍ତି, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ୍ ରମିଜ୍ ରାଜା, ମୁଖ୍ୟ ଚୟନକର୍ତ୍ତା ମହମ୍ମଦ ୱାସିମ୍ ଓ କୋଚ୍ ସାକ୍ଲିନ୍ ମୁସ୍ତାକ୍‌ଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଜିମ୍ବାୱେ ବିପକ୍ଷ ପରାଜୟ ଅତ୍ୟନ୍ତ ଅପମାନଜନକ ବୋଲି କହିଛନ୍ତି ପୂର୍ବତନ ପାକିସ୍ତାନୀ ପେସ୍ ବୋଲର ସୋଏବ୍ ଅଖ୍‌ତର। ଜିମ୍ବାୱେ ଭଳି ଦଳକୁ ହରାଇବା ପାଇଁ ମଧ୍ୟ ସଂଘର୍ଷପୂର୍ଣ୍ଣ କ୍ରିକେଟ ଖେଳିବାକୁ ପଡ଼ିଥାଏ ବୋଲି ଏହି ମ୍ୟାଚ୍ ପ୍ରମାଣ କରିଦେଲା। ଆମର ଦଳ ଚୟନ ଓ ମାନସିକତା ଅତ୍ୟନ୍ତ ସାଧାରଣ ରହିଥିବା ପାକିସ୍ତାନ କ୍ରିକେଟ୍‌ର ଅଧୋପତନ ପାଇଁ ଦାୟୀ ବୋଲି ଅଖ୍‌ତର କହିଛନ୍ତି। ୧୩୦ ରନ୍ ଲକ୍ଷ୍ୟର ପିଛା କରିବାରେ ଦଳ ବିଫଳ ହୋଇଥିବା ବେଳେ ଏହି ବ୍ୟାଟିଂ ଲାଇନ୍‌ଅପ୍‌କୁ କେବଳ ଭଗବାନ ଉଦ୍ଧାର କରିପାରିବେ ବୋଲି କହିଛନ୍ତି ପୂର୍ବତନ ଓପ୍‌ନର ମୋହସିନ୍ ଖାନ୍।

# ଆକାଂକ୍ଷାଙ୍କ ଦ୍ୱାରା ୩ ନୂଆ ଜାତୀୟ ରେକର୍ଡ

ଗାଜିଆବାଦ, ୨୮।୧୦ (ପି.ଟି.)

ଖେଲୋ ଇଣ୍ଡିଆ ନ୍ୟାଶନାଲ ଓମେନ୍ସ ୱେଟ୍‌ଲିଫ୍ଟିଂ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟରେ ମହାରାଷ୍ଟ୍ରର ଆକାଂକ୍ଷା ବ୍ୟବହାରେ ୪୦କେଜି କାଟେଗୋରିରେ ତିନୋଟି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ଅଂଶବିଶେଷ ଏହି ୱେଟ୍‌ଲିଫ୍ଟର ସ୍ନାଚ୍, କ୍ଲିନ୍ ଓ ଜର୍କ ଏବଂ ଟୋଟାଲରେ ରେକର୍ଡ ସୃଷ୍ଟି କରିଛନ୍ତି। ଆକାଂକ୍ଷା ୬୦କେଜି ଉତ୍ତୋଳନ କରି ତାଙ୍କ ନାମରେ ରହିଥିବା ସ୍ନାଚ୍ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ସେ ୭୧ କେଜି ଉଠାଇ କ୍ଲିନ୍ ଓ ଜର୍କ ଏବଂ ଟୋଟାଲ ୧୩୧ କେଜି ଓଜନ ଉଠାଇ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ମୀରାବାଈ ଚାନୁ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରଥମ ଭାଗରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱେଟ୍ ଲିଫ୍ଟିଂର ପ୍ରଥମ ପର୍ଯ୍ୟାୟରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।




ପଦକ ଗ୍ରହଣ ଉତ୍ସବରେ ଆକାଂକ୍ଷା ବ୍ୟବହାରେ (ମଝି)।




ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ତାମିଲ ଥାଲାଇଭାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପାନ୍ଥର୍ସ ବିପକ୍ଷରେ ଥାଲାଇଭାସ୍ ବିଜୟୀ

**ପ୍ରୋ କବାଡି ଲିଗ୍**

ବେଙ୍ଗାଲୁରୁ,୨୮।୧୦

ପ୍ରୋ କବାଡି ଲିଗ୍‌ରେ ଶୁକ୍ରବାର ଜୟପୁର ପିଙ୍କ ପାନ୍ଥର୍ସକୁ ପରାସ୍ତ କରିଛି ତାମିଲ ଥାଲାଇଭାସ୍। ରେଡର୍ ନରେନ୍ଦରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ୩୮-୨୭ରେ ମ୍ୟାଚକୁ ଜିତି ନେଇଛି ଥାଲାଇଭାସ୍। ଏହା ସହିତ ଚଳିତ ଟୁର୍ନାମେଣ୍ଟରେ ନିଜର ଦ୍ୱିତୀୟ ବିଜୟ ହାସଲ କରିଛି ଦଳ। ଥାଲାଇଭାସ୍ ପକ୍ଷରୁ ରେଡର୍ ନରେନ୍ଦର ଏକାକୀ ୧୩ ପଏଣ୍ଟ ସ୍କୋର କରି ମ୍ୟାଚର ହିରୋ ରହିଥିଲେ। ଅନ୍ୟତମ ରେଡର ଅଜିଙ୍କ୍ୟ ପୱାର ମଧ୍ୟ ୬ ପଏଣ୍ଟ ସ୍କୋର କରିଥିଲେ। ପାନ୍ଥର୍ସ ପକ୍ଷରୁ ଅର୍ଜୁନ୍ ଦେଶୱାଲ ସର୍ବାଧିକ ୯ ପଏଣ୍ଟ ସ୍କୋର କରିଥିବା ବେଳେ ଭବାନୀ ରାଜପୁତ ୪ ଓ ଷ୍ଟାର ରେଡର ରାହୁଲ ଚୌଧୁରୀ ଫେଲ ମାରିଥିଲେ। ପରାଜୟ ସହିତ ୮ ମ୍ୟାଚରୁ ୨୬ ପଏଣ୍ଟ ପାଇ ଜୟପୁର ପିଙ୍କ ପାନ୍ଥର୍ସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଥାଲାଇଭାସ୍ ଦଶମ ସ୍ଥାନରେ ରହିଛି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଅକ୍ଟୋବର, ୨୦୨୨



## କବାଟ ଭାଙ୍ଗି ୨୫ ହଜାର ଟଙ୍କା ଚୋରି

ସାଲେପୁର,(ଡି.ଏନ୍.ଏ.): କୋଲକାତା ଅଞ୍ଚଳରୁ ଆସି ଏଠାରେ ଭଡ଼ାଘରେ ରହି ମିସ୍ତ୍ରି କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କ ୨୫ ହଜାର ଟଙ୍କା ଚୋରି ହୋଇଥିବା ସାଲପୁର ଥାନାରେ ଅଭିଯୋଗ ହୋଇଛି। ରୋଧପୁର ଗ୍ରାମର ଅଶୋକ କୁମାର ଦାସଙ୍କ ଘରେ ଭଡ଼ାରେ ରହୁଥିବା ମୁର୍ଶିଦାବାଦ ଅଞ୍ଚଳର ସେକ୍ ଆକବର ଅଲ୍ଲୀ ଲେବର ଓ ମିସ୍ତ୍ରିମାନଙ୍କୁ ମଜୁରୀ ଦେବାକୁ ୨୫ ହଜାର ଟଙ୍କା ରଖିଥିଲେ। ଆକବର ପରିବା କିଣିବାକୁ ସକାଳେ ବଜାରକୁ ଯାଇଥିବା ବେଳେ କୌଣସି ବ୍ୟକ୍ତି ଘରର କବାଟ ଭାଙ୍ଗି ସେହି ଟଙ୍କା ଚୋରି କରିନେଇଛନ୍ତି। ଆକବର ଥାନାରେ ଅଭିଯୋଗ କରିବା ପରେ ସାଲେପୁର ପୋଲିସ ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ସ୍କୁଲର ଉନ୍ନତି ପାଇଁ ମିଳିବ ସ୍ୱତନ୍ତ୍ର ଅନୁଦାନ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ): ରାଜ୍ୟରେ ଥିବା ସରକାରୀ ସ୍କୁଲଗୁଡ଼ିକୁ ରାଜ୍ୟ ସରକାର ଆସନ୍ତାବର୍ଷଠାରୁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବେ। ବିଶେଷକରି ସ୍କୁଲଗୁଡ଼ିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ବାଳିକା ବିଦ୍ୟାଳୟରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଅନୁଦାନ ଖର୍ଚ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୪ରୁ ରାଜ୍ୟର ସବୁ ସରକାରୀ ସ୍କୁଲ ଏହି ଯୋଜନାରେ ସାମିଲ ହେବାର ଯୋଜନା ରହିଛି। ମିଳିଥିବା ସୂଚନାନୁସାରେ, ପ୍ରତି ସ୍କୁଲକୁ ୩ବର୍ଷରେ ଥରେ ସ୍ୱତନ୍ତ୍ର ଅନୁଦାନ ବାବଦକୁ ୨୧ହଜାର ୫୦୦ ଟଙ୍କା ଦିଆଯିବ। ବିଜ୍ଞାନ ଉପକରଣ ଲାଗି ୫ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ହଜାର ଟଙ୍କା, ଖେଳ ସରଞ୍ଜାମ ଲାଗି ଅଢ଼େଇ ହଜାର ଟଙ୍କା, ବାଳିକା ବିଦ୍ୟାଳୟଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ହଜାର ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ଅତିରିକ୍ତ ୫ହଜାର ଟଙ୍କା ମଧ ପ୍ରଦାନ କରାଯିବ। ଏଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ।

### ବିଇଓ, ୨୦ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବଡ଼ମ୍ବା, ୨୮।୧୦(ଡି.ଏନ.ଏ): ଓଡ଼ିଶା ମାଧମିକ ଶିକ୍ଷା ପରିଷଦ (ଓଷ୍ଟା) ତରଫରୁ ନୂତନ ବ୍ଲକ ଶିକ୍ଷା ଅଧିକାରୀ ଓ ବିଭିନ୍ନ ବିଦ୍ୟାଳୟରେ ପୂର୍ବରୁ ଯୋଗ ଦେଇଥିବା ୨୦ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଏକ ସଭା ଆୟୋଜନ କରାଯାଇଥିଲା। ସମ୍ପାଦକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶ୍ରୀନିବାସ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ବର୍ଦ୍ଧନା ସଭାରେ ୩୦ଜଣ ପ୍ରଧାନଶିକ୍ଷକଙ୍କ ସମେତ ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ, ବିବେକାନନ୍ଦ ସାହୁ ଓ ନିର୍ମଳା ବେହେରା ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ଓ ୨୦ଜଣ ପ୍ରଧାନଶିକ୍ଷକଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଷ୍ଟା ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର, ବ୍ଲକ ଉପସଭାପତି ଶ୍ୟାମବନ୍ଧୁ ବେହେରା, ନୋଡାଲ ପ୍ରଧାନ ଶିକ୍ଷକ କାମରାଜ ସାହୁ ଓ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ଧଳ ଧନ୍ୟବାଦ ଦେଇଥିଲେ।

### 'ଶ୍ରୀଜଗନ୍ନାଥ, ଉତ୍କଳୀୟତା ଏକ ଓ ଅଭିନ୍ନ'

**'ଓଡ଼ିଶାର ସାମାଜିକ ଜୀବନରେ ମହାପ୍ରଭୁ ଶ୍ରୀଜଗନ୍ନାଥ' ଆଲୋଚନାଚକ୍ର**

କଟକ ଅଫିସ, ୨୮।୧୦: ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ 'ଓଡ଼ିଶାର ସାମାଜିକ ଜୀବନରେ ମହାପ୍ରଭୁ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୃଷ୍ଠପୋଷକ ସଭ୍ୟ ଡ. କିଶନଲାଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ଓ ଉତ୍କଳୀୟତା ଏକ ଓ ଅଭିନ୍ନ। ଶ୍ରୀଜଗନ୍ନାଥ ଏ ଜାତିର ମେରୁଖୁଣ୍ଟ। ସେ ଆନନ୍ଦ ଓ ବିସ୍ମୟର ଦେବତା। ଏଣୁ ପ୍ରଭୁଙ୍କ ନାମ ହିଁ ଆମର ସର୍ବଶ୍ରେଷ୍ଠ ସମ୍ବଳ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥଙ୍କ ସେବାନୀତି ସହିତ ଓଡ଼ିଶାର ପର୍ବପର୍ବାଣି ଓ ପରମ୍ପରା ନିବିଡ଼ ଭାବେ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା. ଆଶୁତୋଷ ପ୍ରସାଦ ମିଶ୍ର ଶ୍ରୀଜଗନ୍ନାଥ ବ୍ୟତିରେକେ ଓଡ଼ିଆ ସମାଜ-ଜୀବନର ପରିକଳ୍ପନା ସମ୍ଭବପର ନୁହେଁ ବୋଲି କହିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ଅନ୍ୟତମ ଉପସଭାପତି ମନୋଜ ପଟ୍ଟନାୟକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଜମି ବିବାଦକୁ ନେଇ ରାସ୍ତାରୋକୋ

**ଅଙ୍ଗନୱାଡ଼ି ଘର ନିର୍ମାଣ ପ୍ରସଙ୍ଗ**

ନରସିଂହପୁର,୨୮।୧୦(ସ୍ୱ.ପ୍ର.)



ନରସିଂହପୁର ମୁଖ୍ୟ ରାସ୍ତାର ଜିଲିଣ୍ଡା ଛକଠାରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ନରସିଂହପୁର ତହସିଲ ଅନ୍ତର୍ଗତ ସାନଙ୍ଗା ଗ୍ରାମରେ ଏକ ବିବାଦୀୟ ବ୍ୟକ୍ତିଗତ ଜମିରେ ଅଙ୍ଗନୱାଡ଼ି ଘର ନିର୍ମାଣ ହୋଇପାରୁ ନଥିବାରୁ ଶୁକ୍ରବାର ଗ୍ରାମବାସୀ କମଳାଡିହ ନରସିଂହପୁର ମୁଖ୍ୟ ରାସ୍ତାର ଜିଲିଣ୍ଡା ଛକଠାରେ ରାସ୍ତାରୋକୋ କରିଛନ୍ତି। ଶତାଧିକ ମହିଳା ପୁରୁଷ ରାସ୍ତା ଉପରେ ବସି ରହିବାରୁ ଉଭୟ ପକ୍ଷରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

ସୂଚନା ଅନୁଯାୟୀ, ସାନଙ୍ଗା ଗ୍ରାମରେ ଏକ ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଘର ନିର୍ମାଣ ନିମନ୍ତେ ସରକାରୀ ଅନୁଦାନ ଆସିବା ପରେ ଗ୍ରାମ ମୁଣ୍ଡରେ ଏହି ଘର ନିର୍ମାଣ କରିବା ପାଇଁ ଗ୍ରାମସଭା କରାଯାଇ ନିଷ୍ପତ୍ତି ନିଆଯାଇଥିଲା କିନ୍ତୁ ଗ୍ରାମ ମୁଣ୍ଡରେ ଆବଶ୍ୟକ ସରକାରୀ ଜାଗା ନଥିବାରୁ ସେହି ଗ୍ରାମର ନରସିଂହ ସାହୁଙ୍କ ଓଗେର ଥିବା ବ୍ୟକ୍ତିଗତ ଚାଷ ଜମି ଖାତା ନମ୍ବର ୫୭ ପ୍ଲଟ ନମ୍ବର ୫୬୭ ଏରିଆ ୪ ଏକର ୭୦ ଡିସମିଲ ଜମିରୁ କିଛି ଅଂଶ ଅଙ୍ଗନୱାଡ଼ି ଘର ନିର୍ମାଣ ପାଇଁ ଗ୍ରାମବାସୀଙ୍କୁ ଛାଡ଼ିଦେବା ପାଇଁ ସଭାପତି ମାନସ ସାହୁ ପ୍ରସ୍ତାବ ଦେବାପରେ ନରସିଂହ ସାହୁଙ୍କ ପରିବାର ସମ୍ମତି ପ୍ରକାଶ କରିଥିଲେ। ମାତ୍ର ଘର ନିର୍ମାଣ ବେଳେ ଅଧିକ ଜମି ଦଖଲ କରିବାରୁ ଜମି ମାଲିକ ନିତ୍ୟାନନ୍ଦ ପ୍ରଧାନ ପ୍ରତିବାଦ କରିଥିଲେ । ଜମି ନ ଛାଡିବାରୁ ଗ୍ରାମସଭା କରାଯାଇ ଜମି ମାଲିକ ନିତ୍ୟାନନ୍ଦ ପ୍ରଧାନ ଓ ଅନ୍ୟ ୧୦ ପରିବାରକୁ ନିଆଁ ପାଣି ବାଛନ୍ଦ କରାଯାଇଥିଲା। ବିବାଦ ବଢି କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଏହି ୧୦ ପରିବାରକୁ ଗହୀର ଜମିକୁ ବାରଣ କରିଥିଲେ ଗ୍ରାମବାସୀ। ଏ ନେଇ ୧୦ ପରିବାର ପକ୍ଷରୁ ନରସିଂହପୁର ଥାନାରେ ଅଭିଯୋଗ କରିବା ପରେ ଘଟଣାର ତୁରନ୍ତ ଓ ସ୍ଥାୟୀ ସମାଧାନ ଦାବି କରି ମାନସ ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲିଣ୍ଡା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧାରଣାରେ ବସିରହିବା ପରେ ଦିନ ପ୍ରାୟ ୧୨ଟା ବେଳେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ଆଲୋକ ରଞ୍ଜନ ଦେହୁରୀ, ଥାନା ଆଇଆଇସି ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ନଭେମ୍ବର ୮ ପରେ ଉଭୟ ପକ୍ଷଙ୍କ ସହିତ ଆଲୋଚନା କରି ସ୍ଥାୟୀ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋରୁ ଗ୍ରାମବାସୀ ଓହରିଥିଲେ। ଅନ୍ୟପଟେ ନିଜ ପୈତୃକ ଜମିରୁ ଆଉ ଚିନାଏ ଛାଡ଼ିବୁ ନାହୁଁ ବୋଲି ୧୦ ପରିବାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଆମେ ଯେତିକି ନିର୍ଯ୍ୟାତନା ସହି ଟଙ୍କା ପଇସା ସାରି ମାମଲା ଲଢ଼ୁଛୁ ଏବଂ ଗ୍ରାମବାସୀ ଆମର ଯେତିକି କ୍ଷତି କରିଛନ୍ତି ଆମେ ଆମ ଜମି ଛାଡ଼ିବୁ ନାହୁଁ ବୋଲି ପ୍ରତିପକ୍ଷ ପ୍ରଭାକର ସାହୁ କହିଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା ଦେଲେ ବିଧାୟକ

ମାହାଙ୍ଗା, ୨୮।୧୦(ସ୍ୱ.ପ୍ର)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର ଗ୍ରାମର ପ୍ରମିଳା ସାମଲଙ୍କ ଚାଳ ଛପର ଘର ଅଗ୍ନିକାଣ୍ଡରେ ଜଳିଯାଇଥିଲା। ଖବରପାଇ ମାହାଙ୍ଗା ବିଧାୟକ ପ୍ରତାପ ଜେନା ତାଙ୍କ ବାସଭବନରେ ପହଞ୍ଚି ସମସ୍ୟା ପଚାରି ବୁଝିବା ସହ ଶୁଖିଲା ଖାଦ୍ୟ, ପାଲ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ଗୁଣୁପୁର ଗ୍ରାମର ଆହତ ଅନିସୁଦ୍ଦିନଙ୍କୁ ଭେଟି ତାଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହି ପଞ୍ଚାୟତର ସିପୁରା ଗ୍ରାମର ପ୍ରଶାନ୍ତ କୁମାର ରାଉତରାୟଙ୍କ ପୁତ୍ର ଚିନ୍ମୟ ରାଉତ (୨୩)ଙ୍କ ମୃତ୍ୟୁ ଖବର ଏବଂ ମୂଳବସନ୍ତ ଗ୍ରାମର ବୈଷ୍ଣବ ମହାନ୍ତିଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ମାହାଙ୍ଗା ପଞ୍ଚାୟତରେ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିଥିଲେ। କାର୍ଯ୍ୟକ୍ରମରେ ଦୀପା ମଲିକ, ସତ୍ୟନାରାୟଣ ମହାନ୍ତି, ରାଜକିଶୋର ଜେନା, ପ୍ରଶାନ୍ତ କର, ଭ୍ରମରବର ରାଉତରାୟ, ବେବିନା ଜେନା, ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରୋନ୍ ସାହାଯ୍ୟରେ କୀଟନାଶକ ସିଞ୍ଚନ



ଡ୍ରୋନ ସାହାଯ୍ୟରେ ଚାଷଜମିରେ କୀଟନାଶକ ସିଞ୍ଚନ ପ୍ରଦର୍ଶନୀ।

ସାଲେପୁର,୨୮।୧୦(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ଜାତୀୟ ଧାନ ଗବେଷଣା କେନ୍ଦ୍ର କଟକ ଦ୍ୱାରା ଶୁକ୍ରବାର ଡ୍ରୋନ୍ ସାହାଯ୍ୟରେ କୀଟନାଶକ ସିଞ୍ଚନ ପ୍ରଦର୍ଶନ କରାଯାଇଛି। ସାଲେପୁର ବ୍ଲକ୍‌ର ଗଣେଶ୍ୱରପୁର ଏବଂ ମାଳିହତା ଗ୍ରାମରେ ଏହି ପ୍ରଦର୍ଶନୀ କରାଯାଇଥିଲା। ବୈଜ୍ଞାନିକ ଡ. ଅସିତ କୁମାର ପ୍ରଧାନ, ଅନୁଷ୍ଠାନର କର୍ମଚାରୀ ହିମାଂଶୁ ଶେଖର ସାହୁ, କୃତ୍ତିବାସ ଜେନା, ଉମାକାନ୍ତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ୍ରୋନ୍ ସାହାଯ୍ୟରେ ପ୍ରାୟ ୮ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ କମ୍ ସମୟ ମଧରେ ଔଷଧ ସିଞ୍ଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସଂଗ୍ରାମ ପତି, ମମତା ବିଶ୍ୱାଳ, ବ୍ରହ୍ମାନନ୍ଦ ବାରିକ, ରାମଚନ୍ଦ୍ର ପାଣିଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ।

## କଲେଜ ପରିଚାଳନା କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ, ୨୮।୧୦(ସ୍ୱ.ପ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚାଳନା କମିଟିର ନୂତନ ସଭାପତି ଭାବରେ କଟକର ଅତିରିକ୍ତ ଜିଲାପାଳ ଶିବ ଟପୋ ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଶୁକ୍ରବାର ବାଙ୍କୀ କଲେଜ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଓ ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାଧାପକ ରାଜକିଶୋର ପାଲ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ନୂତନ ସଭାପତି ଟପୋଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କଲେଜର ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ହୋତା ଅବଗତ କରାଇଥିଲେ।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ସାଲେପୁର,୨୮।୧୦(ଡି.ଏନ୍.ଏ.)



ସାଇସ୍ତା ବେଗମ୍।

ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସଂପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଦାରିଆପୁର ଗ୍ରାମର ସେକ୍ ସୁରଜ୍ ମାହାଙ୍ଗା ଥାନା ଅନ୍ତର୍ଗତ ଜୟୀପୁର ଗ୍ରାମର ଫରିଦା ବିବିଙ୍କ ଝିଅ ସାଇସ୍ତା ବେଗମ୍‌ଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁ, ନଣନ୍ଦ ଓ ସ୍ୱାମୀ ସାଇସ୍ତାକୁ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ଏହି କାରଣରୁ ସାଇସ୍ତା ୪ବର୍ଷ ହେବ ବାପ ଘରେ ରହିଥିଲେ। ସ୍ୱାମୀ ସୁରଜ ଶ୍ୱଶୁର ଘରେ ପହଞ୍ଚି ଆପୋଷ ସମାଧାନ କରି ନିଜ ସ୍ତ୍ରୀକୁ ଘରକୁ ଆଣିଥିଲେ। ଗୁରୁବାର ସୁରଜ ଶାଶୂ ଫରିଦା ବିବିଙ୍କୁ ଫୋନ୍ କରି ଜଣାଇଲେ ଯେ ତୁମ ଝିଅ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି, ଆମେ ନିଶ୍ଚିନ୍ତକୋଇଲି ମେଡ଼ିକାଲରେ ଅଛୁ। ଫରିଦା ନିଶ୍ଚିନ୍ତକୋଇଲି ମେଡ଼ିକାଲରେ ପହଞ୍ଚି ଝିଅର ମୃତଦେହ ଦେଖିବା ପରେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୨୩/୨୦୨୨ରେ ମାମଲା ରୁଜୁ କରିବା ସହ ମୃତା ସାଇସ୍ତାର ସ୍ୱାମୀ ସେକ୍ ସୁରଜକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# କେମିକାଲ ଫ୍ୟାକ୍ଟ୍ରି ନିର୍ମାଣକୁ କଂଗ୍ରେସର ବିରୋଧ

**କମ୍ପାନୀ ସମ୍ମୁଖରେ ବିକ୍ଷୋଭ, ବହୁ କଂଗ୍ରେସ କର୍ମୀ ଗିରଫ**

ବାଙ୍କୀ, ୨୮।୧୦(ସ୍ୱ.ପ୍ର)



କେମିକାଲ ଫାକ୍ଟ୍ରି ସମ୍ମୁଖରେ କଂଗ୍ରେସ କର୍ମୀ ଓ ଗ୍ରାମବାସୀଙ୍କ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତରେ କେମିକାଲ ଫ୍ୟାକ୍ଟ୍ରି ନିର୍ମାଣକୁ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ବିରୋଧ କରିଛନ୍ତି। କମ୍ପାନୀ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରୁଥିବା ବେଳେ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ଡମପଡ଼ା ତହସିଲ ଅନ୍ତର୍ଗତ ବାଆଁରା ପଞ୍ଚାୟତରେ ବିନା ପଲ୍ଲିସଭା ଓ ଗ୍ରାମସଭାରେ ଶତାଧିକ ଏକର ଜମି କେମିକାଲ ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ଇଥାନଏଲ କେମିକାଲ କମ୍ପାନୀ ନିର୍ମାଣକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଫଳରେ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଥିଲା। ପରେ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କମ୍ପାନୀ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଥିଲା। ପୁଣି ଶୁକ୍ରବାର ଗ୍ରାମବାସୀଙ୍କ ବିନା ସହମତିରେ ବାଙ୍କୀ ପ୍ରଶାସନିକ ପକ୍ଷରୁ ୧୪୪ଧାରା ଲାଗୁ କରାଯାଇ ପୁନଃ କେମିକାଲ କମ୍ପାନୀ ନିର୍ମାଣ ପାଇଁ କାମ ଆରମ୍ଭ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଓ କଂଗ୍ରେସ କର୍ମୀ ଆନ୍ଦୋଳନ କରିଥିଲେ। ପୋଲିସ୍ ବହୁ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇଥିଲା। ପରେ ଥାନା ସମ୍ମୁଖରେ ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିଲା।

### ଇଡ୍‌କୋକୁ ଜମି ହସ୍ତାନ୍ତରକୁ ସିପିଏମ୍‌ର ବିରୋଧ

କଟକ ଜିଲା ଡମପଡ଼ା ତହସିଲ ଅନ୍ତର୍ଗତ ବାଆଁରାଠାରେ ବିନା ପଲ୍ଲିସଭା ଓ ଗ୍ରାମସଭାରେ ଇଡ୍‌କୋକୁ ଶତାଧିକ ଏକର ଜମି ହସ୍ତାନ୍ତରକୁ କଟକ ଜିଲା ସିପିଆଇ(ଏମ) କମିଟି ପକ୍ଷରୁ ବିରୋଧ କରାଯାଇଛି । ଯେଉଁଭଳି ଭାବରେ ୧୪୪ଧାରା ଜାରି କରି ପୋଲିସ ଫୌଜ ନେଇ ଗ୍ରାମବାସୀଙ୍କୁ ନାଲିଆଖି ଦେଖାଇ ବାଙ୍କୀ ପୋଲିସ ପ୍ରଶାସନ କମ୍ପାନୀ କାର୍ଯ୍ୟ ନିର୍ମାଣକୁ ଅନୁମତି ଦେବା ସହ ଶତାଧିକ ଲୋକଙ୍କୁ ଗିରଫ କରିଛି, ଏହା ଶାସକ ଦଳର ସ୍ୱଚ୍ଛ ଶାସନର ମୁଖା ଖୋଲିଦେଇଛି। ବାଆଁରା ପଞ୍ଚାୟତରେ ଶତାଧିକ ଭୂମିହୀନ ଲୋକଙ୍କୁ ଘର ଡିହ ନଦେଇ କମ୍ପାନୀମାନଙ୍କୁ କାହା ସ୍ୱାର୍ଥରେ ଜମି ଦିଆଯାଉଛି ବୋଲି ସିପିଆଇ(ଏମ) ପକ୍ଷରୁ ଜିଲା ସମ୍ପାଦକ ବଦ୍ରିନାଥ ଦାସ ପ୍ରଶ୍ନ କରିଛନ୍ତି।

## ବିପ୍ଳବୀ କବି ପଣ୍ଡିତ ଗୋବିନ୍ଦ ରଥଙ୍କ ୧୭୫ତମ ଜୟନ୍ତୀ

ବାଙ୍କୀ, ୨୮।୧୦(ସ୍ୱ.ପ୍ର)

ବିଦ୍ୱାନ, ବିପ୍ଳବୀ କବି, ସାହିତ୍ୟିକ ପଣ୍ଡିତ ଗୋବିନ୍ଦ ରଥଙ୍କ ଜନ୍ମସ୍ଥାନ ବାଙ୍କୀ ସହର ନିକଟବର୍ତ୍ତୀ ପାଟପୁର ଗ୍ରାମରେ ୧୭୫ତମ ଜନ୍ମ ଦିବସ ପଣ୍ଡିତ ଗୋବିନ୍ଦରଥ ଉ.ପ୍ରା.ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ରଥ, ସାମାଜିକ କର୍ମୀ ଶରତ ଚନ୍ଦ୍ର ମହାପାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଧୁଭୂଷଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋବିନ୍ଦ ରଥ ଓ ଭାଷା ବିପଦଗ୍ରସ୍ତ ଥିବା ବେଳେ ବର୍ଣ୍ଣବୋଧକ ରଚନା କରି ଓ ଭାଷାର ସ୍ୱତନ୍ତ୍ରତା ବଜାୟ ରଖିଥିଲେ ବୋଲି କହିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସୋନାଲି ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରଥମ, ସନ୍ଧ୍ୟାରାଣୀ ବେହେରା ଦ୍ୱିତୀୟ, ପୂର୍ଣ୍ଣିମା ସ୍ୱାଇଁ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ କୀର୍ତ୍ତିରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱସ୍ତି ମହାପାତ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ଶରତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଗୋବିନ୍ଦ ରଥ ସ୍ମୃତି ସଂସଦ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ କୃତ୍ତିବାସ ପଣ୍ଡା ସଂଯୋଜନା କରିଥିଲେ ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2022110, ତା.20.10.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼୍ ମଣ୍ଡଳରେ ଶାଳଗାଁ ଷ୍ଟେସନ ଠାରୁ ବୁଢ଼ାପଙ୍କ ଷ୍ଟେସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ନିମନ୍ତେ ଶାଳଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ବିଭିନ୍ନ ଷ୍ଟେସନଠାରେ ଅନ୍ୟାନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ସହିତ ଟାଇପ୍-II, ଟାଇପ୍-III ଏବଂ ଟାଇପ୍-IV ଷ୍ଟାଫ କ୍ୱାର୍ଟରଗୁଡ଼ିକ ସନ୍ତୁଳନୀୟ ଅବଶିଷ୍ଟ କାର୍ଯ୍ୟ ତଥା ଶାଳଗାଁ ଷ୍ଟେସନ ଠାରୁ ଢେଙ୍କାନାଳ ଷ୍ଟେସନ ମଧ୍ୟରେ ଷ୍ଟେସନ ବିଲ୍ଡିଙ୍ଗ, ସଂକେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ହାଇ ଲେଭେଲ ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ଲେଭେଲ କ୍ରସିଙ୍ଗ୍ କାର୍ଯ୍ୟ, ରୋଡ଼୍ ଡାଇଭର୍ସନ କାର୍ଯ୍ୟ, ପରିଚାଳନ କ୍ଷେତ୍ରର ଉନ୍ନୟନ ଭଳି ବିବିଧ କାର୍ଯ୍ୟ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2170.75 ଲକ୍ଷ, EMD : ₹ 12,35,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.11.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-134/CF/22-23

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତୃବୃନ୍ଦ ଓ କର୍ମୀମାନେ।

ଖୁଣ୍ଟୁଣୀ,୨୮।୧୦(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ପଞ୍ଚାୟତରେ ଆଠଗଡ଼ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନନ୍ତପୁର ପଞ୍ଚାୟତରୁ ଏହି ପଦଯାତ୍ରା ବାହାରି ନୂଆଶାସନ ଦେଇ ବ୍ରହ୍ମପୁରଠାରେ ଶେଷ ହୋଇଥିଲା। ଏଥିରେ ଯୁବନେତା ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଜନସାଧାରଣଙ୍କ ଅଭିଯୋଗ ଶୁଣି ତତ୍କ୍ଷଣାତ ସମାଧାନର ବ୍ୟବସ୍ଥା କରିଥିଲେ। ଗରିବ ଜନସାଧାରଣଙ୍କ ଘର ଘର ବୁଲି ସମସ୍ୟା ସମାଧାନ କରିବା ଏହି ପଦଯାତ୍ରାର ମୂଳ ଲକ୍ଷ ବୋଲି ଆଦିତ୍ୟ କହିଥିଲେ। ଏହି ପଦଯାତ୍ରାରେ ୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁ, ସମିତିସଭ୍ୟ ସୌମ୍ୟରଞ୍ଜନ ପଣ୍ଡା, ହୃଦାନନ୍ଦ ସାମଲ, କୃଷକନେତା ନିରାକାର ଲେଙ୍କା, ନାରୀନେତ୍ରୀ ଜାନକୀଲତା ନାୟକ, ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତି, ଶୁଭେନ୍ଦୁ ବେଉରା, ଦୀନେଶ ପ୍ରଧାନ, ଦେବରାଜ ପ୍ରଧାନ, ମଙ୍ଗୁଳି ଚରଣ ପାଣି, ଶିକର ଜେନା ଓ ବିପିନି ବିହାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ।

Repco Home Finance - We value your Dream
**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

ସିଆଇଏନ୍- ଏଲ୍‌୬୫୯୨୨ଟିଏନ୍୨୦୦୦ପିଏଲ୍‌ସି୦୪୫୬୫୫

କର୍ପୋରେଟ୍ କାର୍ଯ୍ୟାଳୟ: ତୃତୀୟ ମହଲା, ଆଲେକ୍ଜାଣ୍ଡର ସ୍କୋୟାର, ପୁରୁଣା ନଂ.୩୪ ଓ ୩୫, ନୂଆ ନଂ.୨, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ-୬୦୦୦୩୨, ଫୋନ୍: (୦୪୪)-୪୨୧୦୬୬୫୦ ଫାକ୍ସ: (୦୪୪)-୪୨୧୦୬୬୫୧; ଇ-ମେଲ୍: co@repcohome.com, ୱେବସାଇଟ୍: www.repcohome.com

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ତଥା ବିଶେଷ ଭାବେ ଗ୍ରାହକମାନଙ୍କୁ ସୂଚିତ କରାଯାଉଛି ଯେ, ପରିଚାଳନାଗତ ସୁବିଧା ପାଇଁ ଆମ କମ୍ପାନୀ କଟକ ଓ ଭୁବନେଶ୍ୱର ଶାଖାକୁ ବିଲୟ କରିଛି ଏବଂ ୩୧ ଜାନୁୟାରୀ, ୨୦୨୩ଠାରୁ କଟକ ଶାଖାକୁ ବନ୍ଦ କରିବାର ପ୍ରସ୍ତାବ ରଖିଛି ।

କଟକ ଶାଖାରେ ସେବାପ୍ରାପ୍ତ ସମସ୍ତ ଖାତାଗୁଡ଼ିକୁ ଏତଦପଶ୍ଚାତ୍ ଆମର ଭୁବନେଶ୍ୱର ଶାଖାରୁ ସେବା ପ୍ରଦାନ କରାଯିବ । ସମସ୍ତ ଖାତାଗୁଡ଼ିକ ସ୍ୱଚାଳିତ ଭାବେ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତର ହୋଇଯିବ ।

ସମ୍ପ୍ରତି ଗ୍ରାହକମାନେ କଟକ ଶାଖାରେ ହାସଲ କରୁଥିବା ସମସ୍ତ ସେବାକୁ ଭୁବନେଶ୍ୱର ଶାଖା ସହ ନିମ୍ନପ୍ରଦତ୍ତ ଯୋଗାଯୋଗ ବିବରଣୀ ସହ ଯୋଗାଯୋଗ କରି ହାସଲ କରିପାରିବେ:

| ରାଜ୍ୟ | ଶାଖା ଠିକଣା | ଯୋଗାଯୋଗ ଠିକଣା |
|---|---|---|
| ଓଡ଼ିଶା | ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ଭୁବନେଶ୍ୱର ଶାଖା<br>ଏନ୍.ବି. ଟାୱାର, ପ୍ଲଟ୍ ନଂ.- ୪୨୬/୨୨୬୦, ନୟାପଲ୍ଲୀ, ରାଜଧାନୀ ଗ୍ୟାସ୍ ପାଖ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨ | ଯୋଗାଯୋଗ ବ୍ୟକ୍ତି: ଶାଖା ପ୍ରବନ୍ଧକ<br>ମୋ. ନଂ.: ୯୪୩୭୪ ୭୬୯୯୮<br>ଇମେଲ୍ ଆଇଡି: bbsr@repcohome.com |

ଆମ ପ୍ରତି ଆପଣଙ୍କର ନିରବଚ୍ଛିନ୍ନ ସମର୍ଥନ ଏବଂ ଭରସା ପାଇଁ ଆମେ କୃତଜ୍ଞ ଏବଂ ଭବିଷ୍ୟତରେ ଆପଣଙ୍କୁ ଦକ୍ଷତାର ସହିତ ସେବା ପ୍ରଦାନ କରିବା ପାଇଁ ଆଶାବାଦୀ ଅଟୁ ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୯।୧୦।୨୦୨୨

ସ୍ୱା./-
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ସୁନାଚେନ୍ ଚୋରି

ନିମାପଡ଼ା,୨୮।୧୦(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ସାତପୁରୀ ଗ୍ରାମ ଛକରେ ଗୋଟିଏ ବାଇକ୍ ଥିବାବେଳେ କେତେଜଣ ଦୁର୍ବୃତ୍ତ ବାଇକ୍ ଡିକି ଭାଙ୍ଗି ଏକ ୧୫ଗ୍ରାମ ଓଜନର ସୁନାଚେନ୍ ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ମିଟେଇପୁର ଗ୍ରାମର ରଞ୍ଜନ ନାୟକ ଶୁକ୍ରବାର ଅପରାହ୍ନରେ ନିମାପଡ଼ା ବଜାରର ଏକ ଜୁଏଲେରି ସୁନାଚେନ୍ କିଣିବା ପରେ ଏକ ବ୍ୟାଗ୍‌ରେ ରଖି ବାଇକ୍ ଡିକିରେ ରଖି ଘରକୁ ବାଇକ୍ ଯୋଗେ ଫେରୁଥିଲେ। ହେଲେ ବାଟରେ ସାତପୁରୀ ଗ୍ରାମ ଛକଠାରେ ରଞ୍ଜନ ବାଇକ୍ ରଖି କୌଣସି କାମରେ ଏକ ଦୋକାନକୁ ଯାଇଥିଲେ। କିନ୍ତୁ ଫେରିବାବେଳେ ବାଇକ୍ ଡିକି ଭଙ୍ଗାଯିବା ସହ ସୁନା ଚେନ୍ ସହ ଜରୁରୀ କାଗଜପତ୍ର ନ ଥିବା ଦେଖିଥିଲେ। ଏ ନେଇ ଆଖପାଖରେ ଥିବା ଲୋକଙ୍କୁ ପଚାରିବା ବେଳେ କିଛି ଜଣାପଡ଼ି ନ ଥିଲା। ଶେଷରେ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ରଞ୍ଜନ କହିବାଅନୁଯାୟୀ, ସୁନାଚେନ୍‌ଟି ୧୫ଗ୍ରାମ ହୋଇଥିବା ବେଳେ ପ୍ରାୟ ୭୦ହଜାର ଟଙ୍କା ହେବ।

### ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖାର ମହାମିଶ୍ରଣ ଉତ୍ସବ

**ପୁରୀ ଅଫିସ, ୨୮।୧୦:** ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖା ତରଫରୁ ମହାମିଶ୍ରଣ ଉତ୍ସବ ଶୁକ୍ରବାର ରେଲଷ୍ଟେଶନ ନିକଟସ୍ଥ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ମହାମନ୍ତ୍ରୀ ପ୍ରଦୀପ୍ତ କୁମାର ପାଟସାହାଣୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପ୍ରତିପକ୍ଷ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଶ୍ରମିକ ୟୁନିୟନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସଙ୍ଗଠନ ଆହୁରି ଶକ୍ତିଶାଳୀ ହେବା ସହ ରେଳ କର୍ମଚାରୀଙ୍କ ଦାବି କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ଶ୍ରମିକ କଂଗ୍ରେସର ରବୀନ୍ଦ୍ର ବରାଳ ଏବଂ ଅନ୍ୟମାନଙ୍କ ମଧ୍ୟରେ କମଲେଶ ତିୱାରୀ, ଭବାନୀ ଦାଶ, ଜ୍ୟୋତି ରଞ୍ଜନ ମହାନ୍ତି, ଅଶୋକ ନାୟକ, ଅଜୟ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ବେହେରା, ଜିତୁ ନାୟକ, ପ୍ରକାଶ ସେଠୀ ଏବଂ ରମଣ ଲୋଚନ ବେହେରା ପ୍ରମୁଖ ବହୁ କର୍ମକର୍ତ୍ତା ଶ୍ରମିକ ୟୁନିୟନ ସହ ଯୋଡ଼ି ହୋଇଥିଲେ। ଶାଖା ସମ୍ପାଦକ ଅମ୍ରିତ୍ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୈଳାସ ପାତ୍ର, ଅଭୟ ସାହୁ, ଶ୍ରୀଧର ସ୍ୱାଇଁ, ନିରଞ୍ଜନ ସାହୁ ଓ ଦୀପକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପାଟସାହାଣୀ ସୂଚନା ଦେଇଥିଲେ। ଶାଖା ସମ୍ପାଦକ ଅମ୍ରିତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ନିୟମିତ ମାନ୍ୟତା ଦାବିରେ କଳା, କ୍ରୀଡ଼ା ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ): ନିୟମିତ ଶିକ୍ଷକ ମାନ୍ୟତା ଦାବିରେ ଶୁକ୍ରବାର ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ସବୁ ଜିଲାରୁ 'ପାର୍ଟ-ଟାଇମ୍' ସ୍କିମ୍‌ରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ କରିଥିଲେ। ସଂଘର କହିବାନୁସାରେ, ମାସକୁ ମାତ୍ର ୫ ହଜାର ଟଙ୍କା ଦରମାରେ ନିଯୁକ୍ତି ପାଇଥିବା ପାର୍ଟ ଟାଇମ୍ ଶିକ୍ଷକମାନଙ୍କୁ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲମାନଙ୍କରେ ପିଲାଙ୍କୁ ଗୀତ, ନାଚ ଶିଖାଇବା ସହ କ୍ରୀଡ଼ା ଏବଂ ପାଠ ପଢ଼ାଇବାକୁ ପଡ଼ୁଛି। ତଥାପି ପାର୍ଟଟାଇମ୍ ଶବ୍ଦ ବ୍ୟବହାର ହେଉଛି। ଫଳରେ ଆମର ସମ୍ମାନ ହାନି ହେଉଛି ଏବଂ କମ୍ ଦରମାରେ କେମିତି ଚଳିବୁ ବୋଲି ପ୍ରଶ୍ନ କରିବା ସହ ସରକାର ଆମକୁ ମାରି ଦିଅନ୍ତୁ ବୋଲି ଜଣେ ଶିକ୍ଷୟିତ୍ରୀ ସତ୍ୟଜିତା ରାଉତ କହିଛନ୍ତି। ସେହିଭଳି ଆମେ ଦୀର୍ଘ ୨୦୧୩ରୁ ବାରମ୍ବାର ଆନ୍ଦୋଳନ କରିଆସୁଛୁ, ହେଲେ ସରକାର ଆମ ଦାବି ଶୁଣୁନାହାନ୍ତି। ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକୁଥିବା ବେଳେ ଏ ସରକାର କ'ଣ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ା ଓ କଳା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଅସମର୍ଥ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ମାନସ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ସରକାର ଯଦି ପାର୍ଟ ଟାଇମ୍ ଶବ୍ଦ ଉଚ୍ଛେଦ ନ କରନ୍ତି ଓ ଆମକୁ ସ୍ଥାୟୀ ନିଯୁକ୍ତି ନ ଦିଅନ୍ତି, ତେବେ ଆମେ ସବୁ କଳା ଓ କ୍ରୀଡ଼ା ଶିକ୍ଷକମାନେ ପରିବାର ସହ ରାଜରାସ୍ତାରେ ଆମରଣ ଅନଶନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

# ଥେଷ୍ଟପୁର ଗୁଳିକାଣ୍ଡ: ୩ ଅଭିଯୁକ୍ତ ଗିରଫ

**ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଫେରାର**

- ୧ ବାଇକ୍, ୨ ମୋବାଇଲ ଫୋନ୍ ଜବତ
- ପୋଲିସର ୩ ଟିମ୍ ଚଳାଇଛି ତନାଘନା

ପୁରୀ ଅଫିସ, ୨୮।୧୦



ଗତ ଦୀପାବଳି ରାତିରେ ଚନ୍ଦନପୁର ଥାନା ଅଧୀନ ଥେଷ୍ଟପୁର ଭାର୍ଗବୀ ହାଇସ୍କୁଲ ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ନେତ୍ରାନନ୍ଦ ସାମନ୍ତରାୟ, ଚନ୍ଦନପୁର ଥାନା ଅଧୀନ ଦାମୋଦରପୁରର ମିଥୁନ ଭୋଇ ଏବଂ ବୀରପ୍ରତାପପୁର ଅଞ୍ଚଳର ସରୋଜ କୁମାର ଭୋଇ। ଏମାନଙ୍କଠାରୁ ପୋଲିସ ଗୋଟିଏ ବାଇକ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଏକ କେସ୍ (ନଂ ୨୬୧/୨୨) ରୁଜୁ କରାଯାଇଛି। ତେବେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ୩ ଟିମ୍ ଗଠନ କରି ତନାଘନା ଚଳାଇଛି ବୋଲି ଶୁକ୍ରବାର ସଦର ଏସ୍‌ଡିପିଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି, ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆଙ୍କ ହତ୍ୟା ଘଟଣାକୁ ନେଇ ଏହି ଗୁଳିକାଣ୍ଡ ଘଟିଛି। ଦୀପକଙ୍କୁ ଖଣ୍ଡିଆବନ୍ଧ ଅଞ୍ଚଳର ୨ ଭାଇ ମିଶି ହତ୍ୟା କରିଥିଲେ। ସମ୍ପୃକ୍ତ ୨ଭାଇଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାର ଦୁଇଦିନ ପୂର୍ବରୁ ଅଭିଯୁକ୍ତମାନେ ନିଲୁ ବରାଳଙ୍କୁ ମାରିବା ପାଇଁ ଜଗିଥିଲେ। କିନ୍ତୁ ନିଲୁ ସେଦିନ ଖସିଯାଇଥିଲେ। ଫଳରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିବାକୁ ପୁଣି ଯୋଜନା କରିଥିଲେ। ଦୀପାବଳି ରାତିରେ ନିଲୁ ସେଇ ବାଟଦେଇ ଯିବାବେଳେ ୬ଜଣ ଅଭିଯୁକ୍ତ ତାଙ୍କ ଉପରକୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ନିଲୁଙ୍କ ଗୋଡ଼ ଏବଂ ଅନ୍ୟଟି ତାଙ୍କ ସହଯୋଗୀ ଶଙ୍କର ବେହେରାଙ୍କ ଦେହରେ ବାଜିଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ନିଲୁ ସମ୍ପ୍ରତି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ସାକ୍ଷୀ ନ ଦେବା ପାଇଁ ଭୟଭୀତ କରାଇବାକୁ ନିଲୁ ତାଙ୍କ ପ୍ରତିପକ୍ଷଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ପରେ ସମ୍ପୃକ୍ତ ପ୍ରତିପକ୍ଷ ମଧ୍ୟ ନିଲୁଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଗୁଳିମାଡ଼ କରିଥିଲେ। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିସାରିଛି। ସେମାନଙ୍କ ମଧ୍ୟରୁ ୩ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କୁ ପୋଲିସର ୩ ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ଖୋଜୁଛି। ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କାରେ ଫେରାର ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୋଲିସ ମନ କରିଦେଇଛି। ତଦନ୍ତ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି।

## ନାଗଚତୁର୍ଥୀ ପାଳିଲେ ତେଲୁଗୁ ମହିଳା

**ଉଇହୁଙ୍କା ନିକଟରେ କ୍ଷୀର, ଅଣ୍ଡା ଅର୍ପଣ କଲେ**



ପୁରୀ ଅଫିସ, ୨୮।୧୦

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀକୁ ନାଗ ଚତୁର୍ଥୀ ବା ନାଗଲ ଚତୁର୍ଥୀ ଭାବେ ପାଳନ କରାଯାଇଥାଏ। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରାଯାଏ। ପରିବାର ଏବଂ ପିଲାଙ୍କ ମଙ୍ଗଳ ମନାସି ଘରର ମହିଳାମାନେ ଏହି ପର୍ବ ପାଳନ କରିଥାନ୍ତି। ଶୁକ୍ରବାର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀରେ ପୁରୀ ସହରରେ ନାଗ ଚତୁର୍ଥୀ ପାଳନ କରାଯାଇଛି। ବିଶେଷକରି ପେଣ୍ଠକଟା ଅଞ୍ଚଳରେ ବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ଉତ୍ସାହର ସହ ନାଗଚତୁର୍ଥୀ ପାଳନ କରିଥିବା ଦେଖିବାକୁ ମିଳିଛି। ସେମାନେ ଦିନତମାମ ଉପବାସ ରହି ଉଇହୁଙ୍କା ନିକଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ନାଗଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ସମର୍ପଣ କରିବା ସହ ଉଇହୁଙ୍କାରେ ସିନ୍ଦୁର, କଜ୍ଜଳ, ଚନ୍ଦନ, ଫୁଲ, ଦୀପ, ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ନାଗଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ଅନେକ ସ୍ଥାନରେ ଥିବା ହୁଙ୍କା ନିକଟରେ ଅଣ୍ଡା ସମର୍ପଣ କରାଯାଇଥିଲା। ଲୋକକଥା ଅନୁଯାୟୀ, ନାଗ ଚତୁର୍ଥୀରେ ଏହି ବ୍ରତ କଲେ ନାଗ ଦଂଶନର ଭୟ ରହେନାହିଁ ବୋଲି ବିଶ୍ୱାସ ରହିଛି। ମହିଳାମାନେ ଚଉରା ନିକଟରେ ପିତ୍ତଳର ନାଗ ନାଗୁଣୀଙ୍କ ମୂର୍ତ୍ତି ସ୍ଥାପନ କରିଥାନ୍ତି। ସେଠାରେ ରଙ୍ଗବେରଙ୍ଗର ଚିତା ପକାଇ ଫୁଲ, ସିନ୍ଦୁର ଦେଇ ଫଳମୂଳ, ଗୁଡ଼, ଚାଉଳ ଆଦି ଅର୍ପଣ କରି ପୂଜା କରିଥାନ୍ତି। ସେହିପରି ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ଉଇହୁଙ୍କା ନିକଟରେ କ୍ଷୀର ଅର୍ପଣ କରାଯାଇଥାଏ।




ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖା ତରଫରୁ ଆୟୋଜିତ ମହାମିଶ୍ରଣ ପର୍ବ।

## ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ଅତିରିକ୍ତ ଏସ୍‌ପି

**ହେତୁବାଦୀଙ୍କ ବିରୋଧରେ ଏତଲା**

ପୁରୀ ଅଫିସ, ୨୮।୧୦

ଗତ ୨୫ ତାରିଖରେ ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ପରିଚୟ ଦେଇ କେତେଜଣ ବ୍ୟକ୍ତି ଚିକେନ୍ ବିରିୟାନୀ ଖାଇବା ସହ ପରାଗ ଓ ଚନ୍ଦ୍ରଗ୍ରହଣକୁ ଅନ୍ଧବିଶ୍ୱାସ କହି ବ୍ରାହ୍ମଣ ସମାଜକୁ ଆପେକ୍ଷ କରିଥିବା ନେଇ ପୁରୀର ୨ଟି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହକାରେ ନେଇ ତଦନ୍ତ ଜାରି ରଖିଛି ବୋଲି ଶୁକ୍ରବାର ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ଘଟଣା ନେଇ ବୁଧବାର ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ସିଂହଦ୍ୱାର ଥାନାରେ ଏବଂ ଗୁରୁବାର ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ତଦନ୍ତ ପରେ କ'ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତା'ର ତର୍ଜମା କରାଯିବ। ଏହାପରେ ଯାହା କିଛି ପଦକ୍ଷେପ ନିଆଯିବ।

## ଗଛ କଟାକୁ ବିରୋଧ, ପଥର ପକାଇ ରାସ୍ତାରୋକୋ

ସାକ୍ଷୀଗୋପାଳ,୨୮।୧୦ (ଡି.ଏନ୍.ଏ./ସ୍ୱ. ପ୍ର.)

ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ ଶୁକଳ ରାସ୍ତାପାର୍ଶ୍ୱରେ ଏକ ସରକାରୀ ଜମି ରହିଛି। ତେବେ ଏହି ଜମିରେ ପ୍ରଶାସନ ପକ୍ଷରୁ ଶୁକ୍ରବାର କେତେକ ଗଛ କଟାଯାଇଥିଲା। କିନ୍ତୁ ଏହି ଜମିକୁ ଲାଗି କିଛି ଲୋକଙ୍କ ଜମି ଥିବାବେଳେ ସେମାନଙ୍କ ଜମିରୁ କେତେକ ମଧ୍ୟ ଗଛ କାଟି ଦିଆଯାଇଥିଲା। ଏହି କଥା ଉକ୍ତ ଜମିର ଲୋକମାନେ ଜାଣିବା ପରେ ଗଛ କଟାକୁ ବିରୋଧ କରି ଉକ୍ତ ରାସ୍ତାର ବ୍ରହ୍ମପୁର ଛକରେ ପଥର ପକାଇ ରାସ୍ତାରୋକୋ କରିଥିଲେ। ଗଦାଧର ମହାପାତ୍ର, ପାର୍ବତୀ ମହାପାତ୍ର, ବିଷ୍ଣୁପ୍ରିୟା ମହାପାତ୍ର ଓ କ୍ରିଷ୍ଣା ମହାପାତ୍ରଙ୍କ ସମେତ ଅନ୍ୟମାନେ ଏହି ରାସ୍ତାରୋକୋ କରିଥିଲେ। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋ କରିଥିବା ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରି ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ଗଦାଧର ମହାପାତ୍ରଙ୍କ ବାଡ଼ିରୁ ଶାଗୁଆନ, ଆକାଶୀ, ଚାକୁଣ୍ଡା, ପିଜୁଳି ଓ କଦଳୀ ସମେତ ଅନ୍ୟାନ୍ୟ ଗଛଗୁଡ଼ିକୁ କାଟି ଦେଇଥିବା ଅଭିଯୋଗ କରି ସେମାନେ ଆନ୍ଦୋଳନ କରିଥିଲେ।

# ସ୍କୁଲର ଉନ୍ନତି ପାଇଁ ମିଳିବ ସ୍ୱତନ୍ତ୍ର ଅନୁଦାନ

- ପ୍ରଥମ ପର୍ଯ୍ୟାୟରେ ୩୨ହଜାର ସ୍କୁଲ୍‌କୁ ଦିଆଯିବ
- ୨୦୨୪ରୁ ରାଜ୍ୟର ସମସ୍ତ ସ୍କୁଲ୍ ସାମିଲ ହେବ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ନାନା ସମସ୍ୟା ଓ ଅଭାବ ଅସୁବିଧା ଲାଗି ରହିଛି। ଏଥିରେ ସୁଧାର ଆଣିବା ଲାଗି ଗଣଶିକ୍ଷା ବିଭାଗ ଯୋଜନା କରିବା ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ରାଜ୍ୟର ସମସ୍ତ ୫୮ହଜାର ୮୯ଟି ସରକାରୀ ସ୍କୁଲର ଉନ୍ନତିକୁ ଫୋକସ୍‌ରେ ରଖାଯାଇଛି। ଏସବୁ ସ୍କୁଲ୍‌କୁ ବିଭାଗ ପକ୍ଷରୁ ବାର୍ଷିକ ଅନୁଦାନ ମିଳୁଥିବାବେଳେ ଆସନ୍ତାବର୍ଷଠାରୁ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବେ। ବିଶେଷକରି ସ୍କୁଲଗୁଡ଼ିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ବାଳିକା ବିଦ୍ୟାଳୟରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଅନୁଦାନ ଖର୍ଚ୍ଚ କରାଯିବ। ଏହାଦ୍ୱାରା ପ୍ରାୟ ୬୦ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବା ସହିତ ପିଲାଙ୍କ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ତେବେ ପ୍ରଥମ ପର୍ଯ୍ୟାୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୪ରୁ ରାଜ୍ୟର ସବୁ ସରକାରୀ ସ୍କୁଲ ଏହି ଯୋଜନାରେ ସାମିଲ ହେବାର ଯୋଜନା ରହିଛି।

ମିଳିଥିବା ସୂଚନାନୁସାରେ, ପ୍ରତି ସ୍କୁଲକୁ ୩ବର୍ଷରେ ଥରେ ସ୍ୱତନ୍ତ୍ର ଅନୁଦାନ ବାବଦକୁ ୨୧ହଜାର ୫୦୦ ଟଙ୍କା ଦିଆଯିବ। ବିଜ୍ଞାନ ଉପକରଣ ଲାଗି ୫ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ହଜାର ଟଙ୍କା, ଖେଳ ସରଞ୍ଜାମ ଲାଗି ଅଢ଼େଇ ହଜାର ଟଙ୍କା, ବାଳିକା ବିଦ୍ୟାଳୟଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ହଜାର ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ଅତିରିକ୍ତ ୫ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯିବ। ଏଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ।

ସରକାରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ରଖାଯାଉଛି। କିନ୍ତୁ ଆସନ୍ତା ଶିକ୍ଷା ବର୍ଷରୁ ସରକାରୀ ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜାତୀୟସ୍ତରର ପ୍ରଶିକ୍ଷଣ ପ୍ରଦାନ ସହ ସେମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଲାଗି ପ୍ରୟାସ କରାଯିବ।

## ୨ ପରିବାର ମଧ୍ୟରେ ଗଣ୍ଡଗୋଳ

ଗୋପ,୨୮।୧୦(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ଗଣେଶ୍ୱରପୁର ପଞ୍ଚାୟତ ଗଣେଶ୍ୱରପୁର ଗ୍ରାମରେ ଶୁକ୍ରବାର ଦୁଇ ପରବାର ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଛନ୍ତି। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ଦୁଇଟି ମାମଲା(ନଂ.୪୧୫, ୪୧୬/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗଣେଶ୍ୱରପୁର ଗ୍ରାମର ନାରାୟଣ ନାୟକ ଶୁକ୍ରବାର ବିଲରେ ତାଙ୍କ ଧାନ କିଆରିକୁ ପାଣି ମଡ଼ାଇବାକୁ ଯାଉଥିଲେ। ଏହି ସମୟରେ ସଙ୍ଖାରିଆ ଗ୍ରାମର ରାମଚନ୍ଦ୍ର ରାଉତ ଓ ତାଙ୍କ ପୁଅ ତାରାକାନ୍ତ, ରାଜେଶ କୌଣସି କାରଣକୁ ନେଇ ନାରାୟଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନାରାୟଣ ବିରୋଧ କରିବାରୁ ସେମାନେ ମାଡ଼ ମାରିଥିଲେ। ପାଟିଶୁଣି ନାରାୟଣଙ୍କ ପରିବାର ଲୋକ ଆସି ରୋକିବା ସମୟରେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏହାଦେଖି ରାମଚନ୍ଦ୍ରଙ୍କ ପରିବାର ମଧ୍ୟ ସେଠାକୁ ଆସିବାରୁ ୨ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏ ନେଇ ନାରାୟଣଙ୍କ ସ୍ତ୍ରୀ ରମାମଣି ଗୋପ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିବାବେଳେ ରାମଚନ୍ଦ୍ର ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2022110, ତା.20.10.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଶାଳଗାଁ ଷ୍ଟେସନ ଠାରୁ ବୁଢ଼ାପଙ୍କ ଷ୍ଟେସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ନିମନ୍ତେ ଶାଳଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ବିଭିନ୍ନ ଷ୍ଟେସନଠାରେ ଅନ୍ୟାନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ସହିତ ଟାଇପ୍-II, ଟାଇପ୍-III ଏବଂ ଟାଇପ୍-IV ଷ୍ଟାଫ କ୍ୱାର୍ଟରଗୁଡ଼ିକ ସୟନ୍ତୀୟ ଅବଶିଷ୍ଟ କାର୍ଯ୍ୟ ତଥା ଶାଳଗାଁ ଷ୍ଟେସନ ଠାରୁ ଢେଙ୍କାନାଳ ଷ୍ଟେସନ ମଧ୍ୟରେ ଷ୍ଟେସନ ବିଲ୍ଡିଙ୍ଗ, ସଂକେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ହାଇ ଲେଭେଲ ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ଲେଭେଲ କ୍ରସିଙ୍ଗ୍ କାର୍ଯ୍ୟ, ରୋଡ୍ ଡାଇଭର୍ସନ କାର୍ଯ୍ୟ, ପରିଚାଳନ କ୍ଷେତ୍ରର ଉନ୍ନୟନ ଭଳି ବିବିଧ କାର୍ଯ୍ୟ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2170.75 ଲକ୍ଷ, EMD : ₹ 12,35,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.11.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଋତର୍ଦ୍ଧ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-134/CF/22-23

# 'ନିଜ ଦକ୍ଷତା ଅନୁଯାୟୀ ବୃତ୍ତି ଚୟନ କରିବା ଉଚିତ'

ପୁରୀ, ୨୮।୧୦

କ୍ୟାରିଅର କାଉନସେଲିଂ ବା ବୃତ୍ତି ପରାମର୍ଶ ପ୍ରତ୍ୟେକ ଜୀବନକୁ ଏକ ସୁନ୍ଦର ଓ ଶୃଙ୍ଖଳିତ କରିବା ସହିତ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ କହିଛନ୍ତି। ଶୁକ୍ରବାର ୟୁଥ୍ ହଷ୍ଟେଲ ପରିସରରେ ପୁରୀ ଜିଲା ପ୍ରଶାସନ, ନେହେରୁ ଯୁବକେନ୍ଦ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପର୍କ ଏବଂ ଆକ୍ସନ ଏଡ୍‌ର ମିଳିତ ଆନୁକୂଲ୍ୟରେ କିଶୋର କିଶୋରୀଙ୍କ ବୃତ୍ତି ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ନାୟକ କହିଥିଲେ, ପ୍ରତ୍ୟେକ ପିଲା ଉପଯୁକ୍ତ ଶିକ୍ଷା ଗ୍ରହଣ ସହ ନିଜ ଦକ୍ଷତା ଅନୁସାରେ ବୃତ୍ତି ଚୟନ କରିବା ଉଚିତ। ଲକ୍ଷ୍ୟପଥ ସ୍ଥିର କରି କାର୍ଯ୍ୟ କରିବା ଓ ଦୁଇଟି ଯୋଜନା ନେଇ ମଧ୍ୟ ଆଗେଇବା ଉଚିତ। ପ୍ରଥମ ଯୋଜନାରେ ଆଶା କରିଥିବା ବୃତ୍ତି କୌଣସି କାରଣରୁ ହାସଲ ନ ହେଲେ ଦ୍ୱିତୀୟ ଯୋଜନାକୁ ଉପଯୋଗ କରି ଜଣେ ସଫଳ ହୋଇପାରିବ। ତେଣୁ କୌଣସି କ୍ଷେତ୍ରରେ ନିରାଶ ବା ଅତିରିକ୍ତ ଆତ୍ମବିଶ୍ୱାସୀ ନ ହୋଇ ନିଜ ପ୍ରତିଭା, ଦକ୍ଷତା ଓ ପରିଶ୍ରମ ଦ୍ୱାରା ସଫଳତା ହାସଲ ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, ଅଭିଭାବକଙ୍କ ଅତିରିକ୍ତ ଆଶା ବା ଚାପ ପିଲାଙ୍କ ବାସ୍ତବ ଦକ୍ଷତାକୁ ପ୍ରଭାବିତ କରିଥାଏ। ତେଣୁ ନିଜର ଶିକ୍ଷା, ଜ୍ଞାନ, ପ୍ରତିଭା ଓ ଦକ୍ଷତାର ଉପଭୋଗ କରି ସଫଳ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହା 'ମୋ ଦ୍ୱାରା ସମ୍ଭବ ନୁହେଁ'ର ମନୋଭାବ ପରିହାର କରି ଚେଷ୍ଟା ଦ୍ୱାରା ବିଫଳ ହେଲେ ହାସଲ ଅଭିଜ୍ଞତା ପରବର୍ତ୍ତୀ ସମୟରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ବିଷୟ ବିଶାରଦ ଓ ପରାମର୍ଶଦାତା ପ୍ରଫେସର ଡ. ପ୍ରଭାତ କୁମାର ଷଡ଼ଙ୍ଗୀ, ରତ୍ନାକର ପାଣିଗ୍ରାହୀ, ହୋଟେଲ ମ୍ୟାନେଜମେଣ୍ଟର ଦେବେନ୍ଦ୍ର ରଥ ଏବଂ ଜୀବିକା ମିଶନର ସଂଯୋଜକ ବନଜ କୁମାର ମାହାରୀ ଆଲୋଚନା ମାଧ୍ୟମରେ ପିଲାଙ୍କ ମନସ୍ତତ୍ତ୍ୱ, ଦକ୍ଷତା, ଆବଶ୍ୟକତା, ଅନୁଭୂତି ଓ ବୃତ୍ତି ଚୟନକୁ ଉପସ୍ଥାପନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରାଧ୍ୟାପକ ଡ. ରାକେଶ କୁମାର ମିଶ୍ର, ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର କୁମାର ଦାସ ପ୍ରମୁଖ ପିଲାଙ୍କ ପାଇଁ ଏହି କର୍ମଶାଳା ପ୍ରେରଣାଦାୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟ ରଥ, ଜିଲା ଦକ୍ଷତା ସଂଯୋଜକ ପ୍ରିୟଦର୍ଶନ ଜେନା ଏବଂ ଡ. ପ୍ରଭାସ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଆକ୍ସନ ଏଡ୍ ସଂଯୋଜକ ସୁମିତା ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

## ମଦ ଜବତ, ୨ ଗିରଫ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଭୋଇ ସାହିର ସୁବାଷ ପାଣି ଓ ଭଦ୍ରକର ତାପସ କୁମାର ମହାନ୍ତି । ସେମାନଙ୍କଠାରୁ ୧୮ ଲିଟର ଆସ୍କା ୪୦ ଦେଶୀ ମଦ ଓ ୧୭ ଲିଟର ୧୦୦ ମିଲି ଲିଟର ବିଦେଶୀ ମଦ ଜବତ କରାଯାଇଛି।

**Repco Home Finance** - We value your Dream

**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

ସିଆଇଏନ୍- ଏଲ୍‌୬୫୯୨୨ଟିଏନ୍‌୨୦୦୦ପିଏଲ୍‌ସି୦୪୬୫୫

କର୍ପୋରେଟ୍ କାର୍ଯ୍ୟାଳୟ: ତୃତୀୟ ମହଲା, ଆଲେକ୍ଜାଣ୍ଡର ସ୍କୋୟାର, ପୁରୁଣା ନଂ.୩୪ ଓ ୩୫, ନୂଆ ନଂ.୨, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ-୬୦୦୦୩୨, ଫୋନ୍: (୦୪୪)-୪୨୧୦୬୬୫୦ ଫାକ୍ସ: (୦୪୪)-୪୨୧୦୬୬୫୧; ଇ-ମେଲ୍: co@repcohome.com, ୱେବସାଇଟ୍: www.repcohome.com

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ତଥା ବିଶେଷ ଭାବେ ଗ୍ରାହକମାନଙ୍କୁ ସୂଚିତ କରାଯାଉଛି ଯେ, ପରିଚାଳନାଗତ ସୁବିଧା ପାଇଁ ଆମ କମ୍ପାନୀ କଟକ ଓ ଭୁବନେଶ୍ୱର ଶାଖାକୁ ବିଲୟ କରିଛି ଏବଂ ୩୧ ଜାନୁଆରୀ, ୨୦୨୩ଠାରୁ କଟକ ଶାଖାକୁ ବନ୍ଦ କରିବାର ପ୍ରସ୍ତାବ ରଖିଛି।

କଟକ ଶାଖାରେ ସେବାପ୍ରାପ୍ତ ସମସ୍ତ ଖାତାଗୁଡ଼ିକୁ ଏତଦ୍‌ପଶ୍ଚାତ୍ ଆମର ଭୁବନେଶ୍ୱର ଶାଖାରୁ ସେବା ପ୍ରଦାନ କରାଯିବ। ସମସ୍ତ ଖାତାଗୁଡ଼ିକ ସ୍ୱଚାଳିତ ଭାବେ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତର ହୋଇଯିବ।

ସମ୍ପ୍ରତି ଗ୍ରାହକମାନେ କଟକ ଶାଖାରେ ହାସଲ କରୁଥିବା ସମସ୍ତ ସେବାକୁ ଭୁବନେଶ୍ୱର ଶାଖା ସହ ନିମ୍ନପ୍ରଦତ୍ତ ଯୋଗାଯୋଗ ବିବରଣୀ ସହ ଯୋଗାଯୋଗ କରି ହାସଲ କରିପାରିବେ:

| ରାଜ୍ୟ | ଶାଖା ଠିକଣା | ଯୋଗାଯୋଗ ଠିକଣା |
|---|---|---|
| ଓଡ଼ିଶା | ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ଭୁବନେଶ୍ୱର ଶାଖା ଏନ୍.ବି. ଟାୱାର, ପ୍ଲଟ୍ ନଂ.- ୪୨୬/୨୨୬୦, ନୟାପଲ୍ଲୀ, ରାଜଧାନୀ ଗ୍ୟାସ ପାଖ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨ | ଯୋଗାଯୋଗ ବ୍ୟକ୍ତି: ଶାଖା ପ୍ରବନ୍ଧକ ମୋ. ନଂ.: ୯୪୩୭୪ ୭୬୯୯୮ ଇମେଲ୍ ଆଇଡି: bbsr@repcohome.com |

ଆମ ପ୍ରତି ଆପଣଙ୍କର ନିରବଚ୍ଛିନ୍ନ ସମର୍ଥନ ଏବଂ ଭରସା ପାଇଁ ଆମେ କୃତଜ୍ଞ ଏବଂ ଭବିଷ୍ୟତରେ ଆପଣଙ୍କୁ ଦକ୍ଷତାର ସହିତ ସେବା ପ୍ରଦାନ କରିବା ପାଇଁ ଆଶାବାଦୀ ଅଟୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୯।୧୦।୨୦୨୨

ସ୍ୱା./-
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ସୁନାଚେନ୍ ଚୋରି

ନିମାପଡ଼ା,୨୮।୧୦(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ସାତପୁରୀ ଗ୍ରାମ ଛକରେ ଗୋଟିଏ ବାଇକ୍ ଥିବାବେଳେ କେତେଜଣ ଦୁର୍ବୃତ୍ତ ବାଇକ୍ ଡିକି ଭାଙ୍ଗି ଏକ ୧୫ଗ୍ରାମ ଓଜନର ସୁନାଚେନ୍ ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ମିଟେଇପୁର ଗ୍ରାମର ରଞ୍ଜନ ନାୟକ ଶୁକ୍ରବାର ଅପରାହ୍ନରେ ନିମାପଡ଼ା ବଜାରର ଏକ ଜୁଏଲେରି ସୁନାଚେନ୍ କିଣିବା ପରେ ଏକ ବ୍ୟାଗ୍‌ରେ ରଖି ବାଇକ୍ ଡିକିରେ ରଖି ଘରକୁ ବାଇକ୍ ଯୋଗେ ଫେରୁଥିଲେ। ହେଲେ ବାଟରେ ସାତପୁରୀ ଗ୍ରାମ ଛକଠାରେ ରଞ୍ଜନ ବାଇକ୍ ରଖି କୌଣସି କାମରେ ଏକ ଦୋକାନକୁ ଯାଇଥିଲେ। କିନ୍ତୁ ଫେରିବାବେଳେ ବାଇକ୍ ଡିକି ଭଙ୍ଗାଯିବା ସହ ସୁନା ଚେନ୍ ସହ ଜରୁରୀ କାଗଜପତ୍ର ନ ଥିବା ଦେଖିଥିଲେ। ଏ ନେଇ ଆଖପାଖରେ ଥିବା ଲୋକଙ୍କୁ ପଚାରିବା ବେଳେ କିଛି ଜଣାପଡ଼ି ନ ଥିଲା। ଶେଷରେ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ରଞ୍ଜନ କହିବାଅନୁଯାୟୀ, ସୁନାଚେନ୍‌ଟି ୧୫ଗ୍ରାମ ହୋଇଥିବା ବେଳେ ପ୍ରାୟ ୭୦ହଜାର ଟଙ୍କା ହେବ।

### ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖାର ମହାମିଶ୍ରଣ ପର୍ବ

ପୁରୀ ଅଫିସ, ୨୮।୧୦: ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖା ତରଫରୁ ମହାମିଶ୍ରଣ ପର୍ବ ଶୁକ୍ରବାର ରେଲଷ୍ଟେଶନ ନିକଟସ୍ଥ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ମହାମନ୍ତ୍ରୀ ପ୍ରଦୀପ୍ତ କୁମାର ପାଟସାହାଣୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପ୍ରତିପକ୍ଷ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଶ୍ରମିକ ୟୁନିୟନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସଙ୍ଗଠନ ଆହୁରି ଶକ୍ତିଶାଳୀ ହେବା ସହ ରେଳ କର୍ମଚାରୀଙ୍କ ଦାବି କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ଶ୍ରମିକ କଂଗ୍ରେସର ରବୀନ୍ଦ୍ର ବରାଳ ଏବଂ ଅନ୍ୟମାନଙ୍କ ମଧ୍ୟରେ କମଲେଶ ତିୱାରୀ, ଭବାନୀ ଦାଶ, ଜ୍ୟୋତି ରଞ୍ଜନ ମହାନ୍ତି, ଅଶୋକ ନାୟକ, ଅଜୟ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ବେହେରା, ଜିତୁ ନାୟକ, ପ୍ରକାଶ ସେଠୀ ଏବଂ ରମଣ ଲୋଚନ ବେହେରା ପ୍ରମୁଖ ବହୁ କର୍ମକର୍ତ୍ତା ଶ୍ରମିକ ୟୁନିୟନ ସହ ଯୋଡ଼ି ହୋଇଥିଲେ। ଶାଖା ସମ୍ପାଦକ ଅମ୍ରିତ୍ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୈଳାସ ପାତ୍ର, ଅଭୟ ସାହୁ, ଶ୍ରୀଧର ସ୍ୱାଇଁ, ନିରଞ୍ଜନ ସାହୁ ଓ ଦୀପକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପାଟସାହାଣୀ ସୂଚନା ଦେଇଥିଲେ। ଶାଖା ସମ୍ପାଦକ ଅମ୍ରିତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ମା' ଉଗ୍ରତାରା ବ୍ୟବସାୟୀ ମହାସଂଘର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୨୮।୧୦: ପୁରୀ ଗୌଡ଼ବାଡ଼ ସାହିସ୍ଥିତ ମା' ଉଗ୍ରତାରା ବ୍ୟବସାୟୀ ମହାସଂଘ ପକ୍ଷରୁ ଚଳିତ ବର୍ଷ ମହାସମାରୋହରେ କାଳୀପୂଜାର ଆୟୋଜନ କରାଯାଇଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ପୂଜାମଣ୍ଡପରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପନଗରପାଳ ତଥା ବିଜେଡିର ନଗର ସଭାପତି ସବ୍ୟସାଚୀ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଲୁଛ ନୀଳକଣ୍ଠ ମହାପାତ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଓ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ଉତ୍ସବରେ ଅନୁଷ୍ଠାନର ସଭାପତି ଦାଶରଥି ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ପୂର୍ବତନ କାଉନସିଲର ତଥା ମହାସଂଘ ସମ୍ପାଦକ ଯମେଶ୍ୱର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୭ନମ୍ବର ୱାର୍ଡର ୫ଶହ ଗରିବ ମହିଳାଙ୍କୁ ଶାଢ଼ି ବଣ୍ଟନ କରାଯାଇଥିଲା। ଶେଷରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### କ୍ୱାର୍ଟର୍ସରୁ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ): ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀସ୍ଥିତ ସରକାରୀ ବାସଭବନରୁ ଜଣେ ପୋଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ପୋଲିସ କର୍ମଚାରୀ ହେଲେ ବାଲିପାଟଣା ଥାନା ଅଭୟମୁଖୀ ଅଞ୍ଚଳର କୃଷ୍ଣଚନ୍ଦ୍ର ଶତପଥୀ । ତେବେ କୃଷ୍ଣଚନ୍ଦ୍ର ଆତ୍ମହତ୍ୟା କରିଛନ୍ତି ନା ଆଉ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ । ଏନେଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ଥେଣ୍ଟପୁର ଗୁଳିକାଣ୍ଡ: ୩ ଅଭିଯୁକ୍ତ ଗିରଫ

**ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଫେରାର**

- ୧ ବାଇକ୍, ୨ ମୋବାଇଲ ଫୋନ୍ ଜବତ
- ପୋଲିସର ୩ ଟିମ୍ ଚଳାଇଛି ତନାଘନା

ପୁରୀ ଅଫିସ, ୨୮।୧୦

ଗତ ଦୀପାବଳି ରାତିରେ ଚନ୍ଦନପୁର ଥାନା ଅଧୀନ ଥେଣ୍ଟପୁର ଭାର୍ଗବୀ ହାଇସ୍କୁଲ ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ନେତ୍ରାନନ୍ଦ ସାମନ୍ତରାୟ, ଚନ୍ଦନପୁର ଥାନା ଅଧୀନ ଦାମୋଦରପୁରର ମିଥୁନ ଭୋଇ ଏବଂ ବୀରପ୍ରତାପପୁର ଅଞ୍ଚଳର ସରୋଜ କୁମାର ଭୋଇ। ଏମାନଙ୍କଠାରୁ ପୋଲିସ ଗୋଟିଏ ବାଇକ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଏକ କେସ୍ (ନଂ ୨୬୧/୨୨) ରୁଜୁ କରାଯାଇଛି। ତେବେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ୩ ଟିମ୍ ଗଠନ କରି ତନାଘନା ଚଳାଇଛି ବୋଲି ଶୁକ୍ରବାର ସଦର ଏସ୍‌ଡିପିଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ସୂଚନା ଦେଉଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି, ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆଙ୍କ ହତ୍ୟା ଘଟଣାକୁ ନେଇ ଏହି ଗୁଳିକାଣ୍ଡ ଘଟିଛି। ଦୀପକଙ୍କୁ ଖଣ୍ଡିଆବନ୍ଧ ଅଞ୍ଚଳର ୨ ଭାଇ ମିଶି ହତ୍ୟା କରିଥିଲେ। ସମ୍ପୃକ୍ତ ୨ଭାଇଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାର ଦୁଇଦିନ ପୂର୍ବରୁ ଅଭିଯୁକ୍ତମାନେ ନିଲୁ ବରାଳଙ୍କୁ ମାରିବା ପାଇଁ ଜଗିଥିଲେ। କିନ୍ତୁ ନିଲୁ ସେଦିନ ଖସିଯାଇଥିଲେ। ଫଳରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିବାକୁ ପୁଣି ଯୋଜନା କରିଥିଲେ। ଦୀପାବଳି ରାତିରେ ନିଲୁ ସେଇ ବାଟଦେଇ ଯିବାବେଳେ ୬ଜଣ ଅଭିଯୁକ୍ତ ତାଙ୍କ ଉପରକୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ନିଲୁଙ୍କ ଗୋଡ଼ ଏବଂ ଅନ୍ୟଟି ତାଙ୍କ ସହଯୋଗୀ ଶଙ୍କର ବେହେରାଙ୍କ ଦେହରେ ବାଜିଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ନିଲୁ ସମ୍ପ୍ରତି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ସାକ୍ଷୀ ନ ଦେବା ପାଇଁ ଭୟଭୀତ କରାଇବାକୁ ନିଲୁ ତାଙ୍କ ପ୍ରତିପକ୍ଷଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ପରେ ସମ୍ପୃକ୍ତ ପ୍ରତିପକ୍ଷ ମଧ୍ୟ ନିଲୁଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଗୁଳିମାଡ଼ କରିଥିଲେ। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିସାରିଛି। ସେମାନଙ୍କ ମଧ୍ୟରୁ ୩ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କୁ ପୋଲିସର ୩ ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ଖୋଜୁଛି। ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କାରେ ଫେରାର ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୋଲିସ ମନ କରିଦେଇଛି। ତଦନ୍ତ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି।

# ନାଗଚତୁର୍ଥୀ ପାଳିଲେ ତେଲୁଗୁ ମହିଳା

**ଉଇହୁଙ୍କା ନିକଟରେ କ୍ଷୀର, ଅଣ୍ଡା ଅର୍ପଣ କଲେ**



ପୁରୀ ଅଫିସ, ୨୮।୧୦

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀକୁ ନାଗ ଚତୁର୍ଥୀ ବା ନାଗଲ ଚତୁର୍ଥୀ ଭାବେ ପାଳନ କରାଯାଇଥାଏ। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରାଯାଏ। ପରିବାର ଏବଂ ପିଲାଙ୍କ ମଙ୍ଗଳ ମନାସି ଘରର ମହିଳାମାନେ ଏହି ପର୍ବ ପାଳନ କରିଥାନ୍ତି। ଶୁକ୍ରବାର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀରେ ପୁରୀ ସହରରେ ନାଗ ଚତୁର୍ଥୀ ପାଳନ କରାଯାଇଛି। ବିଶେଷକରି ପେଣ୍ଠକଟା ଅଞ୍ଚଳରେ ବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ଉତ୍ସାହର ସହ ନାଗଚତୁର୍ଥୀ ପାଳନ କରିଥିବା ଦେଖିବାକୁ ମିଳିଛି। ସେମାନେ ଦିନତମାମ ଉପବାସ ରହି ଉଇହୁଙ୍କା ନିକଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ନାଗଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ସମର୍ପଣ କରିବା ସହ ଉଇହୁଙ୍କାରେ ସିନ୍ଦୁର, କଜ୍ଜ୍ୱଳ, ଚନ୍ଦନ, ଫୁଲ, ଦୀପ, ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ନାଗଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ଅନେକ ସ୍ଥାନରେ ଥିବା ହୁଙ୍କା ନିକଟରେ ଅଣ୍ଡା ସମର୍ପଣ କରାଯାଇଥିଲା। ଲୋକକଥା ଅନୁଯାୟୀ, ନାଗ ଚତୁର୍ଥୀରେ ଏହି ବ୍ରତ କଲେ ନାଗ ଦଂଶନର ଭୟ ରହେନାହିଁ ବୋଲି ବିଶ୍ୱାସ ରହିଛି। ମହିଳାମାନେ ଚଉରା ନିକଟରେ ପିତ୍ତଳର ନାଗ ନାଗୁଣୀଙ୍କ ମୂର୍ତ୍ତି ସ୍ଥାପନ କରିଥାନ୍ତି। ସେଠାରେ ରଙ୍ଗବେରଙ୍ଗର ଚିତା ପକାଇ ଫୁଲ, ସିନ୍ଦୁର ଦେଇ ଫଳମୂଳ, ଗୁଡ଼, ଚାଉଳ ଆଦି ଅର୍ପଣ କରି ପୂଜା କରିଥାନ୍ତି। ସେହିପରି ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ଉଇହୁଙ୍କା ନିକଟରେ କ୍ଷୀର ଅର୍ପଣ କରାଯାଇଥାଏ।





ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପୁରୀ ଶାଖା ତରଫରୁ ଆୟୋଜିତ ମହାମିଶ୍ରଣ ପର୍ବ।

## ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ଅତିରିକ୍ତ ଏସ୍‌ପି

**ହେତୁବାଦୀଙ୍କ ବିରୋଧରେ ଏତଲା**

ପୁରୀ ଅଫିସ, ୨୮।୧୦

ଗତ ୨୫ ତାରିଖରେ ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ପରିଚୟ ଦେଇ କେତେଜଣ ବ୍ୟକ୍ତି ଚିକେନ୍ ବିରିୟାନୀ ଖାଇବା ସହ ପରାଗ ଓ ଚନ୍ଦ୍ରଗ୍ରହଣକୁ ଅନ୍ଧବିଶ୍ୱାସ କହି ବ୍ରାହ୍ମଣ ସମାଜକୁ ଆପେକ୍ଷ କରିଥିବା ନେଇ ପୁରୀର ୨ଟି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହକାରେ ନେଇ ତଦନ୍ତ ଜାରି ରଖିଛି ବୋଲି ଶୁକ୍ରବାର ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ଘଟଣା ନେଇ ବୁଧବାର ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ସିଂହଦ୍ୱାର ଥାନାରେ ଏବଂ ଗୁରୁବାର ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ତଦନ୍ତ ପରେ କ'ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତା'ର ତର୍ଜମା କରାଯିବ। ଏହାପରେ ଯାହା କିଛି ପଦକ୍ଷେପ ନିଆଯିବ।

## ଗଛ କଟାକୁ ବିରୋଧ, ପଥର ପକାଇ ରାସ୍ତାରୋକୋ

ସାକ୍ଷୀଗୋପାଳ,୨୮।୧୦ (ଡି.ଏନ୍.ଏ./ସ୍ୱ. ପ୍ର.)

ସତ୍ୟବାଦୀ ଥାନା ଅନ୍ତର୍ଗତ ଅଲଗୁମ ଶୁକଳ ରାସ୍ତାପାର୍ଶ୍ୱରେ ଏକ ସରକାରୀ ଜମି ରହିଛି। ତେବେ ଏହି ଜମିରେ ପ୍ରଶାସନ ପକ୍ଷରୁ ଶୁକ୍ରବାର କେତେକ ଗଛ କଟାଯାଇଥିଲା। କିନ୍ତୁ ଏହି ଜମିକୁ ଲାଗି କିଛି ଲୋକଙ୍କ ଜମି ଥିବାବେଳେ ସେମାନଙ୍କ ଜମିରୁ କେତେକ ମଧ୍ୟ ଗଛ କାଟି ଦିଆଯାଇଥିଲା। ଏହି କଥା ଉକ୍ତ ଜମିର ଲୋକମାନେ ଜାଣିବା ପରେ ଗଛ କଟାକୁ ବିରୋଧ କରି ଉକ୍ତ ରାସ୍ତାର ବ୍ରହ୍ମପୁର ଛକରେ ପଥର ପକାଇ ରାସ୍ତାରୋକୋ କରିଥିଲେ। ଗଦାଧର ମହାପାତ୍ର, ପାର୍ବତୀ ମହାପାତ୍ର, ବିଷ୍ଣୁପ୍ରିୟା ମହାପାତ୍ର ଓ କ୍ରିଷ୍ଣା ମହାପାତ୍ରଙ୍କ ସମେତ ଅନ୍ୟମାନେ ଏହି ରାସ୍ତାରୋକୋ କରିଥିଲେ। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋ କରିଥିବା ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରି ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ଗଦାଧର ମହାପାତ୍ରଙ୍କ ବାଡିରୁ ଶାଗୁଆନ, ଆକାଶୀ, ଚାକୁଣ୍ଡା, ପିଜୁଳି ଓ କଦଳୀ ସମେତ ଅନ୍ୟାନ୍ୟ ଗଛଗୁଡିକୁ କାଟି ଦେଇଥିବା ଅଭିଯୋଗ କରି ସେମାନେ ଆନ୍ଦୋଳନ କରିଥିଲେ।

# ତଦନ୍ତ କଲେ ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀ

**ଖବରଦାତାଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଘଟଣା**

କୋଣାର୍କ, ୨୮।୧୦(ଡି.ଏନ୍.ଏ.)

ବାଲିଘାଇ ଗ୍ରାମ୍ୟ ନିର୍ମାଣ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠ ଗତ ୧୮ ତାରିଖରେ କାର୍ଯ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ସହ ମର୍ଯ୍ୟାଦାହାନି ମନ୍ତବ୍ୟ ଦେଇଥିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟବ୍ରତ ବେହେରା କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚି ଏ ନେଇ ତଦନ୍ତ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନସ୍ଥ ବାଲିଘାଇ ଗ୍ରାମ୍ୟ ନିର୍ମାଣ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ ମନୋଜ କୁମାର ସେଣ୍ଠ କାର୍ଯ୍ୟ କରୁଛନ୍ତି। ସେଣ୍ଠ ସେକ୍ସନ ଅଫିସକୁ ନ ଯାଇ ବିଭାଗର ବିନା ଆଦେଶରେ କୋଣାର୍କ ଉପଖଣ୍ଡ କାର୍ଯ୍ୟାଳୟରେ ଅବସ୍ଥାନ କରିବା, ଅଫିସ୍ ଓ କ୍ୱାର୍ଟର୍ସ ମରାମତି ସମ୍ପର୍କରେ ବିଭାଗକୁ ନ ଜଣାଇବା, ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ମର୍ଯ୍ୟାଦାହାନି ମନ୍ତବ୍ୟ ଦେଇଥିବା ସମୟର ଭିଡିଓ ଗଣମାଧ୍ୟମରେ ପ୍ରସାରଣ ହେବା ସହ ଏ ନେଇ ଖବର ପ୍ରକାଶ ପାଇଥିଲା। ସେଣ୍ଠଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବେହେରାଙ୍କ ନିକଟରେ ସମ୍ପୃକ୍ତ ଖବରଦାତା ଭାଗୀରଥି ସ୍ୱାଇଁ ଏବଂ ଜ୍ୟୋତିରାଜ ମହାନ୍ତି ଦାବି କରିବା ସହ ନିଜ ପକ୍ଷ ରଖିଥିଲେ। ଏ ସମ୍ପର୍କରେ ବେହେରା କନିଷ୍ଠ ଯନ୍ତ୍ରୀ ସେଣ୍ଠ ଓ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ କିରଣପ୍ରିୟା ସ୍ୱସ୍ତିକାଙ୍କୁ ପଚାରି ବୁଝିଥିଲେ। ଉଭୟ ପକ୍ଷଙ୍କ ବୟାନ ଲିପିବଦ୍ଧ କରାଯାଇ ତଦନ୍ତ ରିପୋର୍ଟକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ। ତଦନ୍ତ ରିପୋର୍ଟ ଆଧାରରେ ସେଣ୍ଠଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବେହେରା କହିଛନ୍ତି। ତେବେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କୋଣାର୍କ ସାମ୍ବାଦିକ ସଂଘର ଉପସଭାପତି ଭାଗୀରଥି ସ୍ୱାଇଁ କହିଛନ୍ତି।

## ୨ ପରିବାର ମଧ୍ୟରେ ଗଣ୍ଡଗୋଳ

ଗୋପ,୨୮।୧୦(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ଗଣେଶ୍ୱରପୁର ପଞ୍ଚାୟତ ଗଣେଶ୍ୱରପୁର ଗ୍ରାମରେ ଶୁକ୍ରବାର ଦୁଇ ପରବାର ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଛନ୍ତି। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ଦୁଇଟି ମାମଲା(ନଂ.୪୧୫, ୪୧୬/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗଣେଶ୍ୱରପୁର ଗ୍ରାମର ନାରାୟଣ ନାୟକ ଶୁକ୍ରବାର ବିଲରେ ତାଙ୍କ ଧାନ କିଆରିକୁ ପାଣି ମଡ଼ାଇବାକୁ ଯାଉଥିଲେ। ଏହି ସମୟରେ ସଙ୍ଖାରିଆ ଗ୍ରାମର ରାମଚନ୍ଦ୍ର ରାଉତ ଓ ତାଙ୍କ ପୁଅ ତାରାକାନ୍ତ, ରାଜେଶ କୌଣସି କାରଣକୁ ନେଇ ନାରାୟଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନାରାୟଣ ବିରୋଧ କରିବାରୁ ସେମାନେ ମାଡ଼ ମାରିଥିଲେ। ପାଟିଶୁଣି ନାରାୟଣଙ୍କ ପରିବାର ଲୋକ ଆସି ରୋକିବା ସମୟରେ ସେ ମଧ ଆକ୍ରମଣର ଶିକାର ହୋଇଥିଲେ। ଏହାଦେଖି ରାମଚନ୍ଦ୍ରଙ୍କ ପରିବାର ମଧ୍ୟ ସେଠାକୁ ଆସିବାରୁ ୨ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏ ନେଇ ନାରାୟଣଙ୍କ ସ୍ତ୍ରୀ ରମାମଣି ଗୋପ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିବାବେଳେ ରାମଚନ୍ଦ୍ର ମଧ ଏକ ପାଲଟା ଅଭିଯୋଗ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2022110, ତା.20.10.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଶାଳଗାଁ ଷ୍ଟେସନ ଠାରୁ ବୁଢ଼ାପଙ୍କ ଷ୍ଟେସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ନିମନ୍ତେ ଶାଳଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ବିଭିନ୍ନ ଷ୍ଟେସନଠାରେ ଅନ୍ୟାନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ସହିତ ଟାଇପ୍-II, ଟାଇପ୍-III ଏବଂ ଟାଇପ୍-IV ଷ୍ଟାଫ କ୍ୱାର୍ଟରଗୁଡ଼ିକ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ ତଥା ଶାଳଗାଁ ଷ୍ଟେସନ ଠାରୁ ଢେଙ୍କାନାଳ ଷ୍ଟେସନ ମଧ୍ୟରେ ଷ୍ଟେସନ ବିଲ୍ଡିଙ୍ଗ୍, ସଂକେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ହାଇ ଲେଭେଲ ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ଲେଭେଲ କ୍ରସିଙ୍ଗ୍ କାର୍ଯ୍ୟ, ରୋଡ୍ ଡାଇଭର୍ସନ କାର୍ଯ୍ୟ, ପରିଚାଳନ କ୍ଷେତ୍ରର ଉନ୍ନୟନ ଭଳି ବିବିଧ କାର୍ଯ୍ୟ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2170.75 ଲକ୍ଷ, EMD : ₹ 12,35,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.11.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-134/CF/22-23

# 'ନିଜ ଦକ୍ଷତା ଅନୁଯାୟୀ ବୃତ୍ତି ଚୟନ କରିବା ଉଚିତ'

ପୁରୀ, ୨୮।୧୦

କ୍ୟାରିଅର କାଉନସେଲିଂ ବା ବୃତ୍ତି ପରାମର୍ଶ ପ୍ରତ୍ୟେକ ଜୀବନକୁ ଏକ ସୁନ୍ଦର ଓ ଶୃଙ୍ଖଳିତ କରିବା ସହିତ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ କହିଛନ୍ତି। ଶୁକ୍ରବାର ୟୁଥ୍ ହଷ୍ଟେଲ ପରିସରରେ ପୁରୀ ଜିଲା ପ୍ରଶାସନ, ନେହେରୁ ଯୁବକେନ୍ଦ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପର୍କ ଏବଂ ଆକ୍ସନ ଏଡ୍‌ର ମିଳିତ ଆନୁକୂଲ୍ୟରେ କିଶୋର କିଶୋରୀଙ୍କ ବୃତ୍ତି ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ନାୟକ କହିଥିଲେ, ପ୍ରତ୍ୟେକ ପିଲା ଉପଯୁକ୍ତ ଶିକ୍ଷା ଗ୍ରହଣ ସହ ନିଜ ଦକ୍ଷତା ଅନୁସାରେ ବୃତ୍ତି ଚୟନ କରିବା ଉଚିତ। ଲକ୍ଷ୍ୟପଥ ସ୍ଥିର କରି କାର୍ଯ୍ୟ କରିବା ଓ ଦୁଇଟି ଯୋଜନା ନେଇ ମଧ୍ୟ ଆଗେଇବା ଉଚିତ। ପ୍ରଥମ ଯୋଜନାରେ ଆଶା କରିଥିବା ବୃତ୍ତି କୌଣସି କାରଣରୁ ହାସଲ ନ ହେଲେ ଦ୍ୱିତୀୟ ଯୋଜନାକୁ ଉପଯୋଗ କରି ଜଣେ ସଫଳ ହୋଇପାରିବ। ତେଣୁ କୌଣସି କ୍ଷେତ୍ରରେ ନିରାଶ ବା ଅତିରିକ୍ତ ଆତ୍ମବିଶ୍ୱାସୀ ନ ହୋଇ ନିଜ ପ୍ରତିଭା, ଦକ୍ଷତା ଓ ପରିଶ୍ରମ ଦ୍ୱାରା ସଫଳତା ହାସଲ ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, ଅଭିଭାବକଙ୍କ ଅତିରିକ୍ତ ଆଶା ବା ଚାପ ପିଲାଙ୍କ ବାସ୍ତବ ଦକ୍ଷତାକୁ ପ୍ରଭାବିତ କରିଥାଏ। ତେଣୁ ନିଜର ଶିକ୍ଷା, ଜ୍ଞାନ, ପ୍ରତିଭା ଓ ଦକ୍ଷତାର ଉପଭୋଗ କରି ସଫଳ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହା 'ମୋ ଦ୍ୱାରା ସମ୍ଭବ ନୁହେଁ'ର ମନୋଭାବ ପରିହାର କରି ଚେଷ୍ଟା ଦ୍ୱାରା ବିଫଳ ହେଲେ ହାସଲ ଅଭିଜ୍ଞତା ପରବର୍ତ୍ତୀ ସମୟରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ବିଷୟ ବିଶାରଦ ଓ ପରାମର୍ଶଦାତା ପ୍ରଫେସର ଡ. ପ୍ରଭାତ କୁମାର ଷଡ଼ଙ୍ଗୀ, ରତ୍ନାକର ପାଣିଗ୍ରାହୀ, ହୋଟେଲ ମ୍ୟାନେଜମେଣ୍ଟର ଦେବେନ୍ଦ୍ର ରଥ ଏବଂ ଜୀବିକା ମିଶନର ସଂଯୋଜକ ବନଜ କୁମାର ମାହାରୀ ଆଲୋଚନା ମାଧ୍ୟମରେ ପିଲାଙ୍କ ମନସ୍ତତ୍ତ୍ୱ, ଦକ୍ଷତା, ଆବଶ୍ୟକତା, ଅନୁଭୂତି ଓ ବୃତ୍ତି ଚୟନକୁ ଉପସ୍ଥାପନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରାଧ୍ୟାପକ ଡ. ରାକେଶ କୁମାର ମିଶ୍ର, ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର କୁମାର ଦାସ ପ୍ରମୁଖ ପିଲାଙ୍କ ପାଇଁ ଏହି କର୍ମଶାଳା ପ୍ରେରଣାଦାୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ ଅଧକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟ ରଥ, ଜିଲା ଦକ୍ଷତା ସଂଯୋଜକ ପ୍ରିୟଦର୍ଶନ ଜେନା ଏବଂ ଡ. ପ୍ରଭାସ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଆକ୍ସନ ଏଡ୍ ସଂଯୋଜକ ସୁମିତା ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ବୃତ୍ତି ପରାମର୍ଶ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

## ଜଙ୍ଗଲରୁ ଶିକାରୀ ଗିରଫ

ଖୁଣ୍ଟୁଣୀ,୨୮।୧୦(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରୁ ଜଣେ ଶିକାରୀଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେ ହେଲେ ଘଣ୍ଟିଖାଲ ପଞ୍ଚାୟତ ଅଧୀନ ରାମଶ୍ୟାମପୁର ଗ୍ରାମର ପ୍ରଦୀପ ଦେହୁରୀ। ତାଙ୍କଠାରୁ ୨ଟି ଫାଶକୁ ବନବିଭାଗ ଜବତ କରିଛି। ପ୍ରଦୀପ ଉକ୍ତ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଦୁଇଟି ସ୍ଥାନରେ ଫାଶ ବସାଇ ଅପେକ୍ଷା କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଚଢ଼ାଉ କରି ପ୍ରଦୀପଙ୍କୁ ଧରିଥିଲେ।

**Repco Home Finance** - We value your Dream

**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

ସିଆଇଏନ୍- ଏଲ୍୬୫୯୨୨ଟିଏନ୍୨୦୦୦ପିଏଲ୍‌ସି୦୪୪୬୫୫

କର୍ପୋରେଟ୍ କାର୍ଯ୍ୟାଳୟ: ତୃତୀୟ ମହଲା, ଆଲେକ୍ଜାଣ୍ଡର ସ୍କୋୟାର, ପୁରୁଣା ନଂ.୩୪ ଓ ୩୫, ନୂଆ ନଂ.୨, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ-୬୦୦୦୩୨, ଫୋନ୍: (୦୪୪)-୪୨୧୦୬୬୫୦ ଫାକ୍ସ: (୦୪୪)-୪୨୧୦୬୬୫୧; ଇ-ମେଲ୍: co@repcohome.com, ୱେବ୍‌ସାଇଟ୍: www.repcohome.com

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ତଥା ବିଶେଷ ଭାବେ ଗ୍ରାହକମାନଙ୍କୁ ସୂଚିତ କରାଯାଉଛି ଯେ, ପରିଚାଳନାଗତ ସୁବିଧା ପାଇଁ ଆମ କମ୍ପାନୀ କଟକ ଓ ଭୁବନେଶ୍ୱର ଶାଖାକୁ ବିଲୟ କରିଛି ଏବଂ ୩୧ ଜାନୁୟାରୀ, ୨୦୨୩ଠାରୁ କଟକ ଶାଖାକୁ ବନ୍ଦ କରିବାର ପ୍ରସ୍ତାବ ରଖିଛି ।

କଟକ ଶାଖାରେ ସେବାପ୍ରାପ୍ତ ସମସ୍ତ ଖାତାଗୁଡ଼ିକୁ ଏତଦ୍‌ପଶ୍ଚାତ୍ ଆମର ଭୁବନେଶ୍ୱର ଶାଖାରୁ ସେବା ପ୍ରଦାନ କରାଯିବ । ସମସ୍ତ ଖାତାଗୁଡ଼ିକ ସ୍ୱଚାଳିତ ଭାବେ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତର ହୋଇଯିବ ।

ସମ୍ପ୍ରତି ଗ୍ରାହକମାନେ କଟକ ଶାଖାରେ ହାସଲ କରୁଥିବା ସମସ୍ତ ସେବାକୁ ଭୁବନେଶ୍ୱର ଶାଖା ସହ ନିମ୍ନପ୍ରଦତ୍ତ ଯୋଗାଯୋଗ ବିବରଣୀ ସହ ଯୋଗାଯୋଗ କରି ହାସଲ କରିପାରିବେ:

| ରାଜ୍ୟ | ଶାଖା ଠିକଣା | ଯୋଗାଯୋଗ ଠିକଣା |
|---|---|---|
| ଓଡ଼ିଶା | ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ଭୁବନେଶ୍ୱର ଶାଖା ଏନ୍.ବି. ଟାୱାର, ପ୍ଲଟ୍ ନଂ.– ୪୨୬/୨୨୬୦, ନୟାପଲ୍ଲୀ, ରାଜଧାନୀ ଗ୍ୟାସ୍ ପାଖ, ଭୁବନେଶ୍ୱର, ଓଡ଼ିଶା – ୭୫୧୦୧୨ | ଯୋଗାଯୋଗ ବ୍ୟକ୍ତି: ଶାଖା ପ୍ରବନ୍ଧକ ମୋ. ନଂ.: ୯୪୩୭୪ ୬୯୯୯୮ ଇମେଲ୍ ଆଇଡି: bbsr@repcohome.com |

ଆମ ପ୍ରତି ଆପଣଙ୍କର ନିରବଚ୍ଛିନ୍ନ ସମର୍ଥନ ଏବଂ ଭରସା ପାଇଁ ଆମେ କୃତଜ୍ଞ ଏବଂ ଭବିଷ୍ୟତରେ ଆପଣଙ୍କୁ ଦକ୍ଷତାର ସହିତ ସେବା ପ୍ରଦାନ କରିବା ପାଇଁ ଆଶାବାଦୀ ଅଟୁ ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୯।୧୦।୨୦୨୨

ସ୍ୱା./-
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଅକ୍ଟୋବର, ୨୦୨୨

### ଚୋରି ବାଇକ ଜବତ, ଅଭିଯୁକ୍ତ ଗିରଫ

ଫୁଲନଖରା,(ଡି.ଏନ୍.ଏ.): ବାଇକ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଉଷୁମା ଗ୍ରାମର ରାଜେଶ ସାହୁ(୨୪)। ତାଙ୍କଠାରୁ ଏକ ଚୋରି ବାଇକ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ଅଗଷ୍ଟ ୨୪ରେ ଏହି ଥାନା ଅନ୍ତର୍ଗତ ନଗରୀ ଗ୍ରାମର ସୁରେନ୍ଦ୍ର ପୃଷ୍ଟିଙ୍କ ଏକ ବାଇକ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୯/୨୨) ରୁଜୁ କରିଥିଲା।



## ସଂକ୍ଷେପରେ

### ସଂସାର ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବ

କଣ୍ଟାପଡା, ୨୮।୧୦(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅଧୀନ ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ପରିସରରେ ଶିଶୁ-କିଶୋର ସାହିତ୍ୟ ପତ୍ରିକା ସଂସାରର ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକ ଓ ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବରେ ଗୀତିକବି ସଚ୍ଚି ରାଉତରାୟ, ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ଧନଞ୍ଜୟ ସ୍ୱାଇଁ, ଗୀତା ଗବେଷକ ସନ୍ତୋଷ ସାହୁ ଓ ଏସ୍‌ଭି. ନିଟ୍‌ର ପୂର୍ବତନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦ ସାହିତ୍ୟିକ ପ୍ରଶାନ୍ତ ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ କବିମାନେ କବିତା ଅବୃତ୍ତି କରିଥିଲେ। ପାଠାଗାର ପରିଷଦ ସମ୍ପାଦକ ପ୍ରକାଶ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ।

### ସଂକୁଳସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ

କଟକ ଅଫିସ, ୨୮।୧୦: କଟକ ମର୍କତନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧୦ରେ ସଂକୁଳସ୍ତରୀୟ ଏକ ଭାରତ ଶ୍ରେଷ୍ଠ ଭାରତ ଓ କଳା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ଭୁବନେଶ୍ୱରରେ ହେବାକୁ ଥିବା ସମ୍ଭାଗସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ହୋଇଛନ୍ତି। ବିଦ୍ୟାଳୟର ରାୟଗୁରୁ ସୁଧାକର ମହାପାତ୍ର, ପଲକ ପ୍ରତ୍ୟାଷା, ଭେଦାନ୍ତ ରାୟ, ଏସ୍. ଜ୍ୟୋଲିଜ୍ୟୋତି, ରୁହାନି ସେଠୀ, ରୁଦ୍ର ପ୍ରସାଦ ସେଠୀ, ଅଭିପ୍ସା ପଣ୍ଡା ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସଂଗୀତ ଶିକ୍ଷକ ଗୌରାଙ୍ଗ ଗୌଡ଼ା, ନୃତ୍ୟ ନିର୍ଦ୍ଦେଶିକା ସ୍ୱାଗତିକା ବେହେରା ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଦୀପକ ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ ଓ ମଣିମାଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ଡ. ଚିତ୍ତରଞ୍ଜନ ତ୍ରିପାଠୀ, କୈଳାସ ନନ୍ଦ, ମାନସ ପତି, ସୌର ସାହୁ, ବଳରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପରିମଳ ବ୍ୟବସ୍ଥା ତଦାରଖ କଲେ ପୌରାଧକ୍ଷା

ଚୌଦ୍ୱାର,୨୮।୧୦(ଡି.ଏନ୍.ଏ.): ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ସେ ଶୁକ୍ରବାର ସକାଳେ ୬, ୮, ୧୧ ଓ ୧୨ ନମ୍ବର ୱାର୍ଡ଼ ବୁଲି ସଫେଇ କାର୍ଯ୍ୟ ତଦାରଖ କରିବା ସହିତ ଡ୍ରେନ୍, ରାସ୍ତାଘାଟ ଓ ସର୍ବସାଧାରଣ ସ୍ଥାନକୁ ନିୟମିତ ଭାବେ ସଫେଇ କରି ବ୍ଲିଚିଂ ପକାଇବା ପାଇଁ କାର୍ଯ୍ୟରତ ସଫେଇ ସୁପରଭାଇଜର ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଫେଇ ବ୍ୟବସ୍ଥାକୁ କଡାକଡି କରାଯାଇ ଚୌଦ୍ୱାରକୁ ସ୍ୱଚ୍ଛ ସହରରେ ପରିଣତ କରାଯିବ ବୋଲି ସାମଲ କହିଛନ୍ତି। ଏହି ପରିଦର୍ଶନବେଳେ ଉପ ନଗରପାଳ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ବିଜୟଲକ୍ଷ୍ମୀ ବେହେରା, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟୁଆର୍ କୋଡ୍ ନ ଥିଲେ ଖାଦ୍ୟ ସାମଗ୍ରୀ ବିକ୍ରି ମନା

କଟକ ଅଫିସ, ୨୮।୧୦

ବିଭିନ୍ନ ପ୍ଲାଷ୍ଟିକ, ଟିଣ ଓ ମାଟିରେ ମିଶୁ ନ ଥିବା ଖାଦ୍ୟ ସାମଗ୍ରୀ ପ୍ୟାକିଂରେ କ୍ୟୁଆର୍ କୋର୍ଡ ଲାଗିବ। ଜନସାଧାରଣ ଉକ୍ତ ସାମଗ୍ରୀକୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୫ ଟଙ୍କା ଦେଇ କିଣିବେ। ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ କାଉଣ୍ଟରରେ ଫେରାଇଲେ ସେମାନେ ୫ ଟଙ୍କା ଫେରିପାରିବେ। ଏଥିପାଇଁ ବାଲିଯାତ୍ରା ପଡିଆରେ ୨୧ଟି ପ୍ଲାଷ୍ଟିକ୍ ବୋତଲ ଓ ଜରି ସଂଗ୍ରହ କେନ୍ଦ୍ର ଖୋଲାଯିବ। କ୍ୟୁଆର୍ କୋଡ୍ ନ ଥିଲେ ପ୍ଲାଷ୍ଟିକରେ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ବା ପାଣି ବୋତଲ ବିକ୍ରି କରାଯାଇପାରିବ ନାହିଁ। ବାଲିଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ ମୁକ୍ତ କରାଯିବ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍‌କୁ ଏକ ସଙ୍ଗଠିତ ବ୍ୟବସ୍ଥା ମାଧ୍ୟମରେ ନିୟନ୍ତ୍ରଣ କରାଯିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଅଭିନବ ଯୋଜନା କରାଯାଇଛି। ଡିଜିଟାଲ ଡିପୋଜିଟ୍ ରିଫଣ୍ଡ ସିଷ୍ଟମ୍ ଜରିଆରେ ଏହି କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ବିଶେଷକରି ବାଲିଯାତ୍ରା ପଡିଆରେ ପ୍ଲାଷ୍ଟିକ୍ ବୋତଲ ଓ ଜରି ବ୍ୟବହାରକୁ ଉପରୋକ୍ତ ବ୍ୟବସ୍ଥା ମାଧ୍ୟରେ ନିୟନ୍ତ୍ରଣ କରାଯିବ। ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ପାଇଁ ଶୁକ୍ରବାର ଅପରାହ୍ନରେ ସିଏମ୍‌ସି ସମ୍ମିଳନୀ କକ୍ଷରେ ବ୍ୟବସାୟୀ (ଡିଲର/ଡିଷ୍ଟ୍ରିବ୍ୟୁଟର)ମାନଙ୍କ ସହ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ବ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇ ସମ୍ପୂର୍ଣ୍ଣ ସହଯୋଗ କାମନା କରାଯାଇଥିଲା। ବୈଠକରେ ସିଏମ୍‌ସି କମିଶନର ନିଖିଳ ପଵନ କଲ୍ୟାଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣଙ୍କ ସହ ଅନ୍ୟମାନେ।

## ପ୍ଲାଷ୍ଟିକ୍ ମୁକ୍ତ ହେବ ବାଲିଯାତ୍ରା

■ କାର୍ଯ୍ୟକାରୀ ହେବ ଡିଜିଟାଲ ଡିପୋଜିଟ୍ ରିଫଣ୍ଡ ସିଷ୍ଟମ୍
■ ଖୋଲାଯିବ ୨୧ଟି ପ୍ଲାଷ୍ଟିକ୍ ବୋତଲ, ଜରି ସଂଗ୍ରହ କେନ୍ଦ୍ର
■ ୫ ଟଙ୍କା ଅଧିକ ଦରରେ କିଣିବେ ଗ୍ରାହକ

ବାଲିଯାତ୍ରାରେ ଡିଲରମାନେ ବ୍ୟବସାୟୀଙ୍କୁ ସାମଗ୍ରୀ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବାଲିଯାତ୍ରା ଗେଟ୍ ନିକଟରେ ଏକ କାଉଣ୍ଟର କରାଯିବ। ଏଠାରୁ ବ୍ୟବସାୟୀମାନେ ୫ ଟଙ୍କା ଲେଖାଏଁ ଦେଇ କ୍ୟୁଆର୍ କୋଡ୍ କିଣିବେ। ତାହାକୁ ବିକ୍ରି କରିବାକୁ ଥିବା ସାମାଗ୍ରୀରେ ଲଗାଇବେ। ସେମାନେ ସାମଗ୍ରୀ ବିକ୍ରି କଲାବେଳେ ନିର୍ଦ୍ଧାରିତ ଦରଠାରୁ ଅଧିକ ୫ ଟଙ୍କା ଲେଖାଏ ଗ୍ରାହକଙ୍କଠାରୁ ରଖିବେ। ଯେଉଁ ବ୍ୟବସାୟୀ ସିଏମ୍‌ସି ନିକଟରୁ ସର୍ବାଧିକ କ୍ୟୁଆର କୋଡ୍ କିଣିବେ ସେମାନଙ୍କୁ ପୁରସ୍କୃତ କରାଯିବ। ସର୍ବାଧିକ ୬ଜଣ ବ୍ୟବସାୟୀଙ୍କୁ ଲକି ଡ୍ର ମାଧ୍ୟମରେ ସିଏମ୍‌ସି ତରଫରୁ ପୁରସ୍କାର ପ୍ରଦାନ କରାଯିବ। ୫ ଲକ୍ଷ କ୍ୟୁଆର୍ କିଣିଥିବା ବ୍ୟବସାୟୀ ବା ଡିଷ୍ଟ୍ରିବ୍ୟୁଟରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଥମ ପୁରସ୍କାର ବାବଦରେ ୩୧ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ୨ ଲକ୍ଷ କ୍ୟୁଆର୍ କିଣିବା ଉପରେ ଜଣଙ୍କୁ ୨୧ ହଜାର ଟଙ୍କା ଏବଂ ୧ ଲକ୍ଷ କ୍ୟୁଆର୍ କିଣିବା ଉପରେ ୪ଜଣଙ୍କୁ ୧୨ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଦିଆଯିବ। ଆସନ୍ତା ନଭେମ୍ବର ୧୬ରେ ସେମାନଙ୍କ ନାମ ଘୋଷଣା କରାଯିବ। ଅପରପକ୍ଷେ ବାଲିଯାତ୍ରାରେ ଅଳିଆ ପଡିରହିବ ନାହିଁ। ସଫେଇ କର୍ମଚାରୀମାନେ ଅଳିଆ ସଂଗ୍ରହ କରି ସିଧାସଳଖ ଅଳିଆବୁହା ଗାଡିରେ ପକାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।




### ଅପମିଶ୍ରିତ ଖାଦ୍ୟ ବିକିଲେ ଦୃଢ କାର୍ଯ୍ୟାନୁଷ୍ଠାନ

ବାଲିଯାତ୍ରାରେ ବ୍ୟବସାୟୀମାନେ ବାସି କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି କଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି । ବାଲିଯାତ୍ରା ପଡିଆରେ ଦିନକୁ ତିନି ଥର ସଚେତନତା କାର୍ଯ୍ୟକ୍ରମ ସହ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ୫ ଜଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ୫ଟି ଟିମ୍ ଗଠନ କରାଯାଇଛି। ଚଳିତବର୍ଷ ବାଲିଯାତ୍ରାରେ ତତ୍‌କ୍ଷଣାତ୍ ଖାଦ୍ୟର ମାନ ନିର୍ଣ୍ଣୟ ପାଇଁ ପ୍ରଥମକରି 'ଫୁଡ୍ ଟେଷ୍ଟିଂ ଲାବୋରେଟୋରୀ ଅନ୍ ହ୍ୱିଲ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ତୁରନ୍ତ ଖାଦ୍ୟ ନମୁନା ପରୀକ୍ଷା କରାଯିବ। ବ୍ୟବସାୟୀମାନେ ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ଜଣାପଡିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ସିଏମ୍‌ସି ପାଇଁ ଅନେକ ଆହ୍ୱାନ

ବାଲିଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ନିମନ୍ତେ ସିଏମ୍‌ସି ପାଇଁ ଅନେକ ଆହ୍ୱାନ ରହିଛି। କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବନ୍ଦ ରହିଥିବାବେଳେ ଚଳିତବର୍ଷ ବାଲିଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଅନୁମାନ କରାଯାଇଛି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ସାମଗ୍ରୀ ମହଜୁଦ ରଖିବେ। ଇତିମଧ୍ୟରେ ଚିପ୍ସ ଓ ଟିଣ ପ୍ୟାକେଟ, ପ୍ଲାଷ୍ଟିକ ସାମଗ୍ରୀରେ କ୍ୟୁଆର୍ କୋଡ୍ ଲଗାଯିବ। ଏହାକୁ ଧାର୍ଯ୍ୟ ମୂଲ୍ୟଠାରୁ ୫ଟଙ୍କା ଅଧିକ ଦେଇ ଲୋକମାନେ କିଣିବେ। ଉଦାହରଣ ସ୍ୱରୂପ ୫ ଟଙ୍କିଆ ଗୋଟିଏ ଚିପ୍ସ ପ୍ୟାକେଟ୍‌ରେ କ୍ୟୁଆର୍ କୋଡ୍ ଲଗାଯିବା ପରେ ତାହା ୧୦ ଟଙ୍କା ହୋଇଯିବ। ଏହି ଦରକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରିବେ ନାହିଁ। ସେହିପରି କ୍ୟୁଆର୍ କୋଡ୍ ନକଲି କରି ବ୍ୟବସାୟୀମାନେ ଗ୍ରାହକଙ୍କୁ ଠକିବାର ଯଥେଷ୍ଟ ସମ୍ଭାବନା ରହିଛି। ବ୍ୟବସାୟୀମାନେ ପ୍ରତି ସାମଗ୍ରୀ ବାବଦକୁ ଅଧିକ ୫ଟଙ୍କା ସିଏମ୍‌ସିକୁ ଦେବାକୁ ଅମଙ୍ଗ ହୋଇପାରନ୍ତି। ଗ୍ରାହକମାନେ ମଧ୍ୟ ଏହାକୁ କିଣିବାକୁ ଆଗ୍ରହ ପ୍ରକାଶ ନ କରିପାରନ୍ତି। ଏଥିପାଇଁ ବ୍ୟବସାୟୀମାନେ ଅସଲି ବଦଳରେ ଜାଲ୍ କ୍ୟୁଆର୍ କୋଡ୍ ବ୍ୟବହାର କରି ବ୍ୟବସାୟ କରିବା ସମ୍ଭାବନା ରହିଛି। ହେଲେ ଏଦିଗରେ ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଖୁବ୍‌ଶୀଘ୍ର ଏ ନେଇ ଆଲୋଚନା କରାଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ କହିଛନ୍ତି।

# 'ସଚେତନତା ଦ୍ୱାରା ସ୍ତନକର୍କଟ ରୋକିହେବ'




ସ୍ତନକର୍କଟ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ଅଫିସ, ୨୮।୧୦

### ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ସ୍ତନ କର୍କଟ ସଚେତନତା ଶିବିର

ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ କଟକସ୍ଥିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥିତ ଲୋୟଲା ସ୍କୁଲ ପରିସରରେ ସ୍ତନକର୍କଟ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦ୍‌ଗୁରୁ ହସ୍ପିଟାଲ କର୍କଟ ରୋଗ ବିଭାଗ ମୁଖ୍ୟ ଡା. ସୌମ୍ୟ ରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ଓଡ଼ିଶାରେ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ଠିକ୍ ଭାବେ ସଚେତନତା ନ କରାଯିବା ଓ ଲୋକଲଜ୍ଜା କାରଣରୁ ମହିଳା, ଝିଅମାନେ ଏହି ରୋଗ ବିଷୟରେ ଜଣାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଠିକ୍ ସମୟରେ ଚିକିତ୍ସା ନ କରାଯିବାରୁ ଶେଷ ସମୟରେ ଅନେକ କଷ୍ଟର ସାମ୍ନା କରିବାକୁ ପଡୁଛି। ତେଣୁ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସଚେତନତା କରାଯାଉଛି ବୋଲି ମିଶ୍ର କହିଥିଲେ। ସେହିପରି ଡା. ସୁଲଗ୍ନା ମହାନ୍ତି ଯୋଗଦେଇ କର୍କଟ ରୋଗ ଚିହ୍ନଟ ଓ ଘରେ କିପରି ଏହାର ଚିକିତ୍ସା କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରର ରେଡିଏଶନ କର୍କଟ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡା. ସୁରେନ୍ଦ୍ର ନାଥ ସେନାପତି କହିଥିଲେ, ଦୈନିକ ଜୀବନ ଶୈଳୀର ପରିବର୍ତ୍ତନ ଓ ଖାଦ୍ୟ ପଦାର୍ଥରେ ତାଳମେଳ ରହୁ ନ ଥିବାରୁ କର୍କଟ ରୋଗ ତଥା ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଘଟୁଛି। ସ୍ତନ କର୍କଟ ରୋଗକୁ ମୁକାବିଲା କରିବା ସହିତ ଠିକ୍ ସମୟରେ ଚିକିତ୍ସା କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲୋୟଲା ସ୍କୁଲ ପ୍ରିନ୍ସିପାଲ ଏଫଆର ଭିକ୍ଟର ଏଫ, ମିସ କ୍ୟୁଥ୍ ଉପସ୍ଥିତ ଥିଲେ। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ପିଜି କାଉନସିଲ ଅଧକ୍ଷ ଅସୀମା ସାହୁ, ଇନଷ୍ଟିଚ୍ୟୁଶନାଲ କୋଅର୍ଡିନେଟର ପ୍ରଫେସର ଲୁନା ସାମନ୍ତ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଡିଏସ୍‌ଡବ୍ଲ୍ୟୁ ନିର୍ଦ୍ଦେଶକ ଅଳକାନନ୍ଦ ପରିଡା ସ୍ୱାଗତ ଭାଷଣ ଓ କଲଚର କାଉନସିଲ ଅଧକ୍ଷ ଡ. ଉର୍ମିଷୀ ବଡମାତା ଧନ୍ୟବାଦ ଦେଇଥିଲେ। ଏଥିରେ ସଦ୍‌ଗୁରୁ ହସ୍ପିଟାଲ କମ୍ୟୁନିକେଶନ ମ୍ୟାନେଜର ଜଗନ୍ନାଥ ପାତ୍ର ଓ ମହମ୍ମଦ ଫକରୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ।

## ଦେଶୀ ମଦଭାଟିରେ ଚଢ଼ାଉ

### ୧୦୮୦ ଲିଟର ମଦ, ପୋଚ ଜବତ

ଖୁଣ୍ଟୁଣୀ,୨୮।୧୦(ଡି.ଏନ.ଏ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତର ଡାଲୁଆ ଓ ରାଧାକୃଷ୍ଣପୁର ପଞ୍ଚାୟତର ସରସ୍ୱତୀପୁର ଗ୍ରାମ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ବେଆଇନ ଚୋରା ଦେଶୀ ମଦଭାଟି ଉପରେ ଶୁକ୍ରବାର ପୋଲିସ ଚଢ଼ାଉ କରିଛି। ସେଠାରୁ ୮୦ଟି ପ୍ଲାଷ୍ଟିକ ଡ୍ରମ୍‌ରେ ଥିବା ୧୦୮୦ ଲିଟର ଦେଶୀ ମଦ ସହିତ ପୋଚ ଜବତ କରିଛି। ତେବେ ଚଢ଼ାଉ ଖବର ପାଇବା ମାତ୍ରେ ମଦ ପ୍ରସ୍ତୁତକାରୀ ଖସି ପଳାଇ ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ପେସାଦାର ମଦ ମାଫିଆମାନେ ଡାଲୁଆ ଓ ସରସ୍ୱତୀପୁର ଗ୍ରାମ ପାର୍ଶ୍ୱରେ ଥିବା ପ୍ରାକୃତିକ ଝରଣା କୂଳ ଏବଂ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ମଦ ପ୍ରସ୍ତୁତ କରୁଛନ୍ତି। ଏହା ଉପରେ ପୋଲିସ ନଜର ରଖିଥିଲା। ଶୁକ୍ରବାର ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଉକ୍ତ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ପୋଚ ନଷ୍ଟ କରିଥିଲେ। ଫେରିବା ବାଟରେ ବୁଦାମୂଳରୁ ୪୦ ଲିଟର ଦେଶୀମଦ ଥିବା ଜାର୍‌କିନ ଜବତ କରିଥିଲେ। ଏହି ଚଢ଼ାଉରେ ଖୁଣ୍ଟୁଣୀ ଥାନା ଏସ୍‌ଆଇ ବିକାଶ କୁମାର ସେଠୀଙ୍କ ସହିତ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ଏନେଇ ଥାନାରେ ଦୁଇଟି ମାମଲା (ନଂ.୨୧୧,୨୧୨/୨୨) ରୁଜୁ ହୋଇଛି।

## ଜଙ୍ଗଲରୁ ଶିକାରୀ ଗିରଫ

ଖୁଣ୍ଟୁଣୀ,୨୮।୧୦(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରୁ ଜଣେ ଶିକାରୀଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଘଣ୍ଟିଖାଲ ପଞ୍ଚାୟତ ଅଧୀନ ରାମଶ୍ୟାମପୁର ଗ୍ରାମର ପ୍ରଦୀପ ଦେହୁରୀ। ତାଙ୍କଠାରୁ ଜିଆଇ ତାରରେ ତିଆରି ଦୁଇଟି ଫାଶକୁ ବନବିଭାଗ ଜବତ କରିଛି। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ କହିବାନୁଯାୟୀ, ଶୁକ୍ରବାର ସକାଳେ ପ୍ରଦୀପ ଉକ୍ତ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଦୁଇଟି ସ୍ଥାନରେ ଫାଶ ବସାଇଥିଲେ। ଜନ୍ତୁ ପଡିବା ଆଶାରେ ତାଙ୍କ ସାଙ୍ଗମାନଙ୍କ ସହ ମଧ୍ୟାହ୍ନରେ ଅପେକ୍ଷା କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ଚଢ଼ାଉ କରି ପ୍ରଦୀପଙ୍କୁ ଗିରଫ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲା ଡାକ୍ତରୀ ଦଳ



କଟକ ଅଫିସ,୨୮।୧୦: କାର୍ଡିଓ-ଡାଏବେଟ୍‌ସ ସୋସାଇଟି ଅଫ୍ ଇଣ୍ଡିଆର ଡାକ୍ତରୀ ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ ମେଡିସିନ ବିଭାଗର ପ୍ରଫେସର ତଥା ସୋସାଇଟିର ଜାତୀୟ ସଭାପତି ଡା. ଜୟନ୍ତ ପଣ୍ଡାଙ୍କ ସମେତ ପ୍ରତିଷ୍ଠାତା ସଭାପତି ଗୟାର ଡା. ଏ. ଏନ. ରାୟ, ଜାମସେଦପୁରର ଡା. ଏ. କେ. ଭିରମଣି, ଗୟାର ଡା. ମୃତ୍ୟୁଞ୍ଜୟ କୁମାର ସିଂହ, ପାଟନାର ଡା. ଅଭିଷେକ କୁମାର ଓ ଡା. ନୀହାରିକା ସିହ୍ନା ପ୍ରମୁଖ ସାମିଲ ଥିଲେ। ଉନ୍ନତ ସ୍ୱାସ୍ଥ୍ୟସେବା ସମ୍ପର୍କିତ କେତେକ ପ୍ରସଙ୍ଗ ଉପରେ ଡାକ୍ତରୀ ଦଳ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# କାଳୀମେଢ଼ ଭସାଣି ଉତ୍ସବ




ଆକର୍ଷଣ ସାଜିଲା ଅଘୋରୀ ବାବା ନୃତ୍ୟ

କଟକ ଅଫିସ, ୨୮।୧୦




କଟକରେ କାଳୀମେଢ ଭସାଣି ଉତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପାଇଁ କାଠଯୋଡି ନଦୀର ଦେବୀଗଡ଼ା ଘାଟରେ ଅସ୍ଥାୟୀ ପୋଖରୀ ଖନନ କରାଯାଇଥିଲା। ବିଭିନ୍ନ ମଣ୍ଡପଙ୍କୁ ମା'ଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଉକ୍ତ ପୋଖରୀରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ଭସାଣିର ମୁଖ୍ୟ ଆକର୍ଷଣ ସାଜିଥିଲା ଅଘୋରି ବାବାଙ୍କ ନୃତ୍ୟ। କଟକ ଚଣ୍ଡୀ ରୋଡ୍-ଶେଖ୍‌ବଜାର ପୂଜା କମିଟି ପକ୍ଷରୁ ଏହି ଅଘୋରି ବାବାଙ୍କ ଗ୍ରୁପ୍‌କୁ ନିମନ୍ତ୍ରଣ କରାଯାଇଥିଲା। ଫଳରେ ଉତ୍ତର ପ୍ରଦେଶରୁ ଆସିଥିବା ଏହି ଗ୍ରୁପ୍‌ର ୫ ଜଣ ସଦସ୍ୟ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ଚେଚିସ୍ ବ୍ୟବସ୍ଥା କରାଯାଇଥିଲା। କିଛିଦିନ ତଳେ ଢେଙ୍କାନାଳ ଲକ୍ଷ୍ମୀପୂଜା ଭଷାଣିରେ ସାମିଲ ହୋଇଥିବା ଏହି ଗ୍ରୁପ୍ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଏହି ଭସାଣି ଶୋଭାଯାତ୍ରାରେ ବିଭିନ୍ନ ପ୍ରକାରର ନୃତ୍ୟ ଦେଖିବାକୁ ମିଳିଥିଲା। ମୋଟ୍ ୯୦ ମେଢ ମଧ୍ୟରୁ ସନ୍ଧ୍ୟା ସୁଦ୍ଧା ୫୦ଟି ମେଢ ବିସର୍ଜିତ ହୋଇଥିବା ଜଣାପଡିଛି। ଭସାଣି ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ମେଢ଼ଗୁଡ଼ିକ କଲେଜ ଛକଠାରୁ ବକ୍ସିବଜାର, ତିନିକୋଣିଆ ବଗିଚା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ, ଚୌଧୁରୀବଜାର ଛକରୁ ପୂର୍ଣ୍ଣ ସାହୁ ଛକ, ମାରୱାଡି ପଟି ଓ ଫିରିଙ୍ଗିବଜାର ଦେଇ ଦେବୀଗଡ଼ା ପର୍ଯ୍ୟନ୍ତ, ଚଣ୍ଡି ଛକରୁ ଶେଖ୍‌ବଜାର, ମହମ୍ମଦିଆ ବଜାର ରାସ୍ତା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ ଯାନବାହନ ଚଳାଚଳକୁ ବନ୍ଦ କାରାଯାଇଥିଲା।




ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା କାଳୀମେଢ଼।

### କଳାକାର ନରୋତ୍ତମ ଦତ୍ତଙ୍କ ସ୍ମୃତିଚାରଣ ସଭା

ବୋଲଗଡ଼,(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର କଳାକାର ନରୋତ୍ତମ ଦତ୍ତଙ୍କ ସ୍ମୃତି ଚାରଣସଭା ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ସୁମନ୍ତ ଛୋଟରାୟ, କୈଳାସ ତ୍ରିପାଠୀ, ବାଲ୍ମୀକି କଲିଆସିଂହ, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦତ୍ତଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦତ୍ତ ଜଣେ ବରିଷ୍ଠ କଳାକାର ଥିବା ସହିତ ଗ୍ରାମରେ ପ୍ରତିଷ୍ଠିତ ଦତ୍ତଙ୍କ ଦୁତ୍ତପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର କର୍ମଚାରୀ ରହି ବିଦ୍ୟାଳୟ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କଂଗ୍ରେସ ନେତା ପୁଷ୍ପାଞ୍ଜଳି ପଟ୍ଟନାୟକ ଯୋଗଦେଇ ଦତ୍ତଙ୍କ ପୁଅ ରବୀନ୍ଦ୍ର ଦତ୍ତ, ପାଣ୍ଡବ ଦତ୍ତ ଓ କବି ଦତ୍ତଙ୍କ ଭେଟି ସମବେଦନା ଜଣାଇଥିଲେ। ସାମାଜିକ କର୍ମୀ ଶ୍ରୀଧର ଦତ୍ତ, ସାମାଜିକ ଖଣ୍ଡାର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ନିରାକାରପୁର,୨୮।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଗୋଲାବାଇସ୍ଥିତ ଗ୍ରାମେଶ୍ୱର ଦେବଙ୍କ ପୀଠରେ ଦୁଇ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ସୂର୍ଯ୍ୟ ପୂଜା, ଯଜ୍ଞ, ଶାଳପୂଜା, ଅଭିଷେକ, ଚଣ୍ଡୀପାଠ, ଗୀତ ହବନ୍ ଓ ଶୁକ୍ରବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋଲବାଇ ଗ୍ରାମବାସୀ ସହଯୋଗ କରିଥିଲେ।

### ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଟାଙ୍ଗୀ(ଖୋର୍ଦ୍ଧା),୨୮।୧୦(ଡି.ଏନ୍.ଏ.): ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀଙ୍କ ପକ୍ଷପାତିତା ଅଭିଯୋଗ ନେଇ ଗତ ୨୨ ତାରିଖରୁ ଓକିଲ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହାର ସମାଧାନ ପାଇଁ ଖୋର୍ଦ୍ଧା ଜିଲା ଦୌରା ଜଜ୍, ଭୁବନେଶ୍ୱର ନିଶିଥ ନିସଙ୍ଗ ଟାଙ୍ଗୀ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହିତ ଦୁଇ ଥର ଆଲୋଚନା କରିଥିଲେ ମଧ ସମାଧାନ ହୋଇ ପାରିନାହିଁ। ନ୍ୟାୟାଧିକାରୀଙ୍କ ବଦଳି ଦାବି ନେଇ ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

### ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱଗ୍ରହଣ

ବେଗୁନିଆ,୨୮।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଭାସ୍କର ଲେଙ୍କା ଶୁକ୍ରବାର ଯୋଗ ଦେଇଛନ୍ତି। ପୂର୍ବତନ ବିଇଓ ବିଜୟ ବେହେରା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବିଇଓ ଲେଙ୍କାଙ୍କୁ ଶିକ୍ଷକ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ



କରାଯାଇଥିଲା। ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ମହାପାତ୍ର ଓ ସମ୍ପାଦକ ଦାଶରଥି ବେହେରା, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାମଚନ୍ଦ୍ର ଷଣ୍ଢ ଓ ସମ୍ପାଦକ ବସନ୍ତ ଜୟସିଂହ, ଜିଲା ପରିଷଦ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ସାହୁଙ୍କ ସମେତ ଶିକ୍ଷକ ବିଶ୍ୱଜିତ ପଟ୍ଟନାୟକ, ସରୋଜ ବେହେରା, ଅଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ବିଇଓ ଦାୟିତ୍ୱ ନେବାର ଘଣ୍ଟାଏ ପରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁରେଶ ସେଠୀ, ନଳିନୀ ପ୍ରଭା ଦେବୀ ଓ ଦାଶରଥି ପ୍ରଧାନଙ୍କ ସହିତ ଶିକ୍ଷା ବ୍ୟବସ୍ଥା ସ୍ଥିତି ପରଖିଥିଲେ। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା 'ସୁରଭି' କାର୍ଯ୍ୟକ୍ରମରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗିତାରେ ଭାଗ ନେବାକୁ ଚିହ୍ନଟ ହୋଇଥିବା ୩ ଛାତ୍ରୀଙ୍କୁ କାର୍ଯ୍ୟାଳୟକୁ ଡାକିଥିଲେ। 'ବିକଶିତ ରାଷ୍ଟ୍ର ଓ ଦୁର୍ନୀତିମୁକ୍ତ ଭାରତ' ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କଣ୍ଟାବାଡ ସ୍ଥିତ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ଘଡେଇଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଛି।

### ଖବରଦାତାଙ୍କ ପିତୃ ବିୟୋଗ

ବାଲୁଗାଁ,୨୮।୧୦(ଡି.ଏନ୍.ଏ.): ବାଲୁଗାଁ ଅଞ୍ଚଳର ବରିଷ୍ଠ ଖବରଦାତା ଅଶୋକ କୁମାର ଜେନାଙ୍କ ବାପା ଲକ୍ଷ୍ମୀଧର ଜେନା(୮୪)ଙ୍କ ଶୁକ୍ରବାର ସକାଳେ ସ୍ଥାନୀୟ କୁଲାକୁଣ୍ଡେଇ ନୂଆଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଭଦ୍ର, ମିଷ୍ଟଭାଷୀ, ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ୩ପୁଅ ବଂଶୀଧର, ଅଶୋକ, ବିରଞ୍ଚି ଓ ଝିଅ ଟନୀଙ୍କ ସମେତ ୩ ବୋହୂ, ଜ୍ୱାଇଁ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବଂଶୀଧର ମୁଖାଗ୍ନି ଦେଇଥିଲେ।

# ୧୦ ଶ୍ରେଣୀକୁ ୭ ଗୃହ

ବୋଲଗଡ଼,୨୮।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ମଧ୍ୟରେ ଚାଲିଛି ପାଠପଢା। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ମିଶ୍ରଣ ଯୋଜନା ଏଠାରେ ପ୍ରହସନ ପାଲଟିଛି। ଏଠାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୫୪ ଜଣ ଛାତ୍ରୀଛାତ୍ର ଏହି ବିଦ୍ୟାଳୟର ୭ଟି ଶ୍ରେଣୀଗୃହରେ ପାଠ ପଢୁଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୬୫ରେ ପ୍ରତିଷ୍ଠା ହୋଇଥିବା ଏହି ବୋଲଗଡ ସରକାରୀ ଉଚ୍ଚ ବିଦ୍ୟାଳୟ(ବାଳିକା ଉଚ୍ଚ ବିଦ୍ୟାଳୟ) ୬ଷ୍ଠ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଥିଲା। ପରବର୍ତ୍ତୀ ସମୟରେ ୨୦୧୮ ଅକ୍ଟୋବରରେ ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ନିକଟ ନୂଆସାହି ପ୍ରାଥମିକ ବିଦ୍ୟାଳୟର ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ



ଏକ ଗୃହରେ ୨ଟି ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ମିଶ୍ରଣ ହେବା ପରେ ବିଦ୍ୟାଳୟ ପରବର୍ଦ୍ଧିତ ରୂପରେଖ ୧ମ ରୁ ୧୦ମ ଶ୍ରେଣୀ ହୋଇଥିଲା। ବିଦ୍ୟାଳୟରେ ୧୦ଟି ଶ୍ରେଣୀଗୃହର ଆବଶ୍ୟକତା ଥିବା ବେଳେ ୭ଟି ଶ୍ରେଣୀ ଗୃହ ରହିଛି। ଅନ୍ୟପଟେ ୫-ଟି ଯୋଜନାରେ ଏହି ବିଦ୍ୟାଳୟ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ହୋଇ ଇ-ଲାଇବ୍ରେରି ପାଇଁ ସେଥିରୁ ଗୋଟିଏ ରୁମକୁ ବ୍ୟବହାର କରାଯାଇଛି। ଫଳରେ ପଢିବା ପାଇଁ ଆବଶ୍ୟକ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ଶ୍ରେଣୀଗୃହ ଅଭାବରୁ ୧ମ ଓ ୩ୟ ଶ୍ରେଣୀର ଛାତ୍ରୀଛାତ୍ର ଇ-ଲାଇବ୍ରେରି ପ୍ରକୋଷ୍ଠର ତଳେ ବସି ପାଠ ପଢୁଛନ୍ତି। ସେହିପରି ମିଟିଂ ହଲ୍ ଭାବେ ବ୍ୟବହୃତ ଗୃହରେ ୨ୟ, ୪ର୍ଥ ଓ ୫ମ ଶ୍ରେଣୀ ବିଦ୍ୟାର୍ଥୀମାନେ ଚଉକିରେ ବାଡ ଦେଇ ପରଦା ଟାଣି ପାଠ ପଢୁଛନ୍ତି। ନିକଟରେ ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ଇ- ଲାଇବ୍ରେରିରେ ହେଉଥିବା ପାଠପଢାକୁ ପୁରୁଣା ଆଇସିଟି ଲ୍ୟାବକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ବିଦ୍ୟାଳୟରେ ୧୦ଟି ଶ୍ରେଣୀ ପାଇଁ ୧୦ଟି ଗୃହର ଆବଶ୍ୟକସ୍ଥଳେ ୭ଟି ରହିଛି। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ କୁହନ୍ତି, ବିଦ୍ୟାଳୟର ସୁପରିଚାଳନା ପାଇଁ ୩ଟି ଶ୍ରେଣୀଗୃହ ସମେତ ମିଟିଂ ହଲ, ସ୍ପୋର୍ଟ୍ସ ରୁମ, ଷ୍ଟୋର ରୁମ ପାଇଁ ୫ ଗୃହ ଆବଶ୍ୟକ ରହିଛି। ଏନେଇ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ସ୍ମାର୍ଟ ସ୍କୁଲ ପରିଦର୍ଶନରେ ଆସିଥିବା ସମୟରେ ବିଡିଓ ଧୋବେଇ ନାୟକ ସହକାରୀ ଯନ୍ତ୍ରୀଙ୍କୁ ଏଥିନେଇ ପ୍ଲାନପ୍ରୋଜେକ୍ଟ ସହ ଏଷ୍ଟିମେଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୀଘ୍ର ନିର୍ମାଣ ହେବ ବୋଲି ଆଶା ରହିଛି ବୋଲି ସେ କହିଛନ୍ତି।



ବୋଲଗଡ଼ ପୂଜା କମିଟି ପକ୍ଷରୁ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

## ମେଲାଣି ନେଲେ ମା'ଶ୍ୟାମାକାଳୀ

ବୋଲଗଡ଼,୨୮।୧୦(ଡି.ଏନ୍.ଏ.)

ସ୍ଥାନୀୟ ଗଣେଶ ବଜାରସ୍ଥିତ କାଳୀ ମଣ୍ଡପଠାରେ ବୋଲଗଡ଼ ପୂଜା କମିଟି ପକ୍ଷରୁ ସୋମବାରଠାରୁ ପୂଜା ପାଉଥିବା ମା'ଶ୍ୟାମାକାଳୀଙ୍କ ଶୁକ୍ରବାର ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟିର ସଦସ୍ୟ ଓ ଗ୍ରାମର ଯୁବକମାନେ ସାମିଲ ହୋଇ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଆତଶବାଜି ପ୍ରଦର୍ଶନ ହୋଇଥିଲା। ବ୍ଲକ ନିକଟ ନୂଆପୋଖରୀରେ ମା'ଙ୍କୁ ବିସର୍ଜନ ପୂର୍ବକ ମେଲାଣି ଦିଆଯାଇଥିଲା।

## ୬ ଗାଡ଼ି ଜବତ, ୩ ଗିରଫ

ବେଗୁନିଆ,୨୮।୧୦(ଡି.ଏନ୍.ଏ.)

### ଲଘୁ ଖଣିଜପଦାର୍ଥ ଚୋରା ଚାଲାଣ ବେଳେ ଚଢ଼ାଉ

ଖୋର୍ଦ୍ଧା ଜିଲା ବେଗୁନିଆ ପୋଲିସ ଶୁକ୍ରବାର ବେଆଇନ ମାଙ୍କଡ଼ା ପଥର ଓ ମୋରମ ଖଣିରେ ଚଢ଼ାଉ କରି ୩ଟି ଗାଡ଼ି ଜବତ କରିବା ସହ ୩ ଜଣ ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ ଅଁଳାଯୋଡି ଗ୍ରାମର ପ୍ରମୋଦ ପ୍ରଧାନ, ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଅଞ୍ଚଳର ସୁକାନ୍ତ ସ୍ୱାଇଁ ଓ ସ୍ଥାନୀୟ କୋତଲାଙ୍ଗ ଗ୍ରାମର ଉମେଶ ରାଉତରାୟ। ଏମାନଙ୍କଠାରୁ ଗୋଟିଏ ଜେସିବି (ଓଡି ୦୨ ଏଏଚ- ୪୨୮୨), ଟ୍ରାକ୍ଟର (ଓଆର ୦୨ ବିଏଚ୍- ୪୯୭୪) ଜବତ ହୋଇଛି। ସେହିପରି ଅନ୍ୟ ଏକ ନମ୍ବର ବିହୀନ ପାୱାର ଟ୍ରିଲର ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୮୨/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନାଥାଉ କି, ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନଭାବେ ମାଙ୍କଡା ପଥର, ମୋରମ ଓ କଳା ମୁଗୁନି ପଥର ଚାଲାଣ ବଢ଼ିଚାଲିଛି। ଚୋରାଚାଲାଣ ରୋକିବା ପାଇଁ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ଓ ଏସ୍‌ଆଇ ମାଧବାନନ୍ଦ ବସ୍ତିଆଙ୍କ ସହିତ ଏକ ୭ଜଣିଆ ଟିମ୍ ଗଠନ କରାଯାଇଥିଲା। ରାଉତପଡା, ଡିଙ୍ଗର, ଗଡମାଣତୀର, ବିଞ୍ଝିଣି ଆଦି ଖଣିରେ ଚଢ଼ାଉ କରାଯାଇଥିଲା। ହେଲେ ଆଗୁଆ ସୂଚନା ପାଇ ମାଫିଆମାନେ ଚମ୍ପଟ ମାରିଥିଲେ। କୋତଲାଙ୍ଗ ଖଣିରେ ଚଢାଉ ବେଳେ ଗାଡ଼ି ସହ ଚାଳକ ଧରାପଡ଼ିଥିଲେ। ବାଘମାରୀ ଆର୍‌ଆଇ କାର୍ଯ୍ୟାଳୟ ପକ୍ଷରୁ ବାଘମାରୀ- କଣ୍ଟିଲୋ ରାସ୍ତାର ସିମୋର ଛକ ନିକଟରୁ ୩ଟି ବାଲି ବୋଝେଇ ଗାଡ଼ିକୁ ଜବତ କରାଯାଇ ବାଘମାରୀ ଥାନା ଜିମା ଦିଆଯାଇଛି।

## ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶ

ଖୋର୍ଦ୍ଧା ଅଫିସ,୨୮।୧୦

ଭାରତର ଆତ୍ମା ହେଉଛି ଗ୍ରାମ। ଗ୍ରାମର ଆତ୍ମା ହେଉଛି କୃଷକ ଏବଂ କୃଷକର ଆତ୍ମା ହେଉଛି ଗୋଂବଶ। ଗୋବଂଶକୁ ପାଥେୟ କରି ଏକ ସମୃଦ୍ଧ, ଆତ୍ମନିର୍ଭରଶୀଳ ରାଷ୍ଟ୍ର ନିର୍ମାଣ କରାଯାଇପାରିବ। ସାମାଜିକ, ଅର୍ଥନୈତିକ ଦୃଷ୍ଟିରୁ ଗୋବଂଶ ଭାରତବର୍ଷ ଲାଗି ଉପକାରୀ ଏବଂ ଉପଯୋଗୀ। ଭାରତୀୟ ଗୋବଂଶର ଗୋମୂତ୍ର, ଗୋବରକୁ ବ୍ୟବହାର କରି ଜୈବିକ କୃଷି ଏବଂ କୁଟୀର ଉଦ୍ୟୋଗ ନିର୍ମାଣ କରାଯାଇ ସ୍ୱାବଲମ୍ବୀ ଭାରତ ଗଠନ ହୋଇପାରିବ ବୋଲି ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ଗୋବର୍ଦ୍ଧନ ଉତ୍ସବ ଅବସରରେ ଗୋବଂଶର ସୁରକ୍ଷା, ସମ୍ବର୍ଦ୍ଧନା ବିକାଶ ଶୀର୍ଷକ ଆଲେଚନାଚକ୍ରରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଅନୁଷ୍ଠାନର ସଭାପତି ରଞ୍ଜିତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଣିଗ୍ରାହୀ ଆହୁରି କହିଥିଲେ, ଭାରତୀୟ ସଂସ୍କୃତିର ପ୍ରତୀକ ହେଉଛନ୍ତି ଗୋବଂଶ। ଗୋବଂଶ ଦେଶର ଆର୍ଥିକ ମାନଦଣ୍ଡ। ଗୋ କୁଟୀର ଶିଳ୍ପ, ଜୈବିକ କୃଷିକୁ ପାଥେୟ କରି ସ୍ୱାବଲମ୍ବୀ ରାଷ୍ଟ୍ର ଗଠନ କରାଯାଇପାରିବ। ଗୋବଂଶର ବିକାଶରେ ଦେଶର ସ୍ୱାର୍ଥ ନିହିତ ରହିଛି। ଦିନକୁ ଦିନ ଭାରତୀୟ ଦେଶୀ ପ୍ରଜାତିର ସଂଖ୍ୟା କମିବାରେ ଲାଗିଛି। ଗୋବର, ଗୋମୂତ୍ରକୁ ବ୍ୟବହାର କରି ପାରମ୍ପରିକ ଜୈବିକ କୃଷି ଦ୍ୱାରା କୃଷକ ମାନେ ସ୍ୱାବଲମ୍ବୀ ଏବଂ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇପାରିବେ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲଳିତ ମୋହନ ମହାପାତ୍ର, କ୍ଷିତୀଶ ମୋହନ ଦାସ, ଓମ୍ ପ୍ରକାଶ ମହାନ୍ତି, ମୀନକେତନ ସୁବୁଦ୍ଧି, ସତ୍ୟନାରାୟଣ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକ କଂଗ୍ରେସ ସଙ୍ଗଠନରେ ଯୋଗଦେଲେ ଶତାଧିକ କର୍ମୀ

ଜଟଣୀ,୨୮।୧୦(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଅଧୀନ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଶ୍ରମିକ କଂଗ୍ରେସ ସଙ୍ଗଠନରେ ଶୁକ୍ରବାର ଶତାଧିକ ଶ୍ରମିକ ୟୁନିୟନର ନେତା ଓ କର୍ମୀ ଯୋଗଦେଇଛନ୍ତି। ଖୋର୍ଦ୍ଧାରୋଡ୍ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟଠାରେ ଏମ.ଜି.କେ ରାଓଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ସହ ସଂଯୋଜକ ସୁନୀଲ ଭଞ୍ଜ, ସିଓବିବି ସୁବ୍ରତ ପଣ୍ଡା, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଅମିତ୍ କୁମାର, ଆଶୁତୋଷ ବ୍ରହ୍ମା, ଏନ୍.ଗୋଚ୍ଛାୟତ, ଶାଖା ସମ୍ପାଦକ ଏଲ୍. ଡି. ମହାନ୍ତି, ଗୋପାଳ ଦାସ, ପ୍ରଫୁଲ୍ଲ ବେହେରାଙ୍କ ସମେତ ମଣ୍ଡଳର ସମସ୍ତ ନେତୃବୃନ୍ଦଙ୍କ ଉପସ୍ଥିତିରେ ଶ୍ରମିକ ୟୁନିଅନର ପୂର୍ବତନ ମଣ୍ଡଳ ସଂଯୋଜକ ନିରଞ୍ଜନ ମିଶ୍ର, ତୁଷାର ରଞ୍ଜନ ବାରିକ, ମୋହନ ରାଓ ଓ ଖୋର୍ଦ୍ଧାରୋଡ୍ ମଣ୍ଡଳର ଶତାଧିକ ଅନୁଗାମୀ ଖୋର୍ଦ୍ଧାରୋଡ୍ ଷ୍ଟେସନଠାରୁ ବାହାରି ଶ୍ରମିକ କଂଗ୍ରେସର ମୁଖ୍ୟାଳୟ ଠାରେ ପହଞ୍ଚି ଥିଲେ। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ନେତୃବୃନ୍ଦମାନେ ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଃଶାସନ ସାହୁ, ଏମ.କେ ସ୍ୱାଇଁ, ବିଜୟଲକ୍ଷ୍ମୀ ଦାଶ, ରୁନି ବେହେରା, ସଂଯୁକ୍ତା ମିଶ୍ର, ଅକ୍ଷୟ ପ୍ରଧାନ, କେ.ଟି ରାଓ, ମୁସ୍ତାକ ଅଲ୍ଲୀଙ୍କ ସମେତ ଚାରି ଶହରୁ ଉର୍ଦ୍ଧ୍ୱ କର୍ମୀ ସଭାରେ ଉପସ୍ଥିତ ଥିଲେ। ଶ୍ରମିକ ନେତା ନିରଞ୍ଜନ ମିଶ୍ର ରେଳ କର୍ମଚାରୀଙ୍କ ସାମୂହିକ ସ୍ୱାର୍ଥ ପାଇଁ ରେଳ ବିଭାଗ ଏବଂ ସରକାରଙ୍କ ନିକଟରେ ପୂର୍ବ ଭଳି ଦାବି ରଖି ସମସ୍ତ ରେଳ କର୍ମଚାରୀଙ୍କ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।



ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଶ୍ରମିକ କଂଗ୍ରେସ ସଙ୍ଗଠନରେ ଯୋଗ ଦେଇଥିବା ନେତା ଓ କର୍ମୀ।

## ଶ୍ରୀରାମଚରିତ ମାନସ ପାରାୟଣ ପାଠ, ଯଜ୍ଞ ଆରମ୍ଭ

ଜଟଣୀ,୨୮।୧୦(ଡି.ଏନ୍.ଏ.)

ଜଟଣୀସ୍ଥିତ ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ଶୁକ୍ରବାର ୫୫ତମ ଶ୍ରୀରାମଚରିତ ମାନସ ପାରାୟଣ ଏବଂ ମହାଯଜ୍ଞ ଆରମ୍ଭ ହୋଇଛି। ଜଟଣୀ ମାରୱାଡି ସମାଜର ସହଯୋଗ ଏବଂ ଶ୍ରୀରାମଚରିତ ମାନସ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରତନ ଲାଲ ଅଗ୍ରୱାଲ ଏବଂ ଯଶୋଦା ଦେବୀ ମୁଖ୍ୟ ଯଜମାନ ଭାବେ ପୂଜା କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍ତରାୟଣୀ ମନ୍ଦିର ସମ୍ମୁଖରୁ ଶତାଧିକ ମାରୱାଡି ମହିଳା ଏବଂ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ସହର ମୁଖ୍ୟ ରାସ୍ତା ଦେଇ ଗୋପୀନାଥ ଦେବଙ୍କ ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ୭ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ସମିତିର ସଂଯୋଜକ ପବନ ଝୁନଝୁନୱାଲା, କିଶନ ପଲିବାଲ ଏବଂ ଗଡୁ ହାଲନ କହିଛନ୍ତି। ରାମଚରିତ ପରାୟଣ ପାଠ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଧାତ୍ମିକ ଏବଂ ଧାର୍ମିକ ସଂସ୍କାର ଜାଗ୍ରତ କରିବା ପାଇଁ 'ବାଲ ସଂସ୍କାର' କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ହନୁମାନ ଚାଲିଶା ପାଠ, ରାମଚରିତ ମାନସ ଗ୍ରନ୍ଥର ଚୌପାହି ଏବଂ ଦୋହା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅମୃତ ଆନନ୍ଦଜୀ, ସୁପ୍ରିୟା ଜୀ, ଆଚାର୍ଯ୍ୟ ମାନସ ଦାସଜୀ ରାମାୟଣୀ ପ୍ରବଚନ ଦେଉଛନ୍ତି।



ଜଟଣୀ: ମହାଯଜ୍ଞ ପାଇଁ ଉତ୍ତରାୟଣୀ ମନ୍ଦିର ସମ୍ମୁଖରୁ ବାହାରିଥିବା କଳସ ଶୋଭାଯାତ୍ରା।

## ମିଳନ ୟୁଥ୍ କ୍ଲବ ବିଜୟୀ

ଖୋର୍ଦ୍ଧା ଅଫିସ,୨୮।୧୦

### ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା ସ୍ପୋର୍ଟସ ଆସୋସିଏଶନ ଓ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଫ୍ରେଣ୍ଡସ୍ କ୍ଲବ ବେଣାପଞ୍ଜରୀ ଓ ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ ମଧ୍ୟରେ ଶୁକ୍ରବାର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧର ୨୦ ମିନିଟରେ ମିଳନ ୟୁଥ କ୍ଲବର ୯ ନମ୍ବର ଖେଳାଳି ଶେଖ୍ ରମଜାନ ପ୍ରଥମ ଗୋଲ ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ସୁଦ୍ଧା ଫ୍ରେଣ୍ଡସ କ୍ଲବ ଗୋଲ ଦେଇପାରି ନ ଥିଲେ। ଫଳରେ ମିଳନ ୟୁଥ କ୍ଲବ ୧-୦ ବ୍ୟବଧାନରେ ବିଜୟୀ ହୋଇଥିଲା। ପ୍ରଫୁଲ୍ଲ କୁମାର ବେହେରା, ମନୋରଞ୍ଜନ ଖଣ୍ଟିଆ, ସାକ୍ୟସିଂ ମହାନ୍ତି, ଦିଲୀପ କର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର କୁସୁପଲ୍ଲା ଆଥଲେଟିକ ଆସୋସିଏଶନ ଓ ଅହମଦିଆ କ୍ଲବ କେରଙ୍ଗ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଛନ୍ତି।

## କ୍ୱାର୍ଟର୍ସରୁ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ):

ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀସ୍ଥିତ ସରକାରୀ ବାସଭବନରୁ ଜଣେ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ଝୁଲନ୍ତା ଅବସ୍ଥାରେ ବନ୍ଦ ଘରୁ ତାଙ୍କ ମୃତଦେହ ଜବତ କରାଯାଇଛି। ମୃତ ପୋଲିସ କର୍ମଚାରୀ ଜଣଙ୍କ ହେଲେ ବାଲିପାଟଣା ଥାନା ଅଭୟମୁଖୀ ଅଞ୍ଚଳର କୃଷ୍ଣଚନ୍ଦ୍ର ଶତପଥୀ । ସେ ଏସ୍‌ଏସବି ବାଟାଲିୟନର ଚତୁର୍ଥ ଶ୍ରେଣୀର କର୍ମଚାରୀ ଥିଲେ । ତେବେ କୃଷ୍ଣଚନ୍ଦ୍ର ଆତ୍ମହତ୍ୟା କରିଛନ୍ତି ନା ଆଉ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ । ଏହା ପଛରେ ପାରିବାରିକ ବିବାଦ ଅଛି ନା ଆଉ କିଛି, ଜାଣିବା ଲାଗି ପୋଲିସ ଅପମୃତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ କୃଷ୍ଣଚନ୍ଦ୍ର ବକେୟା ଟଙ୍କା ଶୁଝି ପାରୁ ନଥିବାରୁ ସେ ମାନସିକ ଚାପରେ ରହୁଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି । ଏପରିକି ଚାକିରି କ୍ଷେତ୍ରରେ ତାଙ୍କ ଉପରେ ମଧ ପ୍ରବଳ ଚାପ ପକାଯାଉଥିବା ସେ କହିଛନ୍ତି । ତେଣୁ ଏହାର କାରଣ ଜାଣିବା ଲାଗି ସଠିକ ତଦନ୍ତ ଦରକାର ବୋଲି ସେ କହିଛନ୍ତି । ସୂଚନାନୁସାରେ, କୃଷ୍ଣଚନ୍ଦ୍ର ରେଣ୍ଟାଲ କଲୋନୀ ସ୍ଥିତ ସରକାରୀ ବାସଭବନରେ ପରିବାର, ପିଲା, ପତ୍ନୀଙ୍କ ସହ ରହୁଥିଲେ। ଗୁରୁବାର ଡ୍ୟୁଟି ସାରି ରାତିରେ ଘରକୁ ଫେରିଥିଲେ। ହେଲେ କୌଣସି କାରଣକୁ ନେଇ କିଛି ସମୟ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଏହାପରେ ସେ ରାତିରେ ଅନ୍ୟ ଏକ ରୁମରେ ଶୋଇଥିଲେ। ଶୁକ୍ରବାର ସକାଳେ କୃଷ୍ଣଚନ୍ଦ୍ର ଏକ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲପଡିଥିବା ସ୍ତ୍ରୀ ଦେଖିବାକୁ ପାଇଥିଲେ। କୃଷ୍ଣଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଘଟଣା ସମ୍ପର୍କରେ ଥାନାରେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରୁ ଗାମୁଛା ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ପୁଅ ସ୍ମୃତିରେ ଖୋଲିଲେ ବୃଦ୍ଧାଶ୍ରମ

ଖୋର୍ଦ୍ଧା ଅଫିସ,୨୮।୧୦

ସବୁ ମା'ବାପାଙ୍କ ଭଳି ପୁଅ ପାଇଁ ଖୁସି ଥିଲେ ଅବସରପ୍ରାପ୍ତ ପ୍ରଫେସର ପତିତପାବନ ଦଳେଇ ଓ ସହଧର୍ମିଣୀ ହର୍ଷମୟୀ ସ୍ୱାଇଁ। ଦୀର୍ଘ ୩୦ବର୍ଷର କର୍ମମୟ ଜୀବନରୁ ଅବସର ନେବା ପରେ ପୁଅ ଅଭିଳାଷ ଏବଂ ତା'ର ପରିବାର ସହ ଦିନ ବିତାଇବାକୁ ସ୍ୱପ୍ନ ଦେଖିଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ୩୧ବର୍ଷୀୟ ଅଭିଳାଷ ସମ୍ବଲପୁରରେ ମଧ୍ୟ କର୍ମମୟ ଜୀବନ ଆରମ୍ଭ କରିଥିଲେ। ହେଲେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁହୂର୍ତ୍ତକ ମଧ୍ୟରେ ପୁଅକୁ ନେଇ ଦେଖିଥିବା ମା'ବାପାଙ୍କ ସମସ୍ତ ସ୍ୱପ୍ନ ଧୂଳିସାତ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଶୁଭେଚ୍ଛୁଙ୍କ ସାହସ ଓ ପ୍ରେରଣାରେ ଅଭିଳାଷଙ୍କ ସ୍ମୃତିରେ ଏକ ବୃଦ୍ଧାଶ୍ରମ ଖୋଲିବା ପାଇଁ ପତିତପାବନ ଓ ତାଙ୍କ ସହଧର୍ମିଣୀ ନିଷ୍ପତ୍ତି ନେଇଥିଲେ। ଗୁରୁଜଙ୍ଗ-କେରଙ୍ଗ ରାସ୍ତା ନବୋଦୟ ବିଦ୍ୟାଳୟ ନିକଟରେ ନିର୍ମିତ ହୋଇଛି ଏହି ବୃଦ୍ଧାଶ୍ରମ। ଆଉ ଏହି ଅନୁଷ୍ଠାନର ନାଁ ରଖାଯାଇଛି ଅଭିଳାଷ ବୃଦ୍ଧାଶ୍ରମ। ଶୁକ୍ରବାର ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଏବଂ ସିଡିଏମଓ ଡା. ଆର୍ତ୍ତବନ୍ଧୁ ନାୟକ ଅତିଥିଭାବେ ଯୋଗଦେଇ ଏହି ବୃଦ୍ଧାଶ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ପତିତପାବନ ଓ ହର୍ଷମୟୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସମସ୍ତଙ୍କୁ ଏଥିରେ ସହଯୋଗର ହାତ ବଢାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଭଳି ପ୍ରୟାସ ସମାଜକୁ ପ୍ରେରଣା ଯୋଗାଇବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଜଣ ଅନ୍ତେବାସୀଙ୍କୁ ନେଇ ଏହି ବୃଦ୍ଧାଶ୍ରମ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସଂଖ୍ୟା ବୃଦ୍ଧି କରାଯିବ। ଏଠାରେ ଅନ୍ତେବାସୀଙ୍କ ମାନସିକ, ଶାରୀରିକ, ସୁସ୍ଥତା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଏନେଇ ଅଭିଳାଷ ଚାରିଟେବୁଲ ଟ୍ରଷ୍ଟ ଗଠନ କରାଯାଇଛି। ଏଥିରେ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତମାନେ ଏହାର ସଦସ୍ୟ ରହିଛନ୍ତି। ଏହି ଆଶ୍ରମ ଅସହାୟଙ୍କ ପାଇଁ ସାହରା ପାଲଟିବ। ଉଦ୍‌ଘାଟନୀ ଉତ୍ସବରେ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବରିଷ୍ଠ ଗ୍ରନ୍ଥକାର ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୃଦ୍ଧାଶ୍ରମ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ବାର୍ହା ଆକ୍ରମଣରେ ୨ ମହିଳା ଗୁରୁତର

**ଭୟରେ ଗାଁରେ ପଡ଼ିଲା ତାଟିକବାଟ**

ନିମାପଡ଼ା,୨୮।୧୦(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ମାଛପୁର ପଞ୍ଚାୟତର ରେଙ୍ଗାଲୋ ମୁସଲିମ୍ ବସ୍ତି, ଦଳିତ ସାହି, ଦଣ୍ଡାମହଲା, ଦକ୍ଷିଣ ମହଲା, କାଜିଆକୁଣ୍ଡ, ବଡ଼ମାଛପୁର ଆଦି ଅଞ୍ଚଳରେ ବାର୍ହା ଆତଙ୍କ ଦେଖାଦେଇଛି। ଗୁରୁବାର ସନ୍ଧ୍ୟାରେ ରେଙ୍ଗାଲୋ, ଦଣ୍ଡାମହଲା ବସ୍ତିରେ ପଶି ଘର ନିକଟରେ ସେହେନାଜ ବିବି(୪୫) ଓ ନସିମା ବିବି(୪୦)ଙ୍କୁ ବାର୍ହାଟି ଆକ୍ରମଣ କରିଛି। ଦୁହେଁ ଗୁରୁତର ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବାର୍ହା ଆତଙ୍କ ଯୋଗୁ ରେଙ୍ଗାଲୋ, ମୁସଲିମ ବସ୍ତି ଆଦି ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିବାବେଳେ ଗାଁରେ ତାଟିକବାଟ ପଡ଼ିଯାଇଛି। ବାର୍ହା ଥିବା ଖବରପାଇ ନିମାପଡ଼ା ବନ ବିଭାଗର ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ, ଫରେଷ୍ଟଗାର୍ଡ ଅବିନାଶ ଖୁଣ୍ଟିଆ ପ୍ରମୁଖ ରେଙ୍ଗାଲୋ, ଦଣ୍ଡାମହଲା ଗ୍ରାମରେ ପହଞ୍ଚି ବାର୍ହାକୁ ଆଖପାଖ ଅଞ୍ଚଳର ବିଲ ଓ ଜଙ୍ଗଲିଆ ସ୍ଥାନରେ ଖୋଜାଖୋଜି କରିଥିବାବେଳେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବାର୍ହା ପ୍ରତି ବନ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିବା ବେଳେ ବାର୍ହାକୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଫରେଷ୍ଟର ପାଣିଗ୍ରାହୀ କହିଛନ୍ତି। ତୁରନ୍ତ ଏହି ବାର୍ହାକୁ ଧରିବାକୁ ଗ୍ରାମର ମୀରକଲ୍ଲିମ ଅଲ୍ଲୀ, ଖାଲିକ ମହମ୍ମଦ, ଅସର ମହମ୍ମଦ, ନସାଦ ଖାନ, ଫକିର ଉଦ୍ଦିନ ମହମ୍ମଦ ପ୍ରମୁଖ ବନ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

### ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଟାଙ୍ଗୀ(ଖୋର୍ଦ୍ଧା),୨୮।୧୦(ଡି.ଏନ୍.ଏ.): ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀଙ୍କ ପକ୍ଷପାତିତା ଅଭିଯୋଗ ନେଇ ଗତ ୨୨ ତାରିଖରୁ ଓକିଲ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହାର ସମାଧାନ ପାଇଁ ଖୋର୍ଦ୍ଧା ଜିଲା ଦୌରା ଜଜ୍, ଭୁବନେଶ୍ୱର ନିଶିଥ ନିସଙ୍ଗ ଟାଙ୍ଗୀ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହିତ ଦୁଇ ଥର ଆଲୋଚନା କରିଥିଲେ ମଧ ସମାଧାନ ହୋଇ ପାରିନାହିଁ। ନ୍ୟାୟାଧିକାରୀଙ୍କ ବଦଳି ଦାବି ନେଇ ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

### ଶ୍ରୀପତିତପାବନ ଭଜନମାଳା ଉନ୍ମୋଚିତ

ପୁରୀ ଅଫିସ, ୨୮।୧୦: ଠାକୁରଙ୍କ ପ୍ରତି ବିଶ୍ୱାସ ଦିନେ ଆସ୍ଥାରେ ପରିଣତ ହୁଏ। ଏହି ଆସ୍ଥାକୁ ମହିମାମୟ କରିବା ପାଇଁ ଭକ୍ତଟିଏ ଠାକୁରଙ୍କ ଶରଣାପନ୍ନ ହୋଇ ଭଜନ ମାଧମରେ ନିବେଦନ ରଖେ। ଏହିଭଳି ଭାବନା ନେଇ ବ୍ରହ୍ମଗିରି ସୁନାମୁହାଁ ଅଞ୍ଚଳର କବି ଗୁଣନିଧି ବରାଳଙ୍କ ରଚିତ ଶ୍ରୀପତିତପାବନ ଭଜନମାଳା ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗୀତିକାର ବଦ୍ରି ମିଶ୍ରଙ୍କ ଦ୍ୱାରା ଉନ୍ମୋଚନ ହୋଇଛି। ଅତିଥି ଭାବେ ଶିକ୍ଷାବିତ୍ ରବିନ୍ଦ୍ର କୁମାର ପଣ୍ଡା ଓ ମିନତୀ ବରାଳ ଯୋଗଦେଇଥିବାବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୮୦ଟି ଶ୍ରୀଜଗନ୍ନାଥ ସଂସ୍କୃତି ସଙ୍ଗଠନର ପ୍ରତିନିଧି ଉପସ୍ଥିତ ଥିଲେ। ବିନୋଦ ଭଦ୍ର, ମିନତୀ ରାଉତ, ମାଧବ ପଣ୍ଡା, ମନମୋହନ ପ୍ରଧାନ, ସୁକାନ୍ତି ନାୟକ, ସୁଶାନ୍ତ ମିଶ୍ର, ସୁଧାକର ଖଡ଼ିରତ୍ନ, ବସନ୍ତ ସାହୁ ଓ ଦୁର୍ଗାଚରଣ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସିଂହଦ୍ୱାରଠାରେ ଭଜନ ପରିବେଷଣ ସହ ହବିଷିଆଳି ଓ ସେବାୟତଙ୍କୁ ଭଜନମାଳା ବଣ୍ଟନ କରାଯାଇଥିଲା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

- ଅଫ୍‌ଲାଇନ ପଞ୍ଜୀକରଣକୁ ଅଚଳ କରାଯାଇଥିଲା
- ନିରାଶରେ ଫେରିଲେ ଅନେକ ହିତାଧିକାରୀ

ସାକ୍ଷୀଗୋପାଳ,୨୮।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ସହାୟତା ଆଶାରେ ଆସିଥିବା ଦିବ୍ୟାଙ୍ଗ ହିତାଧିକାରୀ ଓ ସେମାନଙ୍କ ସହାୟକମାନେ ନାନା ହଟହଟା ହୋଇଥିବା ଦେଖାଯାଇଛି। ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଶୁକ୍ରବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଅଞ୍ଚଳରୁ ଶତାଧିକ ହିତାଧିକାରୀଙ୍କ ସମାଗମ ହୋଇଥିଲା। ଅସହାୟ ହିତାଧିକାରୀମାନଙ୍କୁ ସାମର୍ଥ୍ୟ କରିବା ଲକ୍ଷ୍ୟରେ ପଞ୍ଜୀକରଣ, ବିଶେଷଜ୍ଞ ଡାକ୍ତରମାନଙ୍କ ନିକଟରେ ପରାମର୍ଶ ଓ ଅକ୍ଷମତାମାନ ନିର୍ଦ୍ଧାରଣ କରିବା ନିମନ୍ତେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡି ଲଗାଇ ଠିଆ ହୋଇଥିଲେ। ହେଲେ ଯାଞ୍ଚବେଳେ ଶିବିରର କର୍ମଚାରୀମାନେ ଅଫଲାଇନ୍ ପଞ୍ଜୀକରଣକୁ ଅଚଳ କରି କେବଳ ଅନଲାଇନ ପଞ୍ଜୀକରଣ କରିଥିବା ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ଦିଆଯାଇଥିଲା। ଫଳରେ ଏହାକୁ ନେଇ ଅନେକ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଅଫଲାଇନ ପଞ୍ଜୀକରଣ କରିଥିବା ହିତାଧିକାରୀ ପ୍ରାୟ ଚିକିତ୍ସା ସୁବିଧା ନ ପାଇ ନିରାଶ ହୋଇ ଫେରିଯାଇଥିଲେ। ପଞ୍ଚାୟତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ତୃଣମୂଳସ୍ତରରେ ଅନେକ କର୍ମଚାରୀ ରହିଥିବା ବେଳେ ହିତାଧିକାରୀଙ୍କୁ ଅଫଲାଇନ ପଞ୍ଜୀକରଣକୁ ଅଚଳ କରାଯିବ ବୋଲି କୌଣସି ପୂର୍ବ ସୂଚନା ନ ଦିଆଯାଇଥିବାରୁ ଅଯଥାରେ ହିତାଧିକାରୀମାନେ ହଟହଟା ହୋଇଥିଲେ। ଏପରି କି କେତେଜଣ ହିତାଧିକାରୀ ଅନ୍‌ଲାଇନ ପଞ୍ଜୀକରଣ କରିବା ସତ୍ତ୍ୱେ ପ୍ରମାଣପତ୍ର ନ ଆଣି ଅଫ୍‌ଲାଇନ ପଞ୍ଜୀକରଣ କାଗଜ ଆଣିଥିବାରୁ ସେମାନେ ମଧ ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଥିଲେ।

ସୂଚନାଥାଉ କି, ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ବିଡିଓ ଲୋଚନ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଉପାଧ୍ୟକ୍ଷା ନିବେଦିତା ପାତ୍ର, ଏବିଡିଓ ଅରକ୍ଷିତ ପ୍ରଧାନ, ସରପଞ୍ଚ ଚିନ୍ମୟ ରାଉତ, ସମିତି ସଭ୍ୟ ସୁମନ୍ତ ଘଟୁଆରୀ, ଦୀପକ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଜିଲାସ୍ତରରୁ ଆସିଥିବା ଅସ୍ଥିଶଲ୍ୟ, ନାସା, ଗଳା, କର୍ଣ୍ଣ, ମାନସିକ ଓ ଚକ୍ଷୁ ବିଭାଗର ବିଶେଷଜ୍ଞ ଡାକ୍ତର ୬୬୯ ଜଣ ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରିଥିଲେ। ଅନ୍‌ଲାଇନ ପଞ୍ଜୀକରଣ କରିଥିବା ଅସ୍ଥିଶଲ୍ୟ ବିଭାଗର ୩୭୦, ମାନସିକ ବିଭାଗର ୧୧୫, କର୍ଣ୍ଣ ବିଭାଗର ୧୧୨ ଏବଂ ଚକ୍ଷୁ ବିଭାଗର ୭୨ଜଣଙ୍କୁ ପରୀକ୍ଷା କରାଯାଇଛି। ସେମାନଙ୍କୁ ଆଗାମୀ ଦେଢମାସ ମଧ୍ୟରେ କମ୍ପ୍ୟୁଟରୀକରଣ ପ୍ରମାଣପତ୍ର ମିଳିବ ବୋଲି ପ୍ରତିଶ୍ରୁତି ମିଳିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଗତ ଅଗଷ୍ଟ ୩୧ଠାରୁ କମ୍ପ୍ୟୁଟରୀକରଣ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇ ପୂର୍ବରୁ ମିଳିଥିବା ହାତଲେଖା ପ୍ରମାଣପତ୍ରଗୁଡିକ ଅଚଳ କରିଦିଆଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୋନିକା ଦାଶ, ଶୁଭଲକ୍ଷ୍ମୀ ବେହେରାଙ୍କ ସହିତ ସରପଞ୍ଚ, ସମିତି ସଭ୍ୟ, ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ହିତାଧିକାରୀମାନେ ନାମ ପଞ୍ଜୀକରଣ ପାଇଁ ଭିଡ଼ ଜମାଇଛନ୍ତି।

# ସାକ୍ଷୀଗୋପାଳ ବଜାରରୁ ଜବରଦଖଲ ଉଚ୍ଛେଦ

ସାକ୍ଷୀଗୋପାଳ, ୨୮।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

ଆଉ ୪ଦିନ ପରେ ନଭେମ୍ବର ୨ରେ ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନମୀ ଅବସରରେ ଶ୍ରୀରାଧା ପାଦଦର୍ଶନ ହେବାକୁ ଯାଉଛି। ଦୁଇ ବର୍ଷପରେ ଏହି ସୁଯୋଗ ଜୁଟିଥିବାରୁ ଚଳିତବର୍ଷ ବେଶ୍ ଧୁମଧାମରେ ପାଳନ କରାଯିବା ପାଇଁ ମନ୍ଦିର ପୂଜା କମିଟି ଓ ପ୍ରଶାସନ ପକ୍ଷରୁ ତତ୍ପରତା ହୋଇଉଠିଛି। ତେବେ ସାକ୍ଷୀଗୋପାଳରେ ଏହି ଅଁଳାନବମୀ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ ରଖି ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଉଠାଦୋକାନୀ ଓ ରାସ୍ତା ଉପରକୁ ଜବରଦଖଲ ମାଡ଼ି ରହିଥିବା ଦୋକାନଗୁଡିକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜେସିବି ମେଶିନ ଲଗାଇ ଉଚ୍ଛେଦ କରାଯାଇଛି। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନା ଆଇଆଇସି ବିଜୟ କେତନ ବେହେରା, ରାଜସ୍ୱ ନିରୀକ୍ଷକ ଶ୍ୟାମସୁନ୍ଦର ପୂର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଉଚ୍ଛେଦ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପୂର୍ବରୁ ସୂଚନା ଦିଆଯାଇଥିଲା। ଉଚ୍ଛେଦରେ କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟସାୟୀମାନଙ୍କୁ ନିୟନ୍ତ୍ରିତ ବଜାର ପରିସରରେ ଦୋକାନ ଖୋଲିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ଜବରଦଖଲ କରିଥିବା ଉଠାଦୋକାନକୁ ଉଚ୍ଛେଦ କରାଯାଉଛି।



ପୁରୀ ଷ୍ଟେଶନରୋଡ୍‌ସ୍ଥିତ ବୁଦ୍ଧ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ଶୁକ୍ରବାର ଯୋଗଦେଇଥିବା ବୌଦ୍ଧ ସନ୍ନ୍ୟାସୀ ଏବଂ ଅତିଥିମାନେ।

## ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଧମକ

ବଳଙ୍ଗା,୨୮।୧୦ (ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଧମକ ଓ ମାନସିକ ନିର୍ଯାତନା ଦେଇଥିବା ନେଇ ଜଣେ ଯୁବକଙ୍କ ବିରୋଧରେ ବଳଙ୍ଗା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୭୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳର ଜଣେ ଯୁବକ ଉକ୍ତ ମହିଳାଙ୍କୁ ବିବାହ କରିବା ପାଇଁ ଜିଦ୍ କରିଆସୁଥିଲେ। ଏପରିକି ଗତ ୨୦ତାରିଖରେ ମହିଳା ରହୁଥିବା ନିମାପଡ଼ାସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ବିବାହ ନ କଲେ ହତ୍ୟା କରିବାକୁ ଧମକ ଦେଇଥିଲା। ଏପରିକି ୨୫ ତାରିଖରେ ମହିଳାଙ୍କ ସ୍ୱାମୀଙ୍କୁ ମହିଳାଙ୍କ କେତେକ ଅଶ୍ଳୀଳ ଫଟୋ ପଠାଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ୨୬ ତାରିଖରେ ପୁଣି ମହିଳାଙ୍କ ସ୍ୱାମୀ ଯାଇଥିବା ବେଳେ ଯୁବକ ସେଠାରେ ପହଞ୍ଚି ମାଡ଼ ମାରି ଧମକ ଚମକ ଦେଇଥିଲେ। ଶୁକ୍ରବାର ଯୁବକ ପୁନର୍ବାର ମହିଳାଙ୍କ ଘରେ ପହଞ୍ଚି ଯଦି ସେ ତାଙ୍କୁ ବିବାହ ନ କରନ୍ତି, ତେବେ ସେ ମୋବାଇଲରେ ରଖିଥିବା ଫଟୋକୁ ଭାଇରାଲ କରିବେ ବୋଲି ଧମକ ଦେଇଥିଲେ। ଶେଷରେ ମହିଳା ଜଣକ ବଳଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସ୍କୁଲର ଉନ୍ନତି ପାଇଁ ମିଳିବ ସ୍ୱତନ୍ତ୍ର ଅନୁଦାନ

- ପ୍ରଥମ ପର୍ଯ୍ୟାୟରେ ୩୨ହଜାର ସ୍କୁଲ୍‌କୁ ଦିଆଯିବ
- ୨୦୨୪ରୁ ରାଜ୍ୟର ସମସ୍ତ ସ୍କୁଲ୍ ସାମିଲ ହେବେ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ନାନା ସମସ୍ୟା ଓ ଅଭାବ ଅସୁବିଧା ଲାଗି ରହିଛି। ଏଥିରେ ସୁଧାର ଆଣିବା ଲାଗି ଗଣଶିକ୍ଷା ବିଭାଗ ଯୋଜନା କରିବା ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ରାଜ୍ୟର ସମସ୍ତ ୫୮ହଜାର ୮୯ଟି ସରକାରୀ ସ୍କୁଲର ଉନ୍ନତିକୁ ଫୋକସ୍‌ରେ ରଖାଯାଇଛି। ଏସବୁ ସ୍କୁଲ୍‌କୁ ବିଭାଗ ପକ୍ଷରୁ ବାର୍ଷିକ ଅନୁଦାନ ମିଳୁଥିବାବେଳେ ଆସନ୍ତାବର୍ଷଠାରୁ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବେ। ବିଶେଷକରି ସ୍କୁଲଗୁଡ଼ିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ବାଳିକା ବିଦ୍ୟାଳୟରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଅନୁଦାନ ଖର୍ଚ୍ଚ କରାଯିବ। ଏହାଦ୍ୱାରା ପ୍ରାୟ ୬୦ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବା ସହିତ ପିଲାଙ୍କ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ତେବେ ପ୍ରଥମ ପର୍ଯ୍ୟାୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୪ରୁ ରାଜ୍ୟର ସବୁ ସରକାରୀ ସ୍କୁଲ ଏହି ଯୋଜନାରେ ସାମିଲ ହେବାର ଯୋଜନା ରହିଛି।

ମିଳିଥିବା ସୂଚନାନୁସାରେ, ପ୍ରତି ସ୍କୁଲକୁ ୩ବର୍ଷରେ ଥରେ ସ୍ୱତନ୍ତ୍ର ଅନୁଦାନ ବାବଦକୁ ୨୧ହଜାର ୫୦୦ ଟଙ୍କା ଦିଆଯିବ। ବିଜ୍ଞାନ ଉପକରଣ ଲାଗି ୫ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ହଜାର ଟଙ୍କା, ଖେଳ ସରଞ୍ଜାମ ଲାଗି ଅଢ଼େଇ ହଜାର ଟଙ୍କା, ବାଳିକା ବିଦ୍ୟାଳୟଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ହଜାର ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ଅତିରିକ୍ତ ୫ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯିବ। ଏଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ।

ସରକାରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ରଖାଯାଉଛି। କିନ୍ତୁ ଆସନ୍ତା ଶିକ୍ଷା ବର୍ଷରୁ ସରକାରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜାତୀୟସ୍ତରର ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କ ମଧ୍ୟରେ ସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ପ୍ରୟାସ କରାଯିବ। ଏଥିପାଇଁ ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଅଣାଯିବ। ଏଥିସହ କ୍ରୀଡ଼ା, କଳା, ସଙ୍ଗୀତ, ବିଜ୍ଞାନ ଆଦି ଯେଉଁ କ୍ଷେତ୍ରରେ ପିଲାଙ୍କର ରୁଚି ରହିଛି, ସମ୍ପୃକ୍ତ ବିଷୟରେ ଅଧିକ ଦକ୍ଷତା ବଢ଼ାଇବା ଲାଗି ଅତିରିକ୍ତ ପ୍ରୟାସ କରାଯିବ। ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକରେ ପିଲାଙ୍କୁ ଯେପରି ଭାବେ ପ୍ରସ୍ତୁତ କରାଯାଉଛି ସେହିଭଳି ସୁବିଧା ଯୋଗାଇ ଦିଆଯିବ। ସେଥିପାଇଁ ଅତିରିକ୍ତ ବ୍ୟୟ ବରାଦ ଯୋଜନା କରାଯିବ। ସମଗ୍ରଶିକ୍ଷାରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଛି, ଆସନ୍ତାବର୍ଷଠାରୁ ଅନୁଦାନ ରାଶି ବଢ଼ାଇବା ଲାଗି ସ୍ୱତନ୍ତ୍ର ପ୍ରସ୍ତାବ ଦିଆଯିବ। ଏନେଇ ଜିଲାସ୍ତରରେ ପିଲାଙ୍କ ଦକ୍ଷତା ଏବଂ ସ୍କୁଲର ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିବା ପରେ ରିପୋର୍ଟ ପ୍ରସ୍ତୁତ କରାଯିବ। ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଥିବା ସୂଚନା ଦିଆଯାଇଛି।

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**ବିଭିନ୍ନ ମାରଣାସ୍ତ୍ର ସହ ୩ ମୋବାଇଲ, ୩ ଗାଡ଼ି ଜବତ**

ପୁରୀ ଅଫିସ, ୨୮।୧୦

ତାଳବଣିଆ ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଷ୍ଟେଶନ୍ ରୋଡ୍ ବୁଦ୍ଧମନ୍ଦିର ୱାଟର ଟ୍ୟାଙ୍କ ଅଞ୍ଚଳର ଜଗନ୍ନାଥ ବେହେରା ଓରଫ ବାବୁନା, ରାମଚଣ୍ଡୀ ସାହି ବାଲିଉପର ହନୁମାନ ମନ୍ଦିର ଅଞ୍ଚଳର ଗଙ୍ଗାଧର ପ୍ରଧାନ ଓରଫ ବାବୁ, ରାମଚଣ୍ଡୀ ସାହି ବାଲିଉପର ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଅଞ୍ଚଳର ରଞ୍ଜନ କୁମାର ଦାଶ, ତାଳବଣିଆ ଥାନା ଅଧୀନ ସିଦ୍ଧମହାବୀର ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳର ପ୍ରଭୁ ପ୍ରସାଦ ଚହଟରାୟ ଏବଂ ଟାଉନ ଥାନା ଅନ୍ତର୍ଗତ କାଳୀକା ଦେବୀସାହି ପଣ୍ଡା ଲେନ୍‌ର ମିଥୁନ୍ କୁମାର ପୃଷ୍ଟି। ଏମାନଙ୍କଠାରୁ ପୋଲିସ ୩ଟି ମୋବାଇଲ ଫୋନ, ଦୁଇଟି ବାଇକ (୧୩ ଏଫ୍ ୦୮୧୨ ନମ୍ବର ବିଶିଷ୍ଟ ହିରୋ ଗ୍ଲାମର ଏବଂ ଓଡି ୧୩ଡି ୦୦୨୦ ନମ୍ବର ବିଶିଷ୍ଟ ହିରୋ ଆଇ ସ୍ମାର୍ଟ, ଗୋଟିଏ ଅଟୋ (ନଂ. ଓଡି ୩୩ ଏଏ ୨୨୬୨) ଦୁଇଟି ଚାପଡ଼, ଗୋଟିଏ ଖଣ୍ଡା ଏବଂ ଗୋଟିଏ ଦଉଡ଼ି ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୪୨/୨୨) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ଏକାଠି ହୋଇ ତାଳବଣିଆ ନିକଟ ଲେକବ୍ୟୁ କଲୋନୀରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଏହି ସୂଚନା ପାଇ ସେଠାରେ ଚଢ଼ାଉ କରି ୫ଜଣଙ୍କୁ ଧରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଶୁକ୍ରବାର ପୋଲିସ ଆଇପିସି ଦଫା ୩୯୯, ୪୦୨, ୨୫ ଆର୍ମ୍‌ସ ଆକ୍ଟରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

## ୬ ଗାଡ଼ି ଜବତ, ୩ ଗିରଫ

ବେଗୁନିଆ,୨୮।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ପୋଲିସ ଶୁକ୍ରବାର ବେଆଇନ ମାଙ୍କଡ଼ା ପଥର ଓ ମୋରମ ଖଣିରେ ଚଢ଼ାଉ କରି ୩ଟି ଗାଡ଼ି ଜବତ କରିବା ସହ ୩ ଜଣ ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ ଅଁଳାଯୋଡି ଗ୍ରାମର ପ୍ରମୋଦ ପ୍ରଧାନ, ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଅଞ୍ଚଳର ସୁକାନ୍ତ ସ୍ୱାଇଁ ଓ ସ୍ଥାନୀୟ କୋତଲାଙ୍ଗ ଗ୍ରାମର ଉମେଶ ରାଉତରାୟ। ଏମାନଙ୍କଠାରୁ ଗୋଟିଏ ଜେସିବି, ଟ୍ରାକ୍ଟର ଜବତ ହୋଇଛି। ସେହିପରି ଅନ୍ୟ ଏକ ନମ୍ବର ବିହୀନ ପାୱାର ଟ୍ରିଲର ଜବତ ହୋଇଛି।



କବି ଗୁଣନିଧି ବରାଳଙ୍କ ରଚିତ ଶ୍ରୀପତିତପାବନ ଭଜନମାଳା ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉନ୍ମୋଚନ କରାଯାଇଛି।

# ନିମାପଡ଼ାରେ ଖୋଲିଲା ଫ୍ୟାମିଲି କୋର୍ଟ

**ପ୍ରଥମ ଦିନରେ ୧୪ ମାମଲାର ଶୁଣାଣି**

ନିମାପଡ଼ା,୨୮।୧୦(ଡି.ଏନ୍.ଏ.)

ନିମାପଡ଼ା ବାର୍ ଆସୋସିଏଶନର ବହୁ ପ୍ରଚେଷ୍ଟା ପରେ ଓଡ଼ିଶା ହାଇକୋର୍ଟଙ୍କ ଅନୁମୋଦନକ୍ରମେ ନିମାପଡ଼ାରେ ନୂତନ ଭାବେ ସର୍କିଟ ଫ୍ୟାମିଲି କୋର୍ଟ ତଥା ପରିବାର ଅଦାଲତ ଶୁକ୍ରବାର ଖୋଲିଛି। ଏହି ନୂତନ ପରିବାର ଅଦାଲତର (ଜଜ) ବିଚାରପତି ଭାବେ ପୁରୀର ଅରୁଣ କୁମାର ମଲ୍ଲିକ ଯୋଗଦେଇ କୋର୍ଟର ଶୁଭାରମ୍ଭ କରିଥିଲେ। ଏହି ଅଦାଲତର ପ୍ରଥମ ଦିନରେ ବିଚାରପତି ମଲ୍ଲିକ ୧୪ଟି ମାମଲାର ଶୁଣାଣି କରିଥିବା କୋର୍ଟ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ଉକ୍ତ ଅଦାଲତର ବିଚାରପତି ଅରୁଣ କୁମାର ମଲ୍ଲିକ, ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ) ଲୋକନାଥ ସାହୁ, ସବଜଜ ନୀଳିମା ପଣ୍ଡା, ମୁନସିଫ ସୁରକ୍ଷୀତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍ଏଫ୍‌ସି-୧) ମୀଲନ ତାଣ୍ଡି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍ଏଫ୍‌ସି ୨) ବ୍ରଜେଶ ମିଶ୍ର, ନିମାପଡ଼ା ବାର୍ ଆସୋସିଏଶର ସଭାପତି ଆଇନଜୀବୀ ରଣଜିତ ସାହୁ, ଉପସଭାପତି ପ୍ରଭାତ ନାୟକ, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ, ଆଇନଜୀବୀ ପ୍ରଭାତ ବେହେରା, ଦିଲୀପ ପଟ୍ଟନାୟକ, ଛବିନ୍ଦ୍ର ମୁଖି, ଗୌରାଙ୍ଗ ସାହୁ, ଜୟଶ୍ରୀ ପ୍ରଧାନ, ବିଜୟଲକ୍ଷ୍ମୀ ମହାପାତ୍ର, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାର୍ ଆସୋସିଏଶନରେ ପରିବାର ଅଦାଲତର ବିଚାରପତିଙ୍କ ସମେତ କୋର୍ଟର ସମସ୍ତ ବିଚାରପତିଙ୍କୁ ଆସୋସିଏଶନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ବହୁ ଆଇନଜୀବୀ, ମୋହରୀର, କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଅଦାଲତ ଖୋଲିବା ଯୋଗୁ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଆଦି ଥାନା ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ।



ବିଚାରପତି ଅରୁଣ କୁମାର ମଲ୍ଲିକ ନୂତନ କୋର୍ଟର ଶୁଭାରମ୍ଭ କରୁଛନ୍ତି।